୨୦୧୫ ମସିହାରେ କେନ୍ଦ୍ର ସରକାର ସର୍ବଭାରତୀୟ ସେବା (ଚରିତ୍ର) ନିୟମରେ ସଂଶୋଧନ ଆଣିଥିଲେ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, ସରକାରୀ ଅଧିକାରୀ ୫୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଉପହାର କାର୍ଯ୍ୟକ୍ଷେତ୍ରରେ ପାଇଲେ ସେହି ବିଷୟରେ ସରକାରଙ୍କୁ ଜଣାଇବେ। ଏଥିରେ ଗାଡ଼ିଭଡ଼ା, ରହିବା, ଖାଇବା ଆଦି ଅନ୍ତର୍ଭୁକ୍ତ କରାଯାଇଥିଲା। ପୂର୍ବରୁ ଏଭଳି ଉପହାରର ସୀମା ରହିଥିଲା ୧୦୦୦ ଟଙ୍କା। ୨୦୧୫ର ୫୦୦୦ ଟଙ୍କିଆ ନିଷ୍ପତ୍ତି ପରେ କେତେ ସରକାରୀ କର୍ମଚାରୀ ଏହାର ସଦୁପଯୋଗ କରିଛନ୍ତି, ତାହାର ତଥ୍ୟ ସରକାରଙ୍କ ତରଫରୁ ଅଦ୍ୟାବଧି ପ୍ରକାଶ କରାଯାଇନାହିଁ। ଏବର ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ଯେଉଁ ଉପହାର ପାଇବେ ସେଗୁଡ଼ିକୁ ଉପହାର ସଂଗ୍ରହାଳୟରେ ଜମା କରିବେ। ପରବର୍ତ୍ତୀ ସମୟରେ ସେଥିରୁ ରାଜସ୍ୱ ସଂଗ୍ରହ କରାଯାଇପାରିବ। ଏ ସଂକ୍ରାନ୍ତ ନିୟମାବଳୀ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ତିଆରି ସରିଲାଣି। ଅଧିକାରୀଙ୍କ ଉପରେ ସରକାର ଏଭଳି ନିୟମ ଲାଗୁ କରିବା ବେଳେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଉଦାହରଣ ଦିଆଯାଇଛି। କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ପାଉଥିବା ଉପହାରକୁ 'କୋଷ ଘରେ' ସାଇତା ରଖାଯାଉଛି। ତେବେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଏଭଳି ନିୟମ ଲାଗୁ କରାଗଲେ, ସେମାନେ ଏହାକୁ ସ୍ୱତଃ ପ୍ରକାଶ କରିବାକୁ ଆଗେଇ ଆସିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଦେଖାଯାଇଛି ବ୍ୟକ୍ତିବିଶେଷର ଚରିତ୍ର ସୁଧାରିବା ଲାଗି କୌଣସି ଆଇନ, ନିୟମ ବା ଦଣ୍ଡ କାମ ଦେଇ ନ ଥାଏ। ଏଭଳିସ୍ଥଳେ ସରକାରୀ ଅଧିକାରୀଙ୍କ ସାଧୁତା ଗୁରୁତ୍ୱ ବହନ କରିଥାଏ। ସରକାର ନିୟମ କରି କାର୍ଯ୍ୟସ୍ଥଳରେ ସରକାରୀ ଅଧିକାରୀ ପାଉଥିବା ଉପହାରକୁ 'ଉପହାର ସଂଗ୍ରହାଳୟ'କୁ ପଠାଇ ଦେଇପାରନ୍ତି। କିନ୍ତୁ ଅଧିକାରୀଙ୍କ ବ୍ୟକ୍ତିଗତ ଲୋଭ ହଟାଇବା କଷ୍ଟକର। ସେଥିପାଇଁ ଏଭଳି ନିୟମ ସୃଷ୍ଟି କରାଗଲେ ଯେଉଁ କ୍ୱଚିତ୍ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ସରକାରୀ କର୍ମଚାରୀ ଅଛନ୍ତି, ସେମାନେ ମଧ୍ୟ ଭୟଭୀତ ହୋଇ ବାସ୍ତବତାକୁ ଲୁଚାଇବାକୁ ଚେଷ୍ଟା କରିବେ। ଅର୍ଥାତ୍ ଅବାସ୍ତବ ନିୟମ ସୃଷ୍ଟି କଲେ ତାହା ପ୍ରଶାସନରେ ବାଧା ଦେଇପାରେ।

# ଜଳ ସଂରକ୍ଷଣ ମାନସିକତା



ବୈକୁଣ୍ଠନାଥ ମିଶ୍ର

ଆମ୍ଭେମାନେ ଶିଶୁ ଥିବାବେଳେ ପରିବାରରେ ଗୋଟିଏ କଥା ଆମ୍ଭମାନଙ୍କୁ କୁହାଯାଉଥିଲା ଯେ ଖାଦ୍ୟ ନଷ୍ଟ କରନାହିଁ। ଏପରିକି ଖାଦ୍ୟ ବଳକା ରହିଲେ କିମ୍ବା ଥାଳି ପାର୍ଶ୍ୱରେ ବିଞ୍ଚିଗଲେ ପରିବାରରୁ ଗାଳି ଶୁଣିବାକୁ ହେଉଥିଲା। କୁହାଯାଉଥିଲା ଅନ୍ନ ହିଁ ଲକ୍ଷ୍ମୀ। ଅନ୍ନ ନଷ୍ଟ କଲେ ଲକ୍ଷ୍ମୀଙ୍କ ରୋଷର ଶିକାର ହେବାକୁ ପଡ଼େ। ଏ ପ୍ରକାର ଅନୁଭୂତି ବୟସାଧିକ ବ୍ୟକ୍ତିମାନଙ୍କର ଅବଶ୍ୟ ରହିଛି। ଏହାର କାରଣସ୍ୱରୂପ କୁହାଯାଇପାରେ ଯେ, ପ୍ରାୟ ଚାଳିଶ/ପଚାଶ ବର୍ଷ ତଳେ ଭାରତ ଥିଲା ଖାଦ୍ୟପଦାର୍ଥରେ ଏକ ନିଅଣ୍ଟିଆ ଦେଶ। ଯେତିକି ଫସଲ ଅମଳ ହେଉଥିଲା, ତାହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିଲା। ଗ୍ରାମାଞ୍ଚଳରେ ଭିକାରିଙ୍କ ସଂଖ୍ୟା ବହୁତ ଥିଲା। ଏପରିକି ମଜୁରିଆ ପଇସା ପରିବର୍ତ୍ତେ ଚାଉଳ ନେବାର ଚୁକ୍ତି କରୁଥିଲା। ସନ୍ଧ୍ୟା ହେଲେ ଗରିବ ଲୋକଟି ହାତରେ ପଇସା ଧରି ଚାଉଳ ଗଣ୍ଡେ ପାଇଁ ବାରଦୁଆର ବୁଲୁଥିଲା। ଚାଉଳ ଗଣ୍ଡେ ମିଳିଗଲେ ମନରେ ପ୍ରସନ୍ନତା ଆସୁଥିଲା, ଯାହାହେଉ ପିଲାଙ୍କ ପାଇଁ ଦିନକର ଆହାର ଯୋଗାଡ଼ ହୋଇଗଲା।

ଆମେ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ କେୟାର ଫିଡିଙ୍ଗ ଦିଆଯାଉଥିଲା। କେଆର (କଣ୍ଟ୍ରିବ୍ୟୁଶନ ଅଫ୍ ଆମେରିକାନ୍ ରିଲିଫ୍ ଏଭ୍ରିହୋୟାର) ଥିଲା ବଦାନ୍ୟ ଆମେରିକାର ଦାନ, ଯାହା ଅନେକାଂଶରେ ଭାରତୀୟ ଶିଶୁଙ୍କର କ୍ଷୁଧା ନିବାରଣ ଓ ଅପପୁଷ୍ଟି ବିମୋଚନରେ ସାହାଯ୍ୟ କରୁଥିଲା। ସମୟ ବଦଳିଛି, ତା' ସହିତ ସମତାଳରେ ବଦଳିଛି ଭାରତୀୟ କୃଷକର ଖାଦ୍ୟଶସ୍ୟ ନିଅଣ୍ଟ ସ୍ଥିତି। ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ସମେତ ସମଗ୍ର ଦେଶ ସ୍ୱାବଲମ୍ବୀ ହୋଇଛି। ନିଜ ପରିବାରର ଖାଦ୍ୟ ଚାହିଦା ପୂରଣ ପରେ ବଳକା ଶସ୍ୟକୁ କୃଷକ ବିକ୍ରି କରୁଛି। ଖାଦ୍ୟ ନିଅଣ୍ଟ ସ୍ଥିତି ସିନା ଆଉ ନାହିଁ, ହେଲେ ଜଳକ୍ଲିଷ୍ଟତା ବର୍ତ୍ତମାନ ପୃଥିବୀବ୍ୟାପୀ ମଣିଷକୁ ଏକ ମହାସଙ୍କଟରେ ନିକ୍ଷେପ କରିବାକୁ ଯାଉଛି। ଖାଦ୍ୟର ଅଭାବ ସିନା ମଣିଷ ବିଜ୍ଞାନ ବଳରେ ଦୂର କରିପାରିଛି, ହେଲେ ଜଳର ଅଭାବ କିପରି ଦୂର ହେବ, ସେ ଉତ୍ତର କାହା ପାଖରେ ନାହିଁ। ପୃଥିବୀର ପାଖାପାଖି ତିନିଚତୁର୍ଥାଂଶ ଜଳପୂର୍ଣ୍ଣ। ଆମ୍ଭମାନଙ୍କର ଧାରଣା ଯେ ବସୁଧା ସତତ ଜଳପ୍ରସୂ ଓ ଜଳଯୋଗାଣ ଏକ ଅସୀମିତ ପ୍ରକ୍ରିୟା। ପଚାଶ ବର୍ଷ ତଳର ଖାଦ୍ୟ କଷଣ ସିନା ନାହିଁ, ହେଲେ ପଚାଶବର୍ଷ ତଳର ସେ ଜଳ ସୁଲଭତା ମଧ୍ୟ ଆଉ ନାହିଁ। ଅସୀମିତ ମନେ ହେଉଥିବା ଜଳସମ୍ପଦ ସମ୍ପ୍ରତି ଭୟଙ୍କର ସ୍ଥିତି ଆଡକୁ ପୃଥିବୀବାସୀଙ୍କୁ ଟାଣି ନେଉଛି। କୌଣସି ସ୍ଥାନର ଖାଦ୍ୟାଭାବକୁ ପରିବହନ ଦ୍ୱାରା ଅନ୍ୟ ସ୍ଥାନରୁ ଆଣି ପୂରଣ କରାଯାଇପାରେ, ମାତ୍ର ଗୋଟିଏ ସ୍ଥାନର ଜଳାଭାବକୁ ଅନ୍ୟ ସ୍ଥାନରୁ ପରିବହନ ଦ୍ୱାରା ପୂରଣ କରିବା ଏକାନ୍ତ ଅସମ୍ଭବ। ଦକ୍ଷିଣ ଆଫ୍ରିକାର ଜଳାଭାବକୁ ଭାରତ ଦୂର କରିପାରିବ ନାହିଁ କିମ୍ବା ଭାରତର ଜଳାଭାବକୁ ଆମେରିକା ଦୂର କରିପାରିବ ନାହିଁ। ଭୂ-ଅଭ୍ୟନ୍ତରରେ ଗଚ୍ଛିତ ଥିବା ଜଳକୁ କିପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାହିତ କରାଯାଇପାରିବ?

ଦ୍ୱିତୀୟତଃ ଖାଦ୍ୟ ନଷ୍ଟ ପ୍ରତି ଆମେ ଯେତେ ସଚେତନ, ଜଳସଙ୍କଟ ପ୍ରତି ସେ ସଚେତନତା ଆମର ନାହିଁ। ଜଳଯୋଗାଣ ଓ ସଂରକ୍ଷଣ ମଣିଷର ପ୍ରକୃତି ଉପରେ ନିର୍ଭରଶୀଳ, ଏପରି ମାନସିକତା ଆମର ନାହିଁ। ଜଳ ପରିଚାଳନାରେ ମିତବ୍ୟୟିତା ଅବଲମ୍ବନ ଜରୁରୀ। ପୃଥିବୀର ସମୁଦାୟ ଜଳର ୯୭ ପ୍ରତିଶତ ମହାସାଗରରେ ଅଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। ଅବଶିଷ୍ଟ ମାତ୍ର ତିନି ଶତାଂଶ ମଧୁର ଜଳ ବ୍ୟବହାର ଉପଯୋଗୀ, ଯାହାର ପରିମାଣ ପ୍ରାୟ ୩୦ ଟ୍ରିଲିୟନ ଏକର ଫୁଟ। ଉକ୍ତ ମଧୁର ଜଳର ୬୯.୫ ପ୍ରତିଶତ ହିମବାହ ଓ ବରଫ ଆକାରରେ ଗଚ୍ଛିତ ଅଛି। ଅବଶିଷ୍ଟ ୩୦.୫ ଶତାଂଶ ଜଳ ଭୂଗର୍ଭ, ନଦୀ, ହ୍ରଦ ଓ ଜଳାଶୟଗୁଡ଼ିକରେ ଗଚ୍ଛିତ ରହି ପ୍ରାଣୀମାନଙ୍କର ବ୍ୟବହାର ଉପଯୋଗୀ ହୋଇପାରୁଛି। ଅନ୍ୟ ଏକ ହିସାବ ଅନୁଯାୟୀ ମଣିଷ ପାଇଁ ବାର୍ଷିକ ମୁଣ୍ଡପିଛା ହାରାହାରି ୧.୪ ମିଲିୟନ ଲିଟର ମଧୁର ଜଳ ଉପଲବ୍ଧ। ଏହା ସର୍ବତ୍ର ସବୁ ସମୟରେ ସମାନ ନୁହେଁ। ନଦୀଗୁଡ଼ିକ ବର୍ଷାଋତୁରେ ଜଳପ୍ଳାବିତ ହୋଇ ବର୍ଷାଋତୁ ଶେଷବେଳକୁ ଜଳଶୁଷ୍କତାର ସମ୍ମୁଖୀନ ହେଉଛନ୍ତି। ସୀମିତ ଜଳଯୋଗାଣ ଓ ଜଳର କ୍ରମବର୍ଦ୍ଧମାନ ଆବଶ୍ୟକତା ଜଳସଙ୍କଟର ଭୟାବହତାକୁ ବହୁଗୁଣିତ କରୁଛି।

ଅନେକ ସମୟରେ ଆମେ ଫଳାଫଳକୁ ଭ୍ରୂକ୍ଷେପ ନ କରି ଅବିଚାରିତ ଭାବେ ଜଳ ନଷ୍ଟ କରିଚାଲିଛୁ। ମିଳିତ ଜାତିସଂଘର ଚେତାବନୀ ଅନୁଯାୟୀ ଜଳସଙ୍କଟ ସମସ୍ତ ମହାଦେଶକୁ ଆକ୍ରାନ୍ତ କଲାଣି। ପ୍ରତିବର୍ଷ ବିଶ୍ୱର ୧.୮ ନିୟୁତ ଶିଶୁ ଜଳବାହିତ ରୋଗରେ ଓ ୩୦ ହଜାର ଶିଶୁ ଦୂଷିତ ଜଳ ଯୋଗୁ ପ୍ରାଣ ହରାଉଛନ୍ତି। ଭାରତରେ ସମ୍ପ୍ରତି ଜଳ ସମସ୍ୟା ଉଦ୍‌ବେଗଜନକ। 'ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ'ର ଏକ ଆକଳନ ଅନୁଯାୟୀ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଚେନ୍ନାଇ ଭଳି ଭାରତର ୨୧ଟି ସହରରେ ଭୂତଳଜଳ ୨୦୨୦ ବେଳକୁ ନିଃଶେଷ ହୋଇଯିବ। ସେହିପରି ୨୦୧୮ ୟୁଏନ୍‌ଡିପି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ପୃଥିବୀର ଜଳ ସ୍ଥିତି ବିପନ୍ନ ହେବ। ପାନୀୟ ଜଳ ପାଇଁ ମହାସଂଘର୍ଷର ସୂତ୍ରପାତ ହେବ।

ବେଦ, ଉପନିଷଦ୍ ଆମ୍ଭମାନଙ୍କୁ ପ୍ରତିକ୍ଷଣ ସତର୍କ କରାଉଛନ୍ତି ଯେ, ଆମେ ଆମ ପୃଥିବୀର ଜଣେ ଜଣେ ତତ୍ତ୍ୱାବଧାରକ। ଏହାର ଧ୍ୱଂସକର୍ତ୍ତା ନୋହୁଁ। ପ୍ରକୃତିର ଆମ ପ୍ରତି ସମସ୍ତ ଦାନକୁ ଆମେ ଭବିଷ୍ୟତ ବଂଶଧରଙ୍କ ନିମିତ୍ତ ସୁରକ୍ଷିତ ରଖିଯିବା ଉଚିତ। କୋରାନ୍ କହେ- "ଜଳ ହେଉଛି ଈଶ୍ୱରଙ୍କର ଆମ ପ୍ରତି ସର୍ବୋତ୍କୃଷ୍ଟ ଦାନ। ସ୍ରଷ୍ଟାଙ୍କର ବଦାନ୍ୟତାକୁ ଆମେ କୃତଜ୍ଞତାର ସହ ଗ୍ରହଣ କରି ତା'ର ସମୁଚିତ ବ୍ୟବହାର କରିବା ଉଚିତ। ସମସ୍ତ ଜୀବନ୍ତ ପଦାର୍ଥ ଜଳରୁ ସମ୍ଭୂତ। ତେଣୁ ଜଳ ସଂରକ୍ଷଣକୁ ଏକ ଉପାସନା ଭାବେ ଆମକୁ ଗ୍ରହଣ କରିବାକୁ ହେବ।" (କୋରାନ ୨୧.୩୦) ଡବ୍ଲୁ.ଏଚ୍. ଆଡେନଙ୍କ ଭାଷାରେ "ପ୍ରେମ ବିନା ହଜାର ହଜାର ମଣିଷ ବଞ୍ଚିଛନ୍ତି, କିନ୍ତୁ ଜଳ ବିନା ଜଣେ ହେଲେ ବଞ୍ଚିଥିବାର ଦୃଷ୍ଟାନ୍ତ ନାହିଁ। ପ୍ରତି ଜଳବିନ୍ଦୁକୁ ସଞ୍ଚୟ କର, କାରଣ ବିନ୍ଦୁ ବିନ୍ଦୁ ଜଳରେ ମହାସାଗରର ସୃଷ୍ଟି।" ଯେପରି ନିଜ ସମ୍ପତ୍ତି ବା ପୈତୃକ ସମ୍ପତ୍ତିକୁ ଆମେ ସୁରକ୍ଷିତ ରଖୁଛୁ, ଠିକ୍ ସେହିପରି ଜଳ ସମେତ ପ୍ରକୃତିର ସମସ୍ତ ଦାନକୁ ଆମେ ଉତ୍ତରାଧିକାର ସୂତ୍ରରେ ପରପିଢ଼ି ପାଇଁ ସଂରକ୍ଷିତ ରଖିବା ଆବଶ୍ୟକ।

ଜଳ ହିଁ ଜୀବନ। ଏପରି ଏକ ଗୁରୁ ଚିନ୍ତନ ସର୍ବଦା ଆମ ମନ ଓ ହୃଦୟକୁ ଆନ୍ଦୋଳିତ କରୁ। ଆଜି ନଷ୍ଟ ହେଉଥିବା ଜଳବିନ୍ଦୁ କାଲି ହୁଏ ତ କାହାର ଜୀବନ ରକ୍ଷାରେ ସହାୟକ ହୋଇପାରେ। ଇଂଲିଶ କବି ଏସ୍.ଟି. କୋଲେରିଜଙ୍କ ମତରେ "ୱାଟର ୱାଟର ଏଭ୍ରିହୋୟାର, ବଟ୍ ନଟ୍ ଏ ଡ୍ରପ୍ ଟୁ ଡ୍ରିଙ୍କ୍।" ଜଳରୂପକ ଜୀବନ ଅବକ୍ଷୟମୁଖୀ। ଜଳାଭାବର ଉତ୍କଟ ସ୍ଥିତି ଭୟଙ୍କର ରୂପ ନେଉଛି। କେବଳ ସରକାର ନୁହେଁ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ଜଳ ସଚେତନତାର ଆବଶ୍ୟକତା ଅଛି। ଚ୍ୟାରିଟି ବିଗିନ୍ସ ଆଟ୍ ହୋମ୍। ଅର୍ଥାତ୍ ସର୍ବନିମ୍ନ ଅନୁଷ୍ଠାନ ପରିବାରରୁ ହିଁ ବଦାନ୍ୟତାର ସୃଷ୍ଟି। ଖାଦ୍ୟ ପ୍ରତି ସଚେତନତା ଯେପରି ପରିବାରରୁ ଆରମ୍ଭ ହେଉଥିଲା, ଠିକ୍ ସେହିପରି ଜଳ ସଚେତନତା ପ୍ରତି ପରିବାରରୁ ଆରମ୍ଭ ହେବା ଉଚିତ। ସମୟର ଆହ୍ୱାନ- ଭାରତର ଜଳ ସ୍ୱାବଲମ୍ବନ ଏକାନ୍ତ ଅପରିହାର୍ଯ୍ୟ। ଜଳ ଅପଚୟକୁ ନିରୋଧ କରିବା ପାଇଁ ସଂଯମ ଆଚରଣ କଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ଆମେ କିଛି କରିପାରିଛୁ ବୋଲି ଆତ୍ମସନ୍ତୋଷ ଲାଭ ହେବ। ବସୁଧାକୁ ଜଳକଷ୍ଟରେ ଛଟପଟ ହେବାରୁ ରକ୍ଷା ମିଳିବ। ବୁଝିବାକୁ ହେବ ଜଳ ଅସରନ୍ତି ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଚାଇନା-ଭାରତ ବାଣିଜ୍ୟ ସମ୍ପର୍କ



ଇଂ. ମାୟାଧର ସ୍ୱାଇଁ

ଭାରତ ଓ ଚାଇନା ପୃଥିବୀର ଦୁଇଟି ପ୍ରାଚୀନ ସଭ୍ୟତା। ଏହି ଦୁଇ ଦେଶରେ ଅନେକ ଜ୍ଞାନବିଜ୍ଞାନ ବିକଶିତ ହୋଇ ସମଗ୍ର ବିଶ୍ୱରେ ପ୍ରସାରିତ ହୋଇଛି। ଚାଇନା ଗତ ଶତାବ୍ଦୀର ପଚାଶ ଦଶକରେ ତିବ୍ବତ ଅଧିକାର କରିନେବା ପରେ ଆମେ ବର୍ତ୍ତମାନ ପଡୋଶୀ ହୋଇ ରହିଛେ। ଜନସଂଖ୍ୟା ହିସାବରେ ଚାଇନା ଓ ଭାରତ ହେଉଛି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଜନବହୁଳ ରାଷ୍ଟ୍ର। ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଦୁଇ ଦେଶ ପୃଥିବୀରେ ଆଗୁଆ ଅଛନ୍ତି। ଏସବୁ ସତ୍ତ୍ୱେ ଦୁଇ ଦେଶର ସଂସ୍କୃତି, ଆଚାର ବ୍ୟବହାର ହେଉଛି ପୃଥକ୍। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏପରି ଯେ ଗୋଟିଏ ଦେଶ ଅନ୍ୟକୁ ବନ୍ଧୁ ଭାବୁନାହିଁ। ବିଶେଷକରି ଚାଇନାର କୁଟିଳ ନୀତି ଏଥିରେ ବାଧକ ହୋଇଛି। ଚାଇନା ସମ୍ମୁଖରେ ଯାହା କୁହେ କାର୍ଯ୍ୟରେ ତା'ର ବିପରୀତ କରିଥାଏ। ଇତିହାସ ହେଉଛି ଏହାର ସାକ୍ଷୀ। ଏହାର ପ୍ରଥମ ଶିକାର ହୋଇଥିଲେ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ଉପରେ ବନ୍ଧୁତା ସ୍ଥାପନ କରି ଏହା ଅତର୍କିତ ଭାବେ ୧୯୬୨ ମସିହାରେ ଆକ୍ରମଣ କରି ଭାରତକୁ ପରାସ୍ତ ଓ ଅପଦସ୍ଥ କରିଥିଲା। ଚାଇନାର ବିଶ୍ୱାସଘାତକତାରେ ନେହେରୁ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଏବଂ ଏହା ହିଁ ତାଙ୍କ ମୃତ୍ୟୁର କାରଣ ହୋଇଥିଲା। ଏବେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ଓ ଚାଇନାର ପ୍ରଧାନମନ୍ତ୍ରୀ ବିଭିନ୍ନ ସମ୍ମିଳନୀରେ ମିଳିତ ହେଉଛନ୍ତି ଏବଂ ପୂର୍ବପରି ଚାଇନା ବନ୍ଧୁଭାବ ପ୍ରଦର୍ଶନ କରୁଛି। କିନ୍ତୁ ଅନ୍ତର୍ଜାତୀୟ କ୍ଷେତ୍ରରେ ଆଣବିକ ସାମଗ୍ରୀ ଯୋଗାଣକାରୀ ଗୋଷ୍ଠୀର ସଦସ୍ୟ ହେଉ କିମ୍ବା ଅନ୍ୟ ଘଟଣାରେ ଏହା ଭାରତକୁ ବିରୋଧ କରୁଛି। ଭାରତରେ ଆତଙ୍କବାଦ ସୃଷ୍ଟି କରୁଥିବା ମାସୁଦ ଆଜାହାରଙ୍କୁ ଜାତିସଂଘ ତରଫରୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା ପାଇଁ ଅନେକ ଦେଶ ପ୍ରସ୍ତାବ ଦେଇଥିଲେ ସୁଦ୍ଧା ଚାଇନା ଏଥିରେ ରାଜି ହୋଇ ନ ଥିଲା। ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇ ରାଜି ହୋଇଛି।

ଚାଇନାର ଭାରତବିରୋଧୀ ମନୋଭାବ ଦେଖି ଆମ ଦେଶରେ ସାମାଜିକ ଗଣମାଧ୍ୟମରେ ଚାଇନା ପଦାର୍ଥକୁ ବର୍ଜନ କରିବା ପାଇଁ ୨୦୧୬ ମସିହାଠାରୁ ଅନେକ ବ୍ୟକ୍ତି ଆହ୍ୱାନ ଦେଉଛନ୍ତି। ଛୋଟ ଛୁଞ୍ଚିଠାରୁ ଆରମ୍ଭକରି ବଡ଼ ବଡ଼ କଳକବ୍‌ଜା ଆଦି ଚାଇନାରୁ ଭାରତକୁ ଆସୁଛି। ବିଶ୍ୱ ବାଣିଜ୍ୟ ସଙ୍ଗଠନର ଚୁକ୍ତି ଅନୁଯାୟୀ ଭାରତ ଚାଇନା ଜିନିଷ ଆମଦାନିକୁ ବନ୍ଦ କରିପାରିବ ନାହିଁ। ଚାଇନା ଜିନିଷ ବର୍ଜନ କଲେ ଆମର କ'ଣ ଲାଭ ହେବ ଓ କ'ଣ ଅସୁବିଧା ହେବ?

ଚାଇନା ଜିନିଷ ବହୁ ଶସ୍ତା। ଏଥିପାଇଁ ଭାରତରେ ଏହାର ବିକ୍ରି ଅଧିକ। ଚାଇନାରେ ଶସ୍ତା ଶ୍ରମ ଏବଂ ସରକାରୀ ସ୍ତରରେ ରପ୍ତାନିକୁ ପ୍ରୋତ୍ସାହନ ଦିଆଯାଉଥିବାରୁ ଏହାର ଜିନିଷର ମୂଲ୍ୟ କମ୍ ରହୁଛି। ଆମଦାନି ମଧ୍ୟରେ ଛୋଟ ଛୋଟ ଜିନିଷ ସମେତ ଟେଲିଫୋନ, ପାୱାର ଓ ବିଦ୍ୟୁତ୍ ସରଞ୍ଜାମ ଅଛି। ଏଥିରେ ଶସ୍ତା ଛୋଟ ଛୋଟ ଜିନିଷର ଅଂଶ ୫ ପ୍ରତିଶତରୁ କମ୍, ଯାହାକୁ ଦେଖି ଚାଇନା ଜିନିଷ ବର୍ଜନ ପାଇଁ ଦାବି କରାଯାଉଛି। ବାସ୍ତବରେ ଚାଇନାରୁ ବିଦ୍ୟୁତ୍ ସାମଗ୍ରୀ, ଟେଲିକମ୍ ଯନ୍ତ୍ରପାତି ଆଦି ନ ଆସିଲେ ଭାରତରେ ଅନେକ ଅସୁବିଧା ହେବ। ଏଥିପାଇଁ ଗତ ତିନିବର୍ଷ ମଧ୍ୟରେ ଚାଇନାରୁ ଭାରତର ଆମଦାନି ବଢ଼ିଥିବା ବେଳେ ଭାରତରୁ ଚାଇନାର ଆମଦାନି ହ୍ରାସ ପାଇଛି। ୨୦୧୭-୧୮ରେ ଭାରତରୁ ଚାଇନାକୁ ୯୧,୭୭୦ କୋଟି ଟଙ୍କାର ଜିନିଷ ରପ୍ତାନି ହୋଇଥିବା ବେଳେ ସେଠାରୁ ୫.୩ ଲକ୍ଷ କୋଟି ଟଙ୍କାର ଜିନିଷ ଆମଦାନି ହୋଇଛି। ଆମେ ବ୍ୟବହାର କରୁଥିବା ମୋବାଇଲ ଫୋନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଚାଇନାରୁ ଆସୁଛି। ଆମ ଦେଶରେ ଏହାର ଉତ୍ପାଦନ ହେଉ ନ ଥିବାରୁ ଚାଇନା ତାହାର ସୁବିଧା ନେଉଛି। ଔଷଧ ଉତ୍ପାଦନରେ ବ୍ୟବହୃତ ୭୫ ପ୍ରତିଶତ ଉପାଦାନ ଆମେ ଚାଇନାରୁ ଆମଦାନି କରୁଛେ। ୨୦୧୭-୧୮ରେ ଏହି ଉପାଦାନର ମୂଲ୍ୟ ୧୭,୨୫୦ କୋଟି ଟଙ୍କା ଥିଲା। ଚାଇନାରୁ ଏହା ନ ଆଣିଲେ ଭାରତରେ ଔଷଧର ମୂଲ୍ୟ ବହୁତ ବଢ଼ିଯିବ।

ଚାଇନା ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନେକ ପ୍ରକଳ୍ପ ଆରମ୍ଭ କରିଛି। ଫଳରେ ଏହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶରେ ଅଗ୍ରଣୀ ଦେଶ ହୋଇପାରିଛି। ଗୋଟିଏ ଉଦାହରଣ ଦେଖିବା। ବାୟୁ ପ୍ରଦୂଷଣ ବୃଦ୍ଧି ଏବଂ ପେଟ୍ରୋଲିୟମ୍ ପଦାର୍ଥର ଗଚ୍ଛିତ ପରିମାଣ କ୍ରମଶଃ ହ୍ରାସ ଯୋଗୁ ଅନେକ ଦେଶ ବିଦ୍ୟୁତ୍‌ଚାଳିତ ଗାଡ଼ିର ବିକାଶ କରୁଛନ୍ତି। ବର୍ତ୍ତମାନ ଏହା ସୀମିତ ସଂଖ୍ୟାରେ ପ୍ରଚଳନ ହେଉଥିଲେ ସୁଦ୍ଧା ଆସନ୍ତା ଦଶବର୍ଷ ମଧ୍ୟରେ ଏହା ପ୍ରାୟ ସମସ୍ତ ରାସ୍ତାରେ ଦେଖିବାକୁ ମିଳିବ। ଏହାର ମୁଖ୍ୟ ଅଂଶ ହେଉଛି ଲିଥିୟମ-ଆୟନ ବ୍ୟାଟେରି। ଏହି ବ୍ୟାଟେରିର ଅଧିକ ମୂଲ୍ୟ ଯୋଗୁ ବିଦ୍ୟୁତ୍ ଗାଡ଼ି ମହଙ୍ଗା ହେଉଛି। ଏହି ବ୍ୟାଟେରିରେ ବ୍ୟବହୃତ ଦୁଇ ମୁଖ୍ୟ ଧାତୁ ଲିଥିୟମ୍ ଓ କୋବାଲ୍‌ଟ। ଏହି ଦୁଇ ଧାତୁ ପୃଥିବୀର ବହୁ କମ୍ ଦେଶରେ ଉପଲବ୍ଧ। ଚାଇନାରେ ଲିଥିୟମ୍ ଖଣି ଅଛି, କିନ୍ତୁ କୋବାଲ୍‌ଟ ଖଣି ନାହିଁ। କିନ୍ତୁ ଏହା ଯୋଜନା ମୁତାବକ କଙ୍ଗୋ, ଚିଲି ଓ ବଲିଭିଆରେ ଏହି ଖଣିକୁ ବହୁ ପୂର୍ବରୁ କିଣି ନେଇଛି। ଏଣୁ ବର୍ତ୍ତମାନ ଲିଥିୟମ୍-ଆୟନ ବ୍ୟାଟେରି ଉତ୍ପାଦନରେ ଏହା ପୃଥିବୀରେ ପ୍ରଥମ ଏବଂ ଆମକୁ ବିଦ୍ୟୁତ୍ ଗାଡ଼ିର ବିକାଶ ପାଇଁ ଏହା ଉପରେ ନିର୍ଭର କରିବାକୁ ପଡ଼ିବ। ସେହିପରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବାରୁ ଜାଗତିକ ଉଷ୍ମତା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ହେଉଛି। ପ୍ରତିକାର ସ୍ୱରୂପ ସୌରଶକ୍ତିର ବିକାଶ କରାଯାଇଛି। ସୌର ବ୍ୟାଟେରି ସିଲିକନରୁ ନିର୍ମିତ ଯାହା ଚାଇନାରେ ପ୍ରଚୁର ପରିମାଣରେ ଅଛି ଏବଂ ଆମେ ତା'ଠାରୁ ଏହା ଆଣିବା ପାଇଁ ବାଧ୍ୟ।

ଏହିସବୁ କାରଣରୁ ଚାଇନା ଜିନିଷ ବର୍ଜନ କଲେ ଭାରତର ଅଧିକ କ୍ଷତି ହେବ। ସୂଚନାଯୋଗ୍ୟ ଯେ ଚାଇନାର ମୋଟ ରପ୍ତାନି ଦ୍ରବ୍ୟର ମାତ୍ର ତିନି ପ୍ରତିଶତ ଭାରତକୁ ୨୦୧୭ ମସିହାରେ ଆସିଥିଲା। ମୋବାଇଲ ଫୋନ୍ ସମେତ ଯୋଗାଯୋଗ ଉପକରଣ ପାଇଁ ଭାରତ ହେଉଛି ଚାଇନାର ଷଷ୍ଠ ବୃହତ୍ତମ ବଜାର ଏବଂ ୨୦୧୭ରେ ଏହା ଥିଲା ଚାଇନାର ମାତ୍ର ଚାରି ପ୍ରତିଶତ। ଅବଶ୍ୟ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ପରେ ଏହା ବଢ଼ିପାରେ। ଏଣୁ ଚାଇନା ଜିନିଷ ବର୍ଜନ ନ କରି କୂଟନୀତି ଦ୍ୱାରା ସୁସମ୍ପର୍କ ରଖାଯାଇପାରେ।

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ଭାରତରେ ରହିଛି ଏପରି ଏକ ଗାଁ ଯେଉଁଠି ଦେଶର ଆଇନ ବ୍ୟବସ୍ଥା ଚଳି ନ ଥାଏ। ହିମାଚଳପ୍ରଦେଶର କୁଲ୍ଲୁ ନିକଟରେ ଥିବା ଏହି ଗାଁର ନାମ ହେଉଛି ମଲାଣା। ଏହି ଗାଁରେ ନିଜସ୍ୱ ସଂସଦ ରହିଛି। ଗୋଟିଏ ହେଉଛି ଜ୍ୟେଷ୍ଠାଙ୍ଗ ଏବଂ ଅନ୍ୟଟି ହେଉଛି ନିମ୍ନାଙ୍ଗ। ଗାଁ ଲୋକେ ନିଜକୁ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡରଙ୍କ ବଂଶଧର ବୋଲି କୁହନ୍ତି। ଏଠାକାର ଆଇନ ବ୍ୟବସ୍ଥା ପୁରାତନ ଏଥେନ୍ସ ସହିତ ମେଳ ଖାଇଥାଏ। ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ସମୟରେ କିଛି ଗ୍ରୀକ୍ ସୈନ୍ୟ ଏଠାରେ ରହିଯାଇଥିବା କୁହାଯାଏ। ପରେ ସେମାନଙ୍କ ବଂଶ ଧୀରେ ଧୀରେ ବଢ଼ିଥିଲା। ଏବେ ଗାଁରେ ୧୨୫ ପରିବାର ବାସ କରୁଛନ୍ତି। ଗାଁର ଜନସଂଖ୍ୟା ପାଖାପାଖି ୧୨ଶହ। ବାହାର ଲୋକଙ୍କ ସହିତ ଗାଁ ଲୋକେ ସମ୍ପର୍କ ରଖିବାକୁ ପସନ୍ଦ କରି ନ ଥାନ୍ତି। ଗାଁ ଲୋକେ କନାସା ଭାଷାରେ କଥାବାର୍ତ୍ତା ହୋଇଥାନ୍ତି। ଏଠାକୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଆସିଥାନ୍ତି। ତେବେ ସେମାନେ ଏଠାକାର କୌଣସି ଦ୍ରବ୍ୟ ଛୁଇଁବାକୁ ମନା। କୌଣସି ପର୍ଯ୍ୟଟକ ଗାଁର ଦ୍ରବ୍ୟାଦି ଛୁଇଁଲେ ସେଥିଲାଗି ୧ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅଗଷ୍ଟ ୧୯୯୪

- ଶ୍ରୀଲଙ୍କାର ବିରୋଧୀ ଦଳ ପିପୁଲସ୍ ଆଲାଏନ୍ସର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶିରିମାଭୋ ବନ୍ଦରନାଏକେ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କଲେ।
- ଭୁବନେଶ୍ୱର ବିମାନଘାଟି ଦେଇ ବିଦେଶକୁ ଜିନିଷପତ୍ର ଆମଦାନୀ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି।

## ଚିରନ୍ତନୀ

ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ-ଧନୁ
ନିମେଷେ ସବୁ ମିଳାଇଯାଏ
ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!

(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | 4 | | A | C | 6 | 5 | | 0 | | | | |
| | | E | | | | | 1 | 0 | | 3 | | | 4 | |
| | | | | | C | | 4 | | | | | | | 9 |
| | | | 6 | | | | | | 4 | 1 | | | B | A |
| 3 | | 7 | 0 | E | | | | | 8 | 5 | 9 | | C | 6 |
| 1 | | | | | | 4 | 3 | | | | B | | | |
| | | 0 | | B | | | | D | 3 | 4 | | | 6 | |
| | D | | | | | | 2 | | | A | 7 | B | | 8 |
| A | | | | | 7 | 6 | | | 9 | E | | | 3 | |
| | | B | 5 | | | | | | | D | | 4 | 0 | |
| | | | 2 | 1 | | | | | | | | E | 8 | |
| 8 | | C | | A | | | E | | 6 | | 1 | | 9 | B |
| | 1 | A | | 9 | | | 5 | | D | C | | 7 | | 3 |
| | | | | 7 | | | 9 | 4 | | | | | 5 | |
| | E | D | | | | | 7 | | | | | A | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | 7 | E | 8 | D | 3 | 9 | 1 | 6 | 0 | 2 | B | 5 | 4 |
| D | 1 | B | 5 | 2 | 6 | E | C | A | 8 | 7 | 4 | 3 | 9 | 0 |
| 6 | 0 | 9 | 7 | 1 | 4 | 8 | B | 2 | 3 | D | 5 | A | E | C |
| 3 | 8 | 5 | 9 | 0 | B | D | 6 | 4 | A | E | C | 1 | 2 | 7 |
| 2 | 4 | E | C | A | 3 | 0 | 7 | 5 | B | 1 | 9 | 6 | D | 8 |
| 4 | E | 2 | 6 | B | 8 | A | 1 | 7 | 9 | C | D | 5 | 0 | 3 |
| B | D | 6 | 2 | 3 | 7 | 4 | E | 0 | 5 | 8 | A | 9 | C | 1 |
| 0 | 3 | 8 | 4 | 5 | A | C | 2 | 9 | 7 | B | 1 | D | 6 | E |
| C | 9 | A | 1 | D | E | 5 | 8 | 3 | 4 | 6 | 0 | 7 | B | 2 |
| 5 | 7 | 1 | 0 | 9 | C | 6 | D | B | 2 | 3 | E | 8 | 4 | A |
| 1 | 2 | C | D | 6 | 0 | B | 3 | 8 | E | 5 | 7 | 4 | A | 9 |
| 9 | B | 0 | 3 | 4 | 5 | 1 | A | D | C | 2 | 8 | E | 7 | 6 |
| E | A | D | B | C | 9 | 7 | 0 | 6 | 1 | 4 | 3 | 2 | 8 | 5 |
| 7 | 5 | 3 | 8 | E | 2 | 9 | 4 | C | D | A | 6 | 0 | 1 | B |
| 8 | 6 | 4 | A | 7 | 1 | 2 | 5 | E | 0 | 9 | B | C | 3 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅକୁହା କଥା

ମହାଶୟ,

ଧରିତ୍ରୀରେ ବିପିନ ବିହାରୀ ମିଶ୍ରଙ୍କ ଭିନ୍ନ ପ୍ରକାର ସନ୍ତ୍ରାସବାଦ ଶୀର୍ଷକ ଏକ ପ୍ରବନ୍ଧ ପାଠ କରିବାର ସୁଯୋଗ ପାଇଥିଲି। ଏ ପ୍ରବନ୍ଧଟି ଯିଏ ବି ପଢିବ ସେ ନିଶ୍ଚିତ ଭାବରେ ଅନୁଭବ କରିବ ତାହା ଜୀବନରେ ସେ ବି ଦିନେ ସେହିଭଳି ସନ୍ତ୍ରାସବାଦର ସମ୍ମୁଖୀନ ହୋଇଛି। ୪୦/୫୦ ବର୍ଷ ତଳେ ବିଭିନ୍ନ ବିଭାଗ ମୁଖ୍ୟମାନଙ୍କର ଅମାପ କ୍ଷମତା ଥିଲା। ସେମାନେ ସିଧାସଳଖ ନିଯୁକ୍ତ କରୁଥିଲେ। ଟ୍ରାନ୍ସଫର କରିଦେଉଥିଲେ, ଉତ୍କୋଚ ନେଇ ବର୍ଷ ବର୍ଷ ଧରି କାହାକୁ ଗୋଟିଏ ଜାଗାରେ ରଖିଦେଉଥିଲେ। ବିଭାଗରେ ଉଚ୍ଚଶିକ୍ଷିତ କର୍ମଚାରୀ ଥିଲେ ବି ସେମାନଙ୍କର ପଦୋନ୍ନତିକୁ ଏଡେଇ ଦେଇ ବାହାରୁ ଆପଏଣ୍ଟମେଣ୍ଟ କରୁଥିଲେ। ଜାଣିଶୁଣି ହଇରାଣ କରିବାକୁ ଅଗମ୍ୟ ସ୍ଥାନକୁ ଟ୍ରାନ୍ସଫର କରିଦିଆଯାଉଥିଲା। ହାକିମଙ୍କର ପାଣି, ଇଲେକ୍ଟ୍ରିକ ବିଲ୍, ପିଲାଙ୍କ ସ୍କୁଲ କଲେଜରେ ଦରମା ପୈଠ କରିବା କିମ୍ବା ବଜାର ସଉଦା କରିବା ଦାୟିତ୍ୱ ମଧ୍ୟ ତଳିଆ କର୍ମଚାରୀଙ୍କ ଉପରେ ଥାଏ। ବେଳେବେଳେ ହାତରୁ ପଇସା ଦେବାକୁ ପଡ଼େ। କଲେଜରେ ପିଏଚ୍‌ଡି ଏବଂ ଏମ୍‌ଫିଲ କରୁଥିବା ସ୍କଲାରମାନଙ୍କ କ୍ଷେତ୍ରରେ ବି ସେପରି ଘଟେ। ପ୍ରଫେସର ଜାଣିଶୁଣି ସେ ଅର୍ଥ ଫେରାଇବାକୁ ଭୁଲିଯାନ୍ତି। ସ୍କଲାର ମୁହଁ ଖୋଲନ୍ତି ନାହିଁ। ମୁହଁ ଖୋଲିଲେ କ୍ୟାରିୟର ନଷ୍ଟ ହୋଇଯିବ। ବିଭିନ୍ନ ଅଫିସ ଏବଂ ସିନେମା ଶିଳ୍ପରେ ମହିଳାଙ୍କୁ ଯୌନଶୋଷଣ କରାଯାଏ। ମୁହଁ ଖୋଲିଲେ ବଦନାମ ଏବଂ ଚାକିରି ଯିବାର ଭୟ ମଧ୍ୟ ରହିଛି। ଏହିଭଳି ଦୁର୍ବଳ ଉପରେ ସବଳର ଅତ୍ୟାଚାର ହୋଇଥାଏ। ଏ ପତ୍ରପ୍ରେରକ ମଧ୍ୟ ଏପରି ଭିନ୍ନ ସନ୍ତ୍ରାସବାଦର ଶିକାର ହୋଇ ଶେଷରେ ଚାକିରି ଛାଡିଦେଇଛି। ଅନେକ ଅକୁହା କଥାକୁ ଲେଖକ ମହୋଦୟ ପ୍ରକାଶ କରିଛନ୍ତି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ୫ 'ଟି' କାର୍ଯ୍ୟକାରୀ ହେଉନାହିଁ

ମୁଁ ରାଶନ କାର୍ଡ ପାଇ ନ ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଉପରେ ତଦନ୍ତ ନିର୍ଦ୍ଦେଶ ଆସିଥିଲା। ଧର୍ମଶାଳା ବ୍ଲକ୍ ତରଫରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏଥିରେ ମୋତେ ଯୋଗ୍ୟ ହିତାଧିକାରୀ ଭାବେ ରାସନ କାର୍ଡ଼ ଦେବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ୫'ଟି'ରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କାର୍ଯ୍ୟର ସମାଧାନ କରିବାକୁ କୁହାଯାଇଥିଲେ ବି ୨୦୧୭ରୁ ଅଦ୍ୟାବଧି ଜଣେ ଗରିବଙ୍କୁ ରାସନ ସାମଗ୍ରୀରୁ ବଞ୍ଚିତ କରାଯାଇଛି। ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରୁଛି।

ପ୍ରକାଶ ମହାନ୍ତି, ବ୍ରହ୍ମପୁର, ଜେନାପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭରତପୁର କୋଇଲା ଖଣି ଦୁର୍ଘଟଣା

# ମୃତକଙ୍କ ପରିବାରକୁ ମିଳିବ ୩୦ ଲକ୍ଷ

- ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ
- ତ୍ରିପାକ୍ଷିକ ବୈଠକରେ ହେଲା ସହମତି
- ଡିଜିଏମ୍ଏସ୍‌ଙ୍କ ଦ୍ୱାରା ସୁରକ୍ଷା ଯାଞ୍ଚ କଡ଼ାକଡ଼ି ହେବ

ଅନୁଗୋଳ ଅଫିସ, ୬।୮

ଭରତପୁର କୋଇଲା ଖଣି ଦୁର୍ଘଟଣାରେ ୪ ମୃତ ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହ ଜଣେ ସଦସ୍ୟଙ୍କୁ ଚାକିରି ଦିଆଯିବ। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ତ୍ରିପାକ୍ଷିକ ବୈଠକରେ ଏପରି ପ୍ରତିଶ୍ରୁତି ଦିଆଯିବା ପରେ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ତାଳଚେରରେ ଚାଲିଥିବା ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଉକ୍ତ ବୈଠକ ପରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି।

ଦୁର୍ଘଟଣା ପରେ ଖଣି ବନ୍ଦ ଆନ୍ଦୋଳନ ୧୪ ଦିନରେ ପହଞ୍ଚି ଥିବାବେଳେ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ଏହି ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଯୋଗଦେଇଥିଲେ। ବୈଠକରେ କ୍ଷତିପୂରଣ ନେଇ ନିଷ୍ପତ୍ତି ହେବା ପରେ ୪ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଆସନ୍ତା ୧୦ ତାରିଖ ମଧ୍ୟରେ ଅବଶିଷ୍ଟ ୧୦ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ସେହିପରି ମୃତକଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ଏଚ୍‌ପିସି କମ୍ପାନୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବ। ଉକ୍ତ ଚାକିରିକୁ ସ୍ଥାୟୀ କରିବା ପାଇଁ ୧ ମାସ ମଧ୍ୟରେ ଏମ୍‌ସିଏଲ୍ ବୋର୍ଡରେ ପ୍ରସ୍ତାବ ରଖାଯିବ। ଏପରି କି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲାପାଳଙ୍କ ଦ୍ୱାରା ଅନୁରୋଧପତ୍ର ମଧ୍ୟ ପଠାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହାଛଡ଼ା ଆଗାମୀ ଦିନରେ ଏପରି ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ଡିଜିଏମ୍ଏସ୍‌ଙ୍କ ଦ୍ୱାରା ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଆଇଜିଏଚ୍‌ରେ ଅଗ୍ନିକାଣ୍ଡ

**ରାଉରକେଲା ଅଫିସ, ୬।୮:** ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ସର୍ଟ ସର୍କିଟ ଯୋଗୁ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କୌଣସି କ୍ଷୟକ୍ଷତି ଘଟି ନ ଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ସାଢେ ଗୋଟାଏ ବେଳେ ଆଇଜିଏଚର ଦ୍ୱିତୀୟ ମହଲା ୱିଣ୍ଡୋ ଏସିରୁ ହଠାତ ନିଆଁ ସହ ଧୂଆଁ ବାହାରିଥିଲା। ଏଣୁ ଉକ୍ତ ୱାର୍ଡରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସଙ୍ଗେ ସଙ୍ଗେ ଆଡମିଟ୍ ହୋଇଥିବା ରୋଗୀଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଆର୍‌ଏସ୍‌ପି ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଦ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

एम एस टी सी लिमिटेड (भारत सरकार का उपक्रम) MSTC LIMITED (A GOVT. OF INDIA ENTERPRISE)
ସିଆଇଏନ୍: ଏଲ୍୨୭୩୨୦ଡବ୍ଲ୍ୟୁବି୧୯୬୪ଜିଓଆଇ୦୨୬୨୧୧

**ବିଭିନ୍ନ ସାମଗ୍ରୀର ଇ-ନିଲାମ**

ଏମ୍ଏସ୍‌ଟିସି ଆଧୁନିକ ମେଟାଲିକ୍ସ ଲିମିଟେଡ୍, କୁଆଁରମୁଣ୍ଡା, ଓଡ଼ିଶାର ପ୍ଲାଣ୍ଟ ସାଇଟ୍‌ରେ ପଡ଼ିରହିଥିବା ବିଭିନ୍ନ ସାମଗ୍ରୀ ଯେପରି ଆଇରନ୍ ଓର୍ ଫାଇନ୍ସ, କୋକ୍ ଫାଇନ୍ସ, କୋକ୍, ଷ୍ଟିମ୍ କୋଲ୍, ମିକ୍ସଡ୍ କୋଲ୍ ଏବଂ ସ୍କ୍ରାପ୍‌ର ଇ-ନିଲାମ ତା୨୮।୦୮।୨୦୧୯ରିଖରେ ସଞ୍ଚାଳିତ କରିବ। ଅଧିକ ବିବରଣୀ ପାଇଁ www.mstcecommerce.com କିମ୍ବା www.mstcindia.co.in ପରିଦର୍ଶନ କରନ୍ତୁ। ଇମେଲ୍: arunkumar@mstcindia.co.in ଏବଂ rmahesh@mstcindia.co.in: ମୋ: ୯୮୩୦୯୨୪୨୨୨ ଓ ୮୮୦୧୨୮୧୦୦୪। ଇ-ନିଲାମ ସମ୍ପର୍କିତ କୌଣସି ଶୁଦ୍ଧିପତ୍ର/ଯୋଗପତ୍ର/ସଂଶୋଧନ/ସମୟ ବୃଦ୍ଧି/ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଏମ୍ଏସ୍‌ଟିସି ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ। ବିଡର୍‌ମାନେ ନିଜକୁ ସଦ୍ୟତମ ସୂଚନା ସହ ସୂଚିତ ରଖିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ।

## ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ଛାତ୍ରାବାସ

# ଗ୍ୟାସ୍ ପାଇପ ଫାଟି ରୋଷେୟା, ୩ ଛାତ୍ର ଆହତ

ବ୍ରହ୍ମପୁର ଅଫିସ,୬।୮



ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ଛାତ୍ରମାନେ।

ବ୍ରହ୍ମପୁର ଉପକଣ୍ଠ ଚଣ୍ଡିପଦରସ୍ଥିତ ପାରଳା ମହାରଜା ଇଞ୍ଜିନିୟରିଂ କଲେଜ ଛାତ୍ରାବାସ-୧ରେ ମଙ୍ଗଳବାର ପୂର୍ବାହ୍ନରେ ରନ୍ଧନ ଗ୍ୟାସ୍ ପାଇପ ଫାଟି ରୋଷେୟାଙ୍କ ସମେତ ୩ ଛାତ୍ର ଆହତ ହୋଇଛନ୍ତି। ଛାତ୍ରାବାସ ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତି ଚାଲିଥିବା ବେଳେ ହଠାତ୍ ଗ୍ୟାସ୍ ପାଇପ ଫାଟିଥିଲା। ଫଳରେ ଏହି ସମୟରେ ଜଳଖିଆ ନେବାକୁ ଆସିଥିବା ୩ ଛାତ୍ର ଆହତ ହୋଇଥିଲେ। ସେମାନେ ହେଲେ ସିଭିଲ ବ୍ରାଞ୍ଚର ଦ୍ୱିତୀୟ ବର୍ଷର ମୁକେଶ ପଣ୍ଡା, ଇସିସି ବ୍ରାଞ୍ଚ ଚତୁର୍ଥ ବର୍ଷର ଅଶ୍ୱିନୀ ନାୟକ, ମେକାନିକାଲ ବ୍ରାଞ୍ଚର ଚତୁର୍ଥ ବର୍ଷର ରାକେଶ ରାଉତ। ଅନ୍ୟ ଛାତ୍ରମାନେ ବାହାରେ ଅପେକ୍ଷା କରିଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆହତ ଛାତ୍ରମାନଙ୍କୁ ସହପାଠୀମାନେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମଧ୍ୟାହ୍ନରେ ସେମାନେ ହଷ୍ଟେଲକୁ ଫେରିଛନ୍ତି। ଅନ୍ୟପକ୍ଷରେ ରୋଷେୟା ଆହତ ହୋଇଥିଲେ ମଧ ଘଟଣା ପ୍ରଘଟ ହେବା ଭୟରେ ତାଙ୍କୁ ମେଡିକାଲକୁ ନିଆଯାଇନି। କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି।

ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ କ୍ୟାମ୍ପସ ପରିସରରେ ୨ ଛାତ୍ରାବାସ ଓ ଗୋଟିଏ ଛାତ୍ରୀନିବାସ ରହିଛି। ସେଥିମଧ୍ୟରୁ କୌଣସି ଗୋଟିକରେ ମଧ୍ୟ ଅଗ୍ନି ନିରାପତ୍ତା, ଆଶୁ ଚିକିତ୍ସା ବ୍ୟବସ୍ଥା ନାହିଁ। ସହରଠାରୁ ପ୍ରାୟ ୧୫ କି.ମି ଦୂରରେ ଏହି କଲେଜ ରହିଥିବାରୁ ହଠାତ କିଛି ଦୁର୍ଘଟଣା ଘଟିଲେ ଆଶୁ ଚିକିତ୍ସା ପାଇଁ ମେଡିକାଲକୁ ନେବାରେ ସମସ୍ୟା ଦେଖାଦେଉଛି। ହଷ୍ଟେଲରେ ଥିବା ମେସ୍ ପାଇଁ ସେମିଷ୍ଟର ପିଛା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ ୧୨ ହଜାର ଟଙ୍କା ଲେଖାଏ ନିଆଯାଉଛି । ସେମିଷ୍ଟର ପରେ ଅଧିକ ଖର୍ଚ୍ଚ ଦର୍ଶାଇ ନିର୍ଦ୍ଧାରିତ ଦେୟ ପରେ ବି ଛାତ୍ରୀଛାତ୍ରଙ୍କଠାରୁ ଆଉ ଟଙ୍କା ଆଦାୟ କରାଯାଉଛି। ତଥାପି ହଷ୍ଟେଲରେ ଅଧିକାଂଶ ସମୟରେ ବାସିଖାଦ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ୬ ମାସ ତଳୁ ପୁରୁଣା ଗ୍ୟାସ୍ ପାଇପ ବଦଳାଇବାକୁ ବହୁବାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଏଥିପ୍ରତି କର୍ତ୍ତୃପକ୍ଷ ଅଣଦେଖା କରିଥିଲେ ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ଅବ୍ୟବସ୍ଥା ପ୍ରତିବାଦରେ ଛାତ୍ରାବାସ-୨ର ଅନ୍ତେବାସୀ ମଙ୍ଗଳବାର ସକାଳେ ଧାରଣା ଦେଇଥିଲେ। ଏହି ସମୟରେ ଛାତ୍ରାବାସ-୧ରେ ଗ୍ୟାସ ପାଇପ ଫାଟିଥିବା ଛାତ୍ରମାନେ କହିଛନ୍ତି । ଅନ୍ୟପକ୍ଷରେ ଦୁର୍ଘଟଣା ପରେ ହଷ୍ଟେଲର ସମସ୍ତ ଗ୍ୟାସ ପାଇପ ବଦଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରାବାସ ରୋଷେଇ ଘରେ ଥିବା ଅନ୍ୟାନ୍ୟ ସମସ୍ୟା ଯାଞ୍ଚ କରିବାକୁ ସମସ୍ତ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କୁହାଯାଇଥିବା କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ସ୍ୱାଇଁ କହିଛନ୍ତି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା, କଟକ

**ଡିମାଣ୍ଡ ନୋଟିସ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ମେସର୍ସ ଏମ୍ଏମ୍‌ଡିଭି ଏକ୍ସିମସ୍ ପ୍ରା. ଲିଃ.**ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଏମ୍ଏମ୍‌ଡିଭି ଏକ୍ସିମସ୍ ପ୍ରା. ଲିଃ.**, ସା: ବଇଞ୍ଛିଆ, ପୋ: ଟାଙ୍ଗୀ, ଜିଲ୍ଲା: କଟକ-୭୫୪୦୨୨, **ନିର୍ଦ୍ଦେଶକମାନେ: ୧) ଶ୍ରୀ ଭାଗୀରଥି ସାହୁ**, ପିତା: ଶ୍ରୀ ନିଳମଣୀ ସାହୁ, ସା: ଶାନ୍ତି ବିହାର, କନିକା ରୋଡ଼, କଟକ-୭୫୩୦୦୮, **୨) ଶ୍ରୀ ନିଲୋୟ ସେନଗୁପ୍ତ**, ପିତା: ଶ୍ରୀ ନିରେନ୍ ସେନଗୁପ୍ତ, ସା: ୩୨୧, ପ୍ରାନ୍ତିକ ପାଲ୍ଲି, ବୋଷ ପୁକୁର, ପୋ: ଇକେଟି କୋଲକାତା, ପଶ୍ଚିମବଙ୍ଗ-୭୦୦୧୦୭ / **ଜାମିନଦାରମାନେ: ୧) ଶ୍ରୀ ଭାଗୀରଥି ସାହୁ**, ପିତା: ଶ୍ରୀ ନିଳମଣୀ ସାହୁ, ସା: ଶାନ୍ତି ବିହାର, କନିକା ରୋଡ଼, କଟକ-୭୫୩୦୦୮, **୨) ଶ୍ରୀ ନିଲୋୟ ସେନଗୁପ୍ତ**, ପିତା: ଶ୍ରୀ ନିରେନ୍ ସେନଗୁପ୍ତ, ସା: ୩୨୧, ପ୍ରାନ୍ତିକ ପାଲ୍ଲି, ବୋଷ ପୁକୁର, ପୋ: ଇକେଟି କୋଲକାତା, ପଶ୍ଚିମବଙ୍ଗ-୭୦୦୧୦୭, **୩) ଶ୍ରୀ ନିଳମଣୀ ସାହୁ**, ପିତା: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ସା: ଶାନ୍ତି ବିହାର, କନିକା ରୋଡ଼, କଟକ-୭୫୩୦୦୮ / **ଆକାଉଣ୍ଟ ନଂ.: ୩୫୮୭୮୨୯୨୭୭୭ ।** | (୧) ମେସର୍ସ ଏମ୍ଏମ୍‌ଡିଭି ଏକ୍ସିମସ୍ **ପ୍ରା. ଲିଃ.** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ଅଂଶବିଶେଷ ଯାହାର :ଖାତା ନଂ.: ୯୭୪/୧୧୭, ପ୍ଲଟ ନଂ.: ୧୫୨୧, କ୍ଷେତ୍ର: ଏକର ୦.୩୦୦ଡିସିମିଲ୍, କିସମ: ଘରବାଡ଼ି, ମୌଜା: ବଇଞ୍ଛିଆ, ତହସିଲ: ଟାଙ୍ଗୀଚୌଦ୍ୱାର, ଥାନା: ଟାଙ୍ଗୀ, ଜିଲ୍ଲା: କଟକ, ଚୌହଦୀ: ପୂର୍ବ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୨୨, ଉତ୍ତର: ଜାତୀୟ ରାଜପଥ-୫ (ବର୍ତ୍ତମାନ ଜାତୀୟ ରାଜପଥ-୧୬), ଦକ୍ଷିଣ: ପ୍ଲଟ୍ ନଂ.: ୧୫୨୩, **(୨) ଶ୍ରୀ ନିଳମଣୀ ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ଅଂଶବିଶେଷ ଯାହାର ଖାତା ନଂ.: ୪୦୫/୨୨୭, ପ୍ଲଟ ନଂ.: ୧୧୫୭, ୧୧୬୪, କ୍ଷେତ୍ର: ଏକର ୦.୨୦୦ଡିସିମିଲ୍, କିସମ: ଘରବାଡ଼ି, ମୌଜା: ନରାଜ ମାର୍ଥାପୁର, ତହସିଲ: ବାରଙ୍ଗ, ଥାନା: କଟକ ସଦର, ଜିଲ୍ଲା: କଟକ, ଚୌହଦୀ: ପୂର୍ବ: ଖାଲି ଜମି, ପଶ୍ଚିମ: ଖାଲି ଜମି, ଉତ୍ତର: ଖାଲି ଜମି, ଦକ୍ଷିଣ: ରେଳବାଇ ଟ୍ରାକ୍ । | ୩୦.୦୭.୨୦୧୯ | ୨୮.୦୬.୨୦୧୮ | ୨୪.୦୭.୨୦୧୯ ସୁଦ୍ଧା ଟ.୪୨,୨୯,୩୨୪/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାର ଋଣଗ୍ରହୀତା ଏବଂ ଜାମିନଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ ।

ତାରିଖ : ୦୬.୦୮.୨୦୧୯
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ**
**ବାର୍ତ୍ତା**



ଭାରତବର୍ଷର ସମୃଦ୍ଧ ହସ୍ତତନ୍ତ ଐତିହ୍ୟ ଓ ପରମ୍ପରାର ସୁରକ୍ଷା ତଥା ବିକାଶରେ ଦେଶର ଲକ୍ଷ ଲକ୍ଷ ବୁଣାକାର ଭାଇ ଓ ଭଉଣୀଙ୍କ ସାମଗ୍ରିକ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ପ୍ରତି ବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଉଅଛି ।

ଓଡ଼ିଶାର ହସ୍ତତନ୍ତ ପରମ୍ପରା ଆଜିର ନୁହେଁ, ଶହ ଶହ ବର୍ଷର ପୁରାତନ ଏକ ଆଭିଜାତ୍ୟପୂର୍ଣ୍ଣ କୌଳିକ ବୃତ୍ତି । ହସ୍ତତନ୍ତ ମାଧ୍ୟମରେ ଆମର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଆଧାତ୍ମିକ ଓ ସାଂସ୍କୃତିକ ଭାବାବେଗ ପ୍ରକାଶିତ ହୋଇଥାଏ । କୃଷି ପରେ ହସ୍ତତନ୍ତ ଦ୍ୱିତୀୟ ବୃହତ୍ତମ କର୍ମନିଯୁକ୍ତିର କ୍ଷେତ୍ର । ଗ୍ରାମାଞ୍ଚଳରେ ଲୋକମାନଙ୍କ ସର୍ବାଧିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ତଥା କଲ୍ୟାଣମୂଳକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ବିକାଶର ମୁଖ୍ୟସ୍ରୋତରେ ପ୍ରତ୍ୟେକଟି ବୁଣାକାର ପରିବାରକୁ ସାମିଲ କରିବା ସହ ଓଡ଼ିଶା ହସ୍ତତନ୍ତକୁ ଉତ୍କର୍ଷର ଶୀର୍ଷରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ଓ ସଂକଳ୍ପ ।

ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ମୁଁ ରାଜ୍ୟ ତଥା ଦେଶର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ପଦ୍ମିନୀ ଦିଆନ
(ପଦ୍ମିନୀ ଦିଆନ)
ମାନ୍ୟବର ମନ୍ତ୍ରୀ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

**ପଞ୍ଚମ ହସ୍ତତନ୍ତ ଦିବସ ପାଳନ ଅବସରରେ**
**ବାର୍ତ୍ତା**



ପଞ୍ଚମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଆମର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଓଡ଼ିଶାର ଗରିମାମୟ ହସ୍ତତନ୍ତ ବସ୍ତ୍ର ବିଶ୍ୱପ୍ରସିଦ୍ଧ । ଏହା ଆମ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ବାର୍ତ୍ତାବହ । ହସ୍ତତନ୍ତ ତଥା ଏ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାରମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମୋର ବିଶ୍ୱାସ, ଆମର ବୁଣାକାର ଭାଇଭଉଣୀମାନେ ଏସବୁର ସୁଯୋଗ ନେବେ ଏବଂ ଓଡ଼ିଶା ହସ୍ତତନ୍ତର ମହାନ ପରମ୍ପରାକୁ ବଜାୟ ରଖିବା ଦିଗରେ କାମ କରି ଚାଲିବେ ।

ହସ୍ତତନ୍ତ କ୍ଷେତ୍ରର ବିକାଶ ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL - 60
31001/13/0001/1920

## ସଂକ୍ଷେପରେ

### କେନ୍ଦ୍ର ସରକାରଙ୍କ ଐତିହାସିକ ପଦକ୍ଷେପକୁ ସ୍ୱାଗତ

ବାଙ୍କୀ,୬।୮(ସ୍ୱ.ପ୍ର.): ଜମ୍ମୁ-କାଶ୍ମୀର ଉପରୁ ଧାରା ୩୭୦ ଉଚ୍ଛେଦ କରି କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହାକୁ ବାଙ୍କୀ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ପରିଷଦ ପକ୍ଷରୁ ଏ ନେଇ ଏକ ସ୍ୱାଗତ ଉତ୍ସବ ସହ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଛି। ବୁଦ୍ଧିଜୀବୀ ପରିଷଦ ସଭାପତି ବିଶ୍ୱଦୟ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରଦୀପ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍କଳ ମନ୍ତ୍ରୀ, ସରୋଜ ମତଗଜ ସିଂହ, ବ୍ରଜବନ୍ଧୁପାଲ, ମନୋଜ ମହାପାତ୍ର, କବି କୌଶିକ ନାୟକ, ସୁରେନ୍ଦ୍ର ପଣ୍ଡା ଓ ନଗେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଜମ୍ମୁ-କାଶ୍ମୀରବାସୀ ଆଉ ଆମ ପଡ଼ୋଶୀ ନୁହେଁ ଏବେ ସେମାନେ ଆମ ପରିବାରର ସଦସ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଗଗନ ବିହାରୀ ମହାପାତ୍ର ଓ ବଳଭଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

■ ମିଶନ ଶକ୍ତି,ବ୍ୟାଙ୍କ ସମୂହର ସମନ୍ୱୟ ବୈଠକ

# ବ୍ୟାଙ୍କ ଲିଙ୍କେଜ, ଋଣ ସମ୍ପର୍କିତ ଆଲୋଚନା

କେନ୍ଦ୍ରାପଡା ଅଫିସ, ୬।୮

ଜିଲା ମିଶନଶକ୍ତି ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ବ୍ୟାଙ୍କ ସମୂହ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରରେ ବ୍ୟାଙ୍କ ଲିଙ୍କେଜ ଓ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମିଶନ ଶକ୍ତିର ଜିଲା ସଂଯୋଜକ କୈଳାସ ଚନ୍ଦ୍ର ସେନାପତି ସୂଚନା ଦେଇଥିଲେ, ୨୦୦୧ରେ ଜିଲାରେ ମିଶନଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୨୧,୬୯୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହୋଇଥିବା ବେଳେ ସିଡମନି ଭାବେ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ପୂର୍ବରୁ ଏସବୁ ଗୋଷ୍ଠୀକୁ ୨ ଓ ୧ ପ୍ରତିଶତ ଋଣ ମିଳୁଥିବା ବେଳେ ଚଳିତ ବର୍ଷଠାରୁ ବିନା ସୁଧରେ ଋଣ ଦିଆଯିବା ଲାଗି ବ୍ୟବସ୍ଥା ହୋଇଛି। ଏଥିପାଇଁ ପ୍ରତ୍ୟେକ ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ କରିବାକୁ ହେବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏନେଇ ସଜାଗ ରହିବା ନିମନ୍ତେ ଜିଲାପାଳ ବର୍ମା ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ଜିଲାର ୪,୧୯୪ ଗୋଷ୍ଠୀକୁ ମୋଟ ୬,୨୯୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଳି ବ୍ଲକରେ ୫୩୦ ଗୋଷ୍ଠୀକୁ ୭୯୫ ଲକ୍ଷଟଙ୍କା, ଡେରାବିଶରେ ୫୧୫ ଗୋଷ୍ଠୀକୁ ୭୭୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଗରଦପୁରରେ ୪୨୭ଟିକୁ ୬୪୦.୫ ଲକ୍ଷ ଟଙ୍କା, କେନ୍ଦ୍ରାପଡାରେ ୫୩୪ଟିକୁ ୮୦୧ ଲକ୍ଷ ଟଙ୍କା, ମହାକାଳପଡାରେ ୪୬୭ଟିକୁ ୭୦୦.୫ ଲକ୍ଷ ଟଙ୍କା, ମାର୍ଶାଘାଇରେ ୫୦୮ଟିକୁ ୭୬୨ ଲକ୍ଷ ଟଙ୍କା, ପଟ୍ଟାମୁଣ୍ଡାଇରେ ୪୨୪ଟିକୁ ୬୩୬ଲକ୍ଷ ଟଙ୍କା, ରାଜକନିକାରେ ୪୫୨ଟିକୁ ୬୭୮ ଲକ୍ଷ ଟଙ୍କା ଓ ରାଜନଗର ବ୍ଲକରେ ୩୩୭ଟିକୁ ୫୦୫.୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ପିଡି ଦିଲୀପ କୁମାର ପରିଡା, ଓରମାସର ଆଶିଷ କୁମାର ରାଉତ, ବନବିହାରି ଦାସ, ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ନାୟକ, ହରେକୃଷ୍ଣ ମଲ୍ଲିକ, ଡ. ଦେବ ପ୍ରକାଶ ସାହୁ ଓ ମିଶନ ଶକ୍ତିର କର୍ମଚାରୀମାନେ ସାମିଲ ହୋଇଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ମିଶନ ଶକ୍ତି ଓ ବ୍ୟାଙ୍କ ସମୂହର କର୍ମକର୍ତ୍ତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଲଗାଇବ ହାବୁହାବୁକା,**
**ଭାତ ଖାଇବ ଆଗା ;**
**ଚିତ୍ ହୋଇ ଶୋଇପଡ଼ିବ,**
**ମାରି ନେଉଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇଛନ୍ତି। କାରଣ ଏପରି ନ ହେଲେ କାଳେ ପଛରେ ରହିଗଲେ ସୁବିଧା ସୁଯୋଗ ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଆଗତୁରା ନିଜ ନିଜର କାର୍ଯ୍ୟ କରାଇ ନେବାକୁ ଉଚିତ ମଣିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କଠାରେ ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତଳେ ତଳେ ଯାଏ ତଳ ଗଡ଼ିଶା**
**ସମ୍ପି ମରୁଥାଇ ସାଇପଡ଼ିଶା ।**

ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅତ୍ୟନ୍ତ ହୁସିଆରରେ ବା ଲୁଚାଛପାରେ ନିଜର ଈପ୍ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଲୋକଲୋଚନରେ ଏପରି ବ୍ୟକ୍ତି ନିନ୍ଦିତ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଫେରାଇ ଆଣିବାକୁ ସାମାଜିକ ଗଣମାଧ୍ୟମରେ ନିବେଦନ

# କୁଏତ୍‌ରେ ଫସିଛନ୍ତି ୧୫ ଶ୍ରମିକ

କେନ୍ଦ୍ରାପଡା ଅଫିସ, ୬।୮

ଦାଦନ ଖଟିବାକୁ ଯାଇ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଆଳି ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୫ ଜଣ ଶ୍ରମିକ ସୁଦୂର କୁଏତ୍‌ରେ ଫସିଯାଇଛନ୍ତି। ସେମାନେ ହେଲେ ଅବିନାଶ ସ୍ୱାଇଁ, ଅଖିଳ ସାହୁ, ଅମରେଶ କୁଣ୍ଡ, ଆଶିଷ କୁମାର ନାୟକ, ବରଦାକାନ୍ତ ଭୂୟାଁ, ବିଜୟ କୁମାର ସାହୁ, ବ୍ରଜକିଶୋର ମଲ୍ଲିକ, ଗଣେଶ ଚନ୍ଦ୍ର ପରିଡା, ପ୍ରଦୀପ କୁମାର ମଲ୍ଲିକ, ପ୍ରସନ୍ନଜିତ ଦାସ, ପ୍ରତିକାନ୍ତ ରାଉତ, ରାଜୁ ମଲ୍ଲିକ, ରଞ୍ଜନ କୁମାର ସିଂହ, ଶମ୍ଭୁନାଥ ବେହେରା ଓ ସଞ୍ଜୀବ କୁମାର ମଲ୍ଲିକ। ଏନେଇ ସଞ୍ଜୀବଙ୍କ ବାପା ସାମାଜିକ ଗଣମାଧ୍ୟମ ଜରିଆରେ ମଙ୍ଗଳବାର ସୂଚନା ଦେଇଛନ୍ତି। ପୁଅ ସମେତ ଅନ୍ୟ ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ସେ ନିବେଦନ କରିଛନ୍ତି। ତାଙ୍କ ସୂଚନା ଅନୁସାରେ, ୨୦୧୮ ଅଗଷ୍ଟରେ ଏହି ଯୁବକମାନେ ଦାଦନ ଖଟିବାକୁ ସୁଦୂର କୁଏତ୍‌କୁ ଯାଇଥିଲେ। ସେଠାରେ ଏକ ହାୱାଲିସ୍ଥିତ ଅଲୱାହା ମଲର ମେଗାଟେକ୍‌ରେ କାମ କରୁଥିଲେ। ମାତ୍ର ସମ୍ପୃକ୍ତ କମ୍ପାନୀ ଏହି ଯୁବକମାନଙ୍କୁ କାମ ଅନୁଯାୟୀ ଅର୍ଥ ଦେବା ପରିବର୍ତ୍ତେ ନାନା ନିର୍ଯାତନା ଦେଉଛି ବୋଲି ସଞ୍ଜୀବଙ୍କ ବାପା ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଅର୍ଥ ନ ଥିବାରୁ ଗତ ମାସେ ହେବ ଏହି ଯୁବକମାନେ କୁଏତ୍‌ର ଏକ ରାସ୍ତାରେ ଦିନ କାଟୁଛନ୍ତି ବୋଲି ସେ ସେଥିରେ ଉଲ୍ଲେଖ କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଥିବା ୨ଟି ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କାହାସହ ସମ୍ପର୍କ ହୋଇପାରିନାହିଁ। ଏସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏନେଇ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ଚର୍ଚ୍ଚାରେ ଜିଲା ପୋଲିସର ଏନ୍‌କାଉଣ୍ଟର

କେନ୍ଦ୍ରାପଡ଼ା ଅଫିସ, ୬।୮

ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ସେକ୍ ମେହେତାବ (୨୩)ଙ୍କୁ କେନ୍ଦ୍ରାପଡ଼ା ଜିଲା ପୋଲିସ ସୋମବାର ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର କରିଛି। ଏହାପରଠାରୁ ଜିଲା ପୋଲିସକୁ ନେଇ ଚର୍ଚ୍ଚା ଜୋର ଧରିଛି। ପୋଲିସ ଗତ ୨୦୧୮ ମେ ମାସରୁ ଅଦ୍ୟାବଧି ୯ଟି ଏନକାଉଣ୍ଟର କରିଛି। ଏହା ପୂର୍ବରୁ ମେ ୯ ତାରିଖରେ ସଦର ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର ସେକ୍ ଲାଲା (୩୪)ଙ୍କୁ ପୋଲିସ ଏନକାଉଣ୍ଟର କରିଥିଲା। ମେ ୩୧ରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ବହୁ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟର ବିଭୁ ସାହୁ ଓରଫ ପ୍ରତାପ ସାହୁ (୪୭) ପୋଲିସ ଏନକାଉଣ୍ଟରର ଶିକାର ହୋଇଥିଲେ। ଗତ ଜୁଲାଇ ୨୩ ରେ ଟାଉନ ଥାନା ଅନ୍ତର୍ଗତ ସହରର ବାସୁଳେଇ ଗଳିର ଭବାନୀଶଙ୍କର ସାହୁ ଓରଫ ବାବୁ ସାହୁ (୨୮) ଓ ଅକ୍ଟୋବର ୭ରେ ଭୋର ସମୟରେ ସନ୍ତୋଷ (୩୬) ଜିଲା ପୋଲିସ ଏନକାଉଣ୍ଟରର ଶିକାର ହୋଇଥିଲେ। ୨୦୧୯ ଜାନୁୟାରୀ ୨୨ରେ ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଡିଠାରେ ଜିଲା ପୋଲିସ ପକ୍ଷରୁ ସାପ ଗ୍ୟାଙ୍ଗର ମୁଖ୍ୟ ସଞ୍ଜୟ ଓରଫ ବାବୁ ବିଶ୍ୱାଳ (୩୨)ଙ୍କୁ ଏନକାଉଣ୍ଟର କରାଯାଇଥିଲା। ଫେବୃୟାରୀ ୧୯ରେ ସଦର ଥାନା ଅନ୍ତର୍ଗତ ନାନକାର- କଜଳା ରାସ୍ତାର ହାଲପୁରଠାରେ ଗଣେଶ ମଲ୍ଲିକ ଓରଫ ଜୁଲ (୩୦) ଏବଂ ଫେବୃୟାରୀ ୨୫ରେ ମାର୍ଶାଘାଇ ଥାନା ଅନ୍ତର୍ଗତ ତିଖିରି- ବୌଦ୍ଧ ରାସ୍ତାରେ ଦେବୀପ୍ରସାଦ ଓରଫ ଲିଟୁ ଦାସ (୩୦)ଙ୍କୁ ଏନକାଉଣ୍ଟର କରାଯାଇଥିଲା। ଏପ୍ରିଲ ୧୩ରେ ସେକ୍ ନଦୀମ (୩୦)ଙ୍କୁ ପାଟକୁରା ଥାନା ଅଧୀନ ଅର୍ଜୁନପୁର ଛକରେ ଏନକାଉଣ୍ଟର କରାଯାଇଥିଲା। ଜିଲା ପୋଲିସର ବାରମ୍ବାର ଏନ୍‌କାଉଣ୍ଟର ଦ୍ୱାରା ଅପରାଧୀମାନେ ଭୟଭୀତ ହୋଇପଡିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

ସାଲେପୁର,୬।୮(ଡି.ଏନ.ଏ.)

ଯୌତୁକ ପାଇଁ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ବିଷ ପିଆଇ ହତ୍ୟା କରିଥିବା ମଙ୍ଗଳବାରେ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ନଂ-୧୯୪/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସରପଡ଼ା ଗ୍ରାମର ଅକ୍ଷୟ ବେହେରା ୨୦୧୭ ଜୁନ ୧୨ରେ ତାଙ୍କ ସାନଝିଅ ଚନ୍ଦନାଙ୍କୁ ସାଲେପୁର ଥାନା ନାନ୍ଦୋଳ ପଞ୍ଚାୟତ ଭାତପଡ଼ା ଗ୍ରାମର ସ୍ୱର୍ଗତ ବଇଆ ସାହୁଙ୍କ ପୁଅ ମଦନଙ୍କ ସହ ବିବାହ କରାଇଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ ଅକ୍ଷୟ ଦେଇଥିଲେ। ହେଲେ ବିବାହର କିଛିଦିନ ପରେ ସ୍ୱାମୀ ମଦନ, ଶାଶୁ, ଦେଢ଼ଶୁର ପପୁ, ଖୁଡୁତାଶୁର ମଙ୍ଗୁଳ ଏକ ବାଇକ୍ ଆଣିବା ପାଇଁ ଚନ୍ଦନାଙ୍କୁ ବାଧ କରିଥିଲେ। ହେଲେ ବାପା ଆଉ ବାଇକ୍ ଦେଇପାରିବେ ନାହିଁ ବୋଲି ଚନ୍ଦନା ଶାଶୁଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ସେମାନେ ବିଭିନ୍ନ ସମୟରେ ଚନ୍ଦନାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ଖାଇବା ପିଇବାକୁ ଦେବାରେ ଅବହେଳା କରିବା ସହିତ ମାରପିଟ୍ ଓ ଗାଳିଗୁଲଜ କରିଥିଲେ। ଏ ନେଇ ଚନ୍ଦନା ତାଙ୍କ ବାପାଙ୍କୁ ଜଣାଇବାରୁ ସେ ଆସି ଘଟଣାର ଆପୋସ ସମାଧାନ କରିଥିଲେ। କିଛିଦିନ ଠିକ୍‌ଠାକ୍ ଚାଲିବା ପରେ ଗତ ଜୁଲାଇ ୨୩ରେ ଶାଶୁଘର ଲୋକେ ଚନ୍ଦନାଙ୍କୁ ପୁଣି ମାଡ଼ ମାରିବା ସହ ବିଷ ପିଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଚନ୍ଦନାଙ୍କ ମା'ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେତେବେଳକୁ ଚନ୍ଦନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ପୁଣି ଜଗତ୍‌ପୁରର ଏକ ଘରୋଇ ହସ୍ପିଟାଲ୍‌କୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଚନ୍ଦନାଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଚନ୍ଦନାଙ୍କ ଏକ ୮ମାସର କନ୍ୟାସନ୍ତାନ ଥିବା ମଧ୍ୟ ଦର୍ଶାଯାଇଛି। ଏ ସମ୍ପର୍କରେ ଥାନା ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।


CLASSIFIED DISPLAY
MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
BANA DURGA FINANCE — ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1%। Help LINE 7683949359, 7381163847. C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

1988ରୁ ଆପଣଙ୍କ ସେବାରେ MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ। 2% ସୁଧ 40% ରିହାତି। 9499135756. H.No. 10, Mandi Road, Bathinda, Punjab

FINANCE — ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ। 3% ସୁଧ 40% ଛାଡ଼ ୧୦ ବର୍ଷର ଏଗ୍ରିମେଣ୍ଟ ସହିତ। balajifinancegroupchd@yahoo.com. 09517415755, 09598246628

ଋଣ — ପ୍ରଥମ 100 କଲରଙ୍କୁ ବିଶେଷ ରିହାତି। ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ। ଆଗେ କାମ - ପରେ ଦାମ। ସରକାରୀ ଯୋଜନା ଅଧୀନରେ ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ। 1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ। ସତ୍ୟମ୍ ଫାଇନାନ୍ସ — ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ - 40% ରିହାତି। ଠକମାନଙ୍କ ପ୍ରତି ସାବଧାନ। 7291060977, 7291046520. B-36/7, A-Block, Vijay Enclave, Burari, New Delhi-74

ଲୋନ୍! ଲୋନ୍! ଲୋନ୍! ୧ ରୁ ୫୦ ଲକ୍ଷ ଲୋନ୍। LAXMI NARAYAN FINANCE — ଗୃହଋଣ, ମାର୍କସିଟ, ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ। ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ। ୧% ସୁଧ ୫୦% ରିହାତି। 88102-23468. laxminarayanfinancecmp@gmail.com. 82871-99144. Pandey bhawan hinoo ranchi

ଋଣ ଧମାକା — ଆଧାର କାର୍ଡ ଋଣ ପାଆନ୍ତୁ। 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ। ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼। ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ। Contact No. 7491845997, 7079574972. New Ashok Nagar, East Delhi, Delhi. www.toofanfinance.in

GTL Telecom Network Company — ଖାଲିଥିବା ଜମି ଓ ଛାତ ଉପରେ ଟାୱାର ଲଗାନ୍ତୁ। 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ମାତ୍ର ୨୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା। ମହିଳାମାନଙ୍କ ପାଇଁ ବିଶେଷ ରିହାତି। Plot No 124, MG Road, DLF City Centre Mall, MG Road, Gurgaon, Haryana, 122003. 9348274623, 8227843135

ଫ୍ରି ସେବା କୌଣସି ଫିସ୍ ନାହିଁ। MY PROMISE — ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ। ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ। ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସ୍ୱଉତ୍ରଣ, ଶତ୍ରୁ ମୁକ୍ତି, ୩ ଘଣ୍ଟାରେ ଘରେ ବସି ସମାଧାନ। Khamarisahi, Mahipur, Nayagarh. 81 26 92 24 05

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ। 25 ବର୍ଷ ଧରି ଆପଣଙ୍କ ସେବାରେ। JEEVANJYOTI FINANCE PVT. LTD. — ମାର୍କସିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ। 2% ସୁଧ, 50% ରିହାତି। 8765256101. B-36/7 A-Block Vijay Enclave Burari, New Delhi-74

ASTROLOGY

ଭଟକିବାରୁ ବଞ୍ଚନ୍ତୁ — କୌଣସି ବି କାମ। ବାବା ଅଘୋରୀ ତାନ୍ତ୍ରିକ। ସଚ୍ଚାପ୍ରେମୀ ନିରାଶ କାହିଁକି? 9899587663, 8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ — 2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ। ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା। A to Z ସମସ୍ୟାର ସମାଧାନ ଘରେ ବସି। ବାବା ଆମିଲ ସୁଫି। 9540938429, 9903852257

See Color Display Classified on every Tuesday & Friday

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ। GRAMIN FINANCE — ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees - ଏ ସବୁକିଛି ଋଣ ମଞ୍ଜୁର ହେବା ପରେ। Miss Call Alert: 09610759333. S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଇଣ୍ଡସ୍ ଫାଇନାନ୍ସ ଲି. — କମ୍ପାନୀ ଋଣ ଉପଲବ୍ଧ କରାଉଛି। ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ। ମହିଳାଙ୍କ ପାଇଁ 50% ରିହାତି। 9911417764, 9911417461. BISWANATHPUR, BALARAMAPUR, BALESWAR, ODISHA - 756024

BUSINESS — ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ। 242/4, Bannerghatta Main Rd, Mulimavu, Bengaluru, Karnataka 560076. Call / SMS Now 9479667248

DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜିଲାସ୍ତରୀୟ କୃମି ନାଶ ସଂଯୋଜନା କମିଟି ବୈଠକ

# ୮ରେ ଦିଆଯିବ କୃମି ନାଶକ

ଜଗତ୍‌ସିଂହପୁର ଅଫିସ,୬।୮

ଆସନ୍ତା ୮ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳନ କାର୍ଯ୍ୟକ୍ରମ ନିମନ୍ତେ ଜଗତସିଂହପୁର ଜିଲାସ୍ତରୀୟ ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ୧ରୁ ୧୯ ବର୍ଷର ସମସ୍ତ ପିଲାଙ୍କୁ ଉକ୍ତ ଦିନ କୃମି ନାଶକ ସିରପ୍ ଓ ବଟିକା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ୧ରୁ ୫ ବର୍ଷର ଶିଶୁ ଓ ପାଠ ପଢୁ ନ ଥିବା ୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ କୃମି ନାଶକ ଦିଆଯିବ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ଏହା ଦିଆଯିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଶିକ୍ଷା ବିଭାଗ, ଜିଲା ମଙ୍ଗଳ ବିଭାଗ, ଜିଲା ସମାଜ ମଙ୍ଗଳ ବିଭାଗ ସହଯୋଗରେ ଜିଲାବ୍ୟାପୀ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ଅଜୟ କୁମାର ବୈଠାରୁ ସୂଚନା ଦେଇଛନ୍ତି। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ବସନ୍ତ କୁମାର ବାରିକ କହିଲେ ଯେ, ଜିଲାରେ ଥିବା ୧,୮୪୦ ଅଙ୍ଗନୱାଡି କେନ୍ଦ୍ର, ୧୭୧ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ୪୪ ଯୁକ୍ତ ଦୁଇ କନିଷ୍ଠ ମହାବିଦ୍ୟାଳୟରେ କୃମି ନାଶକ ଦିଆଯିବ। ୧ ବର୍ଷରୁ ୨ ବର୍ଷର ଶିଶୁଙ୍କୁ ୫ ଏମ୍‌ଏଲ୍, ୨ରୁ ୩ ବର୍ଷ ୧୦ ଏମ୍‌ଏଲ୍, ୩ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଆଲବେଣ୍ଡାଜୋଲ କୃମି ନାଶକ ବଟିକା ଦିଆଯିବ। ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରର କର୍ମକର୍ତ୍ତା ଓ ବିଭାଗୀୟ କର୍ମଚାରୀମାନେ ଏ ବିଷୟରେ ଠିକ ଭାବେ ତାଲିମ ପାଇଛନ୍ତି କି ନାହିଁ ତାହା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପଚାରି ବୁଝିଥିଲେ। ବୈଠକରେ ଡିପିଏମ୍ ଚକ୍ରଧର ଜେନା, ଏଡିପିଏସ୍‌ସିଓ ବୀରେନ୍ଦ୍ର କୁମାର ନାୟକ, ଡିଏସ୍‌ସି ସୁଭାଷ ଚନ୍ଦ୍ର ରାଉତ, ଡିଡବ୍ଲ୍ୟୁଓ ଏସ୍. ପି. ସାହୁ, ଡିଆଇପିଆର୍‌ଓ କାମିନୀରଞ୍ଜନ ପଟ୍ଟନାୟକ, ଡିଡିଏମ୍ ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଉଦ୍‌ଘାଟନ କରିବେ ବୋଲି ସୂଚନା ଦିଆଯାଇଛି।

# 'ଜଣେ ବ୍ୟକ୍ତିଙ୍କ ପାଇଁ ଓମ୍‌ଫେଡ୍‌କୁ ନିନ୍ଦିତ କରା ନ ଯାଉ'

ରଘୁନାଥପୁର, ୬।୮ (ଡି.ଏନ.ଏ.)–

ରଘୁନାଥପୁର ବ୍ଲକ ନୂଆପଡାସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ଅଧୀନରେ ଥିବା ଦୁଗ୍ଧଚାଷୀଙ୍କୁ ନେଇ ଏକ ବୈଠକ କେରେକେରାସ୍ଥିତ ଗୋରଖନାଥ ପୀଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓମ୍‌ଫେଡ୍ ଭଳି ଏକ ଲାଭଦାୟକ ସଂସ୍ଥାକୁ ବୁଡାଇ ଦେବାକୁ ବିଭିନ୍ନ ପ୍ରାଇଭେଟ ଡାଏରୀଙ୍କ ପକ୍ଷରୁ ଚକ୍ରାନ୍ତ ହେଉଥିବା କୁହାଯାଇଛି। କେନ୍ଦ୍ରାପଡାରେ ଜଣେ କର୍ମଚାରୀ ଦାନାରେ ହେରଫେର କରି ସାଧାରଣ ପରିଚାଳକ କଟକ ଦୁଗ୍ଧ ସଂଘ ପକ୍ଷରୁ ନିଲମ୍ବିତ ହୋଇଥିଲେ। ତାଙ୍କ ବିରୋଧରେ ଥାନାରେ ମାମଲା ଚାଲିଥିବା ସମ୍ପର୍କରେ ଚାଷୀ ହେମନ୍ତ କୁମାର ଲେଙ୍କା ପ୍ରକାଶ କରିଥିଲେ। ଜଣେ ବ୍ୟକ୍ତିଙ୍କୁ ନେଇ ଅଯଥା ଓମ୍‌ଫେଡ୍‌କୁ ନିନ୍ଦିତ କରି ଅବିଭକ୍ତ କଟକ ଜିଲାର ଦୁଗ୍ଧଚାଷୀଙ୍କ ଦାନାରେ ଧୂଳି ନ ଦେବାକୁ ଚାଷୀମାନେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସାରା ଓଡ଼ିଶାରେ ଓମ୍‌ଫେଡ ମାଧ୍ୟମରେ ଉତ୍ପାଦିତ ଦୁଗ୍ଧର ୫୦ ପ୍ରତିଶତ କଟକ ଦୁଗ୍ଧ ସଂଘ ଓମ୍‌ଫେଡରୁ ସଂଗ୍ରହ କରି ଯୋଗାଉଛି। ଏହାର ସିଂହ ଭାଗ କେବଳ ଜଗତ୍‌ସିଂହପୁର ଜିଲାରୁ ହିଁ ଯୋଗାଇ ଦିଆଯାଇଥାଏ। ଓମ୍‌ଫେଡ୍ ଭଳି ଏକ ଚାଷୀ ଉନ୍ନୟନ ସଂସ୍ଥାକୁ ବଦନାମ କରିବା ଅପଚେଷ୍ଟାକୁ ବିରୋଧ କରାଯିବା ସହ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ଆଗାମୀଦିନରେ ଚାଷୀକୂଳ ଏହାର ଦୃଢ଼ ଜବାବ ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କୁଳମଣି ବଡୁ, ମୁରଲୀଧର ଦାସ, ପ୍ରଦ୍ୟୁମ୍ନ ବଡୁ, ପ୍ରଭାତ ଲେଙ୍କା, ଅଜିତ କର, ଧ୍ରୁବଚରଣ ପରିଡା, ପ୍ରଶାନ୍ତ ନାଥ, ସୁଧୀର ନାୟକ, ପ୍ରସନ୍ନ ସାହୁଙ୍କ ସମେତ ବହୁ ସମିତି ସମ୍ପାଦକ ଓ ସଭାପତି ଏବଂ ଚାଷୀମାନେ ଉପସ୍ଥିତ ଥିଲେ।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C/71, Sector-7, CDA, Cuttack - 753014
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No. 035/2018/CTC**
**(Arising out of OA No. 161 of 2010)**
**Next Date: 23.08.2019**

**Syndicate Bank, Jagatsinghpur, Dist.: Jagatsinghpur** ...Certificate Holder Bank
Vs.
**M/s. Trinath Feds & another** ...Certificate Debtors

To
1. **M/s. Trinath Feds, Sanabazar, Jagatsinghpur,** (Represented by its Proprietor, Shri Biswajit Pothal)
2. **Shri Biswajit Pothal,** S/o: Kulamani Pothal, Vill: Dendow, P.O.: Baijang, Dist.: Jagatsinghpur
3. **Natrikraft India (P) Ltd.,** 1/38, ULSOOR Road, Hanumanm Thapa Layout, Bangalor-560042
4. **Shenalata Pothal,** W/o: Bijaya Swain, Vill: Kalyanpur, Jagatsinghpur
5. **Smt. Rasmita Das,** W/o: Ranjan Kumar Das, At: Balisahi, P.O.: Balikuda, Dist.: Jagatsinghpur
6. **Smt. Santilata Pothal,** W/o: Basanta Kumar Das, At: Dagada, P.O.: Sankarsahi, Dist.: Jagatsinghpur

Take notice that Certificate arising out of **OA No. 161 of 2010** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 19,75,509.27 (Rupees Nineteen Lac Seventy Five Thousand Five Hundred Nine and Paisa Twenty Seven Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | : | Rs. 19,75,509.27 |
| 2. Cost allowed (+) | : | Rs. 22,000.00 |
| Total | : | **Rs. 19,97,509.27** |

(**Rupees Nineteen Lac Ninety Seven Thousand Five Hundred Nine and Paisa Twenty Seven Only**) with Interest @14% p.a. with quarterly rests on the amount due from 12.06.2012 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.08.2019** and report the details of payment made by you.

Given under my hand & seal at Cuttack on this **9th day of July, 2019.**

**Sd/- (S. R. Parida)**
**Recovery Officer**





# ଜାତୀୟ କୃମିନାଶ ଦିବସ

୮ ଅଗଷ୍ଟ, ୨୦୧୯ (ଗୁରୁବାର)

DSPL - 59

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ। ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୮ ଅଗଷ୍ଟ ୨୦୧୯ ରିଖରେ କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ।

10003/13/0036/1920

**ଧ୍ୟାନ ଦିଅନ୍ତୁ :**

ବାଲେଶ୍ୱର,କଟକ,ଢେଙ୍କାନାଳ,ଖୋର୍ଦ୍ଧା ଓ ନୂଆପଡା ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ତା ୮ ଅଗଷ୍ଟ ୨୦୧୯ ରିଖରେ କୃମିନାଶକ ଔଷଧ ଖାଇପାରି ନଥିବା ପିଲାମାନେ ତା ୧୬ ଅଗଷ୍ଟ ୨୦୧୯ ରିଖରେ ଖାଇପାରିବେ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

facebook.com/HFWOdisha http://www.health.odisha.gov.in/ @HFWOdisha


## ତାଳଦଣ୍ଡା କେନାଲ ପରିଦର୍ଶନ କଲେ ଅଧୀକ୍ଷଣ ଯନ୍ତ୍ରୀ

ବାଲିଆ,୬।୮: ଜଳସମ୍ପଦ ବିଭାଗ ପରାମର୍ଶଦାତା ସନ୍ତୋଷ ପଟ୍ଟନାୟକ, ଇଷ୍ଟର୍ନ ସର୍କଲ ଅଧିକ୍ଷଣ ଯନ୍ତ୍ରୀ ବେଲେଶ୍ୱରନାଥ ସାହୁ, ମହାନଦୀ ଦକ୍ଷିଣ ନିର୍ବାହୀ ଯନ୍ତ୍ରୀ ବସନ୍ତ ରାଉତ ପ୍ରମୁଖ କଟକ-ପାରାଦୀପ ତାଳଦଣ୍ଡା କେନାଲ ପରିଦର୍ଶନ କରିଛନ୍ତି। ଏଥିସହ ସୋମପୁର ସେକ୍ସନ ଅଧୀନ ୫ନଂ. କେନାଲର ସୋମପୁରଠାରୁ ବାରିପଦା, ୬ନଂ. କେନାଲର ଗଡ଼ମାଠାରୁ କଣ୍ଟାପଡ଼ା ଶାଖା କେନାଲ ନିରୀକ୍ଷଣ କରିଥିଲେ। ବିଶେଷକରି କେନାଲଗୁଡିକର ଶେଷମୁଣ୍ଡରେ ପାଣି ଠିକ୍ ଭାବେ ପହଞ୍ଚି ପାରିଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଖରିଫ ଫସଲ ଶେଷ ପର୍ଯ୍ୟନ୍ତ ଚାଷୀଙ୍କୁ ନିରବଚ୍ଛିନ୍ନ ଭାବେ ପାଣି ଯୋଗାଇବାକୁ କିଶନନଗର ସହକାରୀ ଯନ୍ତ୍ରୀ ପ୍ରମୋଦ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କେନାଲରେ ପଶିଗଲା ସ୍କୁଲ୍ ଭ୍ୟାନ୍, ବର୍ତ୍ତିଲେ ୭ ଛାତ୍ରୀଛାତ୍ର

ନିଶ୍ଚିନ୍ତକୋଇଲି,୬।୮(ସ୍ୱ.ପ୍ର.): ସ୍ଥାନୀୟ ଜାଭିୟର ସ୍କୁଲ୍‌ର ଏକ ଟାଟା ମ୍ୟାଜିକ୍ ମଙ୍ଗଳବାର ସକାଳେ ଛାତ୍ରୀଛାତ୍ରଙ୍କୁ ନେଇ ମହାଜନପୁର ଅଭିମୁଖେ ଯାଉଥିଲାବେଳେ ଭାରସାମ୍ୟ ହରାଇ କେନାଲ ଭିତରକୁ ପଶି ଯାଇଥିଲା। ସେଠାକାର ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବାରୁ ଭ୍ୟାନରେ ଥିବା ୭ଜଣ ଛାତ୍ରୀଛାତ୍ର ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମହାଜନପୁର ଗ୍ରାମରେ ଥିବା(୮)ଏ-୨କେନାଲ ନିକଟରେ ଏହି ଘଟଣା ଘଟିଥିଲା। କେନାଲରେ ପାଣି କମ୍ ଥିବାରୁ ବିଶେଷ ଅସୁବିଧା ହୋଇନାହିଁ।

## ଜାତୀୟ କୃମି ନାଶ ଦିବସ ପ୍ରଶିକ୍ଷଣ ଶିବିର

ବିରିଡ଼ି,୬।୮ ( ଡି.ଏନ.ଏ.): ଆସନ୍ତା ୮ ଓ ୧୬ ତାରିଖରେ ଜାତୀୟ କୃମି ନାଶ ଦିବସ ଉପଲକ୍ଷେ ହେବାକୁ ଥିବା କାର୍ଯ୍ୟକ୍ରମ ନିମନ୍ତେ ମଙ୍ଗଳବାର ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଲାଣ୍ଡୋ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ବିଇଓ ସଚ୍ଚିନ୍ଦ୍ର କୁମାର ମହାନ୍ତି ପ୍ରଶିକ୍ଷଣ ଦେଇଥିଲେ। ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ଆସନ୍ତା ୮ତାରିଖରେ କୃମି ନାଶକ ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁକୁମାର ମିତ୍ର, ବିପିଏମ ହରିହର ଚଇନି, ପିଏଚଇଓ ଭବାନୀଶଙ୍କର ହାଲଦାର ସହାୟତା କରିଥିଲେ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସ୍ଲିପର ବିନିର୍ମାଣ ଓ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) / ଇ-ଟେଣ୍ଡର ନଂ.: ଏସ୍‌ଇସିଆର୍ ଟିଏସ୍‌ଏସ୍‌ଏଲ୍‌ଇପି୦୭୧୯, ତାରିଖ: ୦୨।୦୮।୨୦୧୯
**କାର୍ଯ୍ୟ:** ପିଏସ୍‌ସି ସ୍ଲିପର୍ସ ଟି-୨୪୯୬ର ବିନିର୍ମାଣ ଓ ଯୋଗାଣ। **ଟେଣ୍ଡର ମୂଲ୍ୟ:** ₹୪୫,୬୧,୭୫,୬୩୬/-, ଇଏମ୍‌ଡି: ₹୪୫,୬୧,୭୬୦/-
ଟେଣ୍ଡର ଦାଖଲ: ତା୨୮।୦୮।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୮।୦୮।୨୦୧୯ରିଖ ୧୫.୦୦ ଘଟିକା।

କ୍ର.ସଂ. (୨) / ଇ-ଟେଣ୍ଡର ନଂ.: ଏସ୍‌ଇସିଆର୍ ଟିଏସ୍‌ଟିଓଏସ୍‌ଏଲ୍୦୮୧୯, ତାରିଖ: ୦୨।୦୮।୨୦୧୯
**କାର୍ଯ୍ୟ:** ବିଭିନ୍ନ ପ୍ରକାର ଟର୍ନଆଉଟ୍ ଏବଂ ସ୍ପେଶାଲ ପିଏସ୍‌ସି ସ୍ଲିପର୍ସର ବିନିର୍ମାଣ ଓ ଯୋଗାଣ। **ଟେଣ୍ଡର ମୂଲ୍ୟ:** ₹୨୦,୩୩,୯୯,୫୪୭.୩୦/-, ଇଏମ୍‌ଡି: ₹୨୦,୩୪,୦୦୦/-
ଟେଣ୍ଡର ଦାଖଲ: ତା୨୮।୦୮।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୮।୦୮।୨୦୧୯ରିଖ ୧୫.୦୦ ଘଟିକା।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: http://www.ireps.gov.in ଏବଂ http://www.secr.indianrailways.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର/ଟିଏସ୍
ପ୍ରିନ୍ସିପାଲ ଚିଫ୍ ଇଞ୍ଜିନିୟର
CPR/10/192 ଏସ୍.ଇ.ସି. ରେଳପଥ/ବିଲାସପୁରଙ୍କ ପାଇଁ
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail



**ପୂର୍ବ ତଟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ**

ଫାଇଲ୍ ନଂ.DRM/Engg/KUR/19-20/E-Tender/24, ତା.02.08.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-131-2019,ତା.29.07.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଟମକା-ଦୈତାରୀ ଷ୍ଟେସନ ମଧ୍ୟରେ କି.ମି.148/6-26 ଏବଂ କି.ମି. 149/18-24 ଠାରେ ସେସ୍ (Cess) ର ମରାମତି ଏବଂ ସୁକିନ୍ଦା ରୋଡ୍-ଜଖପୁରା ଷ୍ଟେସନ ମଧ୍ୟରେ ଫ୍ଲାଇ-ଓଭର ଲାଇନ୍‌ର କି.ମି.178/1-179/1 ଠାରେ ଟୋ ୱାଲ (Toe Wall) ର ବ୍ୟବସ୍ଥା ତଥା କି.ମି.179/1-181/7 ଠାରେ ସେସ୍ (Cess) ର ପ୍ରସ୍ତାବିତ ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 196.96 ଲକ୍ଷ, EMD : 2,48,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 5,900/-, ଶେଷ ହେବା ଅବଧି : 08 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-EAST-KUR-132-2019,ତା.25.07.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/I/କଟକ ପରିସୀମା ଅଧୀନସ୍ଥ ମଙ୍ଗୁଳି ଚୌଦ୍ୱାର ଏବଂ ଶ୍ରୀ ଝାଡ଼େଶ୍ୱର ରୋଡ୍ ଷ୍ଟେସନ ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍(FOB)ର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 194.30 ଲକ୍ଷ, EMD : 2,47,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 5,900/-, ଶେଷ ହେବା ଅବଧି : 08 ମାସ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-133-2019,ତା.30.07.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପରିମାଣ ନିର୍ଦ୍ଧାରିତ (Quantified) USFD କାର୍ଯ୍ୟର ବିହିଃସ୍ରୋତ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 118.43 ଲକ୍ଷ, EMD : 2,09,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 5,900/-, ଶେଷ ହେବା ଅବଧି : 12 ମାସ।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-134-2019,ତା.30.07.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଢେଙ୍କାନାଳ ପରିସୀମା ଅଧୀନରେ ରେଲଗୁଡ଼ିକର ପେଣ୍ଟିଙ୍ଗ୍, ERCs ର ଗ୍ରୀସିଙ୍ଗ୍ ଏବଂ ଲାଇନର କଣ୍ଟାକ୍ଟ ଏରିଆ(Liner Contact Area)ର ସିଲିଙ୍ଗ୍ ତଥା ଅନ୍ୟ ବିବିଧ କାର୍ଯ୍ୟସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 48.08 ଲକ୍ଷ, EMD : 96,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 3,540/-, ଶେଷ ହେବା ଅବଧି : 06 ମାସ।

(5) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-135-2019,ତା.30.07.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନରେ PSC ସ୍ଲିପରଗୁଡ଼ିକରେ ଗର୍ତ୍ତ ପାଇଁ ପ୍ରସ୍ତାବିତ ଡ୍ରିଲିଙ୍ଗ୍ (Drilling), ପ୍ରଚଳିତ ଗାର୍ଡ ରେଲଗୁଡ଼ିକର ନବୀକରଣ, ବାଲାଷ୍ଟେଡ୍ ଡେକ୍ ବ୍ରିଜ୍ ଏବଂ ଫୁଟ ଓଭର ବ୍ରିଜ୍ (FOB)ସ୍ଥାନଗୁଡ଼ିକରେ ଗାର୍ଡ ରେଲ୍ ଲଗାଇବା, ସିଲ୍‌ଡ ରେଲ ସ୍କ୍ରୁ ଏବଂ ERC ର ନିକାଶ, ସ୍ଲାଇଡ୍ ଚେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ତଥା ସଂରକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ P.Way କାର୍ଯ୍ୟ ସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 32.92 ଲକ୍ଷ, EMD : 67,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 3,540/-, ଶେଷ ହେବା ଅବଧି : 06 ମାସ।

(6) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-136-2019,ତା.30.07.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସର୍ପେଶ୍ୱର ପିଏଚ୍ ଷ୍ଟେସନ ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍ (3.0 ମିଟର ପ୍ରସ୍ଥ)ର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 150.89 ଲକ୍ଷ, EMD : 2,25,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 5,900/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-273/K/19-20



**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**TENDER NOTICE NO. : HWP/TAL/ADMIN/WELFARE/2019/02**

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, Odisha-759106, on behalf of the President of India from eligible Contractors for the work and details given below:

**NIT No. : HWP/TAL/ADMIN/WELFARE/2019/02, Name of the Work :** Annual Medical Examination of the employees of Heavy Water Plant, Talcher. **Estimated Cost :** Rs.4,92,300/-. **Earnest Money Deposit :** Rs.9,846/-. **Period of Completion :** 15 (Fifteen) Days. **Last Date and Time for receipt/opening of request for issue of Tender documents :** 09.08.2019 (1430 hrs.). **Last date and time of submission of Tender :** 21.08.2019 (1430 hours). The detailed NIT can be obtained from the website **www.hwb.gov.in.**



**AXIS BANK**

Registered Office: 'Trishul', 3rd Floor, Opp. Samartheswar Temple, New Law Garden, Ellisbridge, Ahmedabad-380006
Circle Office: Bhubaneswar

**NOTICE**

Notice is hereby given that the following persons have availed locker facilities from our Bank.

| Sl. No | BRANCH NAME / BRANCH ADDRESS | LOCKER NO. | NAME OF THE LOCKER HIRER(S) |
|---|---|---|---|
| 1 | Bhubaneswar // Satyanagar, Bhubaneswar-751007 | 1058 | Ram Chandra Behera |
| 2 | | 5274 | Sasmita Mohanty |
| 3 | | 4184 | Venkatesh Manikonda |
| 4 | | 8025 | Sagar Samantaray |
| 5 | | 5254 | Swatee Subhalaxmi Mohanty |
| 6 | | 10019 | Sapan Kumar Sethi |
| 7 | Cuttack // Badambadi, Cuttack- 753009 | 367 | Bighnaraj Das |
| 8 | | 365 | Bighnaraj Das |
| 9 | | 219 | Gautam Das |
| 10 | | 235 | Shakti Prasad Mishra |
| 11 | | 13 | Kamalakant Sahoo |
| 12 | Berhampur // Near Sales Tax Square, Berhampur, Ganjam-752001 | 159 | Sampa Haladar |
| 13 | | 53 | Seshadev Sahu |
| 14 | | 13 | Ajaya Kumar Mishra |
| 15 | | 241 | Dhiren Swain |
| 16 | Balasore // O.T. Road, Balasore- 756001 | 1085 | Minakhi Mohapatra |
| 17 | | 1072 | Akshaya Kumar Behera |
| 18 | | 1071 | Satyapriya Dash |
| 19 | | 1055 | Sabita Kumari Padhi |
| 20 | | 1050 | Rohit Gupta |
| 21 | | 2085 | Banaja Nanda |
| 22 | | 2045 | Rajkamal Kar |
| 23 | | 2026 | Tarinikanta Rout |
| 24 | Rourkela // Katchery Road, Rourkela- 769012 | 25 | Dipanjan Bir |
| 25 | | 56 | Jaspal Singh |
| 26 | | 41 | Ramesh Sharma |
| 27 | | 74 | Narendra Kumar Rungta |
| 28 | | 2025 | Padmamani Bidyadhar |
| 29 | | 23 | Priscilla Pattanayak |
| 30 | Angul // Main Road, Angul-759122 | 2010 | Suvit Kumar Dash |
| 31 | | 2024 | Dipak Kumar Sahu |
| 32 | | 3040 | Gyananjaya Bhutia |
| 33 | | 3004 | Chandrabhanu Dash |
| 34 | | 3039 | Rina Thamba |
| 35 | Sambalpur // V.S.S. Marg, Sambalpur- 768001 | 1025 | Minakshi Dwari |
| 36 | | 2031 | Jayanti Rakshit |
| 37 | | 2007 | Rahul Rakshit |
| 38 | | 2066 | Narayan Panda |
| 39 | | 2081 | Kishore Chejara |
| 40 | Chandrasekharpur, Bhubaneswar // Dist Centre, Chandrasekharpur-751016 | 14 | Munmun Mahapatra |
| 41 | | 50 | Manoj Kumar Nanda |
| 42 | | 3 | Manoj Kumar Nanda |
| 43 | | 2051 | Chandra Sekhar Chakraborty |
| 44 | | 2054 | Kaveri Patra |
| 45 | | 2001 | Sushanta Kumar Swain |
| 46 | | 3012 | Anshuman Thatoi |
| 47 | | 4028 | Arunava Banerjee |
| 48 | | 3043 | Renu Mafidar |
| 49 | | 5075 | Rashmee Rekha Mishra |
| 50 | Bhadrak // Salandi Bypass, Bhardak- 756100 | 1034 | Sanjaya Kumar Sahoo |
| 51 | | 2032 | Gitanjali Mandal |
| 52 | | 2010 | Aliva Tripathy |
| 53 | | 1015 | Dillip Kumar Gupta |
| 54 | Rayagada // New colony, Rayagada- 765001 | 2055 | Parvatani Venkata Pattabhi Ramu |
| 55 | | 2075 | Kintali Ashok Kumar |
| 56 | Kalpna Square, Bhubaneswar // Goutam Nagar, Bhubaneswar - 751014 | 2063 | Shailabala Aech |
| 57 | | 1082 | Bighnaraj Misra |
| 58 | | 1048 | Siba Dutta Das |
| 59 | | 1043 | Sangram Keshari Routray |
| 60 | | 2062 | Rajesh Goyal |
| 61 | | 1054 | Sanjeeb Kumar Sahu |
| 62 | | 2086 | Pallavi Rout |
| 63 | | 3009 | Choudhury Ashok Kumar |
| 64 | | 3060 | Hiranmayee Panda |
| 65 | | 3034 | Jyotiranjan Rout |
| 66 | | 3020 | Alok Mahapatra |
| 67 | | 5002 | Bibhuti Bhusan Acharya |
| 68 | | 5033 | Dipika Panda |
| 69 | | 2053 | Biswa Ranjan Mishra |
| 70 | Puri // Badasankha, Puri- 752001 | 2039 | Naresh Chandra Mohanty |
| 71 | | 3039 | Raghunath Sahoo |
| 72 | | 3030 | Soumitri Mahapatra |
| 73 | | 3069 | Rinku Mallick |
| 74 | | 2042 | Akash Behera |
| 75 | Jharsuguda // Jharsuguda - 768201 | 1062 | Padmakshi Samal |
| 76 | | 1023 | Udayanath Mohanty |
| 77 | | 2017 | Sushanta Sekhar Seth |
| 78 | Jajpur Road // Jajpur Road- 755019 | 1071 | Akshay Chandra Dash |
| 79 | Barbil // Bus stand, Barbil - 758035 | 1009 | Tushar H Pandya |
| 80 | | 1036 | Devashish Malakar |
| 81 | | 1018 | Dipak Padia |
| 82 | | 1075 | Manorama Dash |
| 83 | | 2057 | Rabindra Kumar Kushwaha |
| 84 | Bidanasi // Satichoura, Cuttack- 753002 | 1027 | Golam Jillani Khan |
| 85 | | 1017 | A B Auto |
| 86 | | 2032 | Chetna Taunk |
| 87 | | 3021 | Sarthak Mohanty |
| 88 | CRPF Square Bhubaneswar // IRC Village, Bhubaneswar- 751015 | 1082 | Ajay Kumar Motwani |
| 89 | | 1070 | Avinash Nanda |
| 90 | | 1058 | Vishnu Prasad Pani |
| 91 | | 1029 | Aroop Sundar Ray |
| 92 | | 2022 | Ramesh Chandra Mohanty |
| 93 | | 2021 | Sabita Rani Padhi |
| 94 | | 2039 | Binita Das |
| 95 | | 2028 | Sujit Misra |
| 96 | | 1040 | Nihar Ranjan Naik |
| 97 | | 1045 | Manoj Kumar Pradhan |
| 98 | Jeypore // Nr. Inspection Bunglow Jeypore-764001 | 1070 | Isani Satapathy |
| 99 | | 1058 | B Gupteshwara Rao |
| 100 | | 2005 | Khatija Begam |
| 101 | Bolangir // Bhagirathi Chowk Bolangir -767001 | 1054 | Duryodhan Patanga |
| 102 | | 2024 | Susanta Kumar Barad |
| 103 | | 2011 | Noor Mohammad Qurashi |
| 104 | | 2048 | Nilanchal Sethi |
| 105 | | 2009 | Sabyasachi Majhi |
| 106 | | 2047 | Abhinav Bharat Gartia |
| 107 | | 2010 | Kalakanhu Mahanand |
| 108 | Paradip // Bank Street Paradip - 754142 | 26 | Jyotirmayee Nayak |
| 109 | | 21 | Pradipta Kumar Swain |
| 110 | | 2070 | Shiva Prasad Sahoo |
| 111 | | 39 | Rupendra Kumar Biswal |
| 112 | Jatni // Nanglia complex Jatni - 752050 | 2059 | Jagadish Prasad Agrawala |
| 113 | | 2051 | Ashish Kumar Agrawal |
| 114 | | 1045 | Bishnu Prasad Mishra |
| 115 | Baripada // K. C. Circle Baripada - 757001 | 1030 | Lili Rout |
| 116 | | 1041 | Sachin Kumar Agarwal |
| 117 | | 2042 | Banani Dash |
| 118 | | 1013 | Laxmi Priya Barik |
| 119 | | 3046 | Tapana Kumar Panda |
| 120 | Sundargarh // Hospital Road Sundargarh-770001 | 1022 | Md. Firoz |
| 121 | | 1037 | Mukesh Patel |
| 122 | | 2066 | Kishor Chandra Dash |
| 123 | Nuapada // NH-217 Nuapada-766105 | 1037 | Santoshi Bag |
| 124 | | 1018 | Bhubaneswar Prasad Nayak |
| 125 | | 1013 | Madhu Sudan Nayak |
| 126 | Bhawanipatana // Statue Square Bhawanipatna-766001 | 18 | Prakash Kumar Agrawal |
| 127 | | 41 | Sujit Nayak |
| 128 | | 7 | Pragnya Paramita Jena |
| 129 | | 80 | Chinmaya Joshi |
| 130 | Panposh Road, Rourkela // Rourkela-769004 | 2037 | Kailash Chand |
| 131 | Kendrapara // Kendrapara-754211 | 64 | Aswini Prasad Dash |
| 132 | Rasulgarh, Bhubaneswar // Bomikhal Bhubaneswar-751010 | 30 | Amiya Ranjan Nayak |
| 133 | | 1044 | Radhamohan Pattnaik |
| 134 | | 51 | B Kalpana |
| 135 | | 1010 | Deepak Swamy |
| 136 | | 2009 | K N Balaji |
| 137 | Nayagarh // Khandapara Rd Nayagarh- 752069 | 1014 | Subhransu Sekhar Prusty |
| 138 | | 1013 | Abinash Mishra |
| 139 | Chandikhole // Sunguda Chandikhole- 754024 | 1018 | Taffizul J Shaikh |
| 140 | | 1042 | Somanatha Rout |
| 141 | Jajpur Town // Siteleswa Jajpur- 755101 | 1055 | Pravat Kumar Mohanty |
| 142 | | 2070 | Sailaja Kumar Panda |
| 143 | | 2029 | Bibhudatta Behera |
| 144 | Samantarapur, Bhubaneswar // 560,Lewis Rd Bhubaneswar-751002 | 2030 | SailabalaTripathi |
| 145 | | 3017 | Sunil Kumar Sahu |
| 146 | | 3062 | Sukalyani Pattanayak |
| 147 | | 42 | Debashreeta Debabarni |
| 148 | | 53 | Madhusmita Prusty |
| 149 | Nabarangpur // Arvind Marg Nabarangpur-764059 | 1050 | J Laxmi |
| 150 | | 2006 | Shreeyashree Pattnaik |
| 151 | | 1046 | Sheik Nazir |
| 152 | Nimapara // Dolabedichhak Nimapara 752106 | 44 | Golakabihari Nayak |
| 153 | | 18 | Satyanarayan Sahoo |
| 154 | Titlagarh // Bank Chhak Titlagarh- 767033 | 1004 | Gopinath Sahu |
| 155 | Jaleswar // Jaleswar-756032 | 1020 | Enayatullah Seikh |
| 156 | Gunupur // Main Road Gunupur - 765022 | 1037 | Rajendra Prushti |
| 157 | | 2085 | Pedina Dibya |
| 158 | | 1011 | Maningi Sujata |
| 159 | Sonepur // Sonepur-767017 | 1010 | Keshaba Pujahari |
| 160 | Koraput // Koraput- 764020 | 1074 | Prabhakar Rao |
| 161 | Janpath // Royal Hotels Pvt Ltd Bhubaneswar-751009 | 1036 | Dulali Tripathy |
| 162 | Umerkote // Umerkote-764073 | 1052 | Nitun Kabiraj |
| 163 | Huguli // Plot-439, Khata-22 Huguli - 756085 | 1052 | Subhas Chandra Dutta |
| 164 | | 1048 | Saroj Pradhan |
| 165 | Chatrapur // Main Rd Chatrapur-761020 | 10 | Sunil Tanaji Bagal |
| 166 | Vivekananda Marg, Balasore // Balasore- 756001 | 1012 | Ipsita Sahu |

They have failed and neglected in making payment of locker rentals to the Bank / not operated locker for a considerable period of time. Whereas the bank had issued several notices to them from time to time calling upon to make the payment of locker rentals/ operation of locker and/or close the locker facility(ies), which were duly acknowledged by them and/or returned undelivered.

Whereas as a last chance, Notice is hereby given that if the above persons fail to pay the arrears of locker rentals to the Bank / operate locker on **or before 21.08.2019**, the Bank shall break and open the locks of the locker at locker hirer's risk and responsibility, as per the Banking Law and Practice and take inventory of items, if any, lying in locker and keep the same in bank's custody until such time the arrears of rent along with interest, expenses, charges, etc. are paid to the bank. The Bank reserves the right to adjust the cash, if any found in the locker against the outstanding dues of the above persons to the Bank and it shall be treated as proper discharge on the part of the Bank and no claims, whatsoever, shall be entertained thereafter in this regard. For the balance dues of locker rentals, the Bank reserves its right to proceed legally against the locker hirer/s for recovery of its dues.

**Date: 07.08.2019, Place: Bhubaneswar** **Circle BBO Head, Axis Bank Ltd., Bhubaneswar Circle**

# ସମୟ ଗଡୁଛି, ସରୁନି ମାଷ୍ଟର ପ୍ଲାନ୍

ଜଗତ୍‌ସିଂହପୁର ଅଫିସ,୬।୮

ଦିନକୁ ଦିନ ଜଗତ୍‌ସିଂହପୁର ସହର ତା'ର କାୟା ବିସ୍ତାର କରିଚାଲିଛି। କିନ୍ତୁ ଏହା ଅସଜଡ଼ା ଭାବେ ସମ୍ପ୍ରସାରିତ ହେଉଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକଠାରୁ ଆରମ୍ଭ କରି ପରିମଳ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ ବିପର୍ଯ୍ୟସ୍ତ ହୋଇପଡୁଛି। ୨୦୧୭ରୁ ରାଜ୍ୟ ସରକାର ମାଷ୍ଟର ପ୍ଲାନ କରିବା ନେଇ ଟେଣ୍ଡର କରିଥିଲେ ସୁଦ୍ଧା ବିଳମ୍ବରେ ଅର୍ଥାତ୍ ୨୦୧୮ରେ ଏହା ଚୂଡାନ୍ତ ହୋଇଛି। ବାଙ୍ଗାଲୋରର ସ୍କାଏ ଗ୍ରୁପ ନାମକ ସଂସ୍ଥାକୁ ଯୋଜନା ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି) ସହ ରାଜିନାମା ସ୍ୱାକ୍ଷର କରିଛି। ରାଜିନାମା ଅନୁଯାୟୀ ସ୍କାଏ ଗ୍ରୁପ ୨୦୧୯ ଜୁଲାଇ ମାସ ଭିତରେ ଯୋଜନା ସାରିବା କଥା। ପରେ ଜେଆର୍‌ଆଇଟି ସ୍କାଏ ଗ୍ରୁପ୍ ସହାୟତାରେ ସମସ୍ତ ବିଭାଗ ସହ ବୈଠକ କରି ପରାମର୍ଶ ଲୋଡିବ। ଏପରି କି କର୍ମଶାଳା ତଥା ସେମିନାର କରାଯାଇ ବ୍ୟାପକ ଚର୍ଚ୍ଚା ହେବ। ଜନସାଧାରଣଙ୍କୁ ଅଭିଯୋଗ ଓ ପରାମର୍ଶ ପାଇଁ ସୁଯୋଗ ଦିଆଯିବ। ଏସବୁ ପ୍ରକ୍ରିୟା ପରେ ଚୂଡାନ୍ତ ମାଷ୍ଟର ପ୍ଲାନ ଘୋଷଣା ହେବ। କିନ୍ତୁ ଉକ୍ତ ସଂସ୍ଥା ଧାର୍ଯ୍ୟ ସମୟ ମଧ୍ୟରେ ମାଷ୍ଟର ପ୍ଲାନ୍‌ର ରୂପରେଖ ପ୍ରସ୍ତୁତ କରିପାରିନାହିଁ। ଏଥିପାଇଁ ଜେଆର୍‌ଆଇଟି ପକ୍ଷରୁ କେତେକ ତଥ୍ୟ ଯଥାଶୀଘ୍ର ଦେବାକୁ ଚିଠି ହୋଇଥିବା ଜଣାଯାଏ।

ସୂଚନା ଅନୁଯାୟୀ, ଓଡ଼ିଶା ଟାଉନ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନ ଜେଆର୍‌ଆଇଟି ଜଗତ୍‌ସିଂହପୁର ସହରର ଉନ୍ନୟନ ପାଇଁ ରହିଛି। ଧାର୍ଯ୍ୟ ସମୟ ମଧ୍ୟରେ ସ୍କାଏ ଗ୍ରୁପ ପ୍ଲାନ ପ୍ରସ୍ତୁତ କରିପାରି ନ ଥିବାରୁ ନିକଟରେ ଜେଆର୍‌ଆଇଟି ନିର୍ବାହୀ ଅଧିକାରୀ ଏହି ଗ୍ରୁପକୁ ୫ଟି ପ୍ରସଙ୍ଗରେ ଚିଠି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ଯେ, ୨୭।୫।୧୯ରେ ଟାଉନ ପ୍ଲାନିଂ ନିର୍ଦ୍ଦେଶକଙ୍କ ଭୁବନେଶ୍ୱରସ୍ଥିତ ଚାମ୍ବରରେ ହୋଇଥିବା ଆଲୋଚନା ଅନୁଯାୟୀ ତଥ୍ୟ ଦିଆଯାଉ। ପ୍ରଥମତଃ ପ୍ଲଟ ଅନୁଯାୟୀ ତାଲିକା ପ୍ରଦାନ କରାଯାଉ। କାରଣ ଓର୍‌ସାକ୍ ଦ୍ୱାରା ଜିଆଇଏସ୍ ଡାଟା ସଂଶୋଧନ କରିବା ସମ୍ଭବ ହୋଇପାରିବ। ସେହିପରି ରାଜସ୍ୱ ବିଭାଗ ସହ ଆଲୋଚନା ଓ କ୍ଷେତ୍ର ପରିଦର୍ଶନ ପରେ ସହରାଞ୍ଚଳରେ ପାର୍କ ପାଇଁ ଚିହ୍ନଟ ହୋଇଥିବା ଉପଯୁକ୍ତ ସ୍ଥାନ ସମ୍ପର୍କରେ ତଥ୍ୟ ଦିଆଯାଉ। ପରିଶ୍ରାଗାର ଓ ଘରର ପ୍ରକାର ସଂକ୍ରାନ୍ତୀୟ ତଥ୍ୟ ଆବଶ୍ୟକ। କାରଣ ଏହା ପୌର ପରିଷଦ ଓ ବ୍ଲକ କାର୍ଯ୍ୟାଳୟ ଦ୍ୱାରା ପୁନଃ ଅନୁଧ୍ୟାନ ହେବ। ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ସମ୍ପର୍କିତ ସର୍ଭେକ୍ଷଣ କରାଯାଇପାରେ। ସିଆର୍‌ଜେଡ୍ ମ୍ୟାପ ଚୂଡାନ୍ତ ପୂର୍ବରୁ ବନ ଓ ପରିବେଶ ବିଭାଗର ପରାମର୍ଶ ନିଆଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଗଲେ ବିଭାଗୀୟ କର୍ମଚାରୀମାନେ କ୍ଷେତ୍ରରେ ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ଦର୍ଶାଯାଇଛି। ଏସବୁ ସତ୍ତ୍ୱେ ସ୍କାଏ ଗ୍ରୁପ କେବେ ତଥ୍ୟ ଦେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ୨୬।୫।୧୮ରେ ସ୍କାଏ ଗ୍ରୁପ ମାଷ୍ଟର ପ୍ଲାନ କରିବ ବୋଲି ରାଜିନାମା ହୋଇଥିଲା। ଏହି ଅନୁଯାୟୀ ୨୩।୭।୧୯ ଭିତରେ ଏହି ସଂସ୍ଥା ମାଷ୍ଟର ପ୍ଲାନ ସାରିବା କଥା। କିନ୍ତୁ ଉକ୍ତ ସଂସ୍ଥା ସର୍ଭେକ୍ଷଣ ଜାରି ରଖିଥିବା କୁହାଯାଉଛି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ସହର ସମେତ ଏହି ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳର ୯୩ ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରେ ଜଗତ୍‌ସିଂହପୁର ପୌର ପରିଷଦ ସମେତ ଏହି ବ୍ଲକର ପୁନଙ୍ଗ, ପଳାଶୋଳ, ଝଁକଟି, ଯଶୋବନ୍ତପୁର, ସାଁପୁର, ତରଡ଼ାପଡ଼ା, ଓଡ଼ିଶୋ, ବଳରାମପୁର, ମୁଦୁପୁର, ମଣ୍ଡାସାହି ପଞ୍ଚାୟତକୁ ସାମିଲ କରାଯାଇଛି। ଏଥିରେ ରାସ୍ତା, ଡ୍ରେନ୍ ଭିତ୍ତିଭୂମି, ସହରାଞ୍ଚଳର ସ୍ଥିତି ଅନୁଧ୍ୟାନ କରାଯାଇ ସମସ୍ୟା ସମାଧାନର ବାଟ ବାହାର କରାଯିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍ ପ୍ଲାଟଫର୍ମରେ ରାଜସ୍ୱ କାଡାଷ୍ଟ୍ରିଆଲ ମ୍ୟାପ୍‌କୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ସ୍ଥାନ, ପାଣିପାଗ, ପ୍ଲଟ ଅନୁଯାୟୀ ଜମିର ବ୍ୟବହାର, ପରିବେଷଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଜନସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ଆର୍ଥିକ ସ୍ଥିତି ଓ ନିଯୁକ୍ତି, ପ୍ରଶାସନ, କୃଷି, ଖଣି, ଖାଦାନ ଆଦିକୁ ଦେଖାଯିବ। କେତେ ସାଧାରଣ ଓ ବସ୍ତି ବାସିନ୍ଦାଙ୍କ ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସୁବିଧା ଅଛି ତାହା ଅନୁଧ୍ୟାନ ହେବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ବର୍ଜ୍ୟବସ୍ତୁ ପରିଚାଳନା, ପର୍ଯ୍ୟଟନ ବିଷୟରେ ଧ୍ୟାନ ଦିଆଯିବ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ମାଇକ୍ରୋ ଲେଭଲ ଷ୍ଟଡି କରାଯିବ। କେଉଁ ପ୍ରକଳ୍ପ ବାଧ୍ୟତାମୂଳକ ଓ କେଉଁଟା ଇଛାଧୀନ, କେଉଁଟା ଦୀର୍ଘମିଆଦି ଓ କେଉଁଟା ସାମୟିକ ତାହା ଉପରେ ପ୍ରସ୍ତାବ ରହିବ। କିଛି ବି ଜମି ଯେପରି ଅଦରକାରୀ ନ ରୁହେ ତା ଉପରେ ଗୁରୁତ୍ୱ ଦିଆଯିବ। ଏସବୁକୁ ଦେଖି ଏକ ଉତ୍ତମ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ।

**ଅସଜଡ଼ା ଜଗତ୍‌ସିଂହପୁର ସହର**

- **ଅବଧି ମଧ୍ୟରେ ସରିଲାନି ଯୋଜନାର ରୂପରେଖ**
- **ପରିମଳ ଓ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ**

## ସଂକ୍ଷେପରେ

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ତିର୍ତ୍ତୋଲ,୬।୮(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ ନିମକଣା ଅଙ୍ଗନୱାଡ଼ି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ରଞ୍ଜନ କୁମାର ପରିଡା ପୌରୋହିତ୍ୟ କରିଥିଲେ। ଏହି ସପ୍ତାହ ପାଳନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରି ମା'କ୍ଷୀର ଶିଶୁ ପାଇଁ କିପରି ଉପଯୋଗୀ ସେ ସମ୍ପର୍କରେ କହିଥିଲେ। ଶିଶୁ ବିକାଶ ଅଧିକାରୀ ତନୁପ୍ରଭା ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପରିଦର୍ଶିକା ଯୋଗମାୟା ମହାନ୍ତି, ସ୍ମୃତିସୁଧା ବିଟ୍, ତିର୍ତ୍ତୋଲ ପରିଦର୍ଶିକା ନିଳିମା ସାହୁ, ଅଙ୍ଗନୱାଡ଼ି କର୍ମୀ କବିତା ସେଠୀ, ଜ୍ୟୋସ୍ନାରାଣୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା, ଶିଶୁ ପ୍ରଦର୍ଶନୀ, ପ୍ରସୂତି ଓ ଗର୍ଭବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

### ମଦ ଜବତ, ଜଣେ ଗିରଫ

ବାଲିକୁଦା,୬।୮(ସ୍ୱ.ପ୍ର.): ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ସୋମବାର ରାତିରେ ଚଢାଉ କରାଯାଇ ଚୋରା ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏରସମା ଥାନା ଅଶିଆ ଗ୍ରାମର କ୍ଷୀରୋଦ ମଣ୍ଡଳ। ତାଙ୍କଠାରୁ ୩ ଲିଟର ବିଦେଶୀ ମଦ ଜବତ ହୋଇଛି। କ୍ଷୀରୋଦ ଉକ୍ତ ଅଞ୍ଚଳରେ ଚୋରାମଦ କାରବାର କରୁଥିବା ଜିଲା ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଜିଲା ଅବକାରୀ ଅଧୀକ୍ଷକ ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ଅବକାରୀ ଏସଆଇ କୃଳମଣି ନାୟକ, ଏଏସଆଇ କୈଳାସ ଦାସ, କନ୍‌ଷ୍ଟେବଲ ହିମାଂଶୁ ନାୟକ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଅଶିଆ ଗାଁରେ ଚଢାଉ କରି କ୍ଷୀରୋଦଙ୍କୁ ଗିରଫ କରିଥିଲେ। ଏନେଇ ମାମଲା ନଂ.୨୬/୧୯ ରୁଜୁ ହୋଇଛି।

### କ୍ୟାନ୍‌ସର ପୀଡ଼ିତାଙ୍କ ଚିକିତ୍ସାରେ ଅର୍ଥ ବାଧକ

ତିର୍ତ୍ତୋଲ,୬।୮(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅଧୀନ ତାଳପଡ଼ା ପଞ୍ଚାୟତ ଖୁଣ୍ଟଳ ଗ୍ରାମର ପର୍ଶୁରାମ ସାହୁଙ୍କ ସ୍ତ୍ରୀ ବାସନ୍ତୀ(୫୫) କ୍ୟାନ୍ସର ରୋଗରେ ପୀଡିତ ହୋଇଥିବାବେଳେ ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ପର୍ଶୁରାମ ଜଣେ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଇଥାନ୍ତି। ଅର୍ଥ ନ ଥିବାରୁ ସେ ସ୍ତ୍ରୀଙ୍କ ଚିକିତ୍ସା କରାଇପାରୁ ନ ଥିବା ଦୁଃଖର ସହ କହିଛନ୍ତି। ଜିଲା ପ୍ରଶାସନ ତାଙ୍କୁ ସହଯୋଗର ହାତ ବଢାଇବାକୁ ସେ ଅନୁରୋଧ କରିଛନ୍ତି।

### ମା' ଜାଗୁଳାଇଙ୍କ ବାର୍ଷିକ ଉତ୍ସବ

ବାଲିଆ,୬।୮: ବିରିଡ଼ି ବ୍ଲକ ଶଢେଇଶାସନର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳାଇଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମା' ବୁଢିଜାଗୁଳାଇ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ଉତ୍ସବ ଅବସରରେ ସକାଳେ ଚଣ୍ଡୀପାଠ, ଦିବାନୀତି ଓ ସଙ୍କିର୍ତ୍ତନ ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ଭାଗବତ ପାଠ କରାଯାଇଥିଲା। ପରେ ମାତୃକୃପା ଭଜନ ସାଗର କଟକର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଉତ୍ସବରେ ଏମ୍‌ପି ଡା. ରାଜଶ୍ରୀ ମଲିକ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ଲିଙ୍ଗରାଜ ମଲ୍ଲ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ସରପଞ୍ଚ ପୁଷ୍ପ ପ୍ରକାଶ ପ୍ରଧାନ, ଅରବିନ୍ଦ ସାହୁ, ଦୁଃଶାସନ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଗୋପାଳ ଓଝା, ସରପଞ୍ଚ ଅମିତ ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ମାଛଚାଷ ପ୍ରଶିକ୍ଷଣ ଶିବିର

ବାଲିଆ,୬।୮

ବିରିଡ଼ି ବ୍ଲକ ମତ୍ସ୍ୟ ବିଭାଗ ତରଫରୁ ବ୍ଲକସ୍ତରୀୟ ମାଛଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିରିଡି ବ୍ଲକ ମତ୍ସ୍ୟ ଅଧିକାରୀ ମୋନାଲିସା ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବରିଷ୍ଠ ମତ୍ସ୍ୟ ଅଧିକାରୀ ଜୟନ୍ତ କୁମାର ନାୟକଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ଦାଶ, ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ବ୍ଲକ କୃଷି ଅଧିକାରୀ ପ୍ରଦୀପ ବେଉରା, ମାନସୀ ମଧୁଭାଷିନୀ ପଶାୟତ, ରଘୁନାଥପୁର ବ୍ଲକ କୃଷି ଅଧିକାରୀ ଅଭୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିରିଡି ବ୍ଲକ ଅଞ୍ଚଳରୁ ୭ ସ୍ୱୟଂ ସହାୟିକା ଗୋଷ୍ଠୀ, ରଘୁନାଥପୁର ବ୍ଲକରୁ ୪ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମାଛଚାଷ ତାଲିମ ଦିଆଯାଇଥିଲା। ମହିଳାମାନେ ମାଛଚାଷ କରି ସ୍ୱାବାବଲମ୍ବୀ ହେବା ସହ ନିଜର ଆର୍ଥିକ ସ୍ଥିତି ସୁଦୃଢ କରିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ୭ ତାରିଖରେ ଏହିସ୍ୱୟଂସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା କେନ୍ଦ୍ରକୁ ନିଆଯିବ ବୋଲି ଜଣାପଡିଛି। ଏହି ଅବସରରେ ମହିଳାମାନଙ୍କୁ କିଟ୍ ପ୍ରଦାନ କରାଯାଇଥିଲା।

# ୧୩୩ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ




କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ସମ୍ବିତ ରାଉତରାୟ ଓ ଅନ୍ୟ ଅତିଥିମାନେ।

ପାରାଦୀପ,୬।୮(ସ୍ୱ.ପ୍ର.)

ପାରାଦୀପ ପୌରପାଳିକା ପକ୍ଷରୁ ମଙ୍ଗଳବାରଠାରୁ ସ୍ୱାୟତ୍ତଶାସନ ଦିବସ ପୂର୍ବବର୍ତ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ନେହେରୁ ବଙ୍ଗଳା ୧ନଂ ୱାର୍ଡରେ ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ପୌର ସଫେଇ କର୍ମଚାରୀଙ୍କ ସମେତ ଠିକା କର୍ମଚାରୀ, ଜମାଦାର, ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ କାଉନସିଲରମାନେ ଉପସ୍ଥିତ ରହି ଏହା ତଦାରଖ କରିଛନ୍ତି। ବର୍ତ୍ତମାନ ବର୍ଷାଦିନିଆ ରୋଗ ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି ଆଦି ବ୍ୟାପିବାର ଭୟ ରହିଛି। ଏସବୁ ରୋଗର ବାହକ ମଶା, ମାଛି ଯେପରି ବଂଶ ବିସ୍ତାର ନ କରନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ସଫେଇ ଅଭିଯାନ ପରେ ମଧ୍ୟାହ୍ନରେ ପୌର ପ୍ରଶାସନିକ ଭବନରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ ପ୍ରଭାତୀ ନାୟକ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସମେତ କାଉନସିଲର ଓ ବିଧାୟକ ପ୍ରତିନିଧି ଉପସ୍ଥିତ ଥିଲେ। ଏଥର ୧୩୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ପୂର୍ବରୁ ୧୫୬୦ ଜଣଙ୍କୁ ଭତ୍ତା ବଣ୍ଟାଯାଇଛି। ସରକାରଙ୍କ ନିୟମାନୁସାରେ ଜନସଂଖ୍ୟାର ୪ ପ୍ରତିଶତ ଲୋକଙ୍କୁ ଭତ୍ତା ଦେବାର ପ୍ରାବିଧାନ ଅଛି। ପୌରାଞ୍ଚଳର ୬୮୩୧୦ ଜନସଂଖ୍ୟା ଅନୁସାରେ ୨୭ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହା ବଣ୍ଟନ କରାଯାଇପାରିବ। ଏବେ ପାଖାପାଖି ୧୭ ଶହ ଭତ୍ତା ହିତାଧିକାରୀ ହେଲେଣି। ଆଉ ଯେଉଁମାନେ ଭତ୍ତା ପାଇଁ ଯୋଗ୍ୟ ଥିବେ ସେମାନଙ୍କୁ ଆଗାମୀ ଦିନରେ ଚିହ୍ନଟ କରାଯାଇ ବଣ୍ଟନ କରାଯିବ ବୋଲି କୁହାଯାଇଛି।

## ନବନିର୍ମାଣ କୃଷକ ସଙ୍ଗଠନର ଦାବିପତ୍ର

କୁଜଙ୍ଗ,୬।୮(ସ୍ୱ.ପ୍ର.)

ନବନିର୍ମାଣ କୃଷକ ସଙ୍ଗଠନ କୁଜଙ୍ଗ ଶାଖା ପକ୍ଷରୁ କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ତହସିଲଦାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସଙ୍ଗଠନର ନେତା ବିଷ୍ଣୁ ସ୍ୱାଇଁଙ୍କ ନେତୃତ୍ୱରେ ସୋମବାର ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଚାଷ ପାଇଁ ଚାଷୀ ନେଇଥିବା କୃଷୀଋଣ ଛାଡ଼ କରିବା, ସମସ୍ତ ଚାଷୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, କେନାଲରୁ ପାଣି ପାଉ ନ ଥିବା ଚାଷୀଙ୍କୁ ଜଳକର ଛାଡ଼ କରିବା, କୁଜଙ୍ଗଠାରେ ଅଗ୍ରାଧିକାର ଭିତିରେ ଚାଷୀ ଓ ଅନ୍ୟମାନଙ୍କ ପାଇଁ ଶୌଚାଳୟ, ବିଶ୍ରାମାଗାର ଆଦି ନିର୍ମାଣ କରିବାକୁ ଦାବି କରାଯାଇଛି। ଏହି ସମୟରେ ସିପିଆଇନେତା ବାବୁରାମ ଚୌଧୁରୀ, ବାସୁଦେବ ରାଉତ, ବୀରେନ୍ଦ୍ର କୁମାର ବିଶ୍ୱାଳ, ଶିବ କୁମାର ରାଉତ, ଜାନକୀ ମହାରଥା, ନିଶାକର ମୁଦୁଲି, ପ୍ରମୋଦ କୁମାର ଜେନା, ଦେବୀପ୍ରସାଦ ପଟ୍ଟନାୟକ, ନଟବର ସେଣ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ

କୁଜଙ୍ଗ,୬।୮(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ସମାଗୋଳସ୍ଥିତ ବିଜୟ ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡ. ହେମନ୍ତ କୁମାର ମୁଦୁଲିଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସଫେଇ କରିଥିଲେ।

# ମାଗି ନେତ୍ରାନନ୍ଦ ସ୍ମୃତି ପରିଷଦର ପ୍ରତିଭା ସମ୍ମାନ

କୁଜଙ୍ଗ,୬।୮(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ୍ ସନ୍ତରା ଗ୍ରାମର ଦାତବ୍ୟ ଅନୁଷ୍ଠାନ ମାଗି ନେତ୍ରାନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସ୍ୱର୍ଗତ ଧରଣୀଧର ସାମନ୍ତରାୟଙ୍କ ମାତା ମାଗି ସାମନ୍ତରାୟ ଓ ପିତା ନେତ୍ରାନନ୍ଦ ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ହେଉଥିବା ଏହି କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ ତଥା ପରିଷଦର ସଭାପତି ନଳିନୀପ୍ରଭା ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ଝିମାଣୀସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୧୯ର ଶ୍ରେଷ୍ଠ ଦୁଇ ଛାତ୍ର ସୁବ୍ରତ କୁମାର ଲେଙ୍କା ଓ ମୃତ୍ୟୁଞ୍ଜୟ ବେହେରାଙ୍କୁ ପ୍ରତିଭା ସମ୍ମାନ ସ୍ୱରୂପ ମାନପତ୍ର ସହ ନଗଦ୍ ୫୦୦୦ଟଙ୍କା ଦିଆଯାଇଥିଲା। ଧରଣୀଧର ସାମନ୍ତରାୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ତାଙ୍କ ପ୍ରତିଷ୍ଠିତ ପରିଷଦ ପକ୍ଷରୁ ସ୍ମୃତି ଚାରଣ କରାଯିବା ସହ ବହୁବିଧ କାର୍ଯ୍ୟକ୍ରମ କରାଯାଇଥିଲା। ଜ୍ୟୋସ୍ନାମୟୀ ବିଶ୍ୱାଳ, ବିନୋଦିନୀ ସାହାଣୀ, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସୂତାର, ଜ୍ୟୋତିର୍ମୟୀ ସାମନ୍ତରାୟ, ପରିଷଦର ସମ୍ପାଦକ ସୁବୋଧ ସାମନ୍ତରାୟ, ସୁଧୀର ସାମନ୍ତରାୟ, ସାଗରିକା ଧର, ଅନୀତା ସିଂହ, ପ୍ରଶାନ୍ତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ଛାତ୍ରଙ୍କୁ ମାଗି ନେତ୍ରାନନ୍ଦ ସ୍ମୃତି ପରିଷଦର ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

# ବର୍ଷା ପରେ ସାରକୁ ନେଇ ଚିନ୍ତାରେ ଚାଷୀ

କୁଜଙ୍ଗ,୬।୮(ସ୍ୱ.ପ୍ର.)

ଚଳିତବର୍ଷ ବର୍ଷା ଅଭାବରୁ ଯଦିଓ ଚାଷକାର୍ଯ୍ୟ ବହୁ ମାତ୍ରାରେ ପଛେଇଯାଇଛି, ତେବେ ଗତ ଦୁଇଦିନ ଧରି ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ମନରେ ଉତ୍ସାହ ଭରିଦେଇଛି। କୁଜଙ୍ଗ ଅଞ୍ଚଳରେ ବହୁ ଚାଷୀ ଟ୍ରାକ୍ଟର ଓ ପାୱାର ଟିଲରରେ ଧାନ ରୋଇବା ପାଇଁ ଜମି କାଦୁଅ କରୁଛନ୍ତି। ତେବେ ବର୍ତ୍ତମାନ ସାର ଅଭାବ ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଗୋଟିଏ ପଟେ କୃଷି ଶ୍ରମିକଙ୍କ ଅଭାବ ଓ ଅନ୍ୟପଟେ ବଜାରରେ ସାରର ଚଢା ଦର ଚାଷୀଙ୍କୁ ଅଡୁଆରେ ପକାଇଛି। ସେହିପରି ଗ୍ରାମାଞ୍ଚଳରେ ଥିବା ସାର ବ୍ୟବସାୟୀମାନେ ମଧ୍ୟ ମନଇଚ୍ଛା ଦରରେ ସାର ବିକ୍ରି କରୁଛନ୍ତି। ବିନା ଲାଇସେନ୍ସରେ ବହୁ ଖୁଚୁରା ବ୍ୟବସାୟୀ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ସାରର କୃତ୍ରିମ ଅଭାବ ଦେଖାଦେଇଥିବା ଚାଷୀ ନେତା ଦେବ ପଟ୍ଟନାୟକ କହିଛନ୍ତି। ତେଣୁ ସମବାୟ ସମିତି ମାଧ୍ୟମରେ ସାର ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ସ୍କୁଲ ପିଲାଙ୍କୁ ପଢ଼ାଇଲେ ଜିଲାପାଳ

ତିର୍ତ୍ତୋଲ,୬।୮(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମଙ୍ଗଳବାର ଅଚାନକ ତିର୍ତ୍ତୋଲ ମଣିଚରଣ ସାରଳା ଏକାଡେମୀ ପରିଦର୍ଶନ କରିବା ସହ ଶ୍ରେଣୀଗୃହରେ ପିଲାମାନଙ୍କୁ ଶିକ୍ଷାଦାନ କରିଛନ୍ତି। ପ୍ରକାଶ ଯେ, ବିନା କୌଣସି ସୂଚନାରେ ପୂର୍ବାହ୍ନରେ ଜିଲାପାଳ ଉକ୍ତ ସ୍କୁଲରେ ପହଞ୍ଚିଯାଇଥିଲେ। ଏହା ପରେ ଶ୍ରେଣୀଗୃହକୁ ଯାଇ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ୬ଷ୍ଠ ଓ ୯ମ (କ) ଶ୍ରେଣୀ କକ୍ଷକୁ ଯାଇ ପିଲାମାନଙ୍କୁ ଗଣିତ ସମେତ ଅନ୍ୟାନ୍ୟ ବିଷୟରେ ପାଠ ପଚାରି ଥିଲେ। ଏପରି କି କଳାପଟାରେ ପ୍ରଶ୍ନଲେଖି ଉତ୍ତରମଧ କହିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ କରଙ୍କ ସହ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାୟ ୧୦ ମିନିଟ ସ୍କୁଲ ପରିସରରେ ରହି ଫେରିଯାଇଥିଲେ।



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି।

**ପାରାଦୀପରେ ପ୍ରଦୂଷଣ ନିୟନ୍ତ୍ରଣ ଚିନ୍ତା**

# ରୁଦ୍ଧଦ୍ୱାର ବୈଠକରେ ହେଲା ସମୀକ୍ଷା

ପାରାଦୀପ,୬।୮(ସ୍ୱ.ପ୍ର.)

ବନ୍ଦର ଭିତ୍ତିକ ଶିଳ୍ପ ସହର ପାରାଦୀପ ଦେଶର ଅତ୍ୟଧିକ ପ୍ରଦୂଷିତ ସହର ତାଲିକାରେ ରହିଛି। ପାରାଦୀପକୁ ଯୋଗାଣ ହେଉଥିବା ପାଣି ପିଇବା ଓ ଗାଧୋଇବା ଅନୁପଯୁକ୍ତ। ଏଠାରେ ଧୂଳି ଧୂଆଁ ଆସ୍ତରଣ ଧାର୍ଯ୍ୟ ପାରାମିଟର (ପିଏମ୍-୧୦)ଠାରୁ ଦଶଗୁଣା ଅଧିକ ବୋଲି ଖୋଦ୍ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୧୭ ଅକ୍ଟୋବରରୁ ଘୋଷଣା କରାଯାଇଛି। ଏଭଳି କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ନିୟନ୍ତ୍ରଣ ଦାବିରେ ସ୍ୱେଚ୍ଛାସେବୀ ସଙ୍ଗଠନ ପାରାଦୀପ ନାଗରିକ ମଞ୍ଚ ପକ୍ଷରୁ ଗତ ଫେବୃୟାରୀ ୮ରୁ ୧୨ ପର୍ଯ୍ୟନ୍ତ ଧୂଳି ସତ୍ୟାଗ୍ରହ କରାଯାଇଥିଲା। ପ୍ରକୃତିବନ୍ଧୁ ଅୟସକାନ୍ତ ରାୟ ଅନଶନ କରିବାରୁ ଜିଲା ପ୍ରଶାସନ ୨ ମାସ ମଧ୍ୟରେ ଏକ କମିଟି ଗଠନ କରି ସମୀକ୍ଷା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ତେବେ ଏହାର ୭ମାସ ପରେ ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ପାରାଦୀପରେ ରୁଦ୍ଧଦ୍ୱାର ବୈଠକ କରାଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଡିଏମ୍ କାହ୍ନୁଚରଣ ଧିର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା, ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ଓ କମିଟିରେ ସଦସ୍ୟ ହୋଇଥିବା ୩ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକ ଶେଷରେ ଜିଲାପାଳ ମହାପାତ୍ର କହିଲେ ଯେ, ପାରାଦୀପରେ ପ୍ରଦୂଷଣ କମୁଛି। ତଥାପି ନିୟମିତ ଯାଞ୍ଚ ପାଇଁ ଏହି କମିଟି ପ୍ରତି ମାସରେ ଥରେ ବସିବ ଓ ପ୍ରଦୂଷଣ ମାତ୍ରା ସମୀକ୍ଷା କରାଯିବ। ପାରାଦୀପ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ରହିଥିବା ସମ୍ପର୍କରେ ପଚାରିବାରେ ସେ ଏ ସମ୍ପର୍କରେ ଜାଣି ନ ଥିବା ଓ ତର୍ଜମା କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ପ୍ରଦୂଷଣ ନିୟନ୍ତ୍ରଣର ପ୍ରମୁଖ ଉପାୟ ହେଲା ବୃକ୍ଷରୋପଣ। ପ୍ରତ୍ୟେକ ଶିଳ୍ପସଂସ୍ଥା ସେମାନଙ୍କ ମୂଳ ଜାଗାର ୩୩ ପ୍ରତିଶତ ଅଞ୍ଚଳରେ ସବୁଜ ବଳୟ କରିବାକୁ ନିୟମ ରହିଛି। କିନ୍ତୁ ପାରାଦୀପରେ ଥିବା ୧୫ ବୃହତ୍ ଶିଳ୍ପସଂସ୍ଥା ମଧ୍ୟରୁ ୨୦୧୮ ସୁଦ୍ଧା କୌଣସି ଗୋଟିଏ ବି ସଂସ୍ଥା ଏହା କାର୍ଯ୍ୟକାରୀ କରିନାହାନ୍ତି। ଏ ବିଷୟରେ ଜିଲାପାଳ କହିଲେ ଯେ ବନ ବିଭାଗକୁ କୁହାଯିବ ସେମାନେ ଆଉଥରେ ଯାଞ୍ଚ କରି ରିପୋର୍ଟ ଦେବେ। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନ ୧୨ଟାରେ ଏହି ବୈଠକ ବସିଥିଲା। ଠିକ୍ ସେହି ସମୟରେ ବିଧାୟକ ସମ୍ବିତ ରାଉତରାୟ ପୌର ପ୍ରଶାସନିକ ଭବନରେ ଭତ୍ତା ବାଣ୍ଟୁଥିଲେ। କିନ୍ତୁ ଉକ୍ତ ବୈଠକକୁ ବିଧାୟକଙ୍କୁ ଡକାଯାଇ ନ ଥିଲା। ପାରାଦୀପ ପୌରପାଳିକା ରାଜ୍ୟ ପ୍ରଦୂଷଣ ନିନ୍ତନ୍ତ୍ରଣ ବୋର୍ଡର ଏକ ସ୍ଥାୟୀ ସଦସ୍ୟ। ଉକ୍ତ ସଂସ୍ଥାକୁ ମଧ୍ୟ ଏହି ବୈଠକକୁ ଡକାଯାଇ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ବିଧାୟକ ରାଉତରାୟ ବିରକ୍ତି ପ୍ରକାଶ କରିବା ସହ କହିଲେ ଯେ, ଏହା ପ୍ରଶାସନର ଏକପାଖିଆ ନିଷ୍ପତ୍ତି। ମୁଁ ଏ ବିଷୟ ଉଚିତ୍ ଜାଗାରେ ଉଠାଇବି। ଦରକାର ହେଲେ ଆଉ ଥରେ ବୈଠକ ହେବ ଓ ସମସ୍ତଙ୍କୁ ନେଇ ଆଲୋଚନା କରାଯିବ। ଅନ୍ୟ ଏକ ପ୍ରସଙ୍ଗ ହେଲା ଏଭଳି ଏକ ବୈଠକ ୨୦୧୭ ଏପ୍ରିଲ୍‌ରେ ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ କରିଥିଲେ। ସେତେବେଳେ ପ୍ରମୁଖ ବଡ଼ କମ୍ପାନୀଗୁଡିକୁ ମୁଖ୍ୟ ରାସ୍ତାରେ ଉଡୁଥିବା ଧୂଳି ସଫା କରିବା ପାଇଁ କୁହାଯାଇଥିଲା। କିଛି ଦିନ ସଫା ହେଲା। କିନ୍ତୁ ପରେ ବନ୍ଦ ହୋଇଗଲା। ଏବେ ପୁଣି ସେଭଳି ବୈଠକ ହେବା ପରେ ପ୍ରଦୂଷଣ ନିୟନ୍ତ୍ରଣ ହେଉଛି କି ନାହିଁ ତାହା ଦେଖିବାକୁ ରହିଲା।

- **ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା**
- **ପ୍ରଦୂଷଣ କମୁଥିବା କହିଲେ ଜିଲାପାଳ**

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

ରାଜନଗର, ୬।୮ (ଡି.ଏନ.ଏ.): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଡିଅର ଗାଁରେ ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୫ ବଖରା ପୋଡି ପାଉଁଶ ହୋଇଯାଇଛି। ଗାଁର ଗନ୍ଧର୍ବ ବିଶ୍ୱାଳ ଓ ଧ୍ରୁବ ବିଶ୍ୱାଳଙ୍କ ଘରେ ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା।ଏଥିରେ ଘର ସମେତ ଧାନ, ଚାଉଳ ଓ ସମସ୍ତ ଘରକରଣା ଆସବାବପତ୍ର ପୋଡି ଯାଇଥିଲା। ଖବରପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିପନ୍ନ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସରପଞ୍ଚ ଜୁମର କୁମାର ସ୍ୱାଇଁ ଦାବି କରିଛନ୍ତି।

### ସପନେଶ୍ୱର ମହାବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର

ରାଜନଗର, ୬।୮ (ଡି.ଏନ.ଏ.) : ରାଜନଗର ବ୍ଲକ ବାରହାପୁରସ୍ଥିତ ସପନେଶ୍ୱର ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ଗୋକୁଳ ଚନ୍ଦ୍ର ବେହେରାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏହି ଶିବିରର ଆୟୋଜନ କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୩୦ଜଣ ଚକ୍ଷୁରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୦ଜଣଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଶିବିରରେ କଟକ ବିଡାନାସୀର ଜେପିଏମ ନୋଟାରୀ ଆଇ ହସ୍ପିଟାଲର ୫ଜଣ ଚକ୍ଷୁ ବିଶେଷଜ୍ଞ ଚକ୍ଷୁ ପରୀକ୍ଷା କରିଥିଲେ। ପରେ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଅଭିନ୍ନ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ସାହୁ, କବି ହେମନ୍ତ କୁମାର ରାଉତ, ଶିକ୍ଷାବିତ ଉମେଶ ଚନ୍ଦ୍ର ଜେନା, ନିରଞ୍ଜନ ରାଉତ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଅଧାପକ ଦିଲିପ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଞ୍ଜନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବନେତା ସଂଗ୍ରାମ କେଶରୀ ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପିକା ଅଧାପକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

### ଜମି ଦଖଲ ପାଇଁ ଠାକୁରଙ୍କ ନାମରେ ଜାଲିଆତି ଅଭିଯୋଗ



କେନ୍ଦ୍ରାପଡା ଅଫିସ, ୬।୮: କେନ୍ଦ୍ରାପଡ଼ା ସହରର ଗୁଲନଗରସ୍ଥିତ ବୁଢ଼ା ଗୋବିନ୍ଦଜୀଉଙ୍କ ସମ୍ପତ୍ତି ଦଖଲ ପାଇଁ କେତେଜଣେ ଜବରଦଖଲକାରୀ ଠାକୁରଙ୍କ ନାମରେ ଜାଲିଆତି କରିଛନ୍ତି। ଏ ନେଇ ଦେବୋତ୍ତର ବିଭାଗରେ ହୋଇଥିବା ମାମଲାରେ ଏହା ସ୍ପଷ୍ଟ ହୋଇଯିବ ବୋଲି ଗୁଲନଗରବାସୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗୁଲନଗର ସରପଞ୍ଚ ପୀତବାସ ବେହେରା, ଦେବୋତ୍ତର ବିଭାଗରେ ମାମଲା କରିଥିବା ଅଭିଯୋଗକାରୀ ବାବାଜୀ ସାହୁ କହିଛନ୍ତି, ବୁଢ଼ା ଗୋବିନ୍ଦଜୀଉ ଗୁଲନଗରବାସୀଙ୍କ ଇଷ୍ଟଦେବ। ତାଙ୍କ ନୀତିକାନ୍ତି ପାଇଁ ବିଭିନ୍ନ ସ୍ଥାନରେ ଜମି ରହିଛି। ତେବେ ସମ୍ପୃକ୍ତ ବ୍ୟକ୍ତିମାନେ ଏହି ଜମିକୁ ନିଜ ଦଖଲରେ ରଖି ଶ୍ରୀଜୀଉଙ୍କ ଦେୟ ଦେଉନାହାନ୍ତି। ଏନେଇ ଗ୍ରାମର ବାବାଜୀ ସାହୁ ଦେବୋତ୍ତର ବିଭାଗରେ ମାମଲା ରୁଜୁ କରିଛନ୍ତି। ମାମଲାର ତଦନ୍ତ କ୍ରାଇମ ବ୍ରାଞ୍ଚ ଓ ତହସିଲଦାର କରିଛନ୍ତି। ତେବେ ଏହି ଜବରଦଖଲକାରୀମାନେ ଜୈନିକ ବ୍ୟକ୍ତିଙ୍କ ଗୃହ ଦେବତାଙ୍କୁ ଜମିର ମାଲିକ ଦର୍ଶାଇ ୨୦୧୪ରେ ଏକ ଟ୍ରଷ୍ଟ ବୋର୍ଡ ଗଠନ କରି ମାମଲାକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ସଫଳ ହେବ ନାହିଁ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଗୁଲନଜରର ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ।

## ■ କେନାଲରେ ପାଣି ପାଇଁ ଦାବି

# ଚାଷୀଙ୍କ ପକ୍ଷରୁ ଓରତ-ଅଙ୍ଗୁଳାଇ ରାସ୍ତା ଅବରୋଧ

ମାର୍ଶାଘାଇ,୬।୮ (ଡି.ଏନ.ଏ.)

ଶ୍ରାବଣ ମାସ ସରିବାକୁ ବସିଥିଲେ ମଧ୍ୟ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମାର୍ଶାଘାଇ ଅଞ୍ଚଳରେ ଚାଷକାମ ଆଗେଇପାରୁନାହିଁ। ତଳି ରୋଇବାକୁ ଚାଷୀ କେନାଲ ପାଣିକୁ ଅପେକ୍ଷା କରିଥିବା ବେଳେ ପାଣି ଆସିନାହିଁ। ଅଦ୍ୟାବଧି କେନ୍ଦ୍ରାପଡା ୫(ଏ) ଶାଖା କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚି ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଶତାଧିକ ଚାଷୀ ମଙ୍ଗଳବାର ସକାଳୁ ଆନ୍ଦୋଳନକୁ ଓହ୍ଲାଇଥିଲେ । ଓରତ-ଅଙ୍ଗୁଳାଇ ରାସ୍ତାର ପସ୍ତା ଛକରେ ଅଙ୍ଗୁଳାଇ, କୁହୁଡି, ରାଜଗଡ ପ୍ରଭୃତି ପଞ୍ଚାୟତର ଚାଷୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଯାତ୍ରୀବାହୀ ବସ୍, ଟେମ୍ପୋ, ଟ୍ରକ ଅଟକି ରହିଥିଲା। ଦୁଇ ଚକିଆ ଯାନକୁ ମଧ୍ୟ ଆନ୍ଦୋଳନରତ ଚାଷୀମାନେ ଛାଡି ନ ଥିଲେ। ଫଳରେ ସ୍କୁଲ ,କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ଅଟକି ରହିଥିଲେ। ଖବରପାଇ ସକାଳ ୯ଟା ବେଳକୁ ଜଳସମ୍ପଦ ବିଭାଗ କେନ୍ଦ୍ରାପଡାର ଉପ ନିର୍ବାହୀ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ,ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ମଲିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରି ଆଲୋଚନା କରିଥିଲେ। ପରେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ପହଞ୍ଚି ଥିଲେ। ଆଲୋଚନା ବେଳେ ଏହି କେନାଲର ଉପରମୁଣ୍ଡ ଶ୍ୟାମସୁନ୍ଦରପୁର ଠାରୁ ସଙ୍ଗେ ସଙ୍ଗେ ପାଣି ଛଡା ଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୁଧବାର ଅରଖିଆ, ବରେଇ, ପସ୍ତା, କୁରୁଡୁଙ୍ଗା, ଜରିପଡା, ନେମ୍ବରା ପ୍ରଭୃତି ଗ୍ରାମ ପର୍ଯ୍ୟନ୍ତ କେନାଲରେ ପାଣି ପହଞ୍ଚିବ ବୋଲି ସହକାରୀ ଯନ୍ତ୍ରୀ ମଲିକ କହିଥିଲେ । ସପ୍ତାହକୁ ୪ ଦିନ ଏହି କେନାଲରେ ପାଣି ଦିଆଯିବ, ପାଣି ଠିକ ଭାବେ ତଳମୁଣ୍ଡକୁ ଆସୁଛି କି ନାହିଁ ତାହା ଦେଖି ଆସନ୍ତା ରବିବାର ଚାଷୀ ପ୍ରତିନିଧିମାନଙ୍କୁ ଡାକି ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ଚାଷୀ ପ୍ରତିନିଧି ଉମାକାନ୍ତ ଦାସ, ଅଭୟ ମନ୍ତ୍ରୀ, ବିଶ୍ୱରଞ୍ଜନ ପରିଡା,ରଶ୍ମିରଞ୍ଜନ ପୃଷ୍ଟି, ରମେଶ ଦାସ, ଶଙ୍କର୍ଷଣ ପରିଡା, ଦିଲିପ କୁମାର ମଲ୍ଲ,ମମତା ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଆଲୋଚନା ସମୟରେ ନେମ୍ବରା ରାଜସ୍ୱ ସର୍କଲ ନିରୀକ୍ଷିକା ପୁଷ୍ପଲତା ମହାପାତ୍ର,ସହକାରୀ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ ଉପସ୍ଥିତ ଥିଲେ। ଚାଷୀ ବୈଷ୍ଣବ ପରିଡା, ପଦ୍ମନାଭ ପରିଡା, ଗଗନ ମନ୍ତ୍ରୀ, ଇନ୍ଦ୍ରମଣି ପରିଡା, ଅଜାମ୍ବର ସ୍ୱାଇଁ, ଗୌତମ ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁ, ବିଚିତ୍ର ଦାସ, ସଞ୍ଜୟ ସାହୁ,ସଞ୍ଜୟ ଦାସ,ତାପସ ପରିଡାଙ୍କ ସମେତ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନାଥାଉ କି,ଏହି କେନାଲ କେନ୍ଦ୍ରାପଡା ଶ୍ୟାମସୁନ୍ଦରପୁର ଠାରୁ ବାହାରି ୧୨ କିଲୋମିଟର ଦୂର ମାର୍ଶାଘାଇ ବ୍ଲକର ନେମ୍ବରା ପର୍ଯ୍ୟନ୍ତ ଯାଇଛି। ପ୍ରାୟ ୮ କିଲୋମିଟର ଦୂର ଚକରପୁର ପର୍ଯ୍ୟନ୍ତ ପାଣି ଆସି ପାରୁଥିବା ବେଳେ ଅବଶିଷ୍ଟ ୪ କିମି ଅରଖିଆ, ବରେଇ, ଜରିପଡା, କୁରୁଡୁଙ୍ଗା, ପସ୍ତା, ନେମ୍ବରା ପ୍ରଭୃତି ଗ୍ରାମର ଚାଷୀମାନେ କେନାଲ ପାଣି ପାଇ ପାରୁନାହାନ୍ତି। ରାଜସ୍ୱ ଦେଉଥିଲେ ହେଁ ପାଣି କେନାଲରେ ନ ଆସିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।



ଓରତ-ଅଙ୍ଗୁଳାଇ ରାସ୍ତାର ପସ୍ତା ଛକରେ ଟାୟାର ଜାଳି ରାସ୍ତା ଅବରୋଧ।

## ମଧ୍ୟାହ୍ନଭୋଜନ ଖାଇଲେ ଜିଲାପାଳ

ରାଜକନିକା, ୬।୮ (ଡି.ଏନ୍.ଏ.)

ରାଜକନିକା ବ୍ଲକ ଅଧୀନ ଆରଏନ୍ ହାଇସ୍କୁଲରେ ମଙ୍ଗଳବାର ସବୁଜ ବାହିନୀ ପକ୍ଷରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏଥିରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ସହ ବୃକ୍ଷରୋପଣ କରିବା ସହ ପିଲାଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀ ଗୃହର ଅଭାବ ରହିଥିବା ନେଇ ପ୍ରଧାନଶିକ୍ଷକ ଜିଲପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଲାଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ନଳକୂପ ଯୋଗାଇ ଦେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ବିଦ୍ୟାଳୟ ନିମନ୍ତେ ଏକ ନୂତନ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଏହି ଗସ୍ତ ସମୟରେ ରାଜକନିକା ବ୍ଲକ ବିଡିଓ ଡି.ଏସ. ଶୁଭଦର୍ଶନୀ ଯୋଶୀ, ରାଜକନିକା ବ୍ଲକ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ, ପ୍ରଧାନ ଶିକ୍ଷକ ପରମାନନ୍ଦ ଦାସ ,ପରିବେଶବିତ୍ ହେମନ୍ତ କୁମାର ଦାସ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ଜିଲାପାଳଙ୍କ କଚେରି ପୋଖରୀ ପରିଦର୍ଶନ

ପଟ୍ଟାମୁଣ୍ଡାଇ, ୬।୮ (ସ୍ୱ.ପ୍ର.)

ଜମିଦାର ଅମଳରୁ ଖନନ ହୋଇଥିବା ପଟ୍ଟାମୁଣ୍ଡାଇ କଚେରି ପୋଖରୀ ଏବେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି । ଏଥି ନେଇ କଟକ ସ୍ଥାୟୀ ଲୋକ ଅଦାଲତରେ ଦାୟର ହୋଇଥିବା ପିଏଲ୍ଏ ମାମଲାର ରାୟରେ ପୋଖରୀର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ପଟ୍ଟାମୁଣ୍ଡାଇ କଚେରୀ ପୋଖରୀ ପରିଦର୍ଶନ କରି ଯଥାଶୀଘ୍ର ଅଳିଆ ଆବର୍ଜନା ସଫା କରିବା ସହ ପୋଖରୀକୁ କିପରି ବ୍ୟବହାର ଉପଯୋଗୀ କରାଯିବ ସେ ନେଇ ସ୍ଥାନୀୟ ତହସିଲଦାର ଶରତ କୁମାର ଗିରି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ । ସ୍ଥାନୀୟ ଜନସାଧାରଣ ମଧ୍ୟ କଚେରୀ ପୋଖରୀର ପୁନରୁଦ୍ଧାର ପାଇଁ ଜିଲାପାଳଙ୍କୁ ଭେଟି ଦାବି କରିଥିଲେ । ଏହି ପୋଖରୀର ଉନ୍ନତି ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ବର୍ମା କହିଥିଲେ । ସୂଚନାଯୋଗ୍ୟ ଯେ, ୧ ଏକର ୨୫ ଡେସିମିଲ ପରିମିତ ଏହି ପୋଖରୀରେ ଗତ ୩ ବର୍ଷ ହେବ ମ୍ୟୁନିସିପାଲିଟି ପକ୍ଷରୁ ଅଳିଆ ଆବର୍ଜନା ପକାଯାଉଥିଲା । ଫଳରେ ପୋଖରୀ ପୋତି ହୋଇପଡିଛି । ଏହି ଅବସରରେ ଜିଲାପାଳ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ହସ୍ପିଟାଲ ପରିଦର୍ଶନ କରି ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ । ହସ୍ପିଟାଲର ରୋଗୀ ସେବା, ଔଷଧ ବିତରଣ କେନ୍ଦ୍ର, ଡ୍ରେନେଜ୍ ସମସ୍ୟା ଓ ୱାର୍ଡ ନିର୍ମାଣ ସମ୍ପର୍କରେ ପଚାରି ବୁଝିଥିଲେ । ସୂଚନାଯୋଗ୍ୟ ଯେ, ଗତ ମାସ ୧୩ ତାରିଖରେ ଜିଲାପାଳ ବର୍ମା ପଟ୍ଟାମୁଣ୍ଡାଇ ହସ୍ପିଟାଲ ପରିଦର୍ଶନ କରି ବାକି ଥିବା କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଡାକ୍ତର ଅଭାବ ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ । ତେବେ ଜିଲାପାଳଙ୍କ ଘନ ଘନ ଗସ୍ତ ଯୋଗୁ ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ଛନକା ପଶିଛି ।



କଚେରି ପୋଖରୀ ପରିଦର୍ଶନ ବେଳେ ଜିଲାପାଳ ଓ ଅନ୍ୟମାନେ।

## ଯୋରରୁ ମା' ଝିଅଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା, ୬।୮ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗଗୁଆ ଗ୍ରାମଦେଇ ପ୍ରବାହିତ ଗୋବରୀ ନଦୀର ଏକ ଯୋରରୁ ମଙ୍ଗଳବାର ମା'ଓ ଝିଅଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନେ ହେଲେ ଗଗୁଆ ଗ୍ରାମର ଯଦୁମଣି ଜେନାଙ୍କ ସ୍ତ୍ରୀ ନେଉଳୀ ଜେନା (୪୫) ଓ ଝିଅ ଝୁନିଲତା ଜେନା (୮)। ନେଉଳୀ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଉଭୟେ ସକାଳେ ଶୌଚ ହେବା ପାଇଁ ଯୋର ନିକଟକୁ ଯାଇଥିଲେ। ଏହି ସମୟରେ ସେମାନେ ପାଣିରେ ବୁଡିଯାଇଥିବା ନେଇ ଆଶଙ୍କା କରାଯାଉଛି। ଖବରପାଇ ତନ୍ତିଆପାଳ ମେରାଇନ ପୋଲିସ ଏସ୍.ଆଇ. ରମାକନ୍ତ ନାୟକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୫/୧୯)ରୁଜୁ ହୋଇଛି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଶିକ୍ଷକ ଅଶ୍ଳୀଳ ଭିଡିଓ ଦେଖାଇବା ନେଇ ନାବାଳିକା ଛାତ୍ରୀଙ୍କ ଥାନାରେ ଅଭିଯୋଗ

### ■ସସ୍‌ପେଣ୍ଡ ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୁପାରିସ

ଡେରାବିଶ, ୬।୮ (ସ୍ୱ.ପ୍ର.)

ଜଣେ କ୍ରୀଡା ଶିକ୍ଷକ ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ମୋବାଇଲରେ ଅଶ୍ଳୀଳ ଭିଡିଓ ଦେଖାଇ ଖରାପ ଇଙ୍ଗିତ ପ୍ରଦର୍ଶନ କରିବା ଭଳି ଏକ ଅଭାବନୀୟ ଘଟଣା ଡେରାବିଶ ଥାନା ଅଞ୍ଚଳରେ ଘଟିଛି। ଏ ନେଇ ସଂପୃକ୍ତ ଛାତ୍ରୀଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ପୋଲିସ ସୂଚନା ଅନୁଯାୟୀ, ଡେରାବିଶ ଥାନା ଅଧୀନ ଏକ ପୁରାତନ ଉଚ୍ଚ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ସୋମବାର ଅପରାହ୍ନରେ ସଂପୃକ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆସନ୍ତା ସ୍ୱାଧୀନତା ଦିବସ ପାଇଁ ପରେଡ ଶିଖାଇବାକୁ ଡାକିଥିଲେ। ମାତ୍ର ଏହି ସମୟରେ ଶିକ୍ଷକ ଜଣକ ଛାତ୍ରୀଙ୍କୁ ତାଙ୍କ ମୋବାଇଲରେ ଥିବା ଏକ ଅଶ୍ଳୀଳ ଭିଡିଓକୁ ବାରମ୍ବାର ଦେଖାଇଥିଲେ। ଏ ନେଇ ଛାତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ବାହାନା କରି ସେଠାରୁ ପଳାଇଥିଲେ। ଏହାପରେ ଶିକ୍ଷକ ଜଣକ ସଂପୃକ୍ତ ଛାତ୍ରୀଙ୍କୁ ପୁନର୍ବାର ପିଇବା ପାଣି ଆଣିବାକୁ କହି ଡାକିଥିଲେ। ଛାତ୍ରୀ ପାଣି ଆଣି ଶିକ୍ଷକଙ୍କୁ ଦେବା ସମୟରେ ସେ ମୋବାଇଲରେ ଥିବା ଅଶ୍ଳୀଳ ଭିଡିଓ ପୁଣି ଦେଖାଇ ଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ୧୦୯/୧୯ନଂ ରେ ମାମଲା ରୁଜୁ ହୋଇଛି। ଏଥିସହିତ ଛାତ୍ରୀଙ୍କୁ ଧାରା ୧୬୪ରେ ବୟାନ ରେକର୍ଡ କରିବା ପାଇଁ କେନ୍ଦ୍ରାପଡା କୋର୍ଟକୁ ପଠାଯାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ପଞ୍ଚାନନ ମିଶ୍ର ସୂଚନା ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ପ୍ରଦାନ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ ଯେ, ଛାତ୍ରୀଙ୍କ ପରିବାର ପକ୍ଷରୁ ସକାଳେ ଏ ନେଇ ଅଭିଯୋଗ ହୋଇଛି। ମାତ୍ର କ୍ରୀଡା ଶିକ୍ଷକ ତାଙ୍କ ଅନୁମତି ନ ନେଇ ଆଜି ଅନୁପସ୍ଥିତ ଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ସୁପାରିଶ କରାଯାଇଛି ।

## ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଜନଗର, ୬।୮ (ଡି.ଏନ.ଏ.)

ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ରିଘାଗଡ ଗାଁର ଶମ୍ଭୁ ସାହୁଙ୍କ ସ୍ତ୍ରୀ ସବିତାଙ୍କର ମଙ୍ଗଳବାର ଭୋର ସମୟରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସବିତା ଗର୍ଭବତୀ ଥିଲେ। ସୋମବାର ରାତି ୩ଟାରେ ତାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ୧୦୮କୁ ଫୋନ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ୫ଟା ୩୦ରେ ପହଞ୍ଚି ସବିତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି ସବିତାଙ୍କୁ ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଲା ନା ଅନ୍ୟ କିଛି କାରଣ ରହିଛି ସେ ନେଇ ସ୍ପଷ୍ଟ ହୋଇନାହିଁ। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ■ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ

# ପଟ୍ଟାମୁଣ୍ଡାଇ ରାଷ୍ଟ୍ରବାଦୀ ବିଚାର ମଞ୍ଚ ପକ୍ଷରୁ ବିଜୟ ଉତ୍ସବ





ମଞ୍ଚର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ପଟ୍ଟାମୁଣ୍ଡାଇ, ୬।୮ (ସ୍ୱ.ପ୍ର)

ଭାରତ ବର୍ଷର ବହୁ ଚର୍ଚ୍ଚିତ ୩୭୦ ଧାରା ଓ ୩୫ ଏ ଉଚ୍ଛେଦ ହେବା ପରେ ସବୁଠି ଏହାକୁ ସ୍ୱାଗତ କରାଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ରାଷ୍ଟ୍ରବାଦୀ ବିଚାରମଞ୍ଚ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ବିଜୟ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାକାରୀମାନେ ନିଉ ମେଡିକାଲ୍ ଛକରେ ଏକତ୍ରିତ ହୋଇ ବାଣ ଫୁଟାଇବା ସହ ପରସ୍ପର ମଧ୍ୟରେ ମିଷ୍ଟାନ ବଣ୍ଟନ କରି ଉତ୍ସବ ମନାଇଥିଲେ । ପଟ୍ଟାମୁଣ୍ଡାଇ କଲେଜ ଛକ ଠାରୁ ବାହାରିଥିବା ଏହି ଶୋଭାଯାତ୍ରାରେ ରାଷ୍ଟ୍ରବାଦୀ ବିଚାରମଞ୍ଚର ସଞ୍ଜୟ କୁମାର ସାହୁ, ପୁଲକଦେବ ପାଣ୍ଡବ, ସୁଧାଂଶୁ ଜେନା, ଚିନ୍ମୟ ସ୍ୱାଇଁ, ଶିବେନ୍ଦ୍ର ପରିଡା, ସୁନାକର ପ୍ରଧାନ, ସୁଧାଂଶୁ ତ୍ରିପାଠୀ, ବିନୋଦ ଦାସ, ମନୋଜ ଗିରି, ବିଦ୍ୟାଧର ମଲିକ, ରବୀନ୍ଦ୍ର ବିଶ୍ୱାଳ, ପାରେଶ୍ୱର ପାତ୍ର, ସୁବାଷ ମଲିକ, ମୃତ୍ୟୁଞ୍ଜୟ ମଲିକଙ୍କ ସମେତ ଶତାଧିକ ସଦସ୍ୟ ଓ ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ମହାକାଳପଡା, ୬।୮ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତନ୍ତିଆପାଳ ଗ୍ରାମରେ ପୋଖରୀରେ ବୁଡି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପ୍ରଶାନ୍ତ ମଣ୍ଡଳଙ୍କ ଅଢେଇବର୍ଷର ଶିଶୁକନ୍ୟା ମାମିନା। ଘର ବାଡିପଟେ ଥିବା ପୋଖରୀରେ ନିକଟରେ ଖେଳୁଥିବା ବେଳେ ଗୋଡ ଖସିଯିବାରୁ ମାମିନା ପାଣିରେ ବୁଡି ଯାଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରି ଶେଷରେ ପୋଖରୀରୁ ତାକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେତେବେଳକୁ ତାର ମୃତ୍ୟୁ ହୋଇସାରିଥିଲା। ଏନେଇ ତନ୍ତିଆପାଳ ମେରାଇନ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୬/୧୯) ରୁଜୁ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ୩୭୦ ଧାରା ଉଚ୍ଛେଦକୁ ସ୍ୱାଗତ

# କଲେଜ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା





ଛାତ୍ରୀଛାତ୍ରମାନେ ବିଭିନ୍ନ ଗାଁ ପରିକ୍ରମା କରୁଛନ୍ତି।

ରାଜନଗର, ୬।୮ (ଡି.ଏନ.ଏ.)

ଜମ୍ମୁ କଶ୍ମୀରରୁ ଧାରା ୩୭୦ ଓ ୩୫(କ) ଉଚ୍ଛେଦ ହେବା ପରେ ସାରା ଦେଶରେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ମୋଦି ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ପରେ ମଙ୍ଗଳବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜନଗରରେ ବିଜୟ ଉତ୍ସବ ପାଳନ ହୋଇଛି। ଏହି ଅବସରରେ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରୁ ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ମହିଁଷାସୁର, ତନ୍ତିପୋଖରୀ, ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଚ୍ୟୁତାନନ୍ଦ ରାଉତ, ଦିପ୍ତୀ ରଞ୍ଜନ ସାହୁ, ଅବିନାଶ ରାଉତ, ଦେବାଶିଷ ରାଉତ, ପଙ୍କଜ ବେଉରା, ପ୍ରତାପ ଦାସ, ପ୍ରଶାନ୍ତ ପ୍ରଧାନ, ମନୋଜ ସେଠୀ, ଜୁଲିତା ବିଶ୍ୱାଳ, ବିଭୂତି ଲେଙ୍କା, ସତ୍ୟବ୍ରତ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବାରଗାଁସ୍ଥିତ ମା' ମାଟିଆମଙ୍ଗଳା ପରିସରରେ ମା' ମାଟିଆ ମଙ୍ଗଳା ଯୁବ ପରିଷଦ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଯୁବ ପରିଷଦ ସଭାପତି ସୁନୀଲ କୁମାର ରାଉଳ, ଶିକ୍ଷାବିତ୍ ମାନସ ରଞ୍ଜନ ମିଶ୍ର, ଯୁବ ପରିଷଦ ଉପସଭାପତି ମହେଶ୍ୱର ବେହେରା, ସଂପାଦକ କୈଳାସ ପାତ୍ର, ପ୍ରଦୀପ ବିଶ୍ୱାଳ, ସ୍ମୃତି ରଞ୍ଜନ ମିଶ୍ର, ମଙ୍ଗୁଳି ଚରଣ ମହାନ୍ତି , କ୍ଷେତ୍ରବାସୀ ବିଶ୍ୱାଳ, ଭୀମସେନ ଲେଙ୍କା, ସୁଶ୍ରୀକାନ୍ତ ପରିଡା, ସୁଜନ ଦାସ, ଅଲେଖ ପାତ୍ର, ବିଶ୍ୱରଞ୍ଜନ ସାହୁ, ମନୋଜ ରାଉଳ, ରାଜୁ ରାଉଳ, ବିକାଶ ସାହୁ, ଶିବଶଙ୍କର ବିଶ୍ୱାଳ, ସତ୍ୟବାଦୀ ବିଶ୍ୱାଳ, ଶଙ୍କର୍ଷଣ ପାତ୍ର , ଅଶୋକ ରାଉତ, ଦିଲିପ ସେଠୀ ପ୍ରମୁଖ ଯୋଗଦେଇ ଏକ ଦେଶ ଏକ ଆଇନ, ଏକ ପତାକା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

# ଓଡ଼ିଶା ସରକାର

# ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**File No. L.A. Case No. 9/18/3340** **Dated: 06.06.19**

**No.: XXVI-13:** ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– କାକୁଡ଼ିଗଡ଼ିଆ, ଥାନା– ଧାମନଗର, ତହସିଲ– ଧାମନଗର, ସଂ.– ୧୦୪, ଜିଲ୍ଲା– ଭଦ୍ରକରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୮.୯୪କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 (RFCTLAR&R Act, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମିଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ସ୍ୱଚ୍ଛତା ଆଇନ, 2013 (RFCTLAR&R Act, 2013)ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା – 5380/R&DM ତା୧୫।୦୨।୧୯ରିଖ ପ୍ରକାରେ ଭୂମି ଅଧିକରଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଭଦ୍ରକ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଧାମନଗର | କାକୁଡ଼ିଗଡ଼ିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୪.୫୭କର ଏଥି ସହିତ ସଂଲଗ୍ନ | ଏ.୨୮.୯୪କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୩୧କର ସଂରକ୍ଷିତ ସରକାରୀ ଜମି ପ୍ରତିବେଦନ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ
### ଜମିର ତାଲିକା

ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ: **ମୌଜା– କାକୁଡ଼ିଗଡ଼ିଆ, ଥାନା– ଧାମନଗର, ତହସିଲ– ଧାମନଗର, ସଂ.–୧୦୪, ଜିଲ୍ଲା– ଭଦ୍ରକ।**

ବ୍ୟକ୍ତିଗତ ଜମି – ଏଥି ସହିତ ସଂଲଗ୍ନ କରାଯାଇଅଛି।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା./– (ଜ୍ଞାନ ଦାସ), ଜିଲ୍ଲାପାଳ, ଭଦ୍ରକ**

### ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ– ରେବ କପାଳି ନଦୀ ସଂସ୍କାର**
**ସା– କାକୁଡ଼ିଗଡ଼ିଆ, ତହସିଲ– ଧାମନଗର, ଥାନ– ଧାମନଗର ନଂ. – ୧୦୪, ଜିଲ୍ଲା– ଭଦ୍ରକ**

| କ୍ର. ସଂଖ୍ୟା | ଖାତା ସଂଖ୍ୟା | ଖସଡ଼ା ସଂଖ୍ୟା | କିସମ | ମୋଟ ରକବା | ଭୂ-ଅର୍ଜନ ରକବା | ଖାତା ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୩ | ୧୫୬୦ | ଶାରଦ – ୩ | ୦.୧୦ | ୦.୧୦ | ଶ୍ରୀ ଶ୍ୟାମରାଏ ଠାକୁରବିଜେ ନିଜଗାଁ, ମା– କେଶବ ଚନ୍ଦ୍ର ଦାସ, କୃଷ୍ଣ ଚନ୍ଦ୍ର ଦାସ, ପି.– ଦନି ଦାସ, ଜା– ବ୍ରାହ୍ମଣ, ବା: ନିଜଗାଁ |
| | | ୧୫୬୧ | ଶାରଦ – ୩ | ୦.୧୬ | ୦.୧୬ | |
| | | ୧୫୬୨ | ଶାରଦ – ୩ | ୦.୨୪ | ୦.୨୪ | |
| | | ୧୫୬୩ | ଶାରଦ – ୩ | ୦.୨୬ | ୦.୨୬ | |
| ୨ | ୧୪ | ୧୬୪୧ | ଶାରଦ – ୨ | ୦.୧୫ | ୦.୧୧ | ଅଖୁଜି ମଲିକ, ପି.– ନବିନ ମଲିକ, ଜା: ଗୋଖା, ବା: ନିଜଗାଁ |
| ୩ | ୧୬ | ୧୫୯୭ | ପତିତ | ୦.୦୯ | ୦.୦୯ | ଅଜିତ କୁମାର ହାଜରା, ପି.– ବୈକୁଣ୍ଠ, ଝୁମୁରି ହାଜରା, ପି.– ନିଳ, ଜା– ଉଗ୍ରା କ୍ଷତ୍ରିୟ, ବା: ନିଜଗାଁ |
| | | ୧୫୯୮ | ବାଜେ ଫସଲ – ୨ | ୦.୩୬ | ୦.୩୬ | |
| | | ୧୬୦୧ | ବାଜେ ଫସଲ – ୨ | ୦.୩୦ | ୦.୩୦ | |
| | | ୧୬୨୭ | ବାଜେ ଫସଲ – ୨ | ୦.୦୯ | ୦.୦୯ | |
| | | ୧୬୧୫ | ଶାରଦ ଦୋଫସଲି – ୨ | ୦.୧୮ | ୦.୦୨ | |
| | | ୧୬୧୬ | ଶାରଦ ଦୋଫସଲି – ୨ | ୦.୦୭ | ୦.୦୭ | |
| ୪ | ୨୬ | ୧୫୫୭ | ଶାରଦ – ୨ | ୦.୦୫ | ୦.୦୫ | ଅନିରୁଦ୍ଧ ଲେଙ୍କା, ନଭିଦୂତ ଲେଙ୍କା, ପି.– ପୁରୁଷୋତ୍ତମ, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୧୫୮୦ | ଶାରଦ – ୩ | ୦.୦୯ | ୦.୦୯ | |
| ୫ | ୨୯ | ୧୬୨୫ | ଶାରଦ – ୨ | ୦.୦୪ | ୦.୦୪ | ଆନନ୍ଦ ବାରିକ ଓଗେର, ପି.– ବନମାଳି ବାରିକ, ଜା– ଗୋପାଳ, ବା: ନିଜଗାଁ |
| ୬ | ୩୩ | ୭୦୦ | ବାଜେ ଫସଲ – ୨ | ୦.୦୮ | ୦.୦୮ | ଆନନ୍ଦ ସାମଲ, ଚକ୍ରଧର ସାମଲ, ପି.– ଅଗଣି ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୭୦୭ | ବାଜେ ଫସଲ – ୨ | ୦.୨୪ | ୦.୨୪ | |
| | | ୭୦୮ | ଶାରଦ – ୨ | ୦.୧୨ | ୦.୧୨ | |
| | | ୬୪୪ | ପତିତ | ୦.୦୪ | ୦.୦୪ | |
| ୭ | ୩୪ | ୬୯୪ | ଶାରଦ – ୨ | ୦.୦୮ | ୦.୦୮ | ଆନନ୍ଦ ସାମଲ, ଚକ୍ରଧର ସାମଲ, ପି.– ଅଗଣି ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୬୯୫ | ଶାରଦ – ୨ | ୦.୧୦ | ୦.୧୦ | |
| ୮ | ୪୦ | ୧୫୩୮ | ଶାରଦ ଜଳ ଦୋଫସଲି – ୨ | ୦.୦୫ | ୦.୦୫ | ଉମାକାନ୍ତ ଦାସ ଓଗେର, ପି.– ମାଗୁଣି ଦାସ, ଜା– ବ୍ରାହ୍ମଣ, ବା: ନିଜଗାଁ |
| ୯ | ୪୧ | ୧୬୦୪ | ପତିତ | ୦.୦୪ | ୦.୦୪ | ଏକାଦୋଶି ସାହୁ, ପି.– ନାଗେଶ୍ୱର ସାହୁ, ଜା– ଗୁଡ଼ିଆ, ବା: ନିଜଗାଁ |
| ୧୦ | ୪୯ | ୧୬୨୮ | ଶାରଦ – ୨ | ୦.୦୯ | ୦.୦୯ | କାଳି ବାହଲା, ବଟକୃଷ୍ଣ ବାହଲା, ପି.– ହରି ବାହଲା, ଜା– ଗୋପାଳ, ବା: ନିଜଗାଁ |
| ୧୧ | ୫୪ | ୧୭୬୪ | ଶାରଦ ଜଳ ଦୋଫସଲି – ୨ | ୦.୩୧ | ୦.୩୧ | କିଶୁ ସାମଲ, ପାଲୁନି ସାମଲ, ଭାମା ସାମଲ, ପି.– ଦାଶରଥି ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୧୬୮୦ | ଶାରଦ ଜଳ ଦୋଫସଲି – ୨ | ୦.୭୫ | ୦.୫୦ | |
| | | ୧୬୭୯ | ଶାରଦ ଜଳ ଦୋଫସଲି – ୨ | ୦.୪୨ | ୦.୨୨ | |
| ୧୨ | ୫୫ | ୧୭୮୮ | ଶାରଦ ଜଳ ଦୋଫସଲି – ୨ | ୦.୧୪ | ୦.୦୬ | କିନୁ ସାମଲ, ପାଲୁନି ସାମଲ, ଭାମା ସାମଲ, ପି.– ଦାଶରଥି ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୧୮୦୬ | ଶାରଦ ଜଳ ଦୋଫସଲି – ୨ | ୦.୩୨ | ୦.୩୨ | |
| | | ୧୮୦୭ | ଶାରଦ ଜଳ ଦୋଫସଲି – ୨ | ୦.୦୬ | ୦.୦୬ | |
| ୧୩ | ୫୬ | ୬୧୯ | ଶାରଦ ଜଳ – ୨ | ୨.୫୪ | ୨.୨୫ | କିନୁ ସାମଲ, ପି.– ଦାଶରଥି ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| ୧୪ | ୬୫ | ୧୬୩୧ | ଶାରଦ – ୨ | ୦.୦୫ | ୦.୦୫ | କୃଷ୍ଣ ମଲ୍ଲିକ, ପି.– ବୁଦ୍ଧି ମଲ୍ଲିକ, ଜା– ଗୋଖା, ବା: ନିଜଗାଁ |
| ୧୫ | ୬୯ | ୬୨୦ | ଶାଦର ଜଳ – ୨ | ୦.୧୫ | ୦.୧୫ | କୃଷ୍ଣ ଚନ୍ଦ୍ର ସାମଲ, ପି.– ବୈଷ୍ଣବ ଚରଣ ସାମଲ, ଜା– ଚଷା, ବା: ନିଜଗାଁ |
| | | ୬୨୭ | ଶାରଦ – ୨ | ୦.୧୦ | ୦.୧୦ | |
| | | ୬୭୭ | ଶାରଦ – ୨ | ୦.୩୨ | ୦.୧୬ | |
| | | ୧୬୮୧ | ଶାରଦ ଦୋଫସଲି – ୨ | ୦.୦୮ | ୦.୦୮ | |
| ୧୬ | ୭୦ | ୧୭୫୪ | ପତିତ | ୦.୦୮ | ୦.୦୮ | କୃଷ୍ଣ ଚନ୍ଦ୍ର ସାମଲ, ପ୍ରଶନ୍ନ କୁମାର ସାମଲ, ପି.– ବୈଷ୍ଣବ ଚରଣ ସାମଲ, ଜା– ଚଷା, ବା: ନିଜଗାଁ |
| ୧୭ | ୭୧ | ୧୭୫୩ | ଶାରଦ ଦୋଫସଲି – ୨ | ୦.୨୨ | ୦.୨୨ | କୃଷ୍ଣ ଚନ୍ଦ୍ର ସାମଲ, ପି.– ବୈଷ୍ଣବ ଚରଣ ସାମଲ ଓଗେର, ଜା– ଚଷା, ବା: ନିଜଗାଁ |
| | | ୧୭୫୭ | ଶାରଦ ଦୋଫସଲି – ୨ | ୦.୨୯ | ୦.୨୯ | |
| | | ୧୭୫୧ | ପତିତ | ୦.୭୨ | ୦.୭୨ | |
| | | ୧୭୫୨ | ଶାରଦ ଦୋଫସଲି – ୨ | ୦.୦୮ | ୦.୦୮ | |
| ୧୮ | ୭୭ | ୧୬୦୩ | ପତିତ | ୦.୦୪ | ୦.୦୪ | କୈଳାସ ଚନ୍ଦ୍ର ସାହୁ, ପି.– ପହଲି ସାହୁ, ଜା– ଗୁଡ଼ିଆ, ବା: ନିଜଗାଁ |
| ୧୯ | ୭୯ | ୧୬୦୬ | ଶାରଦ – ୨ | ୦.୧୦ | ୦.୧୦ | କୈଳାସ ଚନ୍ଦ୍ର ସାହୁ, ପି.– ପହଲି ସାହୁ, ଜା– ଗୁଡ଼ିଆ, ବା: ନିଜଗାଁ |
| ୨୦ | ୯୨ | ୬୭୬ | ଶାରଦ – ୨ | ୦.୨୦ | ୦.୨୦ | ଗିରିଶ ଚନ୍ଦ୍ର ଦାସ, ପଞ୍ଚାନନ ଦାସ, ଜା– ଗୋପାଳ, ବା: ନିଜଗାଁ |
| | | ୧୭୭୩ | ଶାରଦ ଦୋଫସଲି – ୨ | ୦.୧୧ | ୦.୧୧ | |
| ୨୧ | ୯୮ | ୧୭୫୦ | ଶାରଦ ଦୋଫସଲି – ୨ | ୦.୦୮ | ୦.୦୮ | ଗୋବିନ୍ଦ ଚନ୍ଦ୍ର ଦାସ, ପି.– କୃଷ୍ଣ ଚନ୍ଦ୍ର ଦାସ, ଜା– ଗୋପାଳ, ବା: ନିଜଗାଁ |
| | | ୧୭୭୪ | ଶାରଦ ଜଳ ଦୋଫସଲି – ୨ | ୦.୪୨ | ୦.୧୫ | |
| | | ୧୮୦୫ | ଶାରଦ ଜଳ ଦୋଫସଲି – ୨ | ୦.୦୬ | ୦.୦୬ | |
| ୨୨ | ୧୦୧ | ୬୨୫ | ଶାରଦ – ୨ | ୦.୦୯ | ୦.୦୩ | ଗୋବିନ୍ଦ ଚନ୍ଦ୍ର ଦାସ, ଗୋପୀନାଥ ଦାସ, ନିତ୍ୟାନନ୍ଦ ଦାସ, ଦୀନବନ୍ଧୁ ଦାସ, ପି.– କୃଷ୍ଣ ଚନ୍ଦ୍ର ଦାସ ଓଗେର, ଜା– ଗୋପାଳ, ବା: ନିଜଗାଁ |
| | | ୬୨୯ | ଶାରଦ – ୨ | ୦.୪୩ | ୦.୨୭ | |
| | | ୭୦୫ | ବାଜେ ଫସଲ – ୨ | ୦.୧୦ | ୦.୧୦ | |
| | | ୧୭୯୩ | ପତିତ | ୦.୨୦ | ୦.୨୦ | |
| | | ୧୮୧୨ | ଶାରଦ ଜଳ ଦୋଫସଲି – ୨ | ୦.୧୫ | ୦.୧୫ | |
| ୨୩ | ୧୦୩ | ୧୫୮୩ | ଶାରଦ ଜଳ ଦୋଫସଲି – ୨ | ୦.୨୪ | ୦.୦୮ | ଘନଶ୍ୟାମ ଦାସ, ପି.– ରାଘବ ଦାସ, ଜା– ବ୍ରାହ୍ମଣ, ବା: ନିଜଗାଁ |
| ୨୪ | ୧୦୪ | ୧୬୮୮ | ଶାରଦ ଦୋଫସଲି – ୨ | ୦.୨୮ | ୦.୧୪ | ଘନଶ୍ୟାମ ସାମଲ, ପି.– ନିଧି ସାମଲ, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୧୭୬୫ | ଶାରଦ ଦୋଫସଲି – ୨ | ୦.୪୭ | ୦.୪୭ | |
| ୨୫ | ୧୦୬ | ୬୯୬ | ଶାରଦ – ୨ | ୦.୪୪ | ୦.୪୪ | ଘନଶ୍ୟାମ ସାମଲ, ପି.– ନିଧି ସାମଲ ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| ୨୬ | ୧୧୦ | ୧୬୩୫ | ଶାରଦ ଜଳ ଦୋଫସଲି – ୨ | ୦.୨୪ | ୦.୧୪ | ଚେମି ମଲ୍ଲିକ, ଚିନ୍ତାମଣି ମଲ୍ଲିକ, ପି.– ଶଙ୍କର, ଜା– ଗୋଖା, ବା: ନିଜଗାଁ |
| ୨୭ | ୧୧୩ | ୧୫୮୨ | ଶାରଦ – ୨ | ୦.୫୪ | ୦.୫୪ | ଜିତେନ୍ଦ୍ର ସେନ, ସୁମବାଳା ସେନ, ପି.– ନୀଳମଣି ସେନ ଓଗେର, ଜା– ଉଗେର କ୍ଷେତ୍ରି, ବା: ନିଜଗାଁ |
| ୨୮ | ୧୧୮ | ୭୦୩ | ବାଜେ ଫସଲ – ୨ | ୦.୦୭ | ୦.୦୭ | ଯୁଧିଷ୍ଠିର ସାମଲ, କାଳନ୍ଦି ଚରଣ ସାମଲ, ଗଙ୍ଗାଧର ସାମଲ, ପି.– ତଉଲି ସାମଲ, ଜା– ଖଣ୍ଡାୟତ, ବା: ନିଜଗାଁ |
| ୨୯ | ୧୨୯ | ୯୬୬ | ଶାରଦ – ୨ | ୦.୧୫ | ୦.୧୩ | ଧନେଶ୍ୱର ମଲ୍ଲିକ, ଭାସ୍କର ମଲ୍ଲିକ, ନୃସିଂ ମଲ୍ଲିକ, ପି.– ସୁନି, ଖଟାକୁଳି ମଲ୍ଲିକ, ସ୍ୱା.– ସୁନି ମଲ୍ଲିକ, ଜା– ଗୋଖା, ବା: ନିଜଗାଁ |
| | | ୯୬୭ | ଶାରଦ ଜଳ – ୨ | ୦.୦୫ | ୦.୦୫ | |
| ୩୦ | ୧୩୧ | ୧୭୯୭ | ଶାରଦ ଜଳ ଦୋଫସଲି – ୨ | ୦.୧୧ | ୦.୧୧ | ଧନେଶ୍ୱର ମଲ୍ଲିକ, ଭାସ୍କର ମଲ୍ଲିକ, ନୃସିଂ ମଲ୍ଲିକ, ପି.– ସୁନି ଓଗେର, ଜା– ଗୋଖା, ବା: ନିଜଗାଁ |
| ୩୧ | ୧୩୩ | ୬୭୫ | ଶାରଦ – ୨ | ୦.୦୯ | ୦.୦୯ | ଧନେଶ୍ୱର ସାମଲ, ପି.– କାଳି ସାମଲ, ଜା– ଖଣ୍ଡାୟତ, ବା: ନିଜଗାଁ |
| ୩୨ | ୧୩୪ | ୧୮୦୩ | ପତିତ | ୦.୨୨ | ୦.୨୨ | ଧନେଶ୍ୱର ସାମଲ, ପି.– କାଳି ସାମଲ, ଜା– ଖଣ୍ଡାୟତ, ବା: ନିଜଗାଁ |
| ୩୩ | ୧୩୭ | ୧୭୯୧ | ଶାରଦ ଦୋଫସଲି – ୨ | ୦.୦୩ | ୦.୦୩ | ନଚ ମଲ୍ଲିକ, ପି.– ବନଶି ମଲ୍ଲିକ, ଜା– ଗୋଖା, ବା: ନିଜଗାଁ |
| ୩୪ | ୧୪୧ | ୧୭୫୯ | ଶାରଦ ଜଳ ଦୋଫସଲି – ୨ | ୦.୦୮ | ୦.୦୬ | ନବ ସାମଲ, ପି.– ମୁକ୍ତି ସାମଲ, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୧୭୪୯ | ଶାରଦ ଜଳ ଦୋଫସଲି – ୨ | ୦.୦୬ | ୦.୦୬ | |
| | | ୧୮୦୮ | ଶାରଦ ଜଳ ଦୋଫସଲି – ୨ | ୦.୦୬ | ୦.୦୬ | |
| | | ୧୭୪୮ | ଶାରଦ ଜଳ – ୨ | ୦.୦୫ | ୦.୦୫ | |
| | | ୬୨୪ | ଶାରଦ ଜଳ – ୨ | ୦.୧୪ | ୦.୧୦ | |
| ୩୫ | ୧୪୪ | ୧୭୭୮ | ଶାରଦ ଜଳ ଦୋଫସଲି – ୨ | ୦.୦୬ | ୦.୦୬ | ନରେନ୍ଦ୍ର ସାମଲ, ପି.– ସୁକଦେବ ସାମଲ, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୧୬୬୬ | ଶାରଦ ଦୋଫସଲି – ୨ | ୦.୦୪ | ୦.୦୪ | |
| | | ୧୬୬୮ | ଶାରଦ ଜଳ ଦୋଫସଲି – ୨ | ୦.୨୫ | ୦.୧୨ | |
| | | ୧୬୬୩ | ଶାରଦ ଦୋଫସଲି – ୨ | ୦.୨୦ | ୦.୨୦ | |
| | | ୧୭୬୨ | ଶାରଦ ଜଳ ଦୋଫସଲି – ୨ | ୦.୧୦ | ୦.୧୦ | |
| | | ୧୭୮୫ | ଶାରଦ ଦୋଫସଲି – ୨ | ୦.୧୦ | ୦.୧୦ | |
| | | ୧୮୦୪ | ଶାରଦ ଦୋଫସଲି – ୨ | ୦.୦୫ | ୦.୦୫ | |
| ୩୬ | ୧୪୬ | ୧୫୭୭ | ଶାରଦ – ୩ | ୦.୧୨ | ୦.୧୨ | ନାରାୟଣ ଲେଙ୍କା, କୃଷ୍ଣ ଲେଙ୍କା, ପି.– ଧୁଲ ଲେଙ୍କା ଓଗେର, ଜା– ଖଣ୍ଡାୟତ, ବା: ନିଜଗାଁ |
| ୩୭ | ୧୫୧ | ୯୬୮ | ଶାରଦ – ୨ | ୦.୦୬ | ୦.୦୬ | ପତିତପାବନ ମଲ୍ଲିକ, ପି.– ସଉନ୍ତି ମଲ୍ଲିକ, ଜା– ଗୋଖା, ବା: ନିଜଗାଁ |
| | | ୯୦୫ | ଶାରଦ ଜଳ ଦୋଫସଲି – ୨ | ୦.୩୫ | ୦.୨୪ | |
| ୩୮ | ୧୫୩ | ୧୬୨୧ | ଶାରଦ – ୨ | ୦.୦୭ | ୦.୦୭ | ପଦ୍ମଲୋଚନ ଦାସ, ସୁରେନ୍ଦ୍ର କୁମାର ଦାସ, ପି.– ନାରାୟଣ ଦାସ, ଶଙ୍କର ଦାସ, ପି.– ନାଗ ଦାସ, ଜା– ବ୍ରାହ୍ମଣ, ବା: ନିଜଗାଁ |
| ୩୯ | ୧୫୬ | ୬୧୬ | ଶାରଦ – ୨ | ୦.୦୩ | ୦.୦୩ | ପଦ୍ମାବତୀ ପ୍ରଧାନ, ସ୍ୱା.– ଭାନୁ ପ୍ରଧାନ, ଜା– ଖଣ୍ଡାୟତ, ବା: ନିଜଗାଁ |
| | | ୬୬୭ | ଶାରଦ – ୨ | ୦.୧୧ | ୦.୧୧ | |
| | | ୬୭୦ | ଶାରଦ – ୨ | ୦.୦୯ | ୦.୦୯ | |
| ୪୦ | ୧୬୦ | ୧୫୭୯ | ଶାରଦ ଦୋଫସଲି – ୨ | ୦.୦୮ | ୦.୦୮ | ପ୍ରମିଳା ସେଠୀ, ସ୍ୱା.– ଭାରତ ସେଠୀ, ଜା– ଧୋବା, ବା: ନିଜଗାଁ |
କାଳିଆ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୧ଲକ୍ଷ ହିତାଧିକାରୀଙ୍କୁ ସରକାର ଅର୍ଥ ପ୍ରଦାନ କରିଛନ୍ତି। ଆଗକୁ ଆଉ ୨୪ ଲକ୍ଷ କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଚାଷୀଙ୍କୁ ଏଥିରେ ସାମିଲ କରାଯିବ ବୋଲି ସରକାର କହିଥିଲେ। ଏହି ଯୋଜନାରେ ମୋଟ ୭୫ଲକ୍ଷ ଚାଷୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଏହି ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ସରକାର ବର୍ତ୍ତମାନ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ସୁଦ୍ଧା କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା ସମସ୍ତ ହିତାଧିକାରୀଙ୍କ ତାଲିକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାର ଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ତାଲିକା ଟଙ୍ଗାଯିବ। ଉକ୍ତ ତାଲିକାରେ ସ୍ଥାନ ପାଇଥିବା ହିତାଧିକାରୀ ଯଦି ନିଜକୁ ଅଯୋଗ୍ୟ ବୋଲି ଅନୁଭବ କରନ୍ତି ତେବେ ସେମାନେ ପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀଙ୍କୁ ଜଣାଇପାରିବେ। ଏଥିପାଇଁ ଏକ ଫର୍ମ ମଧ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ସେମାନେ ଏହାପରେ ପାଇଥିବା କାଳିଆ ଟଙ୍କା ଫେରସ୍ତ କରିପାରିବେ। ସେମାନେ ଯଦି ଚାହାନ୍ତି ତାଙ୍କ ନାଁକୁ ଗୋପନ ରଖାଯିବ। ଏହାସହ ଯଦି କୌଣସି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାକୁ ଚାହିଁବେ ସେମାନେ ନିଜ ଅଞ୍ଚଳରେ ଥିବା ସାଧାରଣ ସେବା କେନ୍ଦ୍ର ସହାୟତାରେ ଅନ୍‌ଲାଇନ ଦ୍ୱାରା ଆସନ୍ତା ୧୪ ତାରିଖ ମଧ୍ୟରେ ଦରଖାସ୍ତ ଦେଇପାରିବେ। ଅନ୍ୟପଟେ ଅଯୋଗ୍ୟ ହିତାଧିକାରୀ ଟଙ୍କା ଫେରାଇବା ଲାଗି ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ଦିଆଯାଇଛି।

ଏନେଇ କୃଷି ସଚିବ ସୌରଭ ଗର୍ଗ କହିଛନ୍ତି, କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ଟଙ୍କା ଫେରିବ। ଯୋଜନାରେ ଉପକୃତ ହୋଇଥିବା ୫୧ ଲକ୍ଷ ହିତାଧିକାରୀଙ୍କ ନାଁ ୱେବ୍‌ସାଇଟ୍‌ରେ ସାର୍ବଜନୀନ କରାଯାଇଛି। ଏଥିରେ ୩୭ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଥିବା ବେଳେ ୧୪ଲକ୍ଷ ଭୂମିହୀନ କୃଷିଶ୍ରମିକ ଅଛନ୍ତି। ପ୍ରତ୍ୟେକ ପଞ୍ଚାୟତ କାନ୍ଥରେ ତାଲିକା ଟଙ୍ଗା ଯାଇଛି। ବର୍ତ୍ତମାନ ପଞ୍ଚାୟତସ୍ତରରେ କାଳିଆ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରାଯିବ। ଏହାର ଲକ୍ଷ୍ୟ ହେଉଛି ଅଯୋଗ୍ୟ ହିତାଧିକାରୀଙ୍କୁ ଏଥିରୁ ହଟାଇବା। ବର୍ତ୍ତମାନ ଏହି ଯୋଜନାରେ ସାମିଲ ହେବାକୁ ୧କୋଟି ଦରଖାସ୍ତ ଆସିଛି। ଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବା ପାଇଁ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାସ୍ତରରେ କମିଟି ଗଠନ ହୋଇଛି। ନିଜକୁ ଅଯୋଗ୍ୟ ଭାବୁଥିବା ହିତାଧିକାରୀ ନିଜ ନାଁ ବାଦ୍ ଦେବା ପାଇଁ ଦରଖାସ୍ତ କରିପାରିବେ। ଅନ୍ୟ ଲୋକ ମଧ୍ୟ ଅଯୋଗ୍ୟ ଲୋକ ସମ୍ପର୍କରେ ତଥ୍ୟ ଦେଇପାରିବେ। ଏ ସମ୍ପର୍କରେ ସୂଚନା ଦେଉଥିବା ଲୋକଙ୍କ ନାଁକୁ ଗୋପନ ରଖାଯିବ। ସରକାରଙ୍କ ନିକଟରେ ଥିବା ତଥ୍ୟ ଅନୁଯାୟୀ ଯୋଗ୍ୟ ଓ ଅଯୋଗ୍ୟ ବିବେଚନା କରିବୁ। କିଏ କହିଦେଲେ ହେବ ନାହିଁ। ଆମେ ଯାଞ୍ଚ କରିବା ପରେ ତାଲିକା ପ୍ରସ୍ତୁତ କରିବୁ ବୋଲି ଗର୍ଗ କହିଛନ୍ତି।

ମାତ୍ର ସରକାରଙ୍କ କହିବାନୁଯାୟୀ ଏ ପର୍ଯ୍ୟନ୍ତ ଅଧିକାଂଶ ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ମରାଯାଇନାହିଁ। ବହୁ ସରପଞ୍ଚ ଏନେଇ ସୂଚନା ମିଳିଥିବା କହୁଥିଲେ ମଧ୍ୟ ତାଲିକା ମରାଯିବା ନେଇ ସିଧାସଳଖ ମନା କରିଦେଇଛନ୍ତି। ତାଲିକାରେ ସାମିଲ ହୋଇ କାଳିଆ ଟଙ୍କା ପାଇଥିବା ହିତାଧିକାରୀଙ୍କ ମଧ୍ୟରେ ଅଯୋଗ୍ୟ ରହିଥିବା ସରକାର ଜାଣିବା ପରେ ଚୟନ କମିଟି ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନେବେ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଗତ ବିଧାନସଭା ଅଧିବେଶନ ସମୟରେ ବହୁ ବିଧାୟକ ନିଜ ଅଞ୍ଚଳଗୁଡ଼ିକରେ ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତି କାଳିଆ ଟଙ୍କା ପାଇଥିବା ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତିରେ ସରକାରଙ୍କ ଏହି ନିୟମକୁ ନେଇ ବିରୋଧୀ ସିଧାସଳଖ ଶାସକ ଦଳକୁ ଟାର୍ଗେଟ୍ କରିବା ଆରମ୍ଭ କରିଦେଇଛନ୍ତି।

## ଜିଲ୍ଲା ଚିଠି ଜଗତ୍‌ସିଂହପୁର
# ଶ୍ରୀହୀନ ଅଳକା



ଏକଦା ଜଗତ୍‌ସିଂହପୁର ଜିଲାରେ ପ୍ରବାହିତ ଅଳକା ନଦୀ ସୁନାବ୍ୟା ଓ ସୁଗଭୀର ଥିଲା। ଇତିହାସ କୁହେ ଇଂରେଜ ଶାସନ କାଳରେ ବଣିକମାନେ ଏହି ନଦୀକୁ ସେମାନଙ୍କ ବାଣିଜ୍ୟ ପଥ କରିଥିଲେ। ବଙ୍ଗୋପସାଗରରୁ ଅବାଧରେ ଜାହାଜମାନ ଏହି ଜଳପଥ ଦେଇ ହରିହରପୁର (ବର୍ତ୍ତମାନର ଜଗତ୍‌ସିଂହପୁର) ପର୍ଯ୍ୟନ୍ତ ଚଳାଚଳ କରିପାରୁଥିଲା। କାରଣ ହରିହରପୁର ସେତେବେଳେ ସମଗ୍ର ବଙ୍ଗଳା ଡିଭିଜନରେ ଇଂରେଜମାନଙ୍କ ପ୍ରଥମ ବାଣିଜ୍ୟକୋଠି ଥିଲା। ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ତତ୍କାଳୀନ ଶାସନକର୍ତ୍ତା ଟି.ଏମ୍. ରେଭେନ୍‌ଶା ନଦୀବନ୍ଧ ଓ ଜଳସେଚନ ପ୍ରତି ଯତ୍ନବାନ ହୋଇଥିଲେ। ମହାନଦୀର ଯୋବ୍ରାଠାରେ ଆନିକଟ ନିର୍ମାଣ କରାଯାଇଥିଲା। ୧୮୬୯ରେ ଆନିକଟ ଶେଷ ହେବା ପରେ ବିପନ୍ନଙ୍କୁ କାମଧନ୍ଦା ଯୋଗାଇଦେବାକୁ କେନାଲ ଖୋଳା ଆରମ୍ଭ ହୋଇଥିଲା। ୧୮୭୦ରୁ ୧୮୭୩ ମଧ୍ୟରେ ଜଳ ଯୋଗାଣ ଆରମ୍ଭ ହୋଇପାରିଥିଲା। ଅଳକା ଦେବୀ ନଦୀର ବାଗଲପୁର କସ୍ବା ନିକଟରୁ ବାହାରି ପଟୁଆଠାରେ ବଙ୍ଗୋପସାଗରରେ ମିଶିଥିବା କୁହାଯାଏ। ସେତେବେଳେ ଅଳକା ପଠା ଶସ୍ୟଶାମଳା ଥିଲା। ଜଳସେଚନ ସୁବିଧା ଯୋଗୁ ବର୍ଷସାରା ପରିବା ଓ ଅନ୍ୟ ଫସଲ ହେଉଥିଲା। ନଦୀରୁ ପ୍ରଚୁର ମାଛ ମଧ୍ୟ ଉତ୍ପାଦନ ହେଉଥିଲା। ସମୟଚକ୍ରରେ ଅଳକା ଏବେ ମୃତ ପ୍ରାୟ। କେନାଲ ସମ୍ପ୍ରସାରଣ ଓ ରାଜପଥ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନରେ ଅଳକା ବକ୍ଷରେ ବନ୍ଧ ପଡିବାରୁ ଏହା କ୍ରମଶଃ ଖଣ୍ଡ ବିଖଣ୍ଡିତ ହୋଇଗଲା। ଏହାର ଶଯ୍ୟା ପୋତି ହୋଇଚାଲିଛି। ଅସାଧୁ ଓ ପ୍ରଭାବଶାଳୀ ଲୋକେ ନଦୀ ଶଯ୍ୟା ଜବରଦଖଲ କରି ଚାଲିଛନ୍ତି। ଏପରି କି କେତେଜଣ ଲାଭଖୋର ରାଜସ୍ୱ ଅଧିକାରୀ ଏହାର କିଛି ଅଂଶ ସେମାନଙ୍କ ହାତକୁ ବେଆଇନ ଭାବେ ଟେକି ଦେଇଛନ୍ତି। ଏବେ ସମ୍ପୃକ୍ତ ଜବରଦଖଲକାରୀ ଉକ୍ତ ଜମିକୁ ବିକ୍ରି ଓ ଲିଜ୍ ଦେଇ ଲାଭବାନ ହେଉଛନ୍ତି। ଆଶ୍ଚର୍ଯ୍ୟର କଥା ଅଳକା ନଦୀର ସ୍ଥିତି ସମ୍ପର୍କରେ ଏବେ ଆଉ ପୂର୍ଣ୍ଣାଙ୍ଗ ତଥ୍ୟ ମିଳୁନି। ସୂଚନା ଅଧିକାର ଆଇନ ବଳରେ ଜଗତ୍‌ସିଂହପୁର, ବିରିଡ଼ି, ରଘୁନାଥପୁର ଓ ବାଲିକୁଦା ତହସିଲକୁ ତଥ୍ୟ ମଗାଯାଇଥିଲା। ଜଗତ୍‌ସିଂହପୁର ଓ ବାଲିକୁଦା ତହସିଲଦାର ଅଳକାର ସ୍ଥିତି ସମ୍ପର୍କରେ କିଛି ତଥ୍ୟ ଦେଇଥିବାବେଳେ ବିରିଡ଼ି ତହସିଲ ପକ୍ଷରୁ ଏଭଳି ନଦୀ ନ ଥିବା ଉଲ୍ଲେଖ କରାଯାଇଛି। ବାସ୍ତବରେ ଅଳକା ବିରିଡ଼ି ଦେଇ ଜଗତ୍‌ସିଂହପୁର ଓ ବାଲିକୁଦା ଅଞ୍ଚଳ ପର୍ଯ୍ୟନ୍ତ ଲମ୍ବି ବଙ୍ଗୋପସାଗରରେ ମିଶିଛି। ୧୯୩୦ ମସିହା ରେକର୍ଡ ଓ ପରବର୍ତ୍ତୀ ସେଟଲମେଣ୍ଟ ରେକର୍ଡ ଯାଞ୍ଚ କରା ନ ଯାଇ ଔପଚାରିକ ଭାବେ ହାଲ ରେକର୍ଡ ପ୍ରଦର୍ଶନ କରାଯାଉଛି। ମାତ୍ର ସାବକ ପ୍ଲଟର ସ୍ଥିତି ଲୁଚାଇବାକୁ ଚେଷ୍ଟା ହୋଇଛି। ଗତବର୍ଷ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ଉଦ୍ୟମ ଫଳରେ କେନ୍ଦ୍ରୀୟ ଅନ୍ତଃଦେଶୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ପ୍ରତିନିଧି ଦଳ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅଳକା ସମେତ ବାଲିଆ ଓ କାଠଯୋଡ଼ି ନଦୀ ପରିଦର୍ଶନ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ମୃତ ନଦୀ ଗର୍ଭରେ ମାଛ ଚାଷ କରିବା ସହ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା। ଉକ୍ତ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରାଥମିକ ପର୍ଯ୍ୟାୟରେ ଜିଲାର ପ୍ରାୟ ୧୫୦ ହେକ୍ଟର ନଦୀ ଶଯ୍ୟାରେ ମାଛ ଚାଷ ହୋଇପାରନ୍ତା। ଏଥିସହ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୁଅନ୍ତା, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ। ଶତାଧିକ ବେକାର ଯୁବକ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ସ୍ୱୟଂ ସହାୟିକା ଗୋଷ୍ଠୀ, ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ। କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ ଯୋଜନା କେବଳ ଯୋଜନାରେ ରହିଯାଇଛି। ସମ୍ପୃକ୍ତ ସଂସ୍ଥା ଡିପିଆର୍ (ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ) ଦେଇ ନ ଥିବା ଜଣାଯାଏ। ଅତୀତରେ ଅଳକା ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ତାହା କ୍ରମଶଃ ଦୁର୍ବଳ ହୋଇଯାଇଛି। ଏବେ ପ୍ରଶ୍ନ ଉଠୁଛି ସରକାର ସତରେ ଅଳକା ଉଦ୍ଧାର କରିବେ ନା ପୂର୍ବଭଳି ଯୋଜନା ଶୀତଳ ଭଣ୍ଡାରକୁ ଚାଲିଯିବ।

– ପ୍ରମୋଦ କୁମାର ନାୟକ

## ମାଲକାନଗିରିରେ ପ୍ରବଳ ବର୍ଷା
# ଆଜି ଜିଲାର ସବୁ ସ୍କୁଲ ଛୁଟି

**ମାଲକାନଗିରି,୬।୮ (ଡି.ଏନ.ଏ.):** ମାଲକାନଗିରି ଜିଲାରେ ଆଗାମୀ ଦୁଇ ଦିନ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ। ଏହାକୁ ଗୁରୁତର ସହ ନେଇଛି ଜିଲା ପ୍ରଶାସନ। ଜିଲାର ସମସ୍ତ ସରକାରୀ, ବେସରକାରୀ ଓ ଆବାସିକ ବିଦ୍ୟାଳୟଗୁଡ଼ିକୁ ବୁଧବାର ଛୁଟି ଘୋଷଣା କରାଯାଇଛି। ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ରିଲିଫ ସେଣ୍ଟରକୁ କାର୍ଯ୍ୟକ୍ଷମ କରାଯାଇଛି। ସମ୍ବେଦନଶୀଳ ସ୍ଥାନରେ ୪ଟି ଅଗ୍ନିଶମ ଓ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଜରୁରୀ ପରିସ୍ଥିତିରେ ଏହି ସବୁ ରିଲିଫ ସେଣ୍ଟରକୁ ଲୋକଙ୍କୁ ସ୍ଥାନାନ୍ତର ଲାଗି ବ୍ୟବସ୍ଥା ହୋଇଛି।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩କୋଟି ଟଙ୍କା ସହାୟତା

**ଭୁବନେଶ୍ୱର, ୬।୮ (ବ୍ୟୁରୋ):** ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଏବଂ ପୁନରୁଦ୍ଧାର ପାଇଁ ମଙ୍ଗଳବାର କେତୋଟି ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ ଦିଆଯାଇଛି। ନିଉ ଇଣ୍ଡିଆ ଆସ୍ୟୁରାନ୍ସ କୋ ଲିମିଟେଡ ପକ୍ଷରୁ ୩ କୋଟି, ଅଲ୍ ଇଣ୍ଡିଆ ୟୁନିୟନ ବ୍ୟାଙ୍କ ଅଫିସର୍ସ ଫେଡେରେଶନ ପକ୍ଷରୁ ୩୬ ହଜାର, ଇଣ୍ଡେନ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟର୍ସ ଅଫ ଇଣ୍ଡିଆ ପକ୍ଷରୁ ୨ଲକ୍ଷ ୫୫ ହଜାର, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ଭୁବନେଶ୍ୱର କର୍ମଚାରୀଙ୍କ ପକ୍ଷରୁ ୨ଲକ୍ଷ ୩୭ ହଜାର ଏବଂ ଘାନା ଭାରତୀୟ ସଂଘ ପକ୍ଷରୁ ୫୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହିପରି ବିଭିନ୍ନ ସଂସ୍ଥା ପକ୍ଷରୁ ମୋଟ ୩ କୋଟି ୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ସହାୟତା ପ୍ରଦାନ କରିଥିବା ସଂସ୍ଥାଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି।


ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ସା ଏବଂ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତା ବିରମିତ୍ରପୁର ପୋଲିସ ସହିତ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ବର୍ତ୍ତମାନ ଶିଶୁମାନେ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ୱା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା–୩୮ (ଉପଧାରା–୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**
**ମୋ. ନଂ.-୯୯୩୮୧୭୦୪୫୦/ଅଫିସ୍-୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼**
**ମୋ,ନଂ.-୯୪୩୭୦୮୫୪୩୪/ଅଫିସ୍-୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଆୟୁଷୀ (ଦୀସା, ସା ଦ୍ୱାରା ଦିଆଯାଇଥିବା ନାମ) | ୧୦.୦୬.୧୯ | ଝିଅ | କ୍ରେଡିଲ୍ ବେବି ପଏଣ୍ଟ ଦୀସା, ସା, ସୁନ୍ଦରଗଡ଼, ତା–୩୧।୦୭।୨୦୧୯ ମଧ୍ୟରାତ୍ରି |  |
| ୨ | ଚିରାଗ (ଦୀସା, ସା ଦ୍ୱାରା ଦିଆଯାଇଥିବା ନାମ) | ୦୩।୦୨।୧୮ | ପୁଅ | ତେଲିପୋସ, ଜଙ୍ଗଲ, ବିରଙ୍ଗାଟୋଲା, କୁଆଁରମୁଣ୍ଡା, ବିରମିତ୍ରପୁର ଥାନା, ତା.୦୩।୦୮।୧୯ |  |

Your faithfully
Sd./- District Child Protection Officer
Sundargarh



# ଓଡ଼ିଶା ସରକାର
# ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ
## ଅଧିସୂଚନା

File No.L.A., Case No.03/18/3277 Dated: 06.06.19

No.XXVI–19 :– ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା–ନଳାଙ୍ଗ, ଥାନା–ଭଦ୍ରକ, ସଂ.୬୬, ତହସିଲ–ଭଦ୍ରକ, ଜିଲ୍ଲା–ଭଦ୍ରକରେ, ନିମ୍ନ ତଫସିଲ ମତେ ପ୍ରାୟ ଏ.**୧.୭୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act-2013)ର ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013)ର ୧୫ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା.5380/R&DM, ତା.15.02.19ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଭଦ୍ରକ।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଭଦ୍ରକ | ନଳାଙ୍ଗ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୩ କର ଏଥି ସହିତ ସଂଲଗ୍ନ | ଏ. ୧.୭୦ କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
ଜମିର ତାଲିକା
ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମୀ ଅଧିଗ୍ରହଣ ବିବରଣୀ
**ମୌଜା–ନଳାଙ୍ଗ, ଥାନା–ଭଦ୍ରକ, ସଂ.୬୬, ତହସିଲ–ଭଦ୍ରକ, ଜିଲ୍ଲା–ଭଦ୍ରକ**

**ବ୍ୟକ୍ତିଗତ ଜମି–**
**ଏଥି ସହିତ ସଂଲଗ୍ନ କରାଯାଇଅଛି।**

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା./– (ଜ୍ଞାନ ଦାସ), ଜିଲ୍ଲାପାଳ, ଭଦ୍ରକ**

ଭୂମୀ ଅନୁସୂଚୀ
**ପ୍ରକଳ୍ପର ନାମ–ରେବ–କପାଳିନଦୀ ସଂସ୍କାର, ସା–ନଳାଙ୍ଗ, ତହସିଲ–ଭଦ୍ରକ, ଥାନା–ଭଦ୍ରକ, ସଂ.୬୬, ଜିଲ୍ଲା–ଭଦ୍ରକ**

| କ୍ର. ସଂ. | ଖାତା ସଂ | ଖସଡ଼ା ସଂ | କିସମ | ମୋଟ ରକବା (ଏକରପ୍ରତି) | ଭୂ–ଅର୍ଜନ ରକବା (ଏକରପ୍ରତି) | ଖାତାରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୭୪ | ୧୪୦୦ | ପତିତ | ୦.୦୭ | ୦.୦୭ | ସିତା ସୁନ୍ଦରୀ ପାଣି, ସ୍ୱ./–ଉଦୟନାଥ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୨ | ୧୫୮ | ୪୦୦ | ପାଳ–୨ | ୦.୦୬ | ୦.୦୬ | ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ପି–ଗଙ୍ଗାଧର ପଣ୍ଡା, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୩ | ୧୭୯ | ୧୩୬୮ | ପତିତ | ୦.୦୪ | ୦.୦୪ | ଗୋବିନ୍ଦ ଚନ୍ଦ୍ର ପାଣି, ପି–ପୁରସ୍ତମ ପାଣି, ପଣ୍ଡା, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୪ | ୨୬୧ | ୨୦୫୫ | ପତିତ | ୦.୧୫ | ୦.୧୫ | ଧନେଶ୍ୱର ସାହୁ, ପି–ବନମାଳି ସାହୁ ଓଗେର ଜାତି–ଗୁଡ଼ିଆ, ଗ୍ରାମ–ନିଜଗାଁ |
| ୫ | ୩୩୭ | ୧୩୯୮ | ପତିତ | ୦.୦୪ | ୦.୦୪ | ପୁନାନନ୍ଦ ପାଣି, ଚିନ୍ତାମଣି ପାଣି, ପଣ୍ଡା, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୬ | ୪୪୩ | ୪୨୫ | ବଗାୟତ–୩ | ୦.୦୮ | ୦.୦୪ | ରଘୁନାଥ ତ୍ରିପାଠୀ, ବିଶ୍ୱନାଥ ତ୍ରିପାଠୀ, ପି–ଲୋକନାଥ ତ୍ରିପାଠୀ ଓଗେର ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| | | ୧୩୮୮ | ପତିତ | ୦.୦୨ | ୦.୦୨ | |
| ୭ | ୪୬୪ | ୪୦୧ | ପାଳ–୨ | ୦.୦୬ | ୦.୦୬ | ରାମଚନ୍ଦ୍ର ପେଡା, ପି–ଋଷି, ଜାତି–ତନ୍ତୀ, ଗ୍ରାମ–ନିଜଗାଁ |
| ୮ | ୪୬୫ | ୧୩୯୦ | ବଗାୟତ–୩ | ୦.୦୨ | ୦.୦୨ | ରମେଶଚନ୍ଦ୍ର ପଣ୍ଡା, ପି–କହ୍ନେଇ, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୯ | ୫୨୦ | ୧୩୯୨ | ପତିତ | ୦.୦୨ | ୦.୦୨ | ସିତା ସୁନ୍ଦରୀ ପାଣି, ସ୍ୱା./–ଉଦୟନାଥ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| | | ୧୩୬୯ | ପତିତ | ୦.୦୧ | ୦.୦୧ | |
| | | ୪୧୯ | ପତିତ | ୦.୩୪ | ୦.୧୮ | |
| ୧୦ | ୫୭୧/୨୪ | ୪୨୨ | ପତିତ | ୦.୧୮ | ୦.୧୮ | ବ୍ରଜ ସୁନ୍ଦରୀ ପାଣି, ପି–ପୁରସ୍ତମ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୧୧ | ୫୭୧/୨୭ | ୧୩୭୯ | ଘରବାରି | ୦.୦୮ | ୦.୦୨ | ଚଞ୍ଚଳା ତ୍ରିପାଠୀ, ସ୍ୱା–ରଘୁନାଥ ତ୍ରିପାଠୀ ଓଗେର ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| | | ୧୩୮୦ | ଘରବାରି | ୦.୦୭ | ୦.୦୨ | |
| | | ୧୩୮୭ | ବଗାୟତ–୨ | ୦.୦୮ | ୦.୦୬ | |
| | | ୧୩୯୪ | ବଗାୟତ–୩ | ୦.୧୫ | ୦.୧୦ | |
| | | ୧୩୯୬ | ବଗାୟତ–୩ | ୦.୦୮ | ୦.୦୪ | |
| | | ୧୩୯୭ | ବଗାୟତ–୩ | ୦.୧୩ | ୦.୧୩ | |
| ୧୨ | ୫୭୧/୨୯ | ୧୩୮୫ | ଘରବାରି | ୦.୦୬ | ୦.୦୩ | କୃପାସିନ୍ଧୁ ପାଣି, ପି–ନରୋତମ, ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| | | ୧୩୮୬ | ବଗାୟତ–୩ | ୦.୦୫ | ୦.୦୪ | |
| ୧୩ | ୫୭୧/୩୮ | ୧୩୭୮ | ଘରବାରି | ୦.୦୪ | ୦.୦୨ | ଦିନବନ୍ଧୁ ପାଣି, ବ୍ରହ୍ମାନନ୍ଦ ପାଣି, ପି–ପୂର୍ଣ୍ଣାନନ୍ଦ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| ୧୪ | ୫୭୧/୭୨ | ୧୩୮୪ | ଘରବାରି | ୦.୧୮ | ୦.୦୪ | କୃପାସିନ୍ଧୁ ପାଣି, ପି–ନରୋତ୍ତମ, ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| ୧୫ | ୫୭୧/୭୩ | ୪୨୧ | ପତିତ | ୦.୦୮ | ୦.୦୮ | ମାଧବୀଲତା ପାଣି, ସ୍ୱା–ଘନଶ୍ୟାମ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| ୧୬ | ୫୭୧/୮୧ | ୪୨୩ | ପତିତ | ୦.୨୧ | ୦.୦୮ | ମାଧବୀଲତା ପାଣି, ସ୍ୱା–ଘନଶ୍ୟାମ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| ୧୭ | ୫୭୧/୯୩ | ୧୩୮୯ | ବଗାୟତ–୩ | ୦.୦୨ | ୦.୦୨ | ସୁରେନ୍ଦ୍ର ତ୍ରିପାଠୀ ଓଗେର, ପି–ରଂଜନ ତ୍ରିପାଠୀ, ଜାତି–ବ୍ରାହ୍ମଣ, ଗ୍ରାମ–ନଳାଙ୍ଗ |
| ୧୮ | ୫୭୧/୨୬୧ | ୪୨୦ | ବଗାୟତ–୩ | ୦.୧୦ | ୦.୧୦ | ସଦାଶିବ ପଣ୍ଡା, ପି–କୃଷ୍ଣ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀ ପଣ୍ଡା, ସ୍ୱା–ସଦାଶିବ ପଣ୍ଡା, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ |
| ୧୯ | ୫୭୧/୪୪୨ | ୧୩୯୫ | ବଗାୟତ–୩ | ୦.୦୫ | ୦.୦୩ | ଶ୍ରୀ ଶ୍ରୀ ନଳେଶ୍ୱର ମହାଦେବ ଯଜ୍ଞ କମିଟି ନଳାଙ୍ଗ ମାର୍ଫତ ନିରୋଦ କୁମାର ପାଣି, ପି–ବ୍ରଜ ସୁନ୍ଦର ପାଣି, ସ୍ୱପ୍ନ କୁମାର ପାଣି, ପି–ବୈଷ୍ଣବ ପାଣି, ଜାତି–ବ୍ରାହ୍ମଣ, ଗ୍ରାମ–ନିଜଗାଁ, ରାମନାରାୟଣ ତ୍ରିପାଠୀ, ପି–ବିଶ୍ୱନାଥ ତ୍ରିପାଠୀ, ରାଧାଶ୍ୟାମ ଓଝା, ପି–ନବକିଶୋର ଓଝା, ଜାତି–କମାର, ଗ୍ରାମ–ନିଜଗାଁ, ଶ୍ରୀଧର ନାୟକ, ପି–ଦଧିବାମନ ନାୟକ, ଜାତି–ଖଣ୍ଡାୟତ, ଗ୍ରାମ–କଦାପାଟ |
| | | | ମୋଟ | ୨.୫୩ | ୧.୭୦ | |

24017/14/0019/1920 **ସ୍ୱା./– ଭୂ–ଅର୍ଜନ ଅଧିକାରୀ, ଭଦ୍ରକ**



# ଓଡ଼ିଶା ସରକାର
# ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**File No.L.A. Case No. 16/18 3403 Dated: 06.06.19**

**No.XXVI-06:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ନାରାୟଣପୁର, ଥାନା: ଧାମନଗର, ତହସିଲ: ଧାମନଗର, ସଂ–୪୩, ଜିଲ୍ଲା: ଭଦ୍ରକରେ ନିମ୍ନ ତଫସିଲମତେ ପ୍ରାୟ ଏ୦.୭୯କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 (RFCTLAR & R Act. 2013) ର ଧାରା 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 (RFCTLAR & R Act. 2013)ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 (RFCTLAR & R Act. 2013) ର 15 ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ–ନିର୍ବାହ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା– 5380/R&DM ତା. 15.02.19 ରିଖ ପ୍ରକାରେ ଭୂମି ଅଧିକରଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପ ଜିଲ୍ଲାପାଳ, ଭଦ୍ରକ।
୬. ଜମିର ବିବରଣୀ:–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଭଦ୍ରକ | ଧାମନଗର | ନାରାୟଣପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ ଅଛି। | ଏ.୩.୧୭କର ଏଥି ସହିତ ସଂଲଗ୍ନ | ଏ.୦.୭୯କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୧୨କର ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର, (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
**ଜମିର ତାଲିକା**
**ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା-ନାରାୟଣପୁର, ଥାନା-ଧାମନଗର, ତହସିଲ-ଧାମନଗର, ସଂ-୪୩, ଜିଲ୍ଲା-ଭଦ୍ରକ**

**ବ୍ୟକ୍ତିଗତ ଜମି-**
ଏଥି ସହିତ ସଂଲଗ୍ନ କରାଯାଇଅଛି।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା./- ଜିଲ୍ଲାପାଳ, ଭଦ୍ରକ**

**ଭୂମି ଅନୁସୂଚୀ**
**ପ୍ରକଳ୍ପ ନାମ: ରେବ-କପାଳି ନଦୀ ସଂସ୍କାର**
**ସା: ନାରାୟଣପୁର, ତହସିଲ: ଧାମନଗର, ଥାନା: ଧାମନଗର, ସଂ-୪୩, ଜିଲ୍ଲା: ଭଦ୍ରକ**

| କ୍ର. ସଂ. | ଖାତା ସଂ | ଖସଡ଼ା ସଂ | କିସମ | ମୋଟ ରକବା (ଏକର ପ୍ରତି) | ଭୂ-ଅର୍ଜନ ରକବା (ଏକର ପ୍ରତି) | ଖାତା ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୩ | ୮୨୮ | ପତିତ | ୦.୫୮ | ୦.୧୬ | ଅକ୍ଷୟ ଚନ୍ଦ୍ର ବାରିକ, ପି: ଚିନ୍ତାମଣି ବାରିକ, ଜାତି: ଗୋପାଳ ଗ୍ରାମ: ନାରାୟଣପୁର |
| ୨ | ୫୮ | ୮୨୭ | ପତିତ | ୦.୩୪ | ୦.୦୮ | ଜଗବନ୍ଧୁ ଖିଲାର, ପି: ନୀଳମଣି ଖିଲାର, ଜାତି: ଗୋପାଳ, ଗ୍ରାମ: ନାରାୟଣପୁର |
| ୩ | ୮୫ | ୮୨୬ | ବାଜେ ଫସଲ–୨ | ୦.୩୦ | ୦.୨୦ | ନିରଞ୍ଜନ ରାଉଳ, ପି: ହାଡ଼ିବନ୍ଧୁ ରାଉଳ, ଜାତି: ମାଟିବଂଶ, ନିଜଗାଁ |
| ୪ | ୧୧୯ | ୮୨୩ | ପତିତ | ୦.୩୧ | ୦.୧୫ | ବୃନ୍ଦାବନ ରାଉଳ, ପି: ପ୍ରାଣବନ୍ଧୁ, ଜାତି: ମାଟିବଂଶ, ଗ୍ରାମ: ନିଜଗାଁ |
| ୫ | ୧୬୯ | ୮୫୩ | ଘରବାରି | ୦.୧୦ | ୦.୦୩ | ଶିବରାମ ନାୟକ, କୃଷ୍ଣ ଚନ୍ଦ୍ର ନାୟକ, ପି: ଚୈତନ୍ୟ ଓ ଓଗେର, ଜାତି: ମାଟିବଂଶ, ଗ୍ରାମ: ନିଜଗାଁ |
| ୬ | ୧୭୭ | ୮୪୬ | ଘରବାରି | ୦.୨୩ | ୦.୦୫ | ସୁଜନ ପାଗଳ, ସ୍ୱା: ଶ୍ରୀରାମ ପାଗଳ, ଜାତି: ମାଟିବଂଶ, ଗ୍ରାମ: ନିଜଗାଁ |
| ଗୋଚର ପ୍ରତିବଦଳ | | | | | | |
| ୧୧ | ୩ | ୮୨୮ | ପତିତ | ୦.୫୮ | ୦.୧୨ | ଅକ୍ଷୟ ଚନ୍ଦ୍ର ବାରିକ, ପି: ଚିନ୍ତାମଣି ବାରିକ, ଜାତି: ଗୋପାଳ ଗ୍ରାମ: ନିଜଗାଁ |
| | | | ମୋଟ | ୩.୧୭ | ୦.୭୯ | |

**24017/14/0010/1920** **ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଭଦ୍ରକ**



**idco | ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**No. HO/CIV/T&E/E-4477/01/19/13478 Date: 03.08.2019**

**EXPRESSION OF INTEREST FOR APPOINTMENT OF ARCHITECTURAL CONSULTANT**

Expression of Interest is invited from Architects/ Consultancy for rendering Architectural Planning & Design Services for **"Construction of BSL-III lab, 120 bedded Hostel and Ancillary works of RMRC, Bhubaneswar".** The detail EOI notice can be seen in our website **www.idco.in** (in tenders EOI / REP/ Others). The bid document can be downloaded from 5.00 P.M. of 08.08.2019. The last date of submission of the EOI is 26.08.2019 by 5.00 P.M.

**Sd/-**
**Chief General Manager (Civil)**
**IDCO, Bhubaneswar**



**राष्ट्रीय शैक्षिक अनुसंधान और प्रशिक्षण परिषद्**
**ଜାତୀୟ ଶିକ୍ଷାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ**
ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ - ୧୧୦୦୧୬, www.ncert.nic.in

**ଭାରତର ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ତଥା ବିଦେଶରେ ଏନ୍‌ସିଇଆର୍‌ଟି ପ୍ରକାଶନଗୁଡ଼ିକର ବିତରଣ ପାଇଁ ବିକ୍ରେତାଙ୍କ ତାଲିକାଭୁକ୍ତୀକରଣ**

ଏନ୍‌ସିଇଆର୍‌ଟି ତା୦୧।୦୧।୨୦୨୦ରିଖ ପରଠାରୁ ବିଦ୍ୟାଳୟ ପାଠ୍ୟପୁସ୍ତକ ସମେତ ଏହାର ପ୍ରକାଶନଗୁଡ଼ିକର ବିତରଣ ପାଇଁ ବିକ୍ରେତାମାନଙ୍କର ତାଲିକାଭୁକ୍ତୀକରଣ ଲାଗି ଇଚ୍ଛୁକ। ଅଭିଜ୍ଞ ତଥା ସ୍ୱଚ୍ଛଳ ଆର୍ଥିକ ପୃଷ୍ଠଭୂମିଧାରୀ ପ୍ରତିଷ୍ଠିତ ପୁସ୍ତକ ବିକ୍ରେତା, ଯେଉଁମାନେ ଦରଖାସ୍ତ ଫର୍ମରେ ବର୍ଣ୍ଣିତ ହୋଇଥିବା ଅନୁଯାୟୀ ବର୍ଷରେ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ବ୍ୟବସାୟ ପ୍ରଦାନ କରିବା ସ୍ଥିତିରେ ରହିଥିବେ, ସେମାନେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିପାରନ୍ତି। ଆବେଦନ ଫର୍ମ ତଥା ବିକ୍ରେତା ଭାବେ ତାଲିକାଭୁକ୍ତୀକରଣ ଲାଗି ଆବେଦନ ଆମନ୍ତ୍ରଣ କରୁଥିବା ଦସ୍ତାବିଜ୍ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍– **www.ncert.nic.in**ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ବିଦ୍ୟମାନ ବିକ୍ରେତାମାନେ ମଧ୍ୟ ନୂଆକରି ଆବେଦନ କରିପାରନ୍ତି। ପୂରଣ ହୋଇଥିବା ଦରଖାସ୍ତ ସମେତ ତାହା ସପକ୍ଷରେ କାଗଜପତ୍ର ତଥା ପ୍ରକାଶନ ଡିଭିଜନ ଏନ୍‌ସିଇଆର୍‌ଟିଙ୍କ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ଟ.୧୦୦୦/–ର ଡିମାଣ୍ଡ ଡ୍ରାଫ୍ଟ ପ୍ରଶାସନିକ ଅଧିକାରୀ, ପ୍ରକାଶନ ଡିଭିଜନ, ଏନ୍‌ସିଇଆର୍‌ଟି, ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ–୧୧୦୦୧୬ (ଫୋନ୍: ୦୧୧-୨୬୫୯୨୩୪୬, ୨୬୫୯୨୩୩୪)ଙ୍କ ନିକଟରେ **ସର୍ବଶେଷ ତା୦୬।୦୯।୨୦୧୯ରିଖ ସୁଦ୍ଧା** ପହଞ୍ଚିବା ଆବଶ୍ୟକ।

davp 21104/11/0005/1920



# ବାରିପଦା ପୌରପରିଷଦ କାର୍ଯ୍ୟାଳୟ, ବାରିପଦା

**ସଂଖ୍ୟା: 5968** **ତାରିଖ: 05.08.19**

**ବିଜ୍ଞପ୍ତି**
**(Notification)**

**No.100-C:-** ଏତଦ୍ୱାରା ବାରିପଦା ପୌରାଞ୍ଚଳରେ ବାସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ ଗତ ତା୨୮।୧୨।୨୦୧୮ରିଖଠାରୁ ବାରିପଦା ସହରକୁ "ଖୋଲାରେ ମଳତ୍ୟାଗ ମୁକ୍ତ ଅଞ୍ଚଳ" ରୂପେ ଘୋଷଣା କରାଯାଇଅଛି। ତେଣୁ ସହର ମଧ୍ୟରେ ବିଭିନ୍ନ ଖୋଲା ସ୍ଥାନରେ ଯଦି କୌଣସି ବ୍ୟକ୍ତି ମଳତ୍ୟାଗ କିମ୍ବା ପରିସ୍ରା କରୁଥିବାର ଦୃଷ୍ଟିଗୋଚର ହୁଏ ତେବେ ଆଇନ ଅନୁଯାୟୀ ଉକ୍ତ ବ୍ୟକ୍ତିବିଶେଷଙ୍କଠାରୁ ନିମ୍ନ ପ୍ରକାର ଜରିମାନା ଆଦାୟ କରାଯିବ।

୧. ଖୋଲା ସ୍ଥାନରେ ମଳତ୍ୟାଗ ନିମନ୍ତେ– ଟ. ୨୦୦.୦୦ଙ୍କା
୨. ଖୋଲା ସ୍ଥାନରେ ପରିସ୍ରା ତ୍ୟାଗ ନିମନ୍ତେ– ଟ. ୫୦.୦୦ଙ୍କା

ଏଣୁ ସମସ୍ତଙ୍କୁ ଅନୁରୋଧ ଘରେ ନିଜେ ପାଇଖାନା ତିଆରି କରି କିମ୍ବା ପୌରପରିଷଦ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରନ୍ତୁ ଏବଂ ଜରିମାନା ଦେବାରୁ ବଞ୍ଚିତ ହେବା ସହିତ ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ।

***ମନେରଖନ୍ତୁ "ଖୋଲାରେ ଝାଡ଼ାଯିବା ଦେଶ ତଥା ସହର ପାଇଁ ଲଜ୍ଜା"***

**ସ୍ୱା./- ନିର୍ବାହୀ ଅଧିକାରୀ**
**13078/11/0005/1920** **ବାରିପଦା ପୌରପରିଷଦ**

## ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ହିଁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କଦଳୀଗଛ ଓ ଅମୃତଭଣ୍ଡା ଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିସ୍ଥାନ ପୂରଣ କରନ୍ତୁ।

## ଚିନାବାଦାମ



ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣି) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ରିଡୋମିଲ୍ ଏମ୍.ଜେଡ୍.-୭୨ କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରି କି ମାଟି ଭଲ ଭାବରେ ଭିଜି ପାରିବ ।

# ଏ ମାସର କୃଷି ସୂଚନା

ଜଳସେଚିତ ଅଞ୍ଚଳରେ ଧାନ ଜମିରେ ଜଳନାଳୀଗୁଡ଼ିକୁ ସଫା କରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ । ତା'ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ ।

**ଧାନ :** ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷାଦେଖି ପ୍ରୟୋଗ କରନ୍ତୁ ।

-ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ ।

- ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ ।

- କାହାଲିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

- ତଳିଘରାରେ ପତ୍ରପୋଡ଼ା ରୋଗ ହେଲେ ଷ୍ଟେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସଞ୍ଚନ କରନ୍ତୁ । ଢ଼ିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ଲାଗି ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ତଳପତ୍ରକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସ୍‌ଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ସକାଶେ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩ ଲିଟର ୫୦୦ ମି.ଲି. ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।

**ମକା :** ମକା ଫସଲ ୬-୭ ସପ୍ତାହ ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ କୌଣସି ପ୍ରକାର ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ :** ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ ।

-ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

- ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ନଳିତା :** ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡସଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ (୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧.୫ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଚଳିତ ମାସ ଶେଷ ଆଡ଼କୁ ନଳିତା କାଟି ବିଡ଼ା କରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଡାଲିଜାତୀୟ ଫସଲ :** ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ଲାଗି ହେକ୍ଟର ପ୍ରତି ୧ ଲିଟର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ସକାଶେ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

**ଅଳସୀ :** ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ ।

-ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ ।

- ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

- ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

**ଆଖୁ :** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହା ଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ୱିନାଲ୍‌ଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*



## ଗୋପାଳନ

ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବାର ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ଯେପରି ପାଣି ନଛାଟେ ତା'ର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ଦିଆ ହୋଇ ନ ଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ।

-ହାଇବ୍ରିଡ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ।



## ଆତ୍ମନିଯୁକ୍ତି ପାଇଁ ଫୁଲଝାଡୁ...

(ଦ୍ୱିତୀୟ ଭାଗ)

ଝାଡୁ ଗଛର ଚଅଁରକୁ ଆମେ ବାନ୍ଧି ଫୁଲଝାଡୁ ହିସାବରେ ବ୍ୟବହାର କରୁ। ଏହି ଚଅଁର ବର୍ଷର ଶେଷମାସ ବା ଡିସେମ୍ବର ମାସ ବେଳକୁ ଆସିଥାଏ ଓ ଫେବୃୟାରୀ-ମାର୍ଚ୍ଚ ମାସରେ ପାକଳ ହୋଇଥାଏ। ଚଅଁର ସଂଗ୍ରହ ଫେବୃୟାରୀ ମାସର ଶେଷ ଓ ସ୍ଥାନ ବିଶେଷରେ ମାର୍ଚ୍ଚ ମାସର ଶେଷଭାଗ ପର୍ଯ୍ୟନ୍ତ ଚାଲୁ ରହିଥାଏ। ଫୁଲଝାଡୁ ଘାସ ଚାଷ କଲେ ପ୍ରଥମ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଭଜନକ ଭାବରେ ଚଅଁର ମିଳିଥାଏ। ମାତ୍ର ଲଗାଇବାର ତୃତୀୟ ଓ ଚତୁର୍ଥ ବର୍ଷରେ ଅଧିକ ସଂଖ୍ୟକ ଚଅଁର ମିଳିଥାଏ।

ଚଅଁର ଅମଳ ପରେ ଶୁଖାଇବା, ପତ୍ର ଓ ଛେଦା ଛଡ଼ାଇବା ଆଦି କାର୍ଯ୍ୟ କରାଯାଇଥାଏ। ଏହି ସମସ୍ତ କାର୍ଯ୍ୟ ଠିକ୍ ଭାବରେ କରାଯାଇ ନ ପାରିଲେ ସଂଗ୍ରହର ସମସ୍ତ ମୂଲ୍ୟ ନଷ୍ଟ ହୋଇଯାଏ। ଗୋଟାଏ ଫୁଲଝାଡୁ ଚଅଁର ଭଲଭାବରେ ଶୁଖିବା ଲାଗି ପ୍ରାୟ ୩-୪ ଦିନ ସମୟ ଲାଗିଥାଏ। ଫୁଲଝାଡୁର ମୁଖ୍ୟ ଆକର୍ଷଣ ହେଲା ରଙ୍ଗ। ଠିକ୍ ଭାବରେ ନ ଶୁଖାଇଲେ କିମ୍ବା ରାତିରେ କାକର ଖାଇଲେ, ଏହାର ରଙ୍ଗ ସବୁଜରୁ କଳା ପଡ଼ିବା ଆରମ୍ଭ କରିଥାଏ ଏବଂ ଏପରି କି ଫିମ୍ପି ମଧ୍ୟ ମାରିଥାଏ। ଏହି ସବୁଜ ରଙ୍ଗକୁ ବଜାୟ ରଖିବା ପାଇଁ ତାକୁ ଗଛ ଛାଇ (ଆଂଶିକ ଖରା) ବା କଅଁଳ ଖରାରେ ଶୁଖାଇବା ଜରୁରୀ। ଶୁଖିସାରିଲା ପରେ କାଠିରେ ଥିବା ବର୍ଜ୍ୟବସ୍ତୁକୁ ବାହାର କରିଦେବା ଉଚିତ। ପ୍ରକ୍ରିୟାକରଣ ପରେ ୩୫ଟି ଚଅଁରକୁ ମିଶାଇ ପ୍ଲାଷ୍ଟିକ୍ ଫିତା, ଶିଆଳି ଲତା କିମ୍ବା ପ୍ଲାଷ୍ଟିକ ନଳି ଦ୍ୱାରା ବିଡ଼ା ବନ୍ଧାଯାଇଥାଏ। ସାଧାରଣତଃ ଗୋଟିଏ କିଲୋଗ୍ରାମ ଖୋଲା ଫୁଲଝାଡୁ ଚଅଁରରୁ ୩ଟି ଝାଡୁ ପ୍ରସ୍ତୁତ ହୋଇପାରେ।

ସମ୍ପ୍ରତି ଜଙ୍ଗଲକ୍ଷୟ, ଜଳବାୟୁ ପରିବର୍ତ୍ତନ, ବନାଗ୍ନି ଓ ଜଙ୍ଗଲ ସମ୍ପଦ ଉପରେ ଅଧିକ ଚାପ ଓ ବିକାଶ ପ୍ରକ୍ରିୟାର ବହୁଳତା ଯୋଗୁ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ଉତ୍ପାଦନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ବଜାର ଚାହିଦା ଥିବା ବନଜାତ ଦ୍ରବ୍ୟଗୁଡ଼ିକର କ୍ଷତିକାରକ ଅମଳ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାମଧ୍ୟରୁ ଫୁଲଝାଡୁ ଅନ୍ୟତମ। ତେଣୁ ବୈଜ୍ଞାନିକ ପଦ୍ଧତିରେ ଏହାକୁ ଚାଷକରି ଅମଳ ଓ ପ୍ରକ୍ରିୟାକରଣ କରି ବିକ୍ରିବଟା କଲେ ବନବାସୀମାନଙ୍କର ଅର୍ଥନୈତିକ ବିକାଶ ସହିତ ପରିବେଶ ସୁରକ୍ଷା ହେବ।

*-**ଗୟାଧର ଶିଅଳ,** ବନବିଜ୍ଞାନୀ, ୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯*



## ପନିପରିବା ଫସଲ



ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ ।

- ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ ।

- ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ଲାଗି ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପରଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍/ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ ।

- ଆଭ୍ୟନ୍ତରୀଣ ଜିଲ୍ଲାରେ ଅଦିନିଆ ଫୁଲ କୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି ଏବଂ ପୁଷା ଦୀପାଳି ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ।

- ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରିପାରିବେ।

# ସଫଳ ସୂର୍ଯ୍ୟମୁଖୀ ଚାଷ



ପରେଶ କୁମାର ପଣ୍ଡା

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରୁ ପ୍ରଚୁର ପରିମାଣର ଜୀବନୀଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମଣିଷ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳିଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍-'ଏ', 'ଡି' ଓ 'ଇ' ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହେଉଥିବାରୁ ପ୍ରାୟ ଜିଲାରେ ଚାଷ କରାଗଲାଣି।

ସୂର୍ଯ୍ୟମୁଖୀ ୮ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣା ହେବା ଆବଶ୍ୟକ, ଯଦ୍ଵାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ନ ହେଉଥିବା କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଥଣ୍ଡାପାଗ ଭଲ। ଗଛଗୁଡ଼ିକ ୪-୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ୍ୟ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା, ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣି ଶକ୍ତି ରହିଛି। ଅମ୍ଳମାଟିରେ ଫସଲ ଭଲ ହୋଇ ନ ଥାଏ। ବର୍ଷା ଋତୁରେ ବାଲିଆ ଦୋରସା ମାଟିରେ ଏହା ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷ କରିବା ଭଲ।

**ଉନ୍ନତ କିସମ:** ସନ୍‌ରାଇଜ୍, ମର୍‌ଡେନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫, ଡି.ଆର୍.ଏସ୍.ଏଫ୍.-୧୦୮ ଓ ଡି.ଆର୍.ଏସ୍.ଏଫ୍-୧୧୩।

**ସଙ୍କର କିସମ ହେଲା-** ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍-୧, ଏମ୍.ଏସ୍.ଏଫ୍.ଏଚ୍.-୧୭, ଏମ୍.ଏସ୍.ଏଫ୍.ଏଚ୍-୮, ଜ୍ୱାଳାମୁଖୀ, ପି.ଏ.ସି-୩୬, ପି.ଏ.ସି.-୧୦୯୧, ଏମ୍.ଏଲ୍.ଏସ୍.ଏଫ୍.ଏଚ୍-୪୭, କେ.ବିଏସ୍‌ଏଚ୍-୪୪, ସନ୍‌ଜିନ-୮୫ ଓ ପ୍ରୋ.ସନ-୦୯ (୯୫ ଦିନର): କେ.ବି.ଏସ୍.ଏଚ୍-୧, କେ.ବି.ଏସ୍.ଏଚ୍-୪୪, ଏମ୍.ଏସ୍.ଏଫ୍,ଏଚ୍-୮, ଏମ୍.ଏସ୍‌ଏଫ୍.ଏଚ-୧୭ (୧୧୦ ଦିନର) ଓ ଅନ୍ୟ କିସମ (୧୦୦ ଦିନ ଅବଧିର)। ବିଶେଷକରି ମର୍‌ଡେନ୍, ପି.ଏ.ଏସ୍-୩୬, କେ.ବି.ଏସ୍.ଏଚ୍.-୧ ଓ କେ.ବି.ଏସ୍.ଏଚ୍.-୪୪ ଓଡ଼ିଶାରେ ଲୋକପ୍ରିୟ।



**ବିହନ, ଖତସାର:** ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ, ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁୟାରୀରୁ ଫେବୃୟାରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମର ବିହନ ଏକର ପ୍ରତି ୪-୫ କି.ଗ୍ରା. ଓ ସଙ୍କର ବିହନ ୨-୩ କି.ଗ୍ରା. ଦରକାର ପଡ଼ିଥାଏ। ମେଟାଲାକ୍ସିଲ୍ ୬ ଗ୍ରାମ୍ ୧ କି.ଗ୍ରା. ବିହନ ପ୍ରତିବିଶୋଧନ କଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ଲାଗି କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ୍ ବା କ୍ୟାପଟାନ୍ କିମ୍ବା ୪ ଗ୍ରାମ ଟ୍ରାଇକୋଡର୍ମା ଭିରିଡ଼େ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫-୭ ଗ୍ରାମ ଇମିଡ଼ାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ରରେ ଉକୁଣି ପୋକ ଲାଗିବା କମିଯାଏ।



ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭିରିଆ ୩ ଓଡ଼ ଚାଷକରି ମଇ ଦେଇ ମାଟିକୁ ସମତୁଲ କରାଯାଏ। ଶେଷଥର ଚାଷ ସମୟରେ ଏକର ପ୍ରତି ୩୦ କୁଇଣ୍ଟାଲ ଖତ ଭଲ ଭାବରେ ମିଶାଇବାକୁ ହୁଏ। ଲଗାତର ଗୋଟିଏ ଜମିରେ ସୂର୍ଯ୍ୟମୁଖୀ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଦରକାର। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ମଧ୍ୟରେ ୪୫ ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୨୫-୩୦ ସେ.ମି. ଦୂରତା ଓ ୨-୪ ସେ.ମି. ଗଭୀର ରହିବା ପ୍ରୟୋଜନ। କିନ୍ତୁ ସଙ୍କର ଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜା ହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦-୧୫ ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ଗଛଗୁଡ଼ିକୁ ଉପାଡ଼ି ଦିଆଯାଏ। ୧ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଯାନ, ୧.୯ କି.ଗ୍ରା. ଫସ୍‌ଫରସ୍, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା. ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ୍ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷାଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦-୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର ୨-୩ ସପ୍ତାହ ପୂର୍ବରୁ ପ୍ରୟୋଗ କଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର-ଆଜୋଟୋବ୍ୟାକ୍ଟର/ଆଜୋସ୍ପିରିଲମ୍ ଗୁଣ୍ଡ ୧.୬ କି.ଗ୍ରା. ଓ ଫସ୍‌ଫରସ୍ ଦ୍ରବୀଭୂତକାରୀ ଜୀବାଣୁ କଲ୍‌ଚର୍ ୨-୪ କି.ଗ୍ରା. ଗୋଳାଇ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହିତ ଅଧିକ ଅମଳ ମିଳିଥାଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର ମୋ: ୭୨୦୫୦୯୬୦୮୦*

## ସଂକ୍ଷେପରେ

### କଶ୍ମୀରରେ କାରଖାନା ଖୋଲିବ ଏସିଆର ସର୍ବବୃହତ୍ ହେଲ୍‌ମେଟ୍ କମ୍ପାନୀ




**ନୂଆଦିଲ୍ଲୀ,୬-୮:** ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଏସିଆର ସର୍ବବୃହତ୍ ହେଲମେଟ୍ ନିର୍ମାତା କମ୍ପାନୀ ଷ୍ଟିଲବାର୍ଡ ହାଇଟେକ ଇଣ୍ଡିଆ କେନ୍ଦ୍ରଶାସିତ ଅଞ୍ଚଳରେ କାରଖାନା ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛି। କମ୍ପାନୀ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରି କହିଛି ଯେ, କଶ୍ମୀର ଉପତ୍ୟକାରେ ନୂଆ ଔଦ୍ୟୋଗିକ କ୍ରାନ୍ତି ଆରମ୍ଭ ହେବ। ଫଳରେ ସ୍ଥାନୀୟ ନାଗରିକଙ୍କୁ ନିଯୁକ୍ତି ମିଳିବ। ଷ୍ଟିଲବାର୍ଡ ହେଲମେଟ୍ସର ଅଧକ୍ଷ ସୁଭାଷ କପୁର କହିଛନ୍ତି ଯେ, ଅନୁଚ୍ଛେଦ ୩୭୦ ହଟାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉଠାଯାଇଥିବା ପଦକ୍ଷେପ ବହୁ ପ୍ରତୀକ୍ଷିତ ଥିଲା। ଏହି ଚମତ୍କାର ପଦକ୍ଷେପ ଦ୍ୱାରା କଶ୍ମୀର ଉପତ୍ୟକା ଭାରତର ମୁଖ୍ୟଧାରାରେ ସାମିଲ ହୋଇପାରିବ ଏବଂ ଦେଶର ସାମୂହିକ ବିକାଶର ଅଂଶବିଶେଷ ହୋଇପାରିବ। ଅଦ୍ୟାବଧି ସେଠାକାର ଜମ୍ମୁ-କଶ୍ମୀରରେ ଅଧିକାଂଶ ବିନିର୍ମାଣ ଗତିବିଧି କୃଷି ଏବଂ ହସ୍ତଶିଳ୍ପ ପର୍ଯ୍ୟନ୍ତ ସୀମିତ ରହିଛି। ସେଠାରେ ଅକ୍ଟୋବରରେ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ କମ୍ପାନୀ କାରଖାନା ଖୋଲିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କମ୍ପାନୀ ଏମ୍‌ଡି ରାଜୀବ କପୁର କହିଛନ୍ତି। ସୂଚନାଥାଉ କି, ଷ୍ଟିଲ୍‌ବାର୍ଡ ଇତିମଧ୍ୟରେ ହିମାଚଳପ୍ରଦେଶର ବଦ୍ଦିରେ ୧୫୦ କୋଟି ଟଙ୍କା ନିବେଶ କରି କାରଖାନା ସ୍ଥାପନ କରିସାରିଛି। ଏଠାରେ ଦିନକୁ ୪୪,୫୦୦ ହେଲ୍‌ମେଟ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଶ୍ମୀର ଉପତ୍ୟକାରେ ସମାନ ପ୍ରଗତି କରିବାକୁ କମ୍ପାନୀ ଆଶାବାନ୍ଧିଛି।

### ଜେ ଆଣ୍ଡ କେ ବ୍ୟାଙ୍କ ସରକାରଙ୍କ ନିୟନ୍ତ୍ରଣକୁ ଆସିବ

**ନୂଆଦିଲ୍ଲୀ,୬-୮:** ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ହଟିବା ପରେ ଏବେ କେନ୍ଦ୍ର ସରକାର ଜେ ଆଣ୍ଡ କେ ବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ନେବେ। ବର୍ତ୍ତମାନ ଏହି ବ୍ୟାଙ୍କର ୬୦% ଅଂଶଧନ ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଏହା ରାଜ୍ୟର ସବୁଠାରୁ ପ୍ରମୁଖ ବ୍ୟାଙ୍କ ଯାହାର ଶାଖା ସମ୍ପୂର୍ଣ୍ଣ ରାଜ୍ୟରେ ରହିଛି। ସରକାର ଏହି ବ୍ୟାଙ୍କକୁ ନିଜ ନିୟନ୍ତ୍ରଣରେ ନେବା ପରେ ବ୍ୟାଙ୍କ ବୋର୍ଡ ସମେତ ସମସ୍ତ ମହତ୍ତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେବାର ଅଧିକାର ପାଇଯିବେ। ଏବେ ଏହି ଅଧିକାର ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଏହା ବର୍ତ୍ତମାନ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ହେବ। ଏବେ ରାଜ୍ୟ ସଚିବଙ୍କ ନିକଟରେ ଏହି ବ୍ୟାଙ୍କର ୫୫.୮୯% ଏବଂ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନିକଟରେ ୩.୩୪% ଅଂଶଧନ ରହିଛି। ବ୍ୟାଙ୍କକୁ ଅଧିକାଂଶ ଆର୍ଥିକ ସହାୟତା ରାଜ୍ୟ ସରକାର ଦେଇ ଆସୁଥିଲେ। ଏହାସତ୍ତ୍ୱେ ଏହାକୁ ଘରୋଇ ସେକ୍ଟର ବ୍ୟାଙ୍କ କୁହାଯାଉଛି।

### ଡିଶ୍ ଟିଭି ସହ ମିଶିଯିବ ଏୟାରଟେଲ




**ନୂଆଦିଲ୍ଲୀ,୬-୮:** ଦେଶର ଦୁଇ ପ୍ରମୁଖ ଡିଟିଏଚ୍ କମ୍ପାନୀ ଚଳିତ ମାସ ଶେଷ ସୁଦ୍ଧା ମିଶିଯିବେ। ଏସେଲ ଗ୍ରୁପ୍ କମ୍ପାନୀ ଡିଶ୍ ଟିଭିକୁ ଖୁବ୍‌ଶୀଘ୍ର ଭାରତୀ ଏୟାରଟେଲ କିଣିବ। ମିଶ୍ରଣ ପରେ ଏୟାରଟେଲ ଡିଜିଟାଲ ଟିଭି ଦେଶର ସର୍ବବୃହତ ଡିଟିଏଚ୍ କମ୍ପାନୀ ହେବ। ଏହା ଟାଟା ସ୍କାଏ ଏବଂ ରିଲାଏନ୍ସ ଜିଓକୁ ଟକ୍କର ଦେବ। ରିଲାଏନ୍ସ ମଧ୍ୟ ଚଳିତ ମାସରେ ନିଜର ଗିଗାଫାଇବର ସେବାକୁ ବାଣିଜ୍ୟିକ ଭିତ୍ତିରେ ଆରମ୍ଭ କରିବାକୁ ଯାଉଛି। ଡିଶ୍ ଟିଭିକୁ ନିଜ କମ୍ପାନୀ ସହ ମିଶାଇବା ନେଇ ଏୟାରଟେଲ ମାଲିକ ସୁନୀଲ ଭାରତୀ ମିତ୍ତଲ ଚଳିତ ମାସ ମାର୍ଚ୍ଚରେ କଥାବାର୍ତ୍ତା ଆରମ୍ଭ କରିଥିଲେ, ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ମାସ ଶେଷରେ ଦୁଇ କମ୍ପାନୀ ଏକତ୍ର ଏ ସମ୍ପର୍କରେ ଘୋଷଣା କରିବେ। ରିଲାଏନ୍ସ ଜିଓ ଦେଶର ଦୁଇ ସର୍ବବୃହତ୍ କେବଲ ଟିଭି କମ୍ପାନୀ ଡେନ୍ କେବଲ ନେଟ୍‌ୱର୍କ ଏବଂ ହ୍ୟାଥୱେ କେବଲ ଆଣ୍ଡ ଡାଟାକମ୍‌ରେ ପ୍ରମୁଖ ଅଂଶଧନ କିଣିଛି। ମିତ୍ତଲ ଏବେ ଡିଟିଏଚ୍ କ୍ଷେତ୍ରରେ ଜିଓକୁ କଡ଼ା ଟକ୍କର ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଗତବର୍ଷ ମାର୍ଚ୍ଚରେ ଡିଶ୍ ଟିଭି ଭିଡିଓକନ ଡିଟିଏଚ୍‌କୁ ନିଜ ସହ ମିଶାଇଥିଲା। ଏୟାରଟେଲ ନିଜ କମ୍ପାନୀକୁ ଟାଟା ସ୍କାଏକୁ ବିକିବାକୁ ଚେଷ୍ଟା କରିଥିବା ବେଳେ ଏହା ସଫଳ ହୋଇନାହିଁ।

---

> ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ଆଗ୍ରହ ବୃଦ୍ଧି ପାଉଛି। ଆର୍‌ଇସି ଲିମିଟେଡ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକାରେ ରହିଛି।
> – ଅଜିତ କୁମାର ଅଗ୍ରୱାଲ, ଆର୍‌ଇସି ସିଏମ୍‌ଡି



> ଦେଶର ଅର୍ଥନୀତିର ଗତି ଦ୍ରୁତ ହେବା ସହିତ ଏହାର ପର୍ଯ୍ୟଟନ ସେକ୍ଟର ମଧ୍ୟ ଆଗେଇବ। ଏହାକୁ ଦୃଷ୍ଟିରେ ରଖି ଥମାସ କୁକ୍ ନିବେଶ ବୃଦ୍ଧି କରିବାକୁ ଯାଉଛି।
> – ମାଧବନ୍ ମେନନ, ଥମାସ କୁକ୍ ସିଏମ୍‌ଡି



# ୫୯ ମିନିଟରେ ମିଳିବ ରିଟେଲ ଋଣ

- ଚାହିଦା ବଢ଼ାଇବା ଲକ୍ଷ୍ୟ
- ଗୃହ, କାର୍ ଋଣ ପାଇହେବ
- ଅର୍ଥ ମନ୍ତ୍ରଣାଳୟ-ବ୍ୟାଙ୍କ ମୁଖ୍ୟଙ୍କ ସହ ଆଲୋଚନା
- ଖୁବଶୀଘ୍ର ହେବ ଘୋଷଣା



**ନୂଆଦିଲ୍ଲୀ,୬-୮**

ଦେଶର ଅର୍ଥନୀତିକୁ ଗତିଶୀଳ କରିବାକୁ ହେଲେ ଚାହିଦା ବୃଦ୍ଧି କରିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ସରକାର ମାତ୍ର ୫୯ ମିନିଟରେ ରିଟେଲ ଋଣ ପ୍ରଦାନ କରିବାକୁ ବିଚାର କରୁଛନ୍ତି। ଅର୍ଥ ମନ୍ତ୍ରଣାଳୟ ସହ ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଆଲୋଚନା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ନିଷ୍ପତ୍ତି ଘୋଷଣା ନେଇ ଏବେ ଅନିଶ୍ଚିତତା ଲାଗି ରହିଛି। କିନ୍ତୁ ସରକାର ଏ ଦିଗରେ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଚାହିଦା ବୃଦ୍ଧି ପାଇଁ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଖାଉଟି ଏବେ ପ୍ରଚଣ୍ଡ ଅର୍ଥ ସଙ୍କଟର ସମ୍ମୁଖୀନ ହେଉଛି। ଫଳସ୍ୱରୂପ ରିଟେଲ ସେକ୍ଟର, ଅଟୋ ସେକ୍ଟର ଧିମା ହୋଇଛି। ଦେଶକୁ ମାନ୍ଦାବସ୍ଥାରୁ ଦୂରେଇ ରଖିବା ଲାଗି ରିଟେଲ ସେକ୍ଟରରେ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ହେବ ବୋଲି ବୈଠକରେ ମତପ୍ରକାଶ ପାଇଛି। ମିଡିଆ ରିପୋର୍ଟ ଅନୁଯାୟୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ମାତ୍ର ୫୯ ମିନିଟରେ ଋଣ ପ୍ରଦାନ ସଫଳ ହୋଇଥିବାରୁ ଏହି ଯୋଜନାକୁ ରିଟେଲ ସେକ୍ଟରରେ ଲାଗୁ କରିବାକୁ ବ୍ୟାଙ୍କ ମୁଖ୍ୟମାନଙ୍କ ପକ୍ଷରୁ ଅର୍ଥମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ଦିଗରେ ବିଚାର କରାଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି। ୫୯ ମିନିଟରେ ଋଣ ପ୍ରଦାନ ବ୍ୟବସ୍ଥା ବର୍ତ୍ତମାନ ଏମଏସ୍‌ଏମ୍‌ଇ ସେକ୍ଟରରେ ଦିଆଯାଉଛି। ଯେକୌଣସି କ୍ଷୁଦ୍ର କମ୍ପାନୀ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପିଏସ୍‌ବିଲୋନ୍‌ସଇନ୍‌୫୯ମିନିଟ୍ସ ଡଟ୍ କମ୍‌ରେ ଆବେଦନ କରି ପାଇପାରୁଛନ୍ତି।

ରିଟେଲ ଗ୍ରାହକ ଯେପରି ଘର, କାର୍, ଟିଭି, ଫ୍ରିଜ୍ ଆଦି ସହଜରେ ଋଣ ନେଇ କିଣିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ୫୯ ମିନିଟରେ ଋଣ ପ୍ରଦାନ ପାଇଁ ଏକ ୱେବ୍‌ସାଇଟ ଆରମ୍ଭ କରାଯିବା ଦରକାର ବୋଲି ବ୍ୟାଙ୍କ ମୁଖ୍ୟମାନେ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଚାହିଦା ବୃଦ୍ଧି ପାଇବ ଓ ଅର୍ଥନୀତିର ଗତି ଦ୍ରୁତ ହେବ। ଅଟୋ, ରିୟଲ ଇଷ୍ଟେଟ, କଞ୍ଜ୍ୟୁମର ଗୁଡ୍ସ ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ଫାଇଦା ମିଳିବ।

## ଅଟୋ, ଏଫ୍‌ଏମ୍‌ସିଜି ସର୍ବାଧିକ ପ୍ରଭାବିତ

ଅର୍ଥନୀତି ଧିମା ହେବାର ପ୍ରଭାବ ଏବେ ଅଟୋ ଓ ଏଫ୍‌ଏମ୍‌ସିଜି ସେକ୍ଟରକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ଗାଡ଼ି ବିକ୍ରି ଦିନକୁ ଦିନ ହ୍ରାସ ପାଇବା କାରଣରୁ ଅଟୋ କମ୍ପାନୀ କର୍ମଚାରୀ ଛଟେଇ କରିବା ସହ ଶୋ'ରୁମ୍ ବନ୍ଦ କରିବାକୁ ବାଧ ହୋଇଛନ୍ତି। ସେହିପରି ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରରେ ଚାହିଦା ହ୍ରାସ ପାଇବା କାରଣରୁ ଉତ୍ପାଦନ ହ୍ରାସ ପାଇଚାଲିଛି। ସେମାନେ ମାର୍କେଟରେ ତିଷ୍ଠି ରହିବା ଲାଗି ଭିନ୍ନ ପନ୍ଥା ଆପଣାଉଛନ୍ତି। ବିକ୍ରି ହ୍ରାସ କାରଣରୁ କମ୍ପାନୀଗୁଡ଼ିକର ଲାଭ କମିବାରେ ଲାଗିଛି। ଆକ୍ସିସ ବ୍ୟାଙ୍କ ସିଇଓ ଅମିତାଭ ଚୌଧୁରୀଙ୍କ କହିବାନୁଯାୟୀ, ଅର୍ଥନୀତିର ଧିମାପଣ ଆଶାଠାରୁ ଅଧିକ ଅବଧି ପର୍ଯ୍ୟନ୍ତ ରହିବ ବୋଲି ମନେ ହେଉଛି। ତାଙ୍କର କହିବାନୁଯାୟୀ, ଅର୍ଥନୀତି ଧିମା ହେବାର ଲକ୍ଷଣ ପ୍ରଥମେ ଏନ୍‌ବିଏଫ୍‌ସିରୁ ଆରମ୍ଭ ହୋଇ ଅଟୋ ସେକ୍ଟରକୁ ମାଡିଥିଲା। ଏବେ ଏହା ଏଫ୍‌ଏମ୍‌ସିଜି ସେକ୍ଟରକୁ ମାଡିଗଲାଣି। ଗ୍ରାମାଞ୍ଚଳରେ ଆୟ କମିବା କାରଣରୁ ଚାହିଦା ହ୍ରାସ ପାଇବାରେ ଲାଗିଛି। ଶୀଘ୍ର ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଯାଉନାହିଁ। ଜୁନ୍‌ରେ କୋର୍ ସେକ୍ଟର ଅଭିବୃଦ୍ଧି ୦.୨%କୁ ହ୍ରାସ ପାଇଛି, ଯାହା କି ୨୦୧୫ ପରେ ସବୁଠାରୁ ଖରାପ ରହିଛି। ଚାହିଦା ହ୍ରାସ କାରଣରୁ ବହୁ କମ୍ପାନୀ ଉତ୍ପାଦନ କମାଇଛନ୍ତି ନଚେତ କାରଖାନା ବନ୍ଦ କରିସାରିଲେଣି।

## ଗେମ୍ ଚେଞ୍ଜର ହେବ

ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ସରକାର ମାତ୍ର ୫୯ ମିନିଟରେ ଋଣ ପ୍ରଦାନ ବ୍ୟବସ୍ଥା ଗତବର୍ଷ ନଭେମ୍ବର ୨ରେ ଶୁଭାରମ୍ଭ କରିଥିଲେ। ଋଣ ପାଇଁ ବ୍ୟାଙ୍କକୁ ଧାଁଦୌଡ ନ କରି ପୋର୍ଟାଲ ମାଧ୍ୟମରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଆବେଦନ କରିବାକୁ ଛୋଟ ଉଦ୍ୟୋଗଗୁଡ଼ିକୁ ସୁବିଧା ପ୍ରଦାନ କରାଯାଇଛି। ସରକାରଙ୍କ ଏହି ଉଦ୍ୟମ ସଫଳ ମଧ୍ୟ ହୋଇଛି। ଚଳିତବର୍ଷ ଜୁଲାଇ ୧୭ ସୁଦ୍ଧା ମାତ୍ର ୫୯ ମିନିଟରେ ୧୩ ଲକ୍ଷ ଋଣ ମଞ୍ଜୁର କରାଯାଇଛି । ଏହି ଋଣ ପରିମାଣକୁ ୧ରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଆଗତ ଏକ ପ୍ରସ୍ତାବ ବିଚାରାଧୀନ ରହିଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ଉକ୍ତ ବ୍ୟବସ୍ଥାରେ ଋଣ ଚାହୁଁଥିବା ଛୋଟ କମ୍ପାନୀଙ୍କ ପାଇଁ ଆବେଦନ କରିବା ସହଜ ହୋଇଛି। ମାତ୍ର ୧ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଋଣ ଆବେଦନକୁ ଅନୁମୋଦନ କରାଯାଉଥିବା ବେଳେ ୮ ବ୍ୟବସାୟିକ ଦିବସ ମଧ୍ୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଆବେଦନକାରୀଙ୍କ ଆକାଉଣ୍ଟରେ ଋଣ ଅର୍ଥ ଚାଲିଆସୁଛି। ଯୋଜନାର ବିସ୍ତାର ଲାଗି ଏସ୍‌ବିଆଇ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, କର୍ପୋରେଶନ ବ୍ୟାଙ୍କ ଏବଂ ଆନ୍ଧ୍ର ବ୍ୟାଙ୍କ ମଧ୍ୟରେ ଚୁକ୍ତି ହୋଇଛି। ରିଟେଲ କ୍ଷେତ୍ରରେ ଏହି ସୁବିଧା ପ୍ରଦାନ କରାଗଲେ ଏହା ଅର୍ଥନୀତି ପାଇଁ ଗେମ୍‌ଚେଞ୍ଜର ହେବ ବୋଲି ସେ କହିଛନ୍ତି। କାରଣ ଏହାଦ୍ୱାରା ପର୍ସନାଲ, ହାଉସିଂ ସେକ୍ଟରରେ ଚାହିଦା ବୃଦ୍ଧି ପାଇବ।

## ବ୍ୟାଙ୍କ ଋଣ ପ୍ରଦାନ ସ୍ଥିତି ଖରାପ

ରିଜର୍ଭ ବ୍ୟାଙ୍କ ଡାଟା ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ୬ ମାସରେ ଦେଶର ବ୍ୟାଙ୍କଗୁଡ଼ିକ ପକ୍ଷରୁ ରିଟେଲ ଋଣ ପ୍ରଦାନ ସ୍ଥିତି ଅତ୍ୟନ୍ତ ଖରାପ ରହିଛି। ଗତ ୫ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚାହିଦା କମିବା ତଥା ବେକାରି ବୃଦ୍ଧି କାରଣରୁ ଋଣ ପ୍ରଦାନ କମିଛି ବୋଲି ଆର୍‌ବିଆଇ ଡାଟାରୁ ସ୍ପଷ୍ଟ ହୋଇଛି। ଡାଟା ଅନୁଯାୟୀ ୨୦୧୪ ଜାନୁୟାରୀରୁ ଜୁନ୍ ମଧ୍ୟରେ ରିଟେଲ ଋଣ ପ୍ରଦାନ ସର୍ବନିମ୍ନ ଥିଲା। ସେତେବେଳେ ମାତ୍ର ୬.୪% ରିଟେଲ ଋଣ ପ୍ରଦାନ କରାଯାଇଥିଲା ବୋଲି ଡାଟାରୁ ଜଣାପଡିଛି। ଚଳିତବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୭.୩% ରିଟେଲ ଋଣ ପ୍ରଦାନ କରାଯାଇଛି। ଗତବର୍ଷ ଏହି ସମୟରେ ଏହା ୭.୭% ଥିଲା। ୨୦୧୭ରେ ଏହା ୮.୬% ରହିଥିଲା।

---

### ସେପ୍ଟେମ୍ବର ପହିଲାରୁ ହେବ ଲାଗୁ

## ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କ ପାଇଁ ନିୟମ କୋହଳ

**ମୁମ୍ବାଇ,୬-୮**

ସାରା ଦେଶରେ କୋଟି କୋଟି ଜିରୋ ବାଲାନ୍ସ ଆକାଉଣ୍ଟଧାରୀ(ଜନଧନ ଆକାଉଣ୍ଟଧାରୀ)ଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସେପ୍ଟେମ୍ବର ପହିଲାରୁ ନୂଆ ସୁବିଧା ଦେବାକୁ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକ ପାଇଁ ଏକ ନୂଆ ଆଡଭାଇଜାରୀ ଜାରି କରାଯାଇଛି। ଯାହାକୁ ଏବେ କୋଅପରେଟିଭ ବ୍ୟାଙ୍କ ମଧ୍ୟ ପାଳନ କରିବାକୁ ବାଧ ରହିବେ। ବେସିକ୍ ସେଭିଙ୍ଗ୍‌ସ ବ୍ୟାଙ୍କ ଡିପୋଜିଟ(ବିଏସ୍‌ବିଡି) ବା ଜନଧନ ଖାତା ଯେକୌଣସି ବ୍ୟାଙ୍କରେ ଖୋଲାଯାଇପାରିବ। ଏହାକୁ ମଧ୍ୟ ଜିରୋ ବାଲାନ୍ସ ଆକାଉଣ୍ଟ କୁହାଯାଉଛି।

ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ନୂଆ ସୁବିଧା ନେବା ଲାଗି ଜିରୋ ବାଲାନ୍ସ ଖାତାଧାରୀଙ୍କୁ କୌଣସି ପ୍ରକାର ଶୁଳ୍କ ଦେବାକୁ ପଡିବ ନାହିଁ। ମିନିମମ୍ ବା ସର୍ବନିମ୍ନ ବାଲାନ୍ସ ବା ଜମା ରଖିବାକୁ ଚାହୁଁ ନ ଥିବା ଏବଂ ମାସକୁ ୪ ଥରରୁ କମ୍ କାରବାର କରୁଥିବା ବ୍ୟକ୍ତି ଜିରୋ




ବାଲାନ୍ସ ଆକାଉଣ୍ଟ ଖୋଲିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆଡଭାଇଜରୀ ଜାରି କରି କୁହାଯାଇଛି ଯେ, ଜିରୋ ବାଲାନ୍ସ ଆକାଉଣ୍ଟଧାରୀ ଏଣିକି ବ୍ୟାଙ୍କ ଶାଖା ବ୍ୟତୀତ ଏଟିଏମ୍ ଓ କ୍ୟାଶ ଜମା ମେଶିନ ଜରିଆରେ ଅର୍ଥ ଜମା କରିପାରିବେ। ଏଭଳି ଆକାଉଣ୍ଟରେ ଫଣ୍ଡ ଟ୍ରାନ୍ସଫର ଅଥବା ୟୁପିଆଇ ଜରିଆରେ ଅର୍ଥ ଜମା କରାଯାଇପାରିବ। ମାସକରେ ଏକାଧିକ ଥର ଏହା କରାଯିବାରେ ବାଧା ନାହିଁ। ଏଭଳି ଖାତାଧାରୀ ପ୍ରତି ମାସରେ ଏଟିଏମ୍ ସହିତ ୪ ଥର ଟଙ୍କା କାଢ଼ିପାରିବେ। ସେମାନଙ୍କୁ ଡେବିଟ କାର୍ଡ ମିଳିବ। ବ୍ୟାଙ୍କ ଏଭଳି ଗ୍ରାହକଙ୍କୁ ଚେକ୍ ବହି ମଧ୍ୟ ଜାରି କରିବାରେ ଅସୁବିଧା ନାହିଁ। ତେବେ ଚେକ୍ ବହି ଜାରି କରିବା ଆଳରେ ବ୍ୟାଙ୍କ ସେମାନଙ୍କ ଜିରୋ ବାଲାନ୍ସ ଆକାଉଣ୍ଟକୁ ସେଭିଙ୍ଗ୍‌ସ ବ୍ୟାଙ୍କ ଆକାଉଣ୍ଟକୁ ବଦଳାଇପାରିବେ ନାହିଁ। ନିୟମ କୋହଳ କରିବାର ଲାଭ ଯେପରି ପ୍ରତ୍ୟେକ ଗ୍ରାହକ ପାଇପାରିବେ ସେ ଦିଗରେ ବ୍ୟାଙ୍କ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସୂଚନାଥାଉ କି, ବର୍ତ୍ତମାନ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ ଚେକ୍ ବହି ଭଳି ଅତିରିକ୍ତ ସୁବିଧା ନେବା ପାଇଁ ବ୍ୟାଙ୍କ ସେମାନଙ୍କ ଆକାଉଣ୍ଟକୁ ସେଭିଙ୍ଗ୍‌ସ ଆକାଉଣ୍ଟରେ ବଦଳାଇ ଦେଉଛନ୍ତି। ଏହାଛଡା ଅନ୍ୟ ସୁବିଧା ଦେବା ଆଳରେ ସେମାନଙ୍କଠାରୁ ଚାର୍ଜ ଅସୁଲ କରାଯାଉଛି। ଆଡ୍‌ଭାଇଜରିରେ କୁହାଯାଇଛି ଯେ, ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ କେତେକ ନିଶ୍ଚିତ ସୁବିଧା ମାଗଣା ପ୍ରଦାନ କରିବାକୁ ହେବ। ସେହିପରି କୌଣସି ଶୁଳ୍କ ନ ନେଇ ବ୍ୟାଙ୍କ ସେମାନଙ୍କୁ ଚେକ୍ ବହି ଜାରି କରିବାକୁ ବାଧହେବ। ସେମାନଙ୍କୁ ସର୍ବନିମ୍ନ ଜମା ରଖିବା ଲାଗି ବ୍ୟାଙ୍କ ବାଧ କରିପାରିବ ନାହିଁ।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଅଡିଟର, ଅନ୍ୟ ୨୧ଙ୍କ ଆକାଉଣ୍ଟ ହେବ ଅଚଳ

**ନୂଆଦିଲ୍ଲୀ,୬-୮**

ଅର୍ଥ ସଙ୍କଟର ସମ୍ମୁଖୀନ ହୋଇଥିବା ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ଅଡିଟର ଡେଲଏଟ ଓ ବିଏସ୍‌ଆରଙ୍କର ଅଡୁଆ ବଢ଼ିବାକୁ ଯାଉଛି। ସେମାନଙ୍କ ସହ ଦୁର୍ନୀତିରେ ଲିପ୍ତ ଅନ୍ୟ ୨୧ ଜଣଙ୍କ ଆକାଉଣ୍ଟ ଅଚଳ କରିବା ଲାଗି କେନ୍ଦ୍ର ସରକାର ମଙ୍ଗଳବାର ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ଅନିୟମିତତାରେ ସାମିଲ ହେବା ତଥା ଦୁର୍ନୀତିକୁ ଲୁଚାଇବା ଅଭିଯୋଗ ଆଣି କେନ୍ଦ୍ର ସରକାର ଇତିପୂର୍ବେ ଉକ୍ତ ଅଡିଟରଙ୍କୁ ୫ ବର୍ଷ ବ୍ୟାନ୍ କରିବାକୁ ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ମାମଲାର ରାୟ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। ବ୍ୟାନ ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ଅଡିଟରଙ୍କ ଆକାଉଣ୍ଟ ଅଚଳ ଲାଗି ଅର୍ଥ ମନ୍ତ୍ରଣାଳୟ ଚାହୁଁଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକଙ୍କ ଭଳି ଏହି ଅଡିଟରଙ୍କୁ ମାସକୁ ୧ରୁ ୨ ଲକ୍ଷ ଟଙ୍କା ଉଠାଇବାକୁ ଅନୁମତି ଦେବାକୁ ଆବେଦନରେ ଦର୍ଶାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଲଢୁଥିବା ଓକିଲ ସଞ୍ଜୟ ସୋରେ କହିଛନ୍ତି।

## ଖାଉଟି ସୁରକ୍ଷା ବିଲ୍ ପାର୍ଲାମେଣ୍ଟରେ ଅନୁମୋଦିତ

**ନୂଆଦିଲ୍ଲୀ,୬-୮**

ବହୁ ପ୍ରତୀକ୍ଷିତ ଖାଉଟି ସୁରକ୍ଷା ବିଲ୍ ୨୦୧୯ ମଙ୍ଗଳବାର ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳପ୍ରଦ ପ୍ରଶାସନିକ ପଦକ୍ଷେପ ଜରିଆରେ ଖାଉଟି ବିବାଦର ସମାଧାନ କରିବା ଏହି ବିଲ୍‌ର ଲକ୍ଷ୍ୟ ରହିଛି। ଲୋକ ସଭାରେ ପୂର୍ବରୁ ଅନୁମୋଦିତ ଏହି ବିଲ୍ ମଙ୍ଗଳବାର ରାଜ୍ୟ ସଭାରେ ବାଚନିକ ଭୋଟ୍‌ରେ ମଞ୍ଜୁର ହୋଇଛି। ଏହି ବିଲ୍ ଜରିଆରେ ଉପଭୋକ୍ତାଙ୍କ ଅଧିକାରକୁ ଅଧିକ ଶକ୍ତିଶାଳୀ କରିବା ସହ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଆଲୋଚନାରେ ଅଂଶଗ୍ରହଣ କରି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାଶ ପାଶୱାନ କହିଛନ୍ତି ଯେ, ଏମ୍‌ପିମାନଙ୍କ ପରାମର୍ଶକୁ ନିୟମ ଭାବେ ଏହି ବିଲ୍‌ରେ ସାମିଲ କରାଯିବ।

## ଶ୍ୟାମ ଷ୍ଟିଲ ପକ୍ଷରୁ ଡିଲର ସମ୍ମିଳନୀ

**ଭୁବନେଶ୍ୱର,୬-୮**

ପ୍ରିମିୟମ ବ୍ରାଣ୍ଡ ଟିଏମ୍‌ଟି ଉତ୍ପାଦନକାରୀ ଶ୍ୟାମ ଷ୍ଟିଲ ପକ୍ଷରୁ ଏହାର ବାର୍ଷିକ ଡିଲର ସମ୍ମିଳନୀ କଲିକତାର ଏକ ହୋଟେଲରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ ବିତରକ ଏବଂ ୨୦୦ ଡିଲର ଅଂଶଗ୍ରହଣ କରିଥିଲେ। ବଲିଉଡ ସେଲିବ୍ରିଟି ସାନା ସଇଦା, ସ୍କାରଲେଟ ୱିଲ୍‌ସନ, ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାଏ, ତାରିକ ଅଜିଜ, ନାଭ୍ୟା ଭେ ଏହି ଅବସରରେ ଉପସ୍ଥିତ ଥିଲେ। ଏଠାରେ ୧୦୦ ଡିଲରଙ୍କୁ ଉପହାର ଏବଂ ୫୦ ଜଣଙ୍କୁ ଅନ୍ତର୍ଜାତୀୟ ଟୁର ପ୍ୟାକେଜ ପ୍ରଦାନ କରାଯାଇଛି। ଉନ୍ନତ ଷ୍ଟିଲ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଉଥିବା ଶ୍ୟାମ ଷ୍ଟିଲର ନିର୍ଦ୍ଦେଶକ ଲଳିତ ବେରିୱାଲ କହିଛନ୍ତି। ସେ ଏହି ଅବସରରେ ଓଡ଼ିଶାରେ କମ୍ପାନୀ ଗ୍ରହଣ କରୁଥିବା ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ।

---

# ୫,୫୦୦ ପେଟ୍ରୋଲ ପମ୍ପ ଖୋଲିବେ ରିଲାଏନ୍ସ-ବିପି

**ନୂଆଦିଲ୍ଲୀ,୬-୮**

- ଯୌଥ ଉଦ୍ୟୋଗରେ ରହିବ ରିଲାଏନ୍ସର ୫୧% ଅଂଶଧନ
- ପ୍ୟାକେଜଡ ଫୁଏଲ, ଭ୍ରାମ୍ୟମାଣ ଫୁଏଲିଂ ୟୁନିଟ ସ୍ଥାପନ, ଇନ୍ଧନର ହୋମ୍ ଡେଲିଭରି ହେବ
- ରିଲାଏନ୍ସ ନିକଟରେ ୧୪୦୦ ଫୁଏଲିଂ ଷ୍ଟେଶନ
- ୫ ବର୍ଷରେ ସମ୍ପ୍ରସାରଣ ଯୋଜନା



ସାରା ଦେଶରେ ୫,୫୦୦ ପେଟ୍ରୋଲ ପମ୍ପ ଖୋଲିବା ଲାଗି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ବିପି ପିଏଲ୍‌ସି ଚୁକ୍ତିରେ ସାମିଲ ହୋଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧକ୍ଷ ମୁକେଶ ଅମ୍ବାନୀ ଏବଂ ବିପି ପକ୍ଷରୁ ଗ୍ରୁପ୍ ଚିଫ୍ ଏକ୍‌ଜିକ୍ୟୁଟିଭ ବବ୍ ଡଡ୍‌ଲୀଙ୍କ ମଧ୍ୟରେ ମଙ୍ଗଳବାର ମୁମ୍ବାଇଠାରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଭାରତ ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏଠାରେ ସମ୍ପ୍ରସାରଣ ନେଇ ଏଭଳି ପଦକ୍ଷେପ ନିଆଯାଇଥିବା ଦୁଇ କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନ ବାହାନ ଲାଗି ଇନ୍ଧନ ଏବଂ ବିମାନ ଇନ୍ଧନ ଉପଲବ୍ଧ କରାଯିବାକୁ ଏହା ଦ୍ୱାରା ଯୋଜନା ଗ୍ରହଣ କରାଯିବ। ଭାରତୀୟ ଗ୍ରାହକଙ୍କୁ ଗୁଣବତ୍ତା ଏବଂ ଅତ୍ୟାଧୁନିକ ସେବା ଯୋଗାଣ ଲକ୍ଷ୍ୟରେ ଦୁଇ କମ୍ପାନୀ ଚୁକ୍ତିରେ ସାମିଲ ହୋଇଛନ୍ତି। ୨୦୧୧ରେ ଦୁଇ ସଂସ୍ଥା ପ୍ରଥମେ ଚୁକ୍ତିରେ ସାମିଲ ହୋଇଥିଲେ। ତେଲ ଏବଂ ମୋବିଲିଟି ବାଣିଜ୍ୟରେ ରହିଥିବା ବିଭିନ୍ନ ବିକଳ୍ପ ସମ୍ପ୍ରସାରଣ ଲାଗି ୨୦୧୭ରେ ଦୁଇ କମ୍ପାନୀ ଯୋଜନା କରିଥିଲେ।

ଚୁକ୍ତି ଅବସରରେ ରିଲାଏନ୍ସ ଅଧକ୍ଷ ମୁକେଶ ଅମ୍ବାନୀ କହିଛନ୍ତି ଯେ, ଫୁଏଲ ରିଟେଲିଂରେ ଗ୍ଲୋବାଲ ଲିଡର ଭାବେ ପରିଚିତ ବିପି ସହ ଚୁକ୍ତିରେ ସାମିଲ ହୋଇ ଅତ୍ୟନ୍ତ ଖୁସି। ବିପି ସହ ମିଳିତ ହୋଇ ଗ୍ୟାସ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ରିଟେଲିଂ ଏବଂ ବିମାନ ଇନ୍ଧନ ଯୋଗାଣକୁ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ସାରା ଦେଶରେ ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ସେବା ଯୋଗାଣ ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁକେଶ କହିଛନ୍ତି।

ସେହିଭଳି ଗ୍ରୁପ ଚିଫ୍ ଏକ୍‌ଜିକ୍ୟୁଟିଭ ବବ୍ ଡଡ୍‌ଲୀ କହିଛନ୍ତି, ଭାରତ ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଇନ୍ଧନ ଆବଶ୍ୟକତା ପୂରଣ ଲକ୍ଷ୍ୟରେ କାର୍ଯ୍ୟ କରୁଛୁ। ଅଭିବୃଦ୍ଧି ଏବଂ ନୂତନ ସୁଯୋଗକୁ ନଜରରେ ରଖି ଭାରତରେ ବୃହତ୍ତ ନିବେଶ କରିଛୁ। ରିଲାଏନ୍ସ ସହ ମିଶି ଗ୍ୟାସ କ୍ଷେତ୍ରରେ ଏବେ କାର୍ଯ୍ୟ କରୁଥିବା ବେଳେ ଏହି ଧାରାକୁ ଇନ୍ଧନ ରିଟେଲିଂ ଏବଂ ବିମାନ ଇନ୍ଧନ କ୍ଷେତ୍ରକୁ ସମ୍ପ୍ରସାରଣ କରିବାକୁ ପଦକ୍ଷେପ ନିଆଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

ଯୌଥ ଉଦ୍ୟୋଗରେ ରିଲାଏନ୍ସ ନିକଟରେ ୫୧% ଏବଂ ବିପି ନିକଟରେ ୪୯% ଅଂଶଧନ ରହିବ। ୨୦୧୯ ସୁଦ୍ଧା ଚୁକ୍ତି ସଂକ୍ରାନ୍ତ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟକୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ୨୦୨୦ ପ୍ରଥମାର୍ଦ୍ଧ ସୁଦ୍ଧା ଟ୍ରାଞ୍ଜାକ୍‌ଶନ ଶେଷ କରିବାକୁ ଯୋଜନା ଧାର୍ଯ୍ୟ ହୋଇଛି। ଆଗାମୀ ୨୦ ବର୍ଷରେ ଭାରତ ବିଶ୍ୱର ସର୍ବବୃହତ୍ ଅଭିବୃଦ୍ଧିଶୀଳ ବଜାର ହେବ ବୋଲି ଆକଳନ କରାଯାଇଛି। ଏହି ସମୟରେ ଦେଶର ପାସେଞ୍ଜର ଯାନ ୬ ଗୁଣା ବୃଦ୍ଧି ଘଟିବ। ବର୍ତ୍ତମାନ ୧୪୦୦ ସାଇଟରେ ରିଲାଏନ୍ସର ଫୁଏଲ ରିଟେଲିଂ ଷ୍ଟେଶନ ରହିଛି। ନୂଆ ଚୁକ୍ତି ଦ୍ୱାରା ଏହାକୁ ୫,୫୦୦କୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହି ଷ୍ଟେଶନଗୁଡ଼ିକ ଖୋଲିବ ବୋଲି ସୂଚନା ରହିଛି। ଏହା ମଧ୍ୟରେ ରିଲାଏନ୍ସର ବିମାନ ଇନ୍ଧନ ବାଣିଜ୍ୟକୁ ମଧ୍ୟ ସାମିଲ କରାଯାଇଛି। ଦେଶର ୩୦ ବିମାନ ବନ୍ଦରରେ ରିଲାଏନ୍ସ ବିମାନ ଇନ୍ଧନ ଯୋଗାଣ କରୁଛି। ଏହି ଧାରାକୁ ଦୁଇ କମ୍ପାନୀ ମିଳିତ ହୋଇ ଆହୁରି ବୃଦ୍ଧ କରିବା ନେଇ ଆଶାବାଦୀ ଅଛନ୍ତି। ସେହିଭଳି ଜିଓ ଡିଜିଟାଲ ପ୍ଲାଟଫର୍ମରେ ଲୋକଙ୍କୁ ଡିଜିଟାଲ ଏକ୍ସପେରିଏନ୍ସ ପ୍ରଦାନ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଉକ୍ତ ନେଟୱର୍କରେ କ୍ୟାଷ୍ଟ୍ରଲ ଲୁବ୍ରିକାଣ୍ଟ ମଧ୍ୟ ଉପଲବ୍ଧ ହେବ। ମୋବାଇଲ ଫୁଏଲିଂ ୟୁନିଟ ସମେତ ପ୍ୟାକେଜ ଫୁଏଲ ଏବଂ ଫୁଏଲର ହୋମ ଡେଲିଭରି ମଧ୍ୟ ଲୋକଙ୍କୁ ଦିଆଯିବ। ରିଲାଏନ୍ସର ଜାମନଗର ରିଫାଇନିଂ ଫାସିଲିଟିରୁ ଫୁଏଲ ଯୋଗାଣ ନେଇ ଯୋଜନା ରଖାଯାଇଛି।

### ଇ-କମର୍ସ ନୀତିରେ ଖାଉଟିଙ୍କ ସୁରକ୍ଷାକୁ ଅଗ୍ରାଧିକାର

## ୧୪ ଦିନ ଭିତରେ ଦେବାକୁ ହେବ ରିଫଣ୍ଡ

**ନୂଆଦିଲ୍ଲୀ,୬-୮**

କେନ୍ଦ୍ର ସରକାର ଇତିମଧ୍ୟରେ ଇ-କମର୍ସ ଲାଗି ଗାଇଡଲାଇନ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଉପଭୋକ୍ତାଙ୍କ ହିତକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି। ପ୍ରସ୍ତାବ ଅନୁଯାୟୀ ଅନ୍‌ଲାଇନ ସପିଂ କମ୍ପାନୀଗୁଡ଼ିକ ସାମଗ୍ରୀ ଏବଂ ସେବା ଯୋଗାଣ ଲାଗି ବିକ୍ରେତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ନିଜ ୱେବ୍‌ସାଇଟରେ ଦର୍ଶାଇବାକୁ ବାଧ ରହିବେ। ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ପଷ୍ଟ କରିବାକୁ ହେବ। ଏଥିସହିତ ରିଫଣ୍ଡ ଆବେଦନକୁ ସର୍ବାଧିକ ୧୪ ଦିନ ଭିତରେ ସମାଧାନ କରିବାକୁ ନିୟମ କରାଯାଇଛି। ଜାରି ଗାଇଡଲାଇନ ଚିଠା ଅନୁଯାୟୀ, ଇ-କମର୍ସ କମ୍ପାନୀଗୁଡ଼ିକ ଖାଉଟିଙ୍କ ବ୍ୟକ୍ତିଗତ ପରିଚୟ ଥିବା ସୂଚନାକୁ ସୁରକ୍ଷିତ ରଖିବେ।



ୱେନ୍ ରୁନି ଡର୍ବି ଫୁଟ୍‌ବଲ ଟିମ୍‌ର ପ୍ଲେୟର-କୋଚ୍ ଭାବେ ଯୋଗ ଦେଉଥିବା ଯାହା ଶୁଣାଯାଉଛି, ତାହା ଉପରେ ମୁଁ କିଛି ଟିପ୍ପଣୀ ଦେବାକୁ ଚାହେଁନ।

-ଫିଲିପ୍ କୋକୁ, ଡର୍ବି ମ୍ୟାନେଜର



ଭାରତୀୟ ଟେବୁଲ ଟେନିସ ଖେଳାଳିମାନେ ଆଗକୁ ୨୦୨୦ ଟୋକିଓ ଅଲିମ୍ପିକ କ୍ୱାଲିଫାୟର୍ସକୁ ଦୃଷ୍ଟିରେ ରଖି ବାଛି ବାଛି ଟୁର୍ନାମେଣ୍ଟ ଖେଳିବା ଶ୍ରେୟସ୍କର।

-ମାସିଓ କଷ୍ଟାଣ୍ଟିନି, ପୂର୍ବତନ କୋଚ୍

## ସଂକ୍ଷେପରେ

### ଡୁ'ପ୍ଲେସି ଦକ୍ଷିଣ ଆଫ୍ରିକା ଟେଷ୍ଟ ଅଧିନାୟକ

**ଜୋହାନ୍ସବର୍ଗ, ୬।୮(ଏଏଫ୍‌ପି):** ଅକ୍ଟୋବରରେ ଖେଳାଯିବାକୁଥିବା ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର ନୂଆ କାର୍ଯ୍ୟକାରୀ ନିର୍ଦ୍ଦେଶକ (କ୍ରିକେଟ) କୋରି ଭାନ୍ ଜାଇଲ ମଙ୍ଗଳବାର ପ୍ରକାଶ କରିଛନ୍ତି। ଡୁ'ପ୍ଲେସିଙ୍କୁ କିନ୍ତୁ ସମସ୍ତ ଫର୍ମାଟ ପାଇଁ ଅଧିନାୟକ କରା ନ ଯାଇପାରେ। ଭାନ୍ ଜାଇଲ କହିଛନ୍ତି, ସେ ଆସନ୍ତା ସିଲେକ୍ସନ ବୈଠକରେ ଅଧକ୍ଷତା କରିବେ। ଏଥିରେ ୨୦୨୩ ବିଶ୍ୱକପ୍ ପାଇଁ ଯୋଜନା ସମେତ ଭବିଷ୍ୟତ ରଣକୌଶଳ ସମ୍ପର୍କରେ ଆଲୋଚନା ହେବ। ଟେଷ୍ଟ ସିରିଜ ପୂର୍ବରୁ ଦକ୍ଷିଣ ଆଫ୍ରିକା ଆସନ୍ତା ମାସରେ ଭାରତରେ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରିପ୍ରେକ୍ଷୀରେ ଦକ୍ଷିଣ ଆଫ୍ରିକା ଓ ଭାରତ ସେମାନଙ୍କ ପ୍ରଥମ ମ୍ୟାଚ ଅକ୍ଟୋବର ୨ରୁ ଖେଳିବେ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଏସ୍‌ଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଥବଙ୍ଗ ମୋରେ କହିଛନ୍ତି ଡିସେମ୍ବରରେ ଇଂଲଣ୍ଡର ଦକ୍ଷିଣ ଆଫ୍ରିକା ଟୁର୍ ପୂର୍ବରୁ ଜାତୀୟ ଦଳ ପଇଁ ନୂଆ ଢାଞ୍ଚାରେ ନିଯୁକ୍ତି ଦିଆଯିବ ବୋଲି ମୁଁ ଆଶା କରୁଛି।

### କିସ୍, ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ବିଜୟୀ

**ଭୁବନେଶ୍ୱର, ୬।୮(କ୍ରୀଡ଼ା ପ୍ରତିନିଧି):** ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍) ଓ ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ କିସ୍ ୭-୦ ଗୋଲରେ ୨ ନମ୍ବର ଉଚ୍ଚ ବାଳକ ବିଦ୍ୟାଳୟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ କୁନାରାମ ସୋରେନ ଓ ଯଦୁନାଥ ହାଁସଦା ହ୍ୟାଟ୍ରିକ ଗୋଲ ଦେଇଥିବାବେଳେ ବଳରାମ ହାଁସଦା ଗୋଟିଏ ଗୋଲ ସ୍କୋର କରିଥିଲେ। ଆଇଆରସି ଭିଲେଜ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଅତିଥିଭାବେ ଯୋଗଦେଇ କିସ୍‌ର କୁନାରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ୨-୦ ଗୋଲରେ କଳିଙ୍ଗ ବିଦ୍ୟାପୀଠକୁ ହରାଇଥିଲା।

# ପ୍ରମୋଦ ଶ୍ରେଷ୍ଠ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୬।୮ (କ୍ରୀଡ଼ା ପ୍ରତିନିଧି)**



**ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

ପାରା ଆଥଲେଟ୍ ପ୍ରମୋଦ ଭଗତ ୨୦୧୮ ମସିହା ପାଇଁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ପୁରସ୍କାର ପାଇଁ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆ ଯାଇଛି। ମିଳିଥିବା ସୂଚନା ଅନୁସାରେ ୨୦୧୮ ବର୍ଷ ପାଇଁ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର କାହାରିକୁ ଦିଆଯିବ ନାହିଁ। ଏହି ପୁରସ୍କାର ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କେହି ଯୋଗ୍ୟ ବିବେଚିତ ହୋଇ ନାହାନ୍ତି। ଶ୍ରେଷ୍ଠ କୋଚ୍ ପାଇଁ ୫-୬ ଜଣ ଆବେଦନ କରିଥିଲେ ମଧ୍ୟ କେହି ମାନଦଣ୍ଡ ପୂରଣ କରିପାରି ନାହାନ୍ତି। ତେଣୁ ଏହି ପୁରସ୍କାର ମଧ୍ୟ ଏଥର ଦିଆ ଯିବନାହିଁ। ବେଷ୍ଟ କଣ୍ଟ୍ରିବ୍ୟୁଶନ ଟୁ ପ୍ରମୋଶନ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ପାଇଁ କିଟ୍‌କୁ ସମ୍ମାନିତ କରାଯିବ। ସେହିପରି ଏକ୍ସିଲେନ୍ସ ଇନ୍ ସ୍ପୋର୍ଟ୍ସ ଜର୍ନାଲିଜମ୍ ପୁରସ୍କାର ପାଇଁ ମଧ୍ୟ ଏଥର କେହି ଯୋଗ୍ୟ ବିବେଚିତ ହୋଇପାରି ନାହାନ୍ତି। ତେଣୁ ଏଥର ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର କେବଳ ୨ଟି ବିଭାଗରେ ସୀମିତ ରହିବା ନିଶ୍ଚିତ ହୋଇଛି। ପ୍ରକାଶ ଯୋଗ୍ୟ ଯେ ଗତ ୨ ବର୍ଷ ମଧ୍ୟରେ ପ୍ରମୋଦ ଭଗତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଦେଶ ପାଇଁ ପାରା ଅଲିମ୍ପିକ୍ସ ପଦକ ଜିତବାର ଦକ୍ଷତା ମଧ୍ୟ ସେ ରଖିଛନ୍ତି। ରାଜ୍ୟରେ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନ ଓ ସ୍ୱୀକୃତି ଦେବା ଲକ୍ଷ୍ୟରେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୦୧ ମସିହାରୁ ପ୍ରଚଳିତ ହୋଇ ଆସୁଛି। ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାରଭାବେ ଏହା ବିବେଚିତ ହେଉଥିବାବେଳେ ଏଥର ଏକାଧିକ ବିଭାଗ ପାଇଁ କେହି ଯୋଗ୍ୟ ବିବେଚିତ ନ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବୋଲିଂ କୋଚ୍ ଦୌଡ଼ରେ ଯୋଶୀ



**ନୂଆଦିଲ୍ଲୀ, ୬।୮ (ପି.ଟି.):** ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଯୋଶୀ ଭାରତୀୟ ଦଳର ବୋଲିଂ କୋଚ୍ ପଦବୀ ପାଇଁ ଆବେଦନ କରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଜଣେ ବୋଲିଂ ବିଶାରଦ ଆବଶ୍ୟକ କରୁଛି ବୋଲି ସେ କହିଛନ୍ତି। ଅନିଲ କୁମ୍ବଲେଙ୍କ ପରଠାରୁ ଭାରତୀୟ ଦଳ ପାଇଁ ଜଣେ ହେଲେ ସ୍ପେଶାଲିଷ୍ଟ ସ୍ପିନ ପରାମର୍ଶଦାତା ନିଯୁକ୍ତି ପାଇନାହାନ୍ତି। କୁମ୍ବଲେ ଅବଶ୍ୟ ମୁଖ୍ୟ କୋଚ ପଦବୀରେ ଥିଲେ। ମାତ୍ର ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପରାଜୟ ପରେ କୋହଲିଙ୍କ ସହିତ ତାଙ୍କର ଗୁରୁତର ମତଭେଦ ହୋଇଥିଲା। ସେଥିପାଇଁ ତାଙ୍କୁ ପଦ ତ୍ୟାଗ କରିବାକୁ ପଡ଼ିଥିଲା। ୪୯ ବର୍ଷୀୟ ଯୋଶି କହିଛନ୍ତି ବାଂଲାଦେଶ କ୍ରିକେଟ ଦଳ ସହିତ ମୁଁ ଅଢେଇ ବର୍ଷ ସଫଳତାର ସହିତ କାର୍ଯ୍ୟ କରିଛି। ବର୍ତ୍ତମାନ ପରବର୍ତ୍ତୀ ଚ୍ୟାଲେଞ୍ଜ ପାଇଁ ମୁଁ ପ୍ରସ୍ତୁତ। କିଛି ଦିନ ହେଲା ଭାରତୀୟ ଦଳର ଜଣେ ସ୍ପେସାଲିଷ୍ଟ ସ୍ପିନ କୋଚ୍ ନାହାନ୍ତି। ମୋର ଅଭିଜ୍ଞତା ବିଚାରକୁ ନିଆଯିବ ବୋଲି ଆଶା। ଅନ୍ତର୍ଜାତୀୟ ଏବଂ ରଣଜୀ ଦଳର କୋଚ୍ ଭାବେ କାର୍ଯ୍ୟ କରିବା ପୂର୍ବରୁ ଯୋଶି ୧୯୯୬ରୁ ୨୦୦୧ ମଧ୍ୟରେ ଭାରତୀୟ କ୍ରିକେଟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ୧୫ଟି ଟେଷ୍ଟ ମ୍ୟାଚରେ ୩୫.୮୫ ଆଭରେଜରେ ୪୧ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଅନ୍ତର୍ଜାତୀୟ ଦିନିକିଆରେ ସେ ୩୬.୩୬ ଆଭରେଜରେ ୬୯ ଉଇକେଟ ନେଇଛନ୍ତି। କର୍ଣ୍ଣାଟକର ଏହି ଷ୍ଟଲୱାର୍ଟ ୧୬୦ ପ୍ରଥମ ଶ୍ରେଣୀ ଗେମ୍‌ରେ ୨୫.୧୨ ଆଭରେଜରେ ୬୧୫ ଉଇକେଟ ଅକ୍ତିଆର କରିଛନ୍ତି।

# ପୋଲାର୍ଡଙ୍କୁ ଅର୍ଥଦଣ୍ଡ

**ଦୁବାଇ, ୬।୮ (ପି.ଟି.)**



ଭାରତ ବିପକ୍ଷରେ ରବିବାର ଫ୍ଲୋରିଡାରେ ଖେଳାଯାଇଥିବା ଟି୨୦ ସିରିଜର ୨ୟ ମ୍ୟାଚ୍‌ରେ ଅମ୍ପାୟରଙ୍କ ଆଦେଶକୁ ଅବମାନନା କରିଥିବା ଯୋଗୁ ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ତାଙ୍କ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଅର୍ଥ କାଟିଦେଇଛି ଏବଂ ତାଙ୍କ ନାମରେ ଏକ ଡିମେରିଟ୍ସ ପଏଣ୍ଟ ଯୋଡ଼ି ହୋଇଛି। ପୋଲାର୍ଡ ଆଇସିସି ଆଚରଣ ସଂହିତାର ଧାରା ୨.୪କୁ ଉଲ୍ଲଂଘନ କରିଥିବା କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଘଟଣାରୁ ପ୍ରକାଶ, ଦ୍ୱିତୀୟ ଟି୨୦ରେ ୱେଷ୍ଟଇଣ୍ଡିଜର ଫିଲ୍ଡିଂ ସମୟରେ ପୋଲାର୍ଡ ଜଣେ ବଦଳ ଖେଳାଳିଙ୍କୁ ଡାକିବାକୁ ଅମ୍ପାୟରଙ୍କୁ ବାରମ୍ବାର କହିଥିଲେ। ଅମ୍ପାୟର ତାଙ୍କୁ ସେହି ଓଭର ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। କିନ୍ତୁ ଅମ୍ପାୟରଙ୍କ ଆଦେଶକୁ ବେଖାତିର କରି ପୋଲାର୍ଡ ବଦଳ ଖେଳାଳିଙ୍କୁ ସେହି ଓଭରରେ ଡକାଇଥିଲେ ବୋଲି ଆଇସିସି ଏହାର ବିଜ୍ଞପ୍ତିରେ କହିଛି। ପୋଲାର୍ଡ ପ୍ରଥମେ ନିଜ ଭୁଲକୁ ସ୍ୱୀକାର କରି ନ ଥିଲେ। ଫଳରେ ମ୍ୟାଚ୍ ରେଫରି ଜେଫ୍ କ୍ରୋ'ଙ୍କ ସମ୍ମୁଖରେ ଶୁଣାଣି କରାଯାଇଥିଲା ଏବଂ ସେଠାରେ ତାଙ୍କୁ ଦୋଷୀ କରାଯାଇଥିଲା। ଯଦି ପୋଲାର୍ଡ ଆଗାମୀ ୨୪ ମାସ ମଧ୍ୟରେ ଆଉ ୪ଟି ଡିମେରିଟ୍ସ ପଏଣ୍ଟ ଲାଭ କରନ୍ତି ତେବେ ତାହା ସପେନ୍ସନ ପଏଣ୍ଟକୁ ବଦଳିଯିବ ଏବଂ ସେ ବାସନ୍ଦ ହେବେ। ୨ ସପେନ୍ସନ ପଏଣ୍ଟରେ ଜଣେ ଖେଳାଳିଙ୍କୁ ଗୋଟିଏ ଟେଷ୍ଟ କିମ୍ବା ୨ଟି ଦିନିକିଆ ଓ ଟି୨୦ରୁ ବାସନ୍ଦ ହେବାକୁ ପଡ଼ିବ। ପ୍ରଥମେ ଯେଉଁ ଫର୍ମାଟ୍ ଆସିବ ସେହି ଅନୁଯାୟୀ ବାସନ୍ଦାଦେଶ ଲାଗୁ କରାଯିବ।

# ମୁମ୍ବାଇ ଦଳରେ ଅର୍ଜୁନ ତେନ୍ଦୁଲକର

**ମୁମ୍ବାଇ, ୬।୮ (ପି.ଟି.):** ଆଗାମି 'ଭିଜି' ଟ୍ରଫି ପାଇଁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନ ତେନ୍ଦୁଲକର ୧୫ ଜଣିଆ ମୁମ୍ବାଇ ଦଳରେ ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଆନ୍ଧ୍ର ପ୍ରଦେଶରେ ଅଗଷ୍ଟ ୨୨ରୁ ଖେଳାଯିବ। ଅର୍ଜୁନ ହେଉଛନ୍ତି ଜଣେ ବାମହାତୀ ଫାଷ୍ଟ ବୋଲର। ୫୦ ଓଭର ବିଶିଷ୍ଟ 'ଓପନ୍' ଟୁର୍ନାମେଣ୍ଟ ପାଇଁ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ମଙ୍ଗଳବାର ଏହାର ୱେବ୍‌ସାଇଟ୍‌ରେ ଖେଳାଳି ତାଲିକା ପ୍ରକାଶ ପାଇଛି। ଅତୀତରେ ୧୯ ବର୍ଷୀୟ ଅର୍ଜୁନ ମୁମ୍ବାଇ ଟି୨୦ ଲିଗ୍‌ରେ ଖେଳିଥିଲେ। ସେ ୫ ଲକ୍ଷ ଟଙ୍କାରେ ନିଲାମ ହୋଇଥିଲେ। ଅର୍ଜୁନ ଆହୁରି ମଧ୍ୟ ଭାରତୀୟ ଦଳର ନେଟ୍ସରେ ବୋଲିଂ କରିଥାନ୍ତି।

**ମୁମ୍ବାଇ ଦଳ**

ହାର୍ଦ୍ଦିକ ତାମୋର (ଅଧିନାୟକ), ସୃଜନ ଆଥାୱେଲ୍, ରୁଦ୍ର ଧାନ୍ଦେ, ଚିନ୍ମୟ ସୁତାର, ଅଶୟ ସରଦେଶାଇ, ସାଇରାଜ ପାଟିଲ, ଓଁକାର ଯାଦବ, ସତ୍ୟଲକ୍ଷ୍ୟ ଜୈନ, ମିନାଦ ମଞ୍ଜେରକର, ଅର୍ଜୁନ ତେନ୍ଦୁଲକର, ଅମନ ଶେରନ, ଅଥର୍ବ ପୂଜାରୀ, ମାକ୍ସୱେଲ୍ ସ୍ୱାମୀନାଥନ, ପ୍ରଶାନ୍ତ ସୋଲାଙ୍କି ଏବଂ ବିଗ୍ନେଶ ସୋଲାଙ୍କି।

# ପୂଜାରାଙ୍କୁ ପଛରେ ପକାଇଲେ ସ୍ମିଥ୍

**ଦୁବାଇ, ୬।୮ (ପି.ଟି.)**



**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍ ବ୍ୟାଟ୍ସମ୍ୟାନ ତାଲିକାରେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଭାରତର ଚେତେଶ୍ୱର ପୂଜାରାଙ୍କୁ ପଛରେ ପକାଇ ତାଲିକାର ୩ୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏଜ୍‌ବାଷ୍ଟନରେ ଶେଷ ହୋଇଥିବା ଆଶେସ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଥିବାରୁ ସ୍ମିଥ୍‌ଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ବହୁଚର୍ଚ୍ଚିତ ବଲ୍ ଟାମ୍ପରିଂ ମାମଲାରେ ଏକବର୍ଷ ବାସନ୍ଦାଦେଶ ଭୋଗିବା ପରେ ସ୍ମିଥ୍ ଆଶେସ ଜରିଆରେ ନିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ର ଉଭୟ ଇନିଂସରେ ସେ ଯଥାକ୍ରମେ ୧୪୪ ଓ ୧୪୨ ରନ ସଂଗ୍ରହ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ୨୫୧ ରନରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁ ସ୍ମିଥ୍ ୩ୟ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ୯୦୩ ରେଟିଂ ପଏଣ୍ଟ ସହ ସେ ୩ୟ ସ୍ଥାନରେ ରହିଥିବାବେଳେ ପୂଜାରା (୮୮୧) ଗୋଟିଏ ପାହାଚ ତଳକୁ ଖସି ୪ର୍ଥ ସ୍ଥାନରେ ରହିଛନ୍ତି। ଆଶେସି ସିରିଜ ପୂର୍ବରୁ ସ୍ମିଥ୍ ୮୫୭ ରେଟିଂ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଥିଲେ। ଅପରପକ୍ଷରେ ଭାରତୀୟ ଅଧିନାୟକ ବିରାଟ କୋହଲି (୯୨୨) ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ (୯୧୩) ଯଥାକ୍ରମେ ବ୍ୟାଟିଂ ତାଲିକାର ପ୍ରଥମ ଦୁଇ ସ୍ଥାନରେ ପୂର୍ବବତ୍ ଅପରିବର୍ତ୍ତିତ ରହିଛନ୍ତି। ଅଷ୍ଟ୍ରେଲିଆ ସ୍ପିନର ନାଥନ ଲିୟନ ୬ଟି ପାହାଚ ଉପରକୁ ଉଠି ଆଇସିସି ବୋଲିଂ ତାଲିକାର ତ୍ରୟୋଦଶ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ମୋଟ୍ ୯ ଉଇକେଟ୍ ଅକ୍ତିଆର କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ୭ ଉଇକେଟ୍ ନେଇଥିବା ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସ ୮୯୮ ରେଟିଂ ପଏଣ୍ଟ ସହ ପୂର୍ବଭଳି ବୋଲିଂ ତାଲିକାର ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। କୁମିନ୍ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ରେଟିଂ ପଏଣ୍ଟ ଲାଭ କରିଛନ୍ତି। ଗ୍ଲେନ ମ୍ୟାକ୍‌ଗ୍ରା ଓ ଶେନ ୱର୍ନଙ୍କ ପରେ ଅଷ୍ଟ୍ରେଲିଆ ଟେଷ୍ଟ ଇତିହାସର ଶେଷ ୫୦ ବର୍ଷ ମଧ୍ୟରେ ବୋଲିଂରେ ଏହା ୩ୟ ଶ୍ରେଷ୍ଠ ରେଟିଂ ପଏଣ୍ଟ ହୋଇଛି। ପ୍ରଥମ ଆଶେସ ଜରିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୦୦ ଟେଷ୍ଟ ଉଇକେଟ୍ ନେଇଥିବା ଷ୍ଟୁଆର୍ଟ ବ୍ରଡ୍ ବୋଲିଂ ତାଲିକାରେ ୨ଟି ପାହାଚ ଉପରକୁ ଉଠି ୧୬ତମ ସ୍ଥାନ ପାଇଛନ୍ତି। କ୍ରିସ୍ ୱୋକ୍ସ ମଧ୍ୟ ୩୩ରୁ ୨୯ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି।



ଗୁୟାନାଠାରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚରେ ୩ଟି ଉଇକେଟ ନେଇ ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଭାରତର ଦୀପକ ଚହର। ବର୍ଷା ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା।

# ଶୁଭମ୍ ଇମର୍ଜିଂ, ପ୍ରମୋଦ ଶ୍ରେଷ୍ଠ



ଜସ୍ମିନ ପାର୍ଥସାରଥି ମିଶ୍ର, ଶୁଭମ୍ ଷଡ଼ଙ୍ଗୀ, ପ୍ରମୋଦ ଭଗତ, ସୌଭାଗିନୀ ପ୍ରଧାନ, ଶିବ ପ୍ରସାଦ ଦାସ।

**ଭୁବନେଶ୍ୱର, ୬।୮(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଚାମ୍ପିୟନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଚଳିତ ବର୍ଷର ସ୍ପୋର୍ଟ୍ସଲପର୍ସନ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନକାରୀ ସୌଭାଗିନୀ ପ୍ରଧାନ (ରାଉତରାୟ) ପ୍ଲେୟର ଅଫ୍ ଦି ବାଏଗନ୍ ଏରା ପୁରସ୍କାର ପାଇବେ। ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଏବଂ କରାଟେକା ଜସ୍ମିନ ପାର୍ଥସାରଥୀ ମିଶ୍ର କୁମୁଦିନୀ ମିଶ୍ର କ୍ରୀଡ଼ା ପ୍ରତିଭା ପୁରସ୍କାରରେ ସମ୍ମାନିତ ହେବେ। ପୁରସ୍କାର ଆକାରରେ ଏହି ୫ ବିଜେତାଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ଆସନ୍ତା ୧୧ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ୨୦୧୧ ମସିହାଠାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

### ରାଜ୍ୟ ସବଜୁନିୟର ବାଳକ ଫୁଟବଲ ଶିବିର ୯ରୁ

**କଟକ ଅଫିସ,୬।୮**

ଆସନ୍ତା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ନିମନ୍ତେ ଓଡ଼ିଶା ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅଗଷ୍ଟ ୯ରୁ ଆରମ୍ଭ ହେବ। ଶିବିରରେ ଯୋଗ ଦେବାକୁ ଇଚ୍ଛୁକ ଖେଳାଳିଙ୍କ ଜନ୍ମ ୨୦୦୫ ଜାନୁୟାରୀ ୧ ତାରିଖରୁ ୨୦୦୬ ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ୧୦ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ରହିଛି ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷଣା କରାଯାଇଛି।

# କ୍ରିକେଟକୁ ମ୍ୟାକ୍‌କୁଲମଙ୍କ ଅଲ୍‌ବିଦା

**ଅକ୍‌ଲାଣ୍ଡ, ୬।୮ (ପି.ଟି.)**



ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମ କ୍ରିକେଟର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। କାନାଡାରେ ଚାଲିଥିବା 'ଗ୍ଲୋବାଲ ଟି୨୦ କାନାଡା' ପ୍ରତିଯୋଗିତା ପରେ ସେ ଅବସର ନେବେ ବୋଲି ସୋମବାର ଘୋଷଣା କରିଛନ୍ତି। ପୂର୍ବରୁ ଏହି ଡାହାଣହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ୨୦୧୬ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇସାରିଥିଲେ। କିନ୍ତୁ ବିଶ୍ୱର ବିଭିନ୍ନ ସ୍ଥାନରେ ଚାଲିଥିବା ଟି୨୦ ଲିଗ୍‌ରେ ସେ ନିଜକୁ ସକ୍ରିୟ ରଖିଥିଲେ। ୩୭ ବର୍ଷୀୟ ମ୍ୟାକ୍‌କୁଲମ ଟେଷ୍ଟରେ ୧୦୧ ମ୍ୟାଚ୍ ଖେଳି ୬୪୫୩ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୨ ଶତକ ରହିଥିବାବେଳେ ୩୦୨ ରନ୍ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ସ୍କୋର ରହିଥିଲା। ସେହିଭଳି ୨୬୦ ଦିନିକିଆରୁ ସେ ୫ ଶତକ ସହ ୬୦୮୩ ରନ ଏବଂ ୭୧ ଟି୨୦ ମ୍ୟାଚ୍‌ରୁ ୨୧୪୦ ରନ ତାଙ୍କ ନାମରେ ଲିପିବଦ୍ଧ ରହିଛି। ସେହିଭଳି ବିଶ୍ୱର ବିଭିନ୍ନ ସ୍ଥାନରେ ସେ ମୋଟ୍ ୩୭୦ ଟି୨୦ ମ୍ୟାଚ୍ ଖେଳି ୯୯୨୨ ରନ ସଂଗ୍ରହ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ଆଇପିଏଲ୍ ପ୍ରଥମ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମ୍ୟାକ୍‌କୁଲମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୭୩ ବଲରୁ ୧୫୮ ରନର ମାରାଥନ୍ ଇନିଂସ ଖେଳିଥିଲେ। ମ୍ୟାକ୍‌କୁଲମଙ୍କ ଏହି ବିଧ୍ୱଂସୀ ଇନିଂସକୁ କ୍ରିକେଟ୍‌ପ୍ରେମୀ ଆଜି ବି ଭୁଲି ପାରିନାହାନ୍ତି।

“ ଷ୍ଟିଭ୍ ସ୍ମିଥ୍ ବର୍ତ୍ତମାନ ଯେପରି ବ୍ୟାଟିଂ କରୁଛନ୍ତି, ତାଙ୍କୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କ ସହିତ ତୁଳନା କରାଯାଇ ପାରେ ।
–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କୋଚ୍



“ ଆମେ ଏଭଳି ଜଣେ ରାଷ୍ଟ୍ରପତି ପାଇଛୁ, ଯିଏକି ଅନ୍ୟର ମହତ୍ତ୍ୱ ନ ବୁଝି କେବଳ ନିଜ କଥା ଚିନ୍ତା କରନ୍ତି, ସେ ଅବା କିପରି କ୍ରୀଡ଼ାରେ ଲିଙ୍ଗଭିତ୍ତିକ ସମାନତାର ମୂଲ୍ୟ ବୁଝିବେ ।
–କାର୍ଲ ଲୁଇସ୍, ଆମେରିକାର କିମ୍ବଦନ୍ତୀ ଆଥଲେଟ୍



## ସଂକ୍ଷେପରେ

### ଟୁର୍ ଅଫ୍ ପୋଲାଣ୍ଡ ସାଇକ୍ଲିଂ
### ଲାମ୍ବ୍ରେଚ୍ଙ୍କ ମୃତ୍ୟୁ ପାଇଁ ୪ର୍ଥ ଷ୍ଟେଜ୍ ରେସ୍ ବାତିଲ

**ୱାରସ, ୬।୮ (ଏଏଫ୍‌ପି):** ବେଲଜିୟମର ରାଇଡର ବ୍ୟର୍ଗ ଲାମ୍ବ୍ରେଚ୍‌ଙ୍କ ମୃତ୍ୟୁ କାରଣରୁ ଚଳିତ ଆୟୋଜକମାନେ ଚଳିତ ଟୁର୍ ଅଫ୍ ପୋଲାଣ୍ଡ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍‌କୁ ବାତିଲ କରିଦେଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଟିମ୍‌ଗୁଡ଼ିକର ସହମତି କ୍ରମେ ବ୍ୟର୍ଗଙ୍କୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଛି। ସୋମବାର ବର୍ଷାରେ ତୃତୀୟ ଷ୍ଟେଜ ଚାଲିଥିବାବେଳେ ୨୨ବର୍ଷୀୟ ବ୍ୟର୍ଗଙ୍କ ସାଇକେଲଟି ସଡ଼କ ପାର୍ଶ୍ୱରେ ଏକ କଂକ୍ରିଟ୍ ଷ୍ଟ୍ରକ୍ଚର ସହିତ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ରିବ୍‌ନିକ୍ ସହରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର ଅବସ୍ଥାରେ ତାଙ୍କର ପ୍ରାଣହାନି ଘଟିଥିଲା। ସୂଚନାଯୋଗ୍ୟ, ଗତ ବର୍ଷ ଜଣେ ପ୍ରଫେଶନାଲ ସାଇକ୍ଲିଷ୍ଟ ଭାବେ ଲୋଟୋ ସୋଡାଲ ଟିମ୍‌ରେ ଯୋଗ ଦେବା ପୂର୍ବରୁ ଲାମ୍ବ୍ରେଚ୍ ୨୩ ବର୍ଷରୁ କମ୍ ଲିଗ୍-ବାଷ୍ଟୋନେ-ଲିଗ୍ ଜିତିଥିଲେ। ପରେ ସେ ୨୦୧୭ରେ ଟୁର୍ ଡେଲ୍’ ଆଭେନିରରେ ଟୁର୍ ଡି’ ଫ୍ରାନ୍ସ ବିଜେତା ଏଗାନ ବର୍ନାଲଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

### ଅଲିମ୍ପିଆନ ଜୁନେଦ ପାକିସ୍ତାନ ହକିର ନୂଆ କୋଚ୍

**କରାଚି, ୬।୮ (ପି.ଟି.):** ଅଲିମ୍ପିଆନ ଖ୍ୱାଜା ଜୁନେଦଙ୍କୁ ପାକିସ୍ତାନ ସିନିୟର ପୁରୁଷ ହକି ଦଳର ନୂତନ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଦୁଇବର୍ଷ ତଳେ ଜୁନୈଦଙ୍କୁ ସମାନ ପଦରୁ ହଠାତ୍ ବାହାର କରିଦିଆଯାଇଥିଲା। ଜୁନୈଦଙ୍କୁ ସହାୟତା କରିବା ପାଇଁ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)ମୁଖ୍ୟ ବ୍ରିଗେଡିୟର (ରିଟାୟାର୍ଡ) ସଜ୍ଜାଦ ଖୋଖର ପୂର୍ବତନ ଖେଳାଳି ସମୀର ହୁସେନ, ୱାସିମ ଅହମ୍ମଦ ଓ ଅଜମଲ ଖାଁଙ୍କୁ ନିଯୁକ୍ତ କରିଛି। ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ନଜରରେ ରଖି ପାକିସ୍ତାନ ହକି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ୨୦୧୭ରେ ଜୁନୈଦ ପାକିସ୍ତାନ ଦଳର ମୁଖ୍ୟକୋଚ୍ ଭାବେ ଦାୟିତ୍ୱ ତୁଲାଉଥିବାବେଳେ ହଠାତ୍ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ହକି ଲିଗ୍ ପୂର୍ବରୁ ତାଙ୍କୁ ବାହାର କରିଦିଆଯାଇଥିଲା। ସେତେବେଳେ ଜୁନୈଦ ରାଗିଯାଇ ପିଏଚ୍‌ଏଫ୍ ସଭାପତି ଓ ସମ୍ପାଦକଙ୍କୁ ଗାଳିଗୁଲଜ କରିଥିଲେ। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ପାକିସ୍ତାନ ଦଳର ସେ ସଦସ୍ୟ ରହିଥିଲେ।

## ରେଡ୍ ବଲ୍‌କୁ ଫେରିଲା ଦୁଲୀପ ଟ୍ରଫି
# ଇଣ୍ଡିଆ ଗ୍ରୀନ୍ ଦଳରେ ଓଡ଼ିଶାର ରାଜେଶ

ନୂଆଦିଲ୍ଲୀ, ୬।୮ (ପି.ଟି.)

ଭାରତର ଏକମାତ୍ର ଦିବା–ରାତ୍ର ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଦୁଲୀପ୍ ଟ୍ରଫି ପୁଣିଥରେ ରେଡ୍ ବଲ୍ ଫର୍ମାଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଗତ ୩ଟି ସିଜନ ଧରି ପିଙ୍କ୍ ବଲରେ ଖେଳାଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର ଚଳିତ ସଂସ୍କରଣ ରେଡ୍ ବଲ୍‌ରେ ଖେଳାଯିବ। ଟିଭି କଭରେଜ୍‌ରେ ସମସ୍ୟା ଦେଖାଦେବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଭାରତୀୟ ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୯ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଭାରତର ଭବିଷ୍ୟତ ଷ୍ଟାର୍ କୁହାଯାଉଥିବା ୩ ଉଦୀୟମାନ ଖେଳାଳି ଶୁବମନ ଗିଲ୍, ପ୍ରିୟଙ୍କ ପଞ୍ଚାଲ ଓ ବିଦର୍ଭ ରଣ୍‌ଜୀ ଦଳର ଅଧିନାୟକ ଫୈଜ ଫଜଲଙ୍କୁ ଯଥାକ୍ରମେ ଇଣ୍ଡିଆ ବ୍ଲୁ, ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ଗ୍ରୀନ୍ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ରଣ୍‌ଜୀ ଦଳ ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତି ଫଜଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଗ୍ରୀନ ଦଳରେ ସ୍ଥାନ ପାଇଛନ୍ତି।

ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଷ୍ଟାର୍ ସ୍ପୋର୍ଟ୍ସରେ ଫାଇନାଲ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ସମସ୍ତ ମ୍ୟାଚ୍ ରେଡ୍ ବଲ୍‌ରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜିଏମ୍ (କ୍ରିକେଟ୍ ଅପରେଶନ) ସବା କରିମ୍ ମଙ୍ଗଳବାର କହିଛନ୍ତି। ‘ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା ରହିଛି, କିନ୍ତୁ ଯେହେତୁ କୌଣସି ସିଧାପ୍ରସାରଣର ବ୍ୟବସ୍ଥା ନାହିଁ ତେଣୁ ଆମେ ଲାଇଟ୍‌ରେ ପିଙ୍କ୍ ବଲରେ ମ୍ୟାଚ୍ ଖେଳିବୁ ନାହିଁ। କେବଳ ଫାଇନାଲ ମ୍ୟାଚ୍ ଦିବା–ରାତ୍ର ବିଶିଷ୍ଟ ହେବ ଏବଂ ଏହା ସିଧାପ୍ରସାରଣ କରାଯିବ’ ବୋଲି କରିମ୍ ପ୍ରକାଶ କରିଛନ୍ତି।

V-GUARD
The silent partner in an efficient kitchen.
Mixer Grinder
Contact : 9937038335



### ସଂକ୍ଷେପରେ ରାଜେଶ...

- ନାମ: ରାଜେଶ ମହାନ୍ତି
- ଜନ୍ମ: ୨୦ ମେ, ୨୦୦୦
- ଘର: ତୁଳସୀପୁର, ନୟାଗଡ଼, ଓଡ଼ିଶା
- ପରିବାର: ମା–ମନୋରମା ମହାନ୍ତି, ବାପା–କିଶୋର ମହାନ୍ତି
- ପ୍ଲେଇଂ ଷ୍ଟାଇଲ: ଡାହାଣହାତୀ ମିଡିୟମ ପେସ୍ ବୋଲର, ବାମହାତୀ ବ୍ୟାଟ୍ସମ୍ୟାନ
- କୋଚ୍: ଦୀପକ ମଙ୍ଗରାଜ
- ଆଦର୍ଶ: ମହମ୍ମଦ ଅମିର(ପାକିସ୍ତାନ), ଉମେଶ ଯାଦବ(ଭାରତ)
- ଘରୋଇ କ୍ଲବ: ରାମେଶ୍ୱର ସ୍ପୋର୍ଟିଂ କ୍ଲବ
- ଟୁର୍ନାମେଣ୍ଟ: ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଟି୨୦, କୁଚ୍‌ବିହାର ଟ୍ରଫି, ରଣଜୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ। ୨୦୧୮ ନଭେମ୍ବର ୧ରେ ରଣଜୀ ଟ୍ରଫି ପଦାର୍ପଣ।
- ୨୦୧୯ ଫେବୃୟାରୀ ୩–୪ରେ ଥିରୁଭାନନ୍ତପୁରମଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ବୋର୍ଡ ସଭାପତି ଏକାଦଶ ପକ୍ଷରୁ ପ୍ରତିନିଧିତ୍ୱ।
- ୨୦୧୮ ସେପ୍ଟେମ୍ବର ୨୯ରେ ଢାକାଠାରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସାମିଲ। ସେଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ନେପାଳ ଓ ୟୁଏଇ ଅଂଶଗ୍ରହଣ କରିଥିଲେ।
- ୨୦୧୮ ସେପ୍ଟେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଅନୁଷ୍ଠିତ ୪ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ୧୯ ବର୍ଷରୁ କମ୍ ଭାରତ‘ଏ’ ଦଳରୁ ପ୍ରତିନିଧିତ୍ୱ। ଏହି ପ୍ରତିଯୋଗିତାରେ ଭାରତ ‘ବି’, ଆଫଗାନିସ୍ତାନ ଓ ନେପାଳ ଅନ୍ୟ ୩ ଦଳ ଥିଲେ।
- ୨୦୧୬ରେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ)ର ୧୬ ବର୍ଷରୁ କ୍ୟାମ୍ପ ପାଇଁ ମନୋନୀତ।
- ୨୦୧୯ରେ ଚେନ୍ନାଇସ୍ଥିତ ଏମଆରଏଫ ପେସ୍ ଫାଉଣ୍ଡେଶନରେ ଅଭ୍ୟାସ।
- ୨୦୧୯ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାକୁଥିବା ଦୁଲୀପ ଟ୍ରଫି ପାଇଁ ଇଣ୍ଡିଆ ଗ୍ରୀନ ଦଳରେ ସାମିଲ। ଟୁର୍ନାମେଣ୍ଟର ଅନ୍ୟ ଦୁଇ ଦଳ ହେଲେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ।

#### ଇଣ୍ଡିଆ ବ୍ଲୁ
ଶୁବମନ ଗିଲ୍ (ଅଧିନାୟକ), ରୁତୁରାଜ ଗାଏକ୍ୱାଡ, ରଜତ ପଟିଦାର, ଅନ୍‌ମୋଲପ୍ରୀତ୍ ସିଂ, ରିକି ଭୁଇ, ଅଙ୍କିତ ବାୱ୍ନେ, ସ୍ନେଲ ପଟେଲ (ଉଇକେଟ୍‌କିପର), ଶ୍ରେୟାସ ଗୋପାଳ, ସୌରଭ କୁମାର, ଜଲଜ ସକ୍ସେନା, ତୁଷାର ଦେଶପାଣ୍ଡେ, ବସିଲ ଥାମ୍ପି, ଦ୍ୱିୱେଶ ପଠାନିଆ, ଅନିକେତ୍ ଚୌଧାରୀ ଆଶୁତୋଷ ଅମର।

#### ଇଣ୍ଡିଆ ଗ୍ରୀନ୍
ଫୈଜ ଫଜଲ (ଅଧିନାୟକ), ଅକ୍ଷୟ ରେଡ୍ଡୀ, ଧ୍ରୁବ ସୋରୀ, ପ୍ରିୟଙ୍କ ଗର୍ଗ, ସିଦ୍ଧେଶ ଲାଡ୍, ଆକାଶଦୀପ୍ ନାଥ, ରାହୁଲ ଚହର, ଧର୍ମେନ୍ଦ୍ର ଜାଡେଜା, ଜୟନ୍ତ ଯାଦବ, ଅଙ୍କିତ ରାଜପୁତ୍, ଇଶାନ ପୋରେଲ, ତନବୀର ଉଲ୍–ହକ, ଅକ୍ଷୟ ୱାଡକର (ଉଇକେଟ୍‌କିପର), ରାଜେଶ ମହାନ୍ତି ଓ ମିଲିନ୍ଦ କୁମାର।

#### ଇଣ୍ଡିଆ ରେଡ୍
ପ୍ରିୟଙ୍କ ପଞ୍ଚାଲ (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଅକ୍ଷର ପଟେଲ, କରୁନ ନାୟାର, ଇଶାନ କିଶାନ (ଉଇକେଟ୍‌କିପର), ହର୍‌ପ୍ରୀତ୍ ଭାଟିଆ, ଆଦିତ୍ୟ ସରୱତେ, ମହିପାଲ ଲୋମ୍ରୋ, ଅକ୍ଷୟ ୱାଖରେ, ବରୁନ ଆରୁନ, ରୋନିତ୍ ମୋରେ, ଜୟଦେବ ଉନାଡକଟ୍, ସନ୍ଦୀପ ୱାରିୟର ଓ ଅଙ୍କିତ କାଲ୍‌ସି।

ଜନ୍ମଦିନ ଶୁଭେଚ୍ଛା



ସାଇଶ୍ରଦ୍ଧା (ରୁହି)
ପ୍ରଥମ ଶୁଭ ଜନ୍ମଦିନ ଅବସରରେ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ବୋଲି ଆମର କାମନା।
ଶୁଭେଚ୍ଛା ସହ:
ବାପା, ମା’, ଦାଦା, ଦାଦି, ନାନା, ନାନୀ, ମାମୁ, କାକା, କାକି
ଧ–୧୩୮୦୦

### ନବମ ସ୍ଥାନକୁ ଉଠିଲେ ରାନ୍‌କିରେଡ୍ଡୀ–ଶେଟ୍ଟୀ

**ନୂଆଦିଲ୍ଲୀ, ୬।୮(ପି.ଟି.):** ସଦ୍ୟ ପ୍ରକାଶିତ ବିଶ୍ୱ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଉନ୍ନତି କରିଛନ୍ତି। ଡବଲ୍ସ ର୍‍ୟାଙ୍କିଙ୍ଗ୍‌ରେ ଏହି ଯୋଡି ୭ଟି ସ୍ଥାନ ଉପରକୁ ଶ୍ରେଷ୍ଠ–୧୦ରେ ପ୍ରବେଶ କରିଛନ୍ତି। ଥାଇଲାଣ୍ଡ ଓପନ୍‌ରେ ଐତିହାସିକ ବିଜୟ ହାସଲ କରିବା ପରେ ରାନ୍‌କିରେଡ୍ଡୀ ଓ ଚିରାଗ ର୍‍ୟାଙ୍କିଙ୍ଗ୍‌ରେ ସପ୍ତମ ସ୍ଥାନରେ ରହିଛନ୍ତି। ଗତ ରବିବାର ଏହି ଯୋଡି ପ୍ରଥମ ଭାରତୀୟ ଡବଲ୍ସ ଯୋଡି ଭାବେ ବିଡବ୍ଲ୍ୟୁଏଫ୍ ସୁପର ୫୦୦ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଅନ୍ୟତମ ଭାରତୀୟ ଡବଲ୍ସ ଯୋଡି ମନୁ ଅତ୍ରି ଓ ବି. ସୁମିଥ ରେଡ୍ଡୀ ପୂର୍ବପରି ୨୫ତମ ସ୍ଥାନରେ ରହିଛନ୍ତି। ପୁରୁଷ ସିଙ୍ଗଲ୍ସରେ କିଦାମ୍ବୀ ଶ୍ରୀକାନ୍ତ ୧୦, ସମୀର ବର୍ମା ୧୩, ବି. ସାଇ ପ୍ରଣୀତ ୧୯, ଏଚ୍‌ଏସ୍ ପ୍ରଣୟ ୩୧ ଓ ସୌରଭ ବର୍ମା ୪୪ତମ ସ୍ଥାନରେ ରହିଛନ୍ତି। ତେବେ ପାରୁପାଲ୍ଲୀ କାଶ୍ୟପ ୩ଟି ସ୍ଥାନ ଉପରକୁ ଉଠି ୩୨ତମ ଓ ଶୁଭଙ୍କର ସେ ଦୁଇଟି ସ୍ଥାନ ଉପରକୁ ଉଠି ୩୯ତମ ସ୍ଥାନରେ ରହିଛନ୍ତି। ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ନେହ୍ୱାଲ ପୂର୍ବପରି ଯଥାକ୍ରମେ ପଞ୍ଚମ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି।

## ଲର୍ଡ୍ସ ଟେଷ୍ଟରୁ ଆଣ୍ଡରସନ ବାଦ୍

ଲଣ୍ଡନ, ୬।୮ (ଏଏଫ୍‌ପି)

ଇଂଲଣ୍ଡର ବରିଷ୍ଠ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଡାହାଣ ଗୋଡ଼ର ମାଂସପେଶୀରେ ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ଆଣ୍ଡରସନ କେବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ଦଳକୁ ଫେରିବେ ସେ ନେଇ ଟିମ୍ ମ୍ୟାନେଜମେଣ୍ଟ ଅନିଶ୍ଚିତତା ମଧ୍ୟରେ ରହିଛି। ଇଂଲଣ୍ଡ ପକ୍ଷରୁ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଉଇକେଟ୍ ଅକ୍ତିଆର କରିଥିବା ୩୭ ବର୍ଷୀୟ ଏହି ଡାହାଣହାତୀ ବୋଲର ଆଘାତଜନିତ ସମସ୍ୟା ଯୋଗୁ ଏଜ୍‌ବାଷ୍ଟନରେ ଶେଷ ହୋଇଥିବା ପ୍ରଥମ ଆଶେସ ଟେଷ୍ଟର ପ୍ରଥମ ଇନିଂସରେ ମାତ୍ର ୪ ଓଭର ବୋଲିଂ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ସେ ଆଉ ବୋଲିଂ କରିବାକୁ ଆସି ନ ଥିଲେ। ନିକଟରେ ବିଶ୍ୱ ବିଜୟୀ ହେବାର ସ୍ୱାଦ ଚାଖିଥିବା ଇଂଲଣ୍ଡ ଏହି ମ୍ୟାଚ୍‌କୁ ୨୫୧ ରନର ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ଆଣ୍ଡରସନଙ୍କ ସ୍କାନ ରିପୋର୍ଟ ବାହାରିଥିବାବେଳେ ସେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଫିଟ୍ ହେବାର ସମ୍ଭାବନା ନାହିଁ। ଫଳରେ ଅଗଷ୍ଟ ୧୪ରୁ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଥିବା ୨ୟ ଟେଷ୍ଟରୁ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ ପକ୍ଷରୁ କୁହାଯାଇଛି। ଏଠାରେ ପ୍ରକାଶଯୋଗ୍ୟ, ଏକ ମାସ ତଳେ ଲଙ୍କାଶାୟର ପକ୍ଷରୁ କାଉଣ୍ଟି ମ୍ୟାଚ୍ ଖେଳୁଥିବାବେଳେ ଆଣ୍ଡରସନ ସମାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ଦୀର୍ଘ ଏକମାସ ହେବ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌ରୁ ଦୂରେଇ ରହିଥିଲେ।

**ଆଶେସ୍ ସିରିଜ୍**

## ‘ଲଦାଖ ଖେଳାଳି ଜମ୍ମୁ–କଶ୍ମୀରରୁ ଖେଳିପାରିବେ’

ନୂଆଦିଲ୍ଲୀ,୬।୮(ପି.ଟି.)

ବର୍ତ୍ତମାନ ନୂଆକରି ଗଠିତ ହୋଇଥିବା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରୁ ଖେଳାଳିମାନେ ଜମ୍ମୁ–କଶ୍ମୀର ତରଫରୁ ଆଗାମୀ ଘରୋଇ ସେସନରେ ପ୍ରତିନିଧିତ୍ୱ କରିପାରିବେ ବୋଲି ମଙ୍ଗଳବାର କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ କହିଛନ୍ତି। ସମ୍ବିଧାନର ୩୭୦ ଧାର ଉଚ୍ଛେଦ କରି ସରକାର ସୋମବାର ଜମ୍ମୁ–କଶ୍ମୀର ରାଜ୍ୟକୁ ଦୁଇ ଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ଗୋଟିଏ ହେଲା ଲାଦାଖ ଓ ଅନ୍ୟଟି ହେଲା ଜମ୍ମୁ– କଶ୍ମୀର। ତେବେ ବର୍ତ୍ତମାନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଅଲଗା ଅଲଗା ରାଜ୍ୟ ଆସୋସିଏଶନ ଗଠନ କରିବ ନାହିଁ। ଫଳରେ ଉଭୟ ଅଞ୍ଚଳର ଖେଳାଳି ଜମ୍ମୁ–କାଶ୍ମୀର ପାଇଁ ବିସିସିଆଇର ସବୁ ପ୍ରକାର ଘରୋଇ କ୍ରିକେଟରେ ପ୍ରତିନିଧିତ୍ୱ କରିବେ ବୋଲି ବିନୋଦ ସ୍ପଷ୍ଟ କରିଛନ୍ତି। ଅବଶ୍ୟ ଏପର୍ଯ୍ୟନ୍ତ ଲଦାଖରୁ କୌଣସି ଖେଳାଳି ଜମ୍ମୁ– କଶ୍ମୀର ପାଇଁ ଖେଳିନାହାନ୍ତି। ଆଗାମୀ ଡିସେମ୍ବରରୁ ଦେଶର ସର୍ବବୃହତ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ପ

ପୁଡୁଚେରୀ ଭଳି ଲଦାଖକୁ ମତଦାନ ଅଧିକାର ମିଳିବ କି ବୋଲି ପ୍ରଶ୍ନ ହେବାରୁ ବିନୋଦ ଏ ନେଇ କୌଣସି ଆଲୋଚନା କରାଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲେ ମଧ୍ୟ ଏହାର ଖେଳାଳିମାନେ ପଞ୍ଜାବ କିମ୍ବା ହରିୟାଣା ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। ଠିକ୍ ସେହିପରି ଏବେ ଲଦାଖର ଖେଳାଳିମାନେ ଜମ୍ମୁ–କଶ୍ମୀର ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବିନୋଦ କହିଛନ୍ତି। ୩୭୦ ଧାରା ଉଚ୍ଛେଦ ହୋଇଥିଲେ ମଧ୍ୟ ବିସିସିଆଇ ଏ ନେଇ ଆଦୌ ଚିନ୍ତିତ ନୁହଁ। କଶ୍ମୀର ଉପତ୍ୟକାରେ ପୂର୍ବପରି କ୍ରିକେଟ ଚାଲୁ ରହିବ ବୋଲି ସେ କହିଛନ୍ତି। ଗତବର୍ଷ ଭଳି ଜମ୍ମୁ– କଶ୍ମୀର ଶ୍ରୀନଗରରେ ତା’ର ଘରୋଇ ମ୍ୟାଚ୍ ଖେଳିବ। ବିକଳ୍ପ ଭେନ୍ୟୁ ନେଇ କୌଣସି ଆଲୋଚନା କରାଯାଇ ନାହିଁ। ତେଣୁ କୌଣସ ପରିବର୍ତ୍ତନ କରାଯିବ ନାହିଁ। ଅମରନାଥ ଯାତ୍ରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ବୟସ ବର୍ଗର ଅଭ୍ୟାସ ଶିବିରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟ ଟିମ୍ ମେଣ୍ଟର ଇର୍ଫାନ ପଠାନଙ୍କ ସହିତ ସବୁ ୧୦୦ କ୍ରିକେଟରଙ୍କୁ କଶ୍ମୀର ଉପତ୍ୟକା ଛାଡି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ୨୩ ବର୍ଷରୁ କମ୍ ଏସିଆନ୍ ଭଲିବଲ୍
## କ୍ୱାର୍ଟରଫାଇନାଲରେ ଭାରତ

ନୂଆଦିଲ୍ଲୀ, ୬।୮ (ପି.ଟି.)

ମ୍ୟାନମାରରେ ଚାଲିଥିବା ୨୩ ବର୍ଷରୁ କମ୍ ଏସିଆନ୍ ଭଲିବଲ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ୨–୩ରେ ଥାଇଲାଣ୍ଡ ନିକଟରୁ ପରାସ୍ତ ହୋଇଥିଲା। କିନ୍ତୁ ଭାରତ ଏଥିପୂର୍ବରୁ ଚାଇନା ଓ ନ୍ୟୁଜିଲାଣ୍ଡକୁ ହରାଇ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ନିଜ ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ହାସଲ କରିଥିବାରୁ ଅନ୍ତିମ–୮ରେ ପହଞ୍ଚିବାରେ କୌଣସି ଅସୁବିଧା ହୋଇନାହିଁ। ଭାରତୀୟ ଦଳ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବାର ସୌଭାଗ୍ୟ ଲାଭ କରିଛି। ଭାରତ ସମେତ ଏହି ଗ୍ରୁପ୍‌ରୁ ଚାଇନା ମଧ୍ୟ ୩ ମ୍ୟାଚ୍‌ରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି।



କଟକ: ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ରାଧାରମଣ କ୍ଲବ୍ ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ଫାଓ ଲିଗ୍‌ର ଏକ ମ୍ୟାଚ୍।

## ଓସିଏ ସମ୍ବିଧାନ ସଂଶୋଧନରେ ଜାଲିଆତି ଅଭିଯୋଗ

**କଟକ ଅଫିସ, ୬।୮:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ବିଧାନ ସଂଶୋଧନରେ ଜାଲିଆତି ହୋଇଥିବା ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ମଙ୍ଗଳବାର ଏ ସଂକ୍ରାନ୍ତରେ ଆଇଜି ରେଜିଷ୍ଟ୍ରେଶନଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇଛି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାନାମାକୁ ଉଲ୍ଲଂଘନ କରାଯାଇ ଏକପାଖିଆ ସମ୍ବିଧାନ ସଂଶୋଧନ ହୋଇଛି। ସୁପ୍ରିମକୋର୍ଟର ୨୦୧୬ ଜୁଲାଇ ୧୮ ଓ ୨୦୧୮ ମସିହା ଅଗଷ୍ଟ ୯ ତାରିଖର ମକଦ୍ଦମା ନିର୍ଦ୍ଦେଶରେ ବିଭିନ୍ନ ରାଜ୍ୟ ସଂଘ ଗୁଡ଼ିକର ସମ୍ବିଧାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ବିଧାନ ଅନୁଯାୟୀ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ମାସକ ଭିତରେ ସମ୍ବିଧାନ ସଂଶୋଧନ କରିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା। ରାଜ୍ୟ ସଙ୍ଗଠନଗୁଡ଼ିକ କେଉଁ କେଉଁ ଧାରାରେ ସଂଶୋଧନ କଲେ ତାହାର ବିବରଣୀ ସୁପ୍ରିମକୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ସମସ୍ତ ନିର୍ଦ୍ଦେଶକୁ ବେଖାତିର କରି ବିନା ସାଧାରଣ ପରିଷଦ ବୈଠକରେ ଓସିଏ ସମ୍ବିଧାନ ସଂଶୋଧନ କରିଛି। ଏହା ସୋସାଇଟି ରେଜିଷ୍ଟ୍ରେଶନ ଆଇନ ୧୮୬୦ ଧାରାକୁ ଅବମାନନା କରୁଛି ବୋଲି ସଙ୍ଗଠନର ଆବାହକ ତଥା ଆଇନଜୀବୀ ସୁବ୍ରତ ନନ୍ଦ କହିଛନ୍ତି। ଓସିଏ ଚାପ୍ଟର ୬(୫), ୨୩(୧), ୨୪(୪), ୨୬(୨ଏ) (୨)କୁ ବିନା ଅନୁମୋଦନରେ ଦାଖଲ କରିଛି ବୋଲି ଅଭିଯୋଗ ପତ୍ରରେ ମଧ୍ୟ ଦର୍ଶାଯାଇଛି। ଓସିଏର ଏହି କାର୍ଯ୍ୟ ସୁପ୍ରିମକୋର୍ଟର ବିରୁଦ୍ଧାଚରଣ ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ
(ଅବସରପ୍ରାପ୍ତ ଜିଲ୍ଲା ବିଚାରପତି)
କେ ୪– ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୦
(ବୈଶାଖ ଶୁକ୍ଳ ପୂର୍ଣ୍ଣମୀ)
ତିରୋଧାନ: ୨୮।୦୮।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ନୀଳିମା, ପୁତ୍ର: ସନ୍ତୋଷ, ଅରୁଣ, ପୁତ୍ରବଧୂ: ଶୁଭ୍ରା, ପ୍ରାଚୀ, ଝିଅ: ସସ୍ମିତା, ସୁଜାତା, ଜ୍ୱାଇଁ: ପ୍ରଭୁ, ଅରବିନ୍ଦ, ନାତି ଓ ନାତୁଣୀ: ସୀଲ୍‌କି, ବୁଲ୍‌ବୁଲ୍, ରୁଗୁଲ୍, ଅର୍ଜିତା, ଆଭାସ ଏବଂ ପରିବାରବର୍ଗ।
ଧ–୧୩୮୦୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭକ୍ତ ଭୂଷଣ ଦାସ
(ଜଟଣୀ)
ଆବିର୍ଭାବ: ୧୫।୦୧।୧୯୬୪
ତିରୋଧାନ: ୨୮।୦୭।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ଆମ ମାନସପଟରେ ସର୍ବଦା ଜୀବନ୍ତ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ: ମାମୀ, ପୁତ୍ର: ରାଜା, କନ୍ୟା: ପୂଜା, ବୁଢା, ଝିମି, ବୁବୁ, ଲିଜା, ଛୁଲୁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ–୧୩୮୦୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୭/୨୦୧୯ Bhubaneswar, Wednesday, August 7/2019

## ସଂକ୍ଷେପରେ

### ଗୋରୁ ବୋଝେଇ ଟାଟା ଏସିଇ ଜବତ, ୨କୋର୍ଟ ଚାଲାଣ

**ରସୁଲପୁର,୬।୮(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଗ୍ରାମରୁ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ କୁଆଖିଆ ପୋଲିସର ଜିମା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ ଏକ ଟାଟା ଏସିଇ ନଂ. ଓଆର-୦୫-ଏଫ୍-୧୧୩୨ରେ ଦୁଇଟି ବଳଦ ବୋଝେଇ ହୋଇ ସାହାପୁର ହାଟକୁ ଯାଉଥିଲେ। ରସୁଲପୁର ବ୍ଲକ ଅଧିନସ୍ଥ ଶ୍ରୀବନ୍ତପୁର ପଞ୍ଚାୟତରୁ ଏହି ଗାଡ଼ିଟି ଆସୁଥିଲା। ଖଣ୍ଡିତର ଛକ ନିକଟରେ ଲୋକେ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଗୋରୁ ଗାଡ଼ିକୁ ନିଜ ହେପାଜତକୁ ନେବା ସହ ଶ୍ରୀବନ୍ତପୁର ପଞ୍ଚାୟତର ଗାଡ଼ି ଚାଳକ ଶ୍ରୀଧର କାଣ୍ଡି(୩୦) ଓ ଦଲିଲ୍ ଖାଁ(୩୫)ଙ୍କୁ ଗିରଫ କରିଥିଲା। ଶ୍ରୀଧର ଗାଡି ଚାଳକ ହୋଇଥିବାବେଳେ ଦଲିଲ ଗୋରୁ ବେପାରୀ ବୋଲି ଜଣାପଡିଥିଲା। ଏସମ୍ପର୍କରେ ପୋଲିସ ଥାନାରେ ଏକ ମାମଲା ( ନଂ- ୧୯୭/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଗାଡିରେ ପରିବହନ ହେଉଥିବା ଗୋରୁଙ୍କ ସମ୍ପର୍କରେ ବେପାରୀ କୌଣସି କାଗଜପତ୍ର ଦେଖାଇ ପାରି ନ ଥିବା ଓ ଟାଟା ଏସିଇ ଗାଡିରେ ଗୋରୁ ପରିବହନ ହେବା ନିୟମ ବିରୋଧ କାର୍ଯ୍ୟ ଦର୍ଶାଇ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ତଦନ୍ତ ଅଧିକାରୀ ଦିଲୀପ କୁମାର କାଣ୍ଡି ପ୍ରକାଶ କରିଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ

**କୋରେଇ,୬।୮(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଜୁଲାଇ ୨୭ ତାରିଖରେ ଅପହରଣ କରାଯାଇଛି। ଏ ନେଇ ନାବାଳିକାଙ୍କ ମା'ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୧୪୪/୧୯ ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏ ପର୍ଯ୍ୟନ୍ତ ଅପହରଣକାରୀଙ୍କୁ ଗିରଫ କରି ପାରିନାହିଁ।

## ଚାଷୀ ପଞ୍ଜୀକରଣରେ ହେବ ୫-ଟିର ଉପଯୋଗ

# ଦୁର୍ନୀତିଖୋର ପ୍ୟାକ୍ସ ଅଧିକାରୀ ଆତଙ୍କିତ

**ଯାଜପୁର ଅଫିସ,୬।୮**

ଚଳିତ ଧାନ ସଂଗ୍ରହ ୨୦୧୯-୨୦ ବର୍ଷର ଖରିଫ ଚାଷୀ ପଞ୍ଜୀକରଣରେ ୫-ଟି ର ଉପଯୋଗ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶ ପାଇବା ପରେ ଜିଲାର ପ୍ରତ୍ୟେକ ସମବାୟ ସମିତି (ପ୍ୟାକ୍ସ) କର୍ତ୍ତୃପକ୍ଷ ଆତଙ୍କିତ ହୋଇ ପଡ଼ିଛନ୍ତି। ଗତ ବର୍ଷଗୁଡ଼ିକରେ ଚାଷୀ ପଞ୍ଜିକରଣରେ ବ୍ୟାପକ ଅନିୟମିତତା ଓ ଜାଲସାଦି କରି ଧାନ ବିକ୍ରି ଓ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ଅର୍ଥକୁ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ଜମି ନାହିଁ କିମ୍ବା କମ୍ ଜମିକୁ ଅଧିକ ପରିମାଣର ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଥିବା ମଧ୍ୟ ନଜିର ରହିଛି। ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ଖରିଫ ଧାନକିଣାରେ ଏକ ପରିବାରର ୪ଜଣ ଚାଷୀଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ କିଣାଯାଇ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲା ଏବେ ହାଇକୋର୍ଟରେ ବିଚାରାଧିନ ରହିଛି। ଏହାବାଦ ବନ୍ଧାଳୋ, ବ୍ରହ୍ମବରଦା, ରଖିଦେଇପୁର, ମହିସରା ଆଦି ପ୍ୟାକ୍ସରେ ଚାଷୀ ପଞ୍ଜୀକରଣରେ ବ୍ୟାପକ ଦୁର୍ନୀତି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସୂତ୍ର ଶାସନ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ ଦୁର୍ନୀତିଖୋର ଅଧିକାରୀଙ୍କ ଅସଲ ମୁଖା ଖୋଲିବ ବୋଲି ମତପ୍ରକାଶ ପାଇଛି।

**ସେପ୍ଟେମ୍ବର ୫ ସୁଦ୍ଧା ସରିବ ଚାଷୀ ପଞ୍ଜୀକରଣ**

ସୋମବାର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଜିଲାର ଖରିଫ ବିପଣନ ବର୍ଷ ୨୦୧୯-୨୦ରେ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ଓ ଡାଟା ଏଣ୍ଟ୍ରିମାନଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାସ ଅଧ୍ୟକ୍ଷତା କରି ପଞ୍ଜୀକରଣକୁ ସ୍ୱଚ୍ଛ ଓ ସମୟାନୁସାରେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଗତ ବର୍ଷଗୁଡ଼ିକରେ ପଞ୍ଜିକରଣକୁ ନେଇ ଅନେକ ଅଭିଯୋଗ ଆସିଛି। ତେଣୁ ଚଳିତବର୍ଷ ଏହାକୁ ଯେପରି ଅଭିଯୋଗ ମୁକ୍ତ ସେବାରେ ପରିଣତ କରାଯାଇପାରିବ ସେଥିପ୍ରତି ପ୍ରତ୍ୟେକ ସଚେତନ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଧାନ ଉଠିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୃଷକଙ୍କ ପ୍ରାପ୍ୟ ପ୍ରଦାନ, ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜାଦିପତ୍ର ସମ୍ପର୍କରେ କାନ୍ଥରେ ଲେଖିବା, ବ୍ୟାନର ମାଧ୍ୟମରେ ବ୍ୟାପକ ସଚେତନତା ପାଇଁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ସମବାୟ ସମିତିର ସହକାରୀ ନିବନ୍ଧକ ଶରତ କୁମାର ମଲ୍ଲିକ ବିସ୍ତୃତ ସୂଚନା ଦେଇ ଗତବର୍ଷ ଜିଲାରେ ୩୩,୭୩୨ ଜଣ କୃଷକ ନାମ ପଞ୍ଜୀକରଣ କରିଥିବା ବେଳେ ଚଳିତବର୍ଷ ଯେପରି ଅଧିକ ପଞ୍ଜୀକରଣ ହେବ ସେଥିପ୍ରତି ପ୍ରତ୍ୟେକ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ମାଷ୍ଟର ଟ୍ରେନର ଅମିତ ଗୁପ୍ତା ଓ ପ୍ରଭାତ କୁସୁମ ବାରିକ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଅଗଷ୍ଟ ୬ତାରିଖ ଠାରୁ ଅଗଷ୍ଟ ୩୧ତାରିଖ ମଧ୍ୟରେ ଚାଷୀମାନଙ୍କଠାରୁ ପଞ୍ଜୀକରଣ ନିମନ୍ତେ ଫର୍ମ ସଂଗ୍ରହ କରାଯାଇ ସେପ୍ଟେମ୍ବର ୫ତାରିଖ ସୁଦ୍ଧା ସମସ୍ତ ପ୍ୟାକ୍ସରେ ପଞ୍ଜୀକରଣ କାର୍ଯ୍ୟ ଶେଷ ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଛି ବୋଲି ସୂଚନା ଦେଇଥିଲେ। ବ୍ୟାଙ୍କ ପାସ୍ ବୁକ୍‌ର ପ୍ରଥମ ପୃଷ୍ଠାର ନକଲ, ଆଧାର କାର୍ଡର ନକଲ, ଚାଷ ଜମି ସମ୍ବନ୍ଧୀୟ ପଟ୍ଟାର ନକଲ, ମୋବାଇଲ ନମ୍ବର ଇତ୍ୟାଦି ପଞ୍ଜୀକରଣ ପାଇଁ ଦେବାକୁ ପଡ଼ିବ। ଭାଗ ଚାଷୀ ହୋଇଥିଲେ ପୂର୍ବ ବର୍ଷ ଭଳି ଜମି ମାଲିକଙ୍କଠାରୁ ଭାଗ ଚାଷ ସମ୍ବନ୍ଧୀୟ ପ୍ରମାଣ ପତ୍ର ଦାଖଲ କରିବେ। ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇଥିବା ଚାଷୀ ରାଶନ କାର୍ଡର ନମ୍ବର ଦେବେ ବୋଲି ସେମାନେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ସହକାରୀ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଜିଲା ଟାକ୍ସ ଫୋର୍ସ ପକ୍ଷରୁ ଚଢାଉ, ୮ ଶିଶୁ ଶ୍ରମିକ ଉଦ୍ଧାର

**ଯାଜପୁର ରୋଡ,୬।୮ (ନି.ପ୍ର.)**

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶରେ କ୍ରମେ ମଙ୍ଗଳବାର ଯାଜପୁର ରୋଡ ସହରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଗ୍ୟାରେଜ, ବ୍ୟବସାୟୀକ ପ୍ରତିଷ୍ଠାନଗୁଡିକରେ ଜିଲା ଟାକ୍ସ ଫୋର୍ସ ପକ୍ଷରୁ ଚଢାଉ କରାଯାଇ ୮ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହେଇଥିବା ନାବାଳକଙ୍କୁ ଯାଜପୁରସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଛି। ଏ ବାବଦରେ ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଯାଇଛି । ଶିଶୁମାନଙ୍କୁ ସରକାରୀ ଯୋଜନା ଅନୁସାରେ ସାମିଲ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଏହି ଟାକ୍ସ ଫୋର୍ସରେ ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶ୍ରମ ନିରୀକ୍ଷକ ଗୋପାଳ କୃଷ୍ଣ ମଙ୍ଗରାଜ, ଶିଶୁ ମଙ୍ଗଳ କମିଟି ସଭ୍ୟ ହୃଷୀକେଶ ପଣ୍ଡା, ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ପ୍ରେମମଞ୍ଜରୀ ନାୟକ, ଯାଜପୁର ରୋଡ ଥାନା ଏସ୍ଆଇ ଗଙ୍ଗାଧର ବାରିକ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ଶ୍ରମ ଡିଭିଜିନାଲ ସୁଶୀଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚଢାଉ କରାଯାଇଥିଲା।

## ଧାନ କିଣିବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ

**ଯାଜପୁର ଅଫିସ,୬।୮:** ଧାନ ସଂଗ୍ରହ କାର୍ଯ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲା ଯୋଗାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଯୋଗାଣ ବିଭାଗରେ ସରକାରଙ୍କ ୫-ଟିକୁ ପ୍ରବର୍ତ୍ତନ କରିବାପରେ ସମସ୍ତ କାର୍ଯ୍ୟରେ ଏହାର ଉପଯୋଗକୁ ନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଆର୍ଥିକ ସମୃଦ୍ଧ ଓ ଶକ୍ତିଶାଳୀ କରିଛି। ତେଣୁ ଏବେଠାରୁ ସେମାନଙ୍କୁ ଧାନ ସଂଗ୍ରହ ପାଇଁ ସାମିଲ କରି ପ୍ରଶିକ୍ଷିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ଫନୀ ଚାଉଳ ବଣ୍ଟନ ଅନିୟମିତତା ଅଭିଯୋଗର ତଦନ୍ତ ହେବ**

ସେହିଭଳି ଫନି ବାତ୍ୟା ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଯେଉଁ ଅଭିଯୋଗ ପ୍ରଶାସନ ନିକଟରେ ପହଞ୍ଚିଛି ସେହି ଆଧାରରେ ଚଳିତ ମାସ ୮ତାରିଖ ସୁଦ୍ଧା ଡିଲରମାନେ ରିପୋର୍ଟ ପ୍ରଦାନ କରିବେ। ଅନିୟମିତତା ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଏଥିସହ ଯୋଗାଣ ବିଭାଗର ବିଭିନ୍ନ ଧରପଗଡ଼କୁ ଜୋରଦାର କରାଯିବ। ପ୍ରତ୍ୟେକ ଏମ୍ଆଇମାନେ ମାସକୁ ଅନ୍ୟୁନ ୨୦ଟି ଡିଲର ପଏଣ୍ଟ, ୨ଟି ଲେଖାଏ ପେଟ୍ରୋଲ ପମ୍ପ, ରାଇସ୍ ମିଲ୍, ହୋଲସେଲ ପଏଣ୍ଟ, ଗ୍ୟାସ ଏଜେନ୍ସିକୁ ତନଖି କରି ରିପୋର୍ଟ ଦେବେ। ଜିଲା ଯୋଗାଣ ଅଧିକାରୀ ଓ ସହକାରୀ ଯୋଗାଣ ଅଧିକାରୀ ଅନୁରୂପ ଭାବେ ଧରପଗଡ଼ କରିବା ସହ ସମସ୍ତ ଏମ୍ଆଇମାନଙ୍କ ସାମଗ୍ରିକ ରିପୋର୍ଟ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବା ଜିଲାପାଳଙ୍କୁ ସୁପାରିଶ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ପୂର୍ବତନ ଏମ୍‌ପି ମୋହନ ଜେନା ଅସୁସ୍ଥ

**ଚଣ୍ଡିଖୋଲ,୬।୮(ଡି.ଏନ୍.ଏ.)**

ଯାଜପୁରର ପୂର୍ବତନ ଲୋକ ସଭା ଏମ୍‌ପି ମୋହନ ଜେନା ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଜେନା ଗତ ୫ଦିନ ତଳେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ସେ ଗୁରୁତର ହୋଇ ଭେଣ୍ଟିଲେଟରରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ହସ୍ପିଟାଲକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଓ ଯୁବନେତା ମନୋରଞ୍ଜନ ଜେନା ପ୍ରମୁଖ ହସ୍ପିଟାଲରେ ପହଞ୍ଚି ଜେନାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ଇ-ସ୍କୁଲ ଯୋଜାନା ବାଟମଣା

# ଚୁକ୍ତି ଅବଧି ପରେ ଅନ୍ଧାରରେ ଭବିଷ୍ୟତ ଲକ୍ଷ୍ୟ

**ଯାଜପୁର ଟାଉନ,୬।୮(ଡି.ଏନ୍.ଏ.)**

- ନିଆଯାଇପାରୁ ନାହିଁ କୌଣସି ନିଷ୍ପତ୍ତି
- କମ୍ପ୍ୟୁଟର ଶିକ୍ଷାପାଇଁ ଛାତ୍ରୀଛାତ୍ର ଯାଉଛନ୍ତି ଘରୋଇ ଶିକ୍ଷାନୁଷ୍ଠାନ
- ଏ ସମସ୍ୟା ଏବେ ସାରା ରାଜ୍ୟର: ଜିଲା ଶିକ୍ଷାଧିକାରୀ

ସରକାରଙ୍କ ଇ-ସ୍କୁଲ ପ୍ରକଳ୍ପ ଏବେ ବାଟବଣା ହେବାକୁ ଲାଗିଛି। ସରକାରଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ସରକାରଙ୍କ ୨୪କୋଟି ୨୦ଲକ୍ଷ ଟଙ୍କାର ପ୍ରକଳ୍ପ ଏବେ ପାଣିରେ ପଡିଛି। ଫଳରେ ହାଇସ୍କୁଲ ପିଲାଙ୍କୁ ଏବେ କମ୍ପ୍ୟୁଟର ଶିକ୍ଷା ପାଇଁ ଘରୋଇ ଶିକ୍ଷାନୁଷ୍ଠାନକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଜରିଆରେ ରାଜ୍ୟର ହାଇସ୍କୁଲଗୁଡ଼ିକରେ ଇ-ସ୍କୁଲ ନାମରେ ୨୦୧୪ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହୋଇଥିଲା। ଯାଜପୁର ଜିଲାରେ ଓକେସିଏଲ୍ ସଂସ୍ଥା ସରକାରଙ୍କ ଠାରୁ ଏହି ଇ-ସ୍କୁଲ ପ୍ରକଳ୍ପର ସ୍ଥାପନା ଓ ତଦାରଖର ଦାୟିତ୍ୱ ନେଇଥିଲା। ଏଥିପାଇଁ ସରକାରଙ୍କ ସହ ୫ବର୍ଷ ଉକ୍ତ ସଂସ୍ଥା ଚୁକ୍ତି କରିଥିଲା। ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ପ୍ରତ୍ୟେକ ହାଇସ୍କୁଲରେ ଜଣେ ଲେଖାଏ କମ୍ପ୍ୟୁଟର ପ୍ରଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଯାଜପୁର ଜିଲାରେ ୨୩୭ଟି ହାଇସ୍କୁଲରେ ଇ-ସ୍କୁଲ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରଶିକ୍ଷକମାନେ ସ୍ୱଳ୍ପ ପାରିଶ୍ରମିକରେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷାଦାନ ସହିତ ହାଇସ୍କୁଲର ବିଭିନ୍ନ ଅନଲାଇନ୍ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହି ଜିଲାରେ ୪୪୧ ସ୍କୁଲ ମଧ୍ୟରୁ ୨୩୭ ସ୍କୁଲକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ଏହି କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ ହାଇସ୍କୁଲର ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଓ ଇଂଲିଶ ବିଷୟକୁ ଛାଡ଼ି ଅନ୍ୟବିଷୟ ଗୁଡ଼ିକ ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷାଦାନ ଲକ୍ଷ୍ୟ ରଖାଯାଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଅଧିକ ଜ୍ଞାନଲାଭ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ଏହି ଯୋଜନା ପ୍ରଣୟନ କରାଯାଇଥିଲା। ମୁଖ୍ୟତଃ ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ୨୩୭ଟି ବିଦ୍ୟାଳୟରେ କମ୍ପ୍ୟୁଟର ଯୋଜନା କାର୍ଯ୍ୟକାରୀ କରାଯାଇଥିବାବେଳେ ପ୍ରତ୍ୟେକ ବିଦ୍ୟାଳୟକୁ ୧୨ଟି ଲେଖାଏ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ଏହି ଯୋଗାଣ ବାବଦକୁ ୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। କମ୍ପ୍ୟୁଟର ପ୍ରଶିକ୍ଷକଙ୍କ ଚୁକ୍ତି ଅନୁସାରେ ୫ବର୍ଷ ଅବଧି ସରିଯାଇଥିବା ବେଳେ ଏବେ ବିଦ୍ୟାଳୟଗୁଡିକରେ କମ୍ପ୍ୟୁଟରଗୁଡିକ ଅକାମୀ ହୋଇ ପଡି ରହିଥିବା ଦେଖିବାକୁ ମିଳିଛି। ଶିକ୍ଷା ବିଭାଗର ଲକ୍ଷ୍ୟ ଥିଲା ୫ବର୍ଷର ଅବଧି ମଧ୍ୟରେ ହାଇସ୍କୁଲରେ ଜଣେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇ କମ୍ପ୍ୟୁଟର ଲ୍ୟାବ ପରିଚାଳନା କ୍ଷେତ୍ରରେ ପାରଙ୍ଗମ କରାଯିବ।ପରବର୍ତ୍ତି ସମୟରେ ସମ୍ପୃକ୍ତ ଅଭିଜ୍ଞ ଶିକ୍ଷକଙ୍କୁ କମ୍ପ୍ୟୁଟର ଲ୍ୟାବର ଦାୟିତ୍ୱ ହସ୍ତାନ୍ତର କରାଯିବ। ମାତ୍ର ଜିଲାରେ କୌଣସି ଶିକ୍ଷକଙ୍କୁ ଲ୍ୟାବ ଚଳାଇବା ପାଇଁ ପାରଙ୍ଗମ କରାଯାଇ ପାରି ନାହିଁ। ଯାହା ଫଳରେ କମ୍ପ୍ୟୁଟର ଲ୍ୟାବଗୁଡ଼ିକ ଅକାମୀ ହୋଇ ପଡ଼ିରହିଛି। ଅପରପକ୍ଷରେ ଚୁକ୍ତି ଭିତ୍ତିରେ ୫ବର୍ଷ ଧରି କାର୍ଯ୍ୟ କରିଥିବାବେଳେ ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତି ପାଇବାର ଆଶା ରଖି ପ୍ରଶିକ୍ଷକମାନଙ୍କ ଭବିଷ୍ୟତ ମଧ୍ୟ ଏବେ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ଏହି ଜିଲାରେ ୨୩୭ ବିଦ୍ୟାଳୟରେ ୨୮୪୪ଟି କମ୍ପ୍ୟୁଟର ଯୋଗାଣ କରାଯାଇଥିବା ଏବେ ଏଗୁଡ଼ିକ କାର୍ଯ୍ୟକ୍ଷମ କରୁଛି କି ନାହିଁ ତାହା ମଧ୍ୟ ଶିକ୍ଷା ବିଭାଗ ତଦାରଖ କରି ନ ଥିବା ସୂଚନା ମିଳିଛି। ଫଳରେ ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷା ପାଇଁ ଏବେ ଘରୋଇ ଶିକ୍ଷାନୁଷ୍ଠାନ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ଏହି ସମସ୍ୟା ଏବେ ରାଜ୍ୟର ସମସ୍ୟା ହୋଇଥିବାବେଳେ ଆମେ କୌଣସି ନିଷ୍ପତ୍ତି ନେଇପାରୁ ନାହୁଁ। କମ୍ପ୍ୟୁଟର ଶିକ୍ଷା ପାଇଁ ସବୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ପାରାଙ୍ଗମ କରାଯାଇଥିବା କଥା କହିଛନ୍ତି।






## ଅତିରିକ୍ତ ଜିଲାପାଳଙ୍କ ବ୍ୟାସନଗର ତହସିଲ ପରିଦର୍ଶନ

**ଯାଜପୁର ରୋଡ,୬।୮(ନି.ପ୍ର.):** ଯାଜପୁର ରୋଡ ବ୍ୟାସନଗର ତହସିଲରେ ମଙ୍ଗଳବାର ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଅଚାନକ ପରିଦର୍ଶନ କରିଛନ୍ତି। ଏହି ସମୟରେ ତହସିଲରେ ବିଭିନ୍ନ ମାମଲା ସମାଧାନ ନ ହୋଇ ପଡିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ୭ଦିନ ମଧ୍ୟରେ ସମସ୍ତ ମାମଲାଗୁଡିକର ସମାଧାନ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ପଠାଇବା ନିମନ୍ତେ ଅତିରିକ୍ତ ତହସିଲଦାର ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**୨ଜଣଙ୍କୁ କାରଣ ଦର୍ଶାଅ ନୋଟିସ**

ତେବେ ତହସିଲଦାର କୌଣସି ଏକ କାମରେ ହାଇକୋର୍ଟ ଯାଇଥିବାରୁ ତହସିଲରେ ଅନୁପସ୍ଥିତ ଥିଲେ। କିନ୍ତୁ ମୁଖ୍ୟ କିରାଣି ନରେନ୍ଦ୍ର କୁମାର ସେଠୀ, ବରିଷ୍ଠ ରାଜସ୍ୱ ସହାୟକ ଅଶ୍ୱିନୀ କୁମାର ସାହୁ ବିନା ଅନୁମତିରେ ଅନୁପସ୍ଥିତ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ସହ ଦରମା ବନ୍ଦ ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରେକର୍ଡଗୁଡିକର ସଂଶୋଧନ କାର୍ଯ୍ୟରେ ଅବହେଳା ପାଇଁ ବରିଷ୍ଠ ସହାୟକ ତାପସ କୁମାର ଜେନାଙ୍କୁ ତାଗିଦ କରିଥିବା ଜଣାପଡିଛି। ତଦନ୍ତ ସମୟରେ ତଦନ୍ତ ସମୟରେ ଅତିରିକ୍ତ ତହସିଲଦାର ରଶ୍ମିତା ସ୍ୱାଇଁ ସହଯୋଗ କରିଥିଲେ। ତହସିଲ ଅବ୍ୟବସ୍ଥା ସମ୍ପର୍କରେ ଆଇନଜୀବୀ ଓ ଜନ ସାଧାରଣମାନେ ଅତିରିକ୍ତ ଜିଲାପାଳଙ୍କୁ ଜଣାଇଥିଲେ। ଏହାପରେ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଚଢାଉରେ ରାଜସ୍ୱ ଅଧିକାରୀ ତାରିଣୀସେନ ପଟ୍ଟନାୟକ, ଉପବିଭାଗୀୟ ରାଜସ୍ୱ ଅଧିକାରୀ ଶଶିଭୂଷଣ ମିଶ୍ର, ବରିଷ୍ଠ ରାଜସ୍ୱ ସହାୟକ ସୁବ୍ରତ କୁମାର ବାରିକ ସାମିଲ ଥିଲେ । ପ୍ରକାଶ ଯେ, ଯାଜପୁର ଜିଲାର ବିଭିନ୍ନ ତହସିଲରେ ଅବ୍ୟବସ୍ଥା କରାଯାଉଛି। ଏଥିସହ ମାମଲାର ସମାଧାନ ପାଇଁ ଲୋକମାନଙ୍କୁ ଠାରୁ ଲାଞ୍ଚ ନିଆଯାଉଥିବା ନେଇ ବହୁବାର ଜିଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲ। ଅଭିଯୋଗ ଆଧାରରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଅଗଷ୍ଟ,୨୦୧୯




ପିତା ଯଦି ଚରିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚି ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ। -ମାକ୍‌ଲିଓଡ୍



## ସଂକ୍ଷେପରେ

### ଜମିଜମା ବିବାଦକୁ ନେଇ ବାପପୁଅ କୋର୍ଟ ଚାଲାଣ

କୋରେଇ,୬।୮(ସ୍ୱ.ପ୍ର.): ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମରେ ଏକ ଜମିଜମା ଗଣ୍ଡଗୋଳକୁ ନେଇ ମଙ୍ଗଳବାର ପୋଲିସ ବାପ ପୁଅଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ, ଯେ ଅମୃତିଆ ଗ୍ରାମର ବିଦ୍ୟାଧର ମହାପାତ୍ର ଓ କାହ୍ନୁ ଚରଣ ମହାପାତ୍ରଙ୍କ ପରିବାର ମଧରେ ଜମିଜମା ବିବାଦ ରହିଥିଲା। ଏହାକୁ ନେଇ ଉକ୍ତ ଜମି ଉପରେ କୋର୍ଟ ସ୍ଥଗିତାଦେଶ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ତଦନ୍ତ କରି ଉଭୟ ପକ୍ଷଙ୍କୁ ଜମିକୁ ଯିବାକୁ ବାରଣ କରିଥିଲା। ହେଲେ ସୋମବାର ବିଦ୍ୟାଧର ମହାପାତ୍ର ପୁଅଙ୍କ ସହ ମିଶି ଟ୍ରାକ୍ଟର ନେଇ ଜୋର ଜବରଦସ୍ତ ଜମି ହଳ କରିଥିଲେ। ଏହାକୁ ବିରୋଧ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା କୃଷ୍ଣ ଚରଣ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଧରଙ୍କ ସହ ପୁଅ ଦେବାଶିଷଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟମାନେ ଫେରାର ରହିଥିବା ପୋଲିସ ସୂଚନା ଦେଇଛି।

### ୩୭୦ ଧାରା ଉଚ୍ଛେଦ ପରେ ବଡ଼ଚଣା ଭାଜପା କର୍ମୀଙ୍କ ମଧରେ ଆନନ୍ଦ

ଚଣ୍ଡିଖୋଲ,୬।୮(ଡି.ଏନ.ଏ): ରାଜ୍ୟ ସଭାରେ ସୋମବାର ୩୭୦ ଧାରା ଉଚ୍ଛେଦ ନେଇ ବିଲ୍ ପାସ ହେବା ପରେ ମଙ୍ଗଳବାର ବଡ଼ଚଣା ଭାଜପାକର୍ମୀମାନେ ଆନନ୍ଦିତ ହୋଇ ଖୁସି ମନାଇଛନ୍ତି। ଦୀର୍ଘ ୭୦ ବର୍ଷର ପୁରୁଣା ଆଇନକୁ ବଦଳାଇ ମୋଦି ସରକାର ଏକ ଐତିହାସିକ ନିଷ୍ପତ୍ତି ଓ ପଦକ୍ଷେପ ସାରା ଭାରତକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବ ବୋଲି ରାଜ୍ୟ ଭାଜପା ସମ୍ପାଦିକା ସିମନ୍ତିନୀ ଜେନା ପ୍ରକାଶ କରିଛନ୍ତି। ବଡ଼ଚଣାଠାରେ ଜେନାଙ୍କ ସହ ରାଜ୍ୟ ପରିଷଦ ସଭ୍ୟ ଉଦୟନାଥ ସାହୁ, କିଶୋର ଚନ୍ଦ୍ର ବାରିକ, ବିଜୟ କୁମାର ସାହୁ, ଦେବରଞ୍ଜନ ସ୍ୱାଇଁ, ରମାକାନ୍ତ ଖୁଣ୍ଟିଆ, ନାରାୟଣ ସାମଲ, ନିରଞ୍ଜନ ମହାରଣା, ପ୍ରଦ୍ୟୁମ୍ନ ଓଝା ଓ ରାଇଚରଣ ସେଠୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଖୁସି ମନାଇ ଥିଲେ।

### ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁଙ୍କ ସ୍ମୃତିଚାରଣ ସଭା

ସିଂହପୁର, ୬।୮(ଡି.ଏନ୍.ଏ.): ସିଂହପୁର ନିକଟବର୍ତ୍ତୀ ଜୁଆଣିଆ ଗ୍ରାମର ପ୍ରଫୁଲ ସାହୁଙ୍କ ଏକାଦଶାହରେ ମଙ୍ଗଳବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ସାହୁ ଜଣେ ସମାଜସେବୀ, ଧର୍ମପରାୟଣ, କର୍ମଯୋଗୀ ତଥା ପରୋପକାରୀ ବ୍ୟକ୍ତି ଭାବେ ଧୋଡ଼ା ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ଅକାଳ ବିୟୋଗ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି ସ୍ମୃତିସଭାରେ ଉପସ୍ଥିତ ବକ୍ତାମାନେ କହିଥିଲେ। ହାଟସାହି କଲେଜର ପୂର୍ବତନ ଅଧକ୍ଷ ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡ଼ା ବାର ଆସୋଏସନ ସଭାପତି ଭୀମସେନ ଭୂୟାଁ, ଆଳି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଧଳ, ଭରତ ଚନ୍ଦ୍ର ପତି, ପ୍ରମୋଦ ରାଉତ, ଶ୍ରୀନିବାସ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ଜୀବନାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ମରଣିକା ପୁସ୍ତକକୁ ଉନ୍ମୋଚନ କରିଥିଲେ।

# ପ୍ରସ୍ତାବରେ ସୀମିତ ରେଲୱେ ଡିଭିଜନ

ଯାଜପୁର ଅଫିସ,୬।୮

**ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନ**



- ଅଧାରେ ଅଟକିଛି ପାରିପାର୍ଶ୍ୱିକ ବିକାଶ
- ବିଭିନ୍ନ ବିଭାଗ ମଧରେ ରହୁନି ସମନ୍ୱୟ
- ଆନ୍ଦୋଳନ ପାଇଁ ସଜବାଜ

ଯାଜପୁର ଜିଲାର ଅନ୍ୟତମ ପୌର ପରିଷଦ ବ୍ୟାସନଗର ଓ ଏହାର ପାରିପାର୍ଶ୍ୱିକ ବିକାଶ କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ଏକାଧିକ ପ୍ରକଳ୍ପ ଅଧାରେ ଅଟକିଛି। ବହୁ ଗୁରୁତ୍ୱପୂର୍ଣ୍ଣ ଯାଜପୁର-କେନ୍ଦୁଝରରୋଡ ରେଲୱେ ଡିଭିଜନ ଓ ଯାଜପୁରରୋଡକୁ ଉପଖଣ୍ଡ ମାନ୍ୟତା ପ୍ରସ୍ତାବ ମଧ କାର୍ଯ୍ୟକାରୀ ହୋଇପାରୁ ନାହିଁ। ସହରର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ ବଳି ପଡ଼ିବାରେ ଲାଗିଛି। ପ୍ରଶାସନିକ ଅଧିକାରୀମାନେ ନିୟମିତ ବ୍ୟବଧାନରେ କେବଳ ବୈଠକ କରି ସହରକୁ ଚାକଚକ୍ୟ କରିବାକୁ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଏପରି କି ରାଜନେତାମାନେ ମଧ ବିଭିନ୍ନ ସଭାସମିତିରେ ପ୍ରତିଶ୍ରୁତିର ପାହାଡ଼ ଗଦା କରୁଛନ୍ତି। ହେଲେ ବାସ୍ତବରେ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ସହରବାସୀଙ୍କ ମନରେ ଆଘାତ ଲାଗୁଛି।

ଅଞ୍ଚଳର ବିକାଶ ପାଇଁ ଟଙ୍କା ଆସୁଛି। ମାତ୍ର ମ୍ୟୁନିସିପାଲିଟି, କଳିଙ୍ଗନଗର ଉନ୍ନୟନ ପ୍ରାଧିକରଣ(କେଏନ୍‌ଡିଏ), ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ମଧରେ ସମନ୍ୱୟର ଅଭାବ ଏବଂ ଦାୟିତ୍ୱ ଖସାଇବା ପ୍ରଭୃତି ଆଚରଣ ଯୋଗୁ କୋଟିକୋଟି ଟଙ୍କା ବିନିଯୋଗ ସତ୍ତ୍ୱେ ପ୍ରମୁଖ ରାସ୍ତାଗୁଡିକର ପ୍ରଶସ୍ତିକରଣ ଓ ନବୀକରଣର ଉଦ୍ଦେଶ୍ୟ ଫଳବତୀ ହେଉନାହିଁ। ସଂସ୍କୃତି ଭବନର ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ସେନେଇ ସହରବାସୀ ପ୍ରମାଦ ଗଣିବା ଆରମ୍ଭ କଲେଣି। ଏହାସହ କେନ୍ଦୁଝର-ଯାଜପୁରରୋଡ ରେଲୱେ ଷ୍ଟେଶନର ଉଭୟ ପାର୍ଶ୍ୱ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ମଧ ସମଦଶା ହେବାକୁ ଯାଉଛି। ୨୦୧୬ରେ ୧୦ମ ବ୍ୟାସସରୋବର ମହୋତ୍ସବରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଠାରୁ ଆରମ୍ଭ କରି ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓ କୋରେଇ ବିଧାୟକ ଆକାଶଦାସ ନାୟକ ଏବଂ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ବ୍ୟାସନଗରକୁ ସଂସ୍କୃତି ଓ ଶିଳ୍ପର ମିଳନସ୍ଥଳୀ ଅଖ୍ୟା ଦେବା ସହ ଅନୁଦାନର ଅଭାବ ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଇତିମଧ୍ୟରେ ବ୍ୟାସନଗରର କୌଣସି ଚିତ୍ର ବଦଳି ନାହିଁ। ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବର ଯେଭଳି ଆଖିଦୃଶିଆ ବିକାଶ ହୋଇ ପାରିଲା ନାହିଁ। ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାର ଯାଜପୁର-କେନ୍ଦୁଝରରୋଡ ରେଲୱେ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦେବାକୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ୨୨।୩।୨୦୧୧ରେ ତତ୍କାଳୀନ ଯାଜପୁର ଏମ୍‌ପି ମୋହନ ଜେନା ଏନେଇ ଲୋକ ସଭାରେ ଆଲୋଚନା କରିଥିଲେ। ଏପରି କି ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଏକାଧିକ ଥର ରେଳ ବିଭାଗକୁ ପତ୍ର ଲେଖିଛନ୍ତି। ହେଲେ କେହି ଶୁଣିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡିଛି। ହାୱାଡା-ଚେନ୍ନାଇ ମୁଖ୍ୟଲାଇନ, ଯଖପୁରାରୁ ନୟାଗଡ଼, ହରିଦାଶପୁରରୁ ପାରାଦୀପ ଓ ଅନୁଗୁଳଠାରୁ ସୁକିନ୍ଦା ରେଲୱେ ଲାଇନ ଯାଜପୁର ଜିଲା ଦେଇ ଯାଉଛି। ଏହାସହ ଯାଜପୁର-କେନ୍ଦୁଝରରୋଡରୁ ଧାମରା, ଯଶିପୁର ଭାୟା ଆନନ୍ଦପୁର, ବାରିପଦା ଭାୟା ଆନନ୍ଦପୁର ଓ ତାଳଚେର ଭାୟା ଆନନ୍ଦପୁର ରେଳଲାଇନ ପାଇଁ ସର୍ଭେ ଶେଷ ହୋଇଛି। କିନ୍ତୁ ରାଜନୈତିକ ନେତୃବର୍ଗଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହିସବୁ ଅଧାରେ ଅଟକିଛି। ଐତିହ୍ୟ ତଥା ସଂସ୍କୃତ ସମ୍ପନ୍ନ ଜିଲା ଭାବେ ଯାଜପୁର ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଜିଲା ଶିଳ୍ପ, ଖଣିଜ ସମ୍ପଦରେ ଭରପୁର ସମେତ ଶିକ୍ଷା, ସାହିତ୍ୟ, ସଂସ୍କୃତି, ଭାଷା, କଳା, ଭାସ୍କର୍ଯ୍ୟ, ବ୍ୟବସାୟ ବାଣିଜ୍ୟ, ରାଜନୀତି ଓ କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଛି। ମାତ୍ର ପାରିପାର୍ଶ୍ୱିକ ବିକାଶ କାହିଁକି ଅଟକି ରହୁଛି ସେନେଇ କେହି ଦୃଢ ଭାବରେ ପ୍ରତିବାଦ କରି ପାରୁନାହାନ୍ତି। ନିର୍ବାଚନ ସମୟରେ କାହିଁକି ପରାଜୟ ହେଲା, ଭୋଟହାର କାହିଁକି କମିଲା, କିଏ ଗୃହ ଶତ୍ରୁ ପାଲଟିଲା ସେ ନେଇ ମାନସମାନ୍ଥନ ଚାଲୁଛି , କିନ୍ତୁ ବିକାଶ ପାଇଁ ସେତେଟା ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି ରାଜ୍ୟ ସରକାରଙ୍କ ୫-ଟି ସୂତ୍ର ଅବାସ୍ତବ। ବିଭିନ୍ନ ଯୋଜନାର ପ୍ରକଳ୍ପଗୁଡିକରେ ବ୍ୟାପକ ଦୁର୍ନୀତି ସମେତ ଅଧାରେ ଲାଖିଛି। ରେଲୱେ ଡିଭିଜନ ପାଇଁ ଦାବି ହୋଇ ଆସୁଛି। ହେଲେ କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ଶାସକ ଦଳର ସ୍ଥାନୀୟ ନେତୃବର୍ଗଙ୍କ କାର୍ଯ୍ୟ ଦକ୍ଷତା କେତେ ତାହା ସ୍ପଷ୍ଟ ବାରି ହେଉଛି। ଆଗାମି ଦିନରେ ଏନେଇ ଏକ ବଡ଼ଧରଣର ଆନ୍ଦୋଳନର ଆବଶ୍ୟକତା ରହିଛି। ଭାଜପା ନେତ୍ରୀ ସଞ୍ଚିତା ମହାନ୍ତି କୁହନ୍ତି ଯାଜପୁର-କେନ୍ଦୁଝରରୋଡ ରେଲୱେ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦେବା ପ୍ରସଙ୍ଗରେ କେନ୍ଦ୍ର ରେଲୱେ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଛି। ଖୁବଶୀଘ୍ର ଦିଲ୍ଲୀ ଯାଇ ଏ ସଂକ୍ରାନ୍ତରେ ରେଳମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି ସେ କହିଛନ୍ତି।

### ୩୭୦ଧାରା ଉଚ୍ଛେଦକୁ ଯୋଗ ସମିତି ପକ୍ଷରୁ ସ୍ୱାଗତ

ଯାଜପୁର ଟାଉନ,୬।୮(ଡି.ଏନ୍.ଏ.)

ଜାମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଓ ୩୫(କ)କୁ ଉଚ୍ଛେଦ କରାଯିବା ଘଟଣାରେ ଯାଜପୁର ଯୋଗସମିତି ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସ୍ୱାଗତ କରାଯାଇଛି। ଦେଶରେ ସପ୍ତାହ ବ୍ୟାପି ଲାଗି ରହିଥିବା ବିଭିନ୍ନ କଳ୍ପନା ଜଳ୍ପନାର ଅବସାନ ଘଟାଇ କେନ୍ଦ୍ର ସରକାର ଏଭଳି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଥିବା ସମ୍ପର୍କରେ ମଙ୍ଗଳବାର ଯୋଗ କାର୍ଯ୍ୟ ପରେ ଆଲୋଚନା କରାଯାଇଥିଲା। ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ପତଞ୍ଜଳି ଯୋଗ ସମିତି ଅନୁଷ୍ଠାନ ପକ୍ଷରୁ ନିୟମିତ ଯୋଗ ସାଧନ କେନ୍ଦ୍ରର ସଭାପତି ମନ୍ମଥ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲା ପ୍ରଭାରୀ ସୁବାଷ ଚନ୍ଦ୍ର ତ୍ରୀପାଠିଙ୍କ ସମେତ ଯୋଗ ଗୁରୁ ଗୋପୀନାଥ ସେଠୀ, ଶରତ ଚନ୍ଦ୍ର ସାମଲ, ସରୋଜ କୁମାର ଜେନା, ପ୍ରବୋଧ କୁମାର ନାୟକ, ବିଶ୍ୱନାଥ ସାହୁ, ସତ୍ୟବ୍ରତ ସାହୁ, ସତ୍ୟବ୍ରତ ମହାନ୍ତି, ପରମାନନ୍ଦ ତ୍ରୀପାଠି, ସୁରେନ୍ଦ୍ର କୁମାର ମିଶ୍ର, ସନ୍ତୋଷ କୁମାର ସେଠୀ, ରବୀନ୍ଦ୍ର ମହାରଣା, ପୂର୍ଣ୍ଣଚନ୍ଦ୍ର ସାମଲ, ଆନନ୍ଦ ଚନ୍ଦ୍ର ସାହୁ, ଅମ୍ବୁଜ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଛନ୍ତି।

## ସ୍ୱାଧୀନତା ଦିବସ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର।

ଯାଜପୁର ଅଫିସ,୬।୮

୭୩ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲାସ୍ତରୀୟ ଉତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନର ଏକ ପ୍ରତିଯୋଗିତା ମଙ୍ଗଳବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ଦେଶାତ୍ମବୋଧ ନୃତ୍ୟ ପ୍ରତିଯୋଗିତାରେ ୧୧ ଟି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ମୂଲ୍ୟାୟନ ଆଧାରରେ ଶ୍ରେଷ୍ଠ ୪ଗୋଟି ଦଳଙ୍କୁ ଚୟନ କରାଯାଇଛି। କ୍ରାନିୟମ ଯୁକ୍ତଦୁଇ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ଡିଏଭି ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଳ ମନୋନୀତ ହୋଇଛନ୍ତି। ଅନ୍ୟତମ ଦଳ ଭାବେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିବେଷଣ କରିବାର ସୁଯୋଗ ପାଇବେ ବୋଲି ଜିଲା ସଂସ୍କୃତି ଅଧିକାରୀ ଜଣାଇଛନ୍ତି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅଗଷ୍ଟ ୧୫ ତାରିଖ ପୂର୍ବାହ୍ନରେ ଏନ୍‌ସି କଲେଜ ପଡିଆଠାରେ ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ ଗୁରୁକୁଳ କଳିଙ୍ଗ ଯୁକ୍ତଦୁଇ ଆବାସିକ ମହାବିଦ୍ୟାଳୟ, ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ, ବିଦ୍ୟା ମଡେଲ ସ୍କୁଲ, ଓ ଜୟ ଦୁର୍ଗା ଯୁଜିଏମ୍‌ଇ ସ୍କୁଲ ଅଗଷ୍ଟ ୯ ତାରିଖ ପୂର୍ବାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ କ୍ରାନ୍ତି ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶାତ୍ମବୋଧ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଚଳିତ ବର୍ଷ କ୍ରାନ୍ତି ଦିବସକୁ ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ତମ ବାର୍ଷିକୀ ପାଇଁ ଉତ୍ସର୍ଗ କରାଯାଉଛି।

## ବିଦେଶୀ ମଦ ଦୋକାନରୁ ୧୩୦ ପେଟି ମଦ ଚୋରି ଅଭିଯୋଗ

ଚଣ୍ଡିଖୋଲ, ୬।୮(ଡି.ଏନ୍.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦ୍ମନାଭପୁରଠାରେ ଥିବା ବିଦେଶୀ ମଦ ଦୋକାନରୁ ସୋମବାର ରାତିରେ କେତେକ ଦୁର୍ବୃତ୍ତ ଦୋକାନର ସଟର କାଟି ୧୩୦ପେଟି ମଦ ଚୋରି କରି ନେଇଥିବା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ଚୋରି ହୋଇଥିବା ମଦର ମୂଲ୍ୟ ଆନୁମାନିକ ୮ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସୂଚନା ଥାଉକି ୫ନଂ(କ) ଜାତୀୟ ରାଜପଥର କୃଷ୍ଣଦାସପୁର ଛକନିକଟରୁ ହରିଦାସପୁର-ପାରାଦୀପ ରେଳ ଲାଇନକୁ ଯାଇଥିବା ରାସ୍ତାର ପଦ୍ମନାଭପୁରଠାରେ ଉପେନ୍ଦ୍ର ପ୍ରଧାନଙ୍କର କଲ୍ୟାଣୀ ବାର ନାମରେ ଏକ ବିଦେଶୀ ମଦ ଦୋକାନ ଅଛି। ସୋମବାର ରାତିରେ ଦୁର୍ବୃତ୍ତମାନେ ଏହି ଦୋକାନରୁ ସଟର ତାଡ଼ି ୧୩୦ପେଟି ମଦ ସହ ନଗଦ ୫୪ ହଜାର ଟଙ୍କା ଚୋରି କରି ନେଇ ଯାଇଥିବା ଏହାର ମାଲିକ ବାଲିଚନ୍ଦ୍ରପୁର ଥାନାରେ ମଙ୍ଗଳବାର ସକାଳେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ରାଜ କିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୋକାନର ସିସିଟିଭିକୁ ଯାଞ୍ଚ କରିଛନ୍ତି। ଏତେ ପରିମାଣର ମଦ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାର ସତ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୩୦ପେଟି ମଦ ଚୋରି ହେବାକୁ ହେଲେ ଏକ ମିନିଟ୍ରକ କିମ୍ବା ବଡ଼ଟ୍ରକର ଆବଶ୍ୟକ ଥିଲାବେଳେ ଚୋରମାନେ କିପରି ଏତେ ପରିମାଣର ମଦ ଚୋରି କରିନେଲେ ତାହା ସନ୍ଦେହ ସୃଷ୍ଟି କରିଛି। ଏଥି ନେଇ ତଦନ୍ତ ଅଧିକାରୀଙ୍କୁ ପଚାରିବାରେ ଘଟଣାର ତଦନ୍ତ ପରେ ଠିକ୍ ତଥ୍ୟ ଜାଣିହେବ ବୋଲି ପ୍ରକାଶ କରିଛନ୍ତି।

**ସରକାରୀ ରାସ୍ତା ଜବରଦଖଲ**

## ତହସିଲଦାରଙ୍କୁ ଅଭିଯୋଗ କଲେ ସରପଞ୍ଚ

ରସୁଲପୁର,୬।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତରେ ସରକାରୀ ରାସ୍ତା ଜବରଦଖଲ ହୋଇଛି। ଉକ୍ତ ଜବରଦଖଲ ହଟାଇବା ପାଇଁ ପ୍ରଥମାଖଣ୍ଡି ସରପଞ୍ଚ ଚିନ୍ତାମଣି ସୁର ଓ ଗ୍ରାମବାସୀ ରସୁଲପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗୋପାଳପୁର ଛକଠାରୁ ଗାଁହାଟକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଜବର ଦଖଲରେ ରହିଛି। ଏହି ପଞ୍ଚାୟତର ସୁଦର୍ଶନ ସାମଲ ନାମକ ଜଣେ ବ୍ୟକ୍ତି ଉକ୍ତ ରାସ୍ତା ଉପରକୁ ମଡ଼ାଇ ଘର କରୁଛନ୍ତି। ଯାହାକି ଯାତାୟତରେ ବାଧା ଉପୁଜିବ ବୋଲି ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ସୁଦର୍ଶନ ରାସ୍ତା କଡ଼ରେ ଥିବା ନିଜସ୍ୱ ଜମି ୨୮୪୬ନଂ ପ୍ଲଟରେ ଘର କରୁଛନ୍ତି। ମାତ୍ର ସେ ନିଜ ଜମି ସହ ସରକାରୀ ଜମିକୁ ମଡ଼ାଇ ଘର ନିର୍ମାଣ କରୁଛନ୍ତି। ଏହାକୁ ସରପଞ୍ଚ ବାରଣ କରିଥିଲେ ସୁଦ୍ଧା ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ ଦିଗରେ ପଦକ୍ଷେପ ନିଆ ନ ଗଲେ ରାସ୍ତା ସଙ୍କୁଚିତ ହୋଇଯିବ। ଅଭିଯୋଗ ମୁତାବକ ରାଜସ୍ୱ ନିରୀକ୍ଷକ ସନ୍ତୋଷ ପରିଡା ଘଟଣା ସ୍ଥଳକୁ ଯାଇ ରାସ୍ତା ମାପଚୁପ କରିବାକୁ ପ୍ରୟାସ କରିଥିଲେ। ହେଲେ ଏହାକୁ ସୁଦର୍ଶନ ବାରଣ କରିବା ସହ ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ତହସିଲ କର୍ମଚାରୀମାନେ ଘଟଣା ସ୍ଥଳରୁ ପଳାଇ ଆସି ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ଜଣାଇଥିଲେ। ତହସିଲାଦାର ଭୁଜବଳ ଏ ଦିଗରେ ପୋଲିସ ଉପସ୍ଥିତିରେ ମାପଚୁପ୍ କରାଇବା ପାଇଁ ଦିନ ଧାର୍ଯ୍ୟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ବ୍ରହ୍ମବରଦା ଫାଣ୍ଡି ପାଇଁ ପରୀ ଯୋଜନା ମୂଲ୍ୟହୀନ

## ଅପହରଣର ୫ମାସ ପରେ ବି ନାବାଳିକାଙ୍କ ମିଳୁନି ପତ୍ତା

ରସୁଲପୁର,୬।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଧିନସ୍ଥ ରସୁଲପୁର ବ୍ଲକ ଅଞ୍ଚଳରେ ଅବସ୍ଥିତ ବ୍ରହ୍ମବରଦା ଫାଣ୍ଡି ପାଇଁ ପରୀ ଯୋଜନା ମୂଲ୍ୟହୀନ ହୋଇପଡ଼ିଛି। ୫ମାସ ତଳେ ଅପହରଣ ହୋଇଥିବା ଜନୈକା ନାବାଳିକାଙ୍କୁ ପୋଲିସ ଧରିବାରେ ବିଫଳ ହେବା ଘଟଣାରୁ ଏହା ପ୍ରମାଣିତ ହେଉଛି। ନିଖୋଜ ସମୟରେ ନାବାଳିକାଙ୍କ ବୟସ ୧୭ବର୍ଷ ହୋଇଥିଲା। ଆଉ ୭ମାସ ପରେ ସେ ସାବାଳିକା ହୋଇଯିବେ। ପୋଲିସ ଉପରୁ ଚାପ ହଟିଯିବ। ଏହା ଜାଣି ପୋଲିସ ପକ୍ଷରୁ ନାବାଳିକାକୁ ଠାବ କରିବାରେ କୌଣସି ଆନ୍ତରିକତା ପ୍ରକାଶ କରାଯାଉ ନାହିଁ ବୋଲି ଅପହୃତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ଅଭିଯୋଗରୁ ଜଣାଯାଏ ଗତ ମାର୍ଚ୍ଚ ୬ତାରିଖରେ ଏହି ଫାଣ୍ଡି ଅଧିନସ୍ଥ ମହେଶ୍ୱପୁର ଗ୍ରାମର ଜନୈକ ନାବାଳିକା ଅପହରଣ ହୋଇଥିଲେ। ଉକ୍ତ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜିବାର ବାହାନା କରିଥିଲା। ମାତ୍ର ପୋଲିସ ନାବାଳିକାଙ୍କ ସନ୍ଧାନ ପାଇ ନ ଥିଲା। ଗତ ଏପ୍ରିଲ ମାସରେ ଅପହରଣକାରୀ ଯୁବକ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌କୁ ଟ୍ରାକିଂ କରି ସେ ହାଇଦ୍ରାବାଦରେ ରହୁଥିବା ଜଣାପଡିଥିଲା। ପରିବାର ଲୋକେ ନିଜସ୍ୱ ଖର୍ଚ୍ଚରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ ଓ ଅନ୍ୟଜଣେ ପୋଲିସ କର୍ମଚାରୀଙ୍କୁ ନେଇ ହାଇଦ୍ରାବାଦ ଯାଇଥିଲେ। ଠିକଣା ସ୍ଥାନରେ ପହଞ୍ଚିବାବେଳକୁ ଉକ୍ତ ମୋବାଇଲକୁ ଅପହରଣକାରୀଙ୍କ ଜଣେ ସାଙ୍ଗ ବ୍ୟବହାର କରୁଥିଲେ। ଯାହାର ଘର ମହେଶ୍ୱରପୁରରେ ଏବଂ ସେ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରୁଥିବା ଜଣାପଡ଼ିଥିଲା। ଏପରି କି ଉକ୍ତ ମୋବାଇଲଟି ତାଙ୍କର ଏବଂ ତାକୁ ଅପହରଣକାରୀ ଯୁବକ କିଛି ସମୟ ମାଗି ବ୍ୟବହାର କରୁଥିଲେ ବୋଲି ପୋଲିସ ଆଗରେ ସେ ପ୍ରକାଶ କରିଥିଲେ। ଅପହରଣକାରୀ ଯୁବକ ରାୟପୁରରେ ରହୁଥିବା ସେ କହିଥିଲେ। ଏହା ଜାଣିବା ପରେ ପୋଲିସ ଅଭିଯୁକ୍ତ ଯୁବକ ଓ ନାବାଳିକାଙ୍କୁ ଠାବ କରିବାରେ ବିଫଳ ହୋଇଥିଲା। ଅପହରଣକାରୀ ଯୁବକ ତାଙ୍କ ସାଙ୍ଗମାନଙ୍କ ସହ ନିୟମିତ ଯୋଗାଯୋଗରେ ଥିବା ନେଇ ଅପହୃତାଙ୍କ ପରିବାର ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ସୁଦ୍ଧା ପୋଲିସ ସେନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ସାଙ୍ଗମାନଙ୍କ ମୋବାଇଲକୁ ଟ୍ରାକିଂ କଲେ ପ୍ରକୃତ ଘଟଣାର ପର୍ଦ୍ଦାଫାଶ ହୋଇପାରନ୍ତା। ଏସମ୍ପର୍କରେ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥଙ୍କୁ ପଚାରିବାରୁ ସେ ନାବାଳିକା ପରିବାର ସହ ହାଇଦ୍ରାବାଦ ଯାଇଥିଲେ। ମାତ୍ର ସେଠାରେ ଅପହରଣକାରୀ କିମ୍ବା ଅପହୃତାଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ସେମାନେ ଆଗୁଆ ସୂଚନା ପାଇଁ ସ୍ଥାନ ପରିବର୍ତ୍ତନ କରି ଦେଇଥିଲେ। ଫଳରେ ସବୁ ଯୋଜନା ପଣ୍ଡ ହୋଇ ଯାଇଥିଲା। ଏହାସତ୍ତ୍ୱେ ବି ପୋଲିସ ନାବାଳିକାକୁ ଠାବ କରିବା ଦିଗରେ ଯଥେଷ୍ଟ ପ୍ରୟାସ ଜାରିରଖିଛି ବୋଲି ପ୍ରକାଶ କରିଛନ୍ତି।

## ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଅ



ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ।

ବିଞ୍ଝାରପୁର,୬।୮(ଡି.ଏନ୍.ଏ)

ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମଙ୍ଗଳବାର ବିଞ୍ଝାରପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଧାୟିକା ମଲ୍ଲିକ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜୀବୀକା ମିଶନ, ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟର ତଦାରଖ କରିଥିଲେ। ଗ୍ରାମାଞ୍ଚଳରେ ଗରିବ, ମହିଳା, ଶିଶୁଙ୍କ ପ୍ରତି ସରକାର ପ୍ରଣୟନ କରିଥିବା ଯୋଜନାଗୁଡ଼ିକୁ ଏହି ବିଭାଗ ସୁଚାରୁରୂପେ ସମ୍ପାଦନ କରି ନ ଥିବାରୁ ବିଧାୟିକା କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ଡକାଇ ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ କିପରି ଲୋକମାନଙ୍କ ନିକଟରେ ପହଞ୍ଚିପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏଥିସହ ବ୍ଲକ ଅଧୀନରେ ଅଧପନ୍ତରିଆ ହୋଇ ରହିଥିବା ବିଭିନ୍ନ ଅଙ୍ଗନୱାଡ଼ି ଗୃହର କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜୀବିକା ମିଶନ ଜରିଆରେ ଆଗ୍ରହୀ ହିତାଧିକାରୀଙ୍କୁ କ୍ଷୁଦ୍ର ବ୍ୟବସାୟ ପାଇଁ ଋଣ ଓ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରିବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲ, ଭାରପ୍ରାପ୍ତ ବିଡିଓ ମିନତୀ ଜଗଦେବ, ବ୍ଲକ ଉପାଧକ୍ଷା କୁମୁଦୁନୀ ଦାସ, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ, ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମିଶ୍ର ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସୁକିନ୍ଦା ବ୍ଲକ ରାସାଁଲୋ ପଞ୍ଚାୟତ**

## ଗାଁ ଦାଣ୍ଡରେ ଚାଲିଛି ପାଠପଢ଼ା

ସୁକିନ୍ଦା, ୬।୮(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ରାସାଁଲୋ ପଞ୍ଚାୟତ ମଲାର ସାହିରେ ଖୋଲା ଆକାଶ ତଳେ ପାଠପଢା ହେବା ସାଙ୍ଗକୁ କୋମଳମତି ଶିଶୁଙ୍କ ପାଇଁ ଖାଦ୍ୟ ରନ୍ଧା ହେଉଥିବା ଅଭିଯୋଗ ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ବହୁବାର ଦାବି କରିଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ରାସୋଁଳ ପଞ୍ଚାୟତ ଅନ୍ତର୍ଗତ ମଲାରସାହି (ମାଙ୍କେଡିଆବସ୍ତି)ରେ ୨୦୧୦ରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ଏଠାରେ ବର୍ତ୍ତମାନ ୨୫ ଜଣ ଶିଶୁ ନାମ ଲେଖାହୋଇଥିବା ଜଣାପଡିଛି। ହେଲେ ଅଙ୍ଗନୱାଡି ଗୃହ ନ ଥିବାରୁ ଶିଶୁମାନଙ୍କୁ ବସ୍ତି ମଝିରେ ୯ ବର୍ଷ ହେବ ଗାଁ ଦାଣ୍ଡରେ ରୋଷେଇ କରି ଖାଇବାକୁ ଦିଆଯାଉଛି। ଭଙ୍ଗା ଦଦରା ଚାଳ ଘରେ ତ ପୁଣି କେତେବେଳେ



ଗାଁ ଦାଣ୍ଡରେ ପିଲାମାନେ ପାଠ ପଢୁଥିବାର ଦୃଶ୍ୟ।

ଧୂଳିଧୂସର ପୂର୍ଣ୍ଣ ଗ୍ରାମ ଅଗଣାରେ ପିଲାମାନଙ୍କୁ ପାଠପଢା ଯାଉଛି। ଗ୍ରାମଠାରୁ ମାତ୍ର କିଛିବାଟ ଦୂର ଟାଟା ଓ ଫେକର ଖଣି ରହିଛି। ହେଲେ ଖଣି କର୍ତ୍ତୃପକ୍ଷଙ୍କ ସିଏସ୍‌ଆର ପାଣ୍ଠି କୋମଳମତି ଶିଶୁଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅପହଞ୍ଚ ହୋଇପଡିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଖଣି କମ୍ପାନୀରୁ କ୍ରୋମାଇଟ ପରିବହନ ନିମନ୍ତେ ଯାତାୟାତ କରୁଥିବା ଟ୍ରକ୍‌ଗୁଡିକର ଧୂଳିଧୂଆଁ କୋମଳମତି ଶିଶୁଙ୍କ ଜୀବନଜୀବକା ଉପରେ ପ୍ରଭାବ ପକାଉଛି। ଖୋଲାରେ ରୋଷେଇ କରାଯାଉଥିବାରୁ ବର୍ଷା ହେଲେ ରୋଷେଇ ବନ୍ଦ ରହୁଥିବାବେଳେ ଅଧିକାଂଶ ସମୟରେ ସାମାନ୍ୟ ପବନରେ ରନ୍ଧା ଖାଦ୍ୟରେ ଧୂଳି ଜମୁଛି। ଫଳରେ ଖାଦ୍ୟ ଖାଇବା ସମ୍ଭବପର ହେଉ ନାହିଁ ବୋଲି ଅଙ୍ଗନୱାଡି ପାଚିକା ଶୁଶିଳା ହେମ୍ବ୍ରମ ଅଭିଯୋଗ କରିଛନ୍ତି। ଆଦିବାସୀଙ୍କ ବିକାଶ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କରିଛନ୍ତି। ହେଲେ ସୁକିନ୍ଦା ବ୍ଲକ ରାସୋଁଳ ପଞ୍ଚାୟତରେ ରହୁଥିବା ମାଙ୍କେଡିଆ ଆଦିବାସୀଙ୍କ ବିକାଶର କେଉଁ ନମୁନା ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ବିଧାୟକଙ୍କ ଗଡ଼ କୁହାଯାଉଥିବା ଖଣି ଅଞ୍ଚଳରେ ବିକାଶର ଏହା କେଉଁ ଚିତ୍ର ବୋଲି ରାଜ୍ୟ ଖାଦ୍ୟ ସୁରକ୍ଷା ଅଭିଯାନ ତଥା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ମାନବାଧିକାର କର୍ମୀ ମୁରଲୀଧର ପାତ୍ର, ସାମୁଏଲ ସାଉଡିଆ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଅଙ୍ଗନୱାଡି କର୍ମୀ ଛବିଲତା ନାୟକଙ୍କୁ ପଚାରିବାରୁ କୁସୁମୁଣ୍ଡିଆ ଗ୍ରାମରେ ଘର ନିର୍ମାଣ ପରେ ସେଠାରେ ପାଠପଢା ଯିବା ନେଇ ଯୋଜନା କରାଯାଇଛି। ହେଲେ ଗୃହ ନିର୍ମାଣ ହୋଇ ନ ପାରିବାରୁ ପିଲାମାନଙ୍କୁ ଗାଁ ଦାଣ୍ଡରେ ପାଠପଢାଇବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ସିଡିପିଓ ସଂଯୁକ୍ତା କାନୁନ୍‌ଗୋଙ୍କ ପଚାରିବାରୁ ମଲାରସାହି (ମାଙ୍କେଡିଆବସ୍ତି)ରେ ଜମିଜମା ବିବାଦ ରହିଥିବାରୁ ଅଙ୍ଗନୱାଡି ଗୃହ ନିର୍ମାଣ କରାଯାଇ ପାରିନାହିଁ। ତେବେ ଏ ବାବଦରେ ଖୁବ୍‌ଶୀଘ୍ର ବିଡିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଲାୟନ୍ସ କ୍ଲବ କଳିଙ୍ଗନଗରର ଇନଷ୍ଟାଲେଶନ ଉତ୍ସବ

ଡୁବୁରୀ,୬।୮(ଡି.ଏନ୍.ଏ.)- ଲାୟନ୍ସ କ୍ଲବ କଳିଙ୍ଗନଗରର ୧୨ତମ ଇନଷ୍ଟଲେଶନ ଓ ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ ରବିବାର କଳିଙ୍ଗନଗରସ୍ଥିତ ଦେଓ ରେସିଡେନ୍ସି କନ୍‌ଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଲାୟନ୍ସ କ୍ଲବର ଡିଜି ପ୍ରକାଶ କୁମାର ଜେନା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଭିଡିଜି ଭଗବାନ ଗୁପ୍ତା, ପ୍ରଫୁଲ୍ଲ କୁମାର ସାମଲ, ଚିନ୍ମୟ କୁମାର ଜେନା ପ୍ରମୁଖଙ୍କ ସମେତ ଜିଲା ଓ ରାଜ୍ୟର ବିଭିନ୍ନ କ୍ଲବର ସଭ୍ୟାସଭ୍ୟ ଯୋଗଦେଇ ଥିଲେ। ଲାୟନ୍ସ କ୍ଲବର ସଭ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଉତ୍ସବ ଆୟୋଜିତ ହୋଇଥିଲା। ବିଦାୟୀ ସମ୍ପାଦକ ନିବେଦିତା ମହାନ୍ତି କ୍ଲବ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷ ପାଇଁ କଳିଙ୍ଗନଗରର ଯୁବ ଉଦ୍ୟୋଗପତି ଭରତ ଭୂଷଣ ଦେଓଙ୍କୁ କ୍ଲବର ସଭାପତି, ଡ .ମଞ୍ଜୁର ଅଲ୍ଲି, ପ୍ରଦୀପ କୁମାର ରାୟ ଓ ଦେବଜାନୀ ପ୍ରଧାନଙ୍କୁ ଉପ ସଭାପତି, ପ୍ରତିଭା ଦେଓ ସମ୍ପାଦକ ଓ ସନ୍ଧାରାଣୀ ସାହୁଙ୍କୁ ସହ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ସେହିପରି କଳ୍ପନା ପଣ୍ଡାଙ୍କୁ କୋଷାଧକ୍ଷା ଭାବେ ମନୋନୀତ କରାଯାଇଥିବା ବେଳେ ଲୋପାମୁଦ୍ରା ପାଣିଗ୍ରାହୀଙ୍କୁ ଯୁଗ୍ମ କୋଷାଧକ୍ଷା, କ୍ଲବ ବୋର୍ଡର ନିର୍ଦ୍ଦେଶକ ଭାବେ ମମତାଜ ଅଲ୍ଲି, ହୃଦାନନ୍ଦ ମିଶ୍ର ଓ ବିଶ୍ୱଜିତ ମହାନ୍ତିଙ୍କୁ ଉତ୍ସବରେ ଘୋଷଣା କରାଯାଇଛି।

### ଗୋକର୍ଣ୍ଣିକା ସାହିତ୍ୟ ସମାଜର ପୁରସ୍କାର ଘୋଷଣା

ଧର୍ମଶାଳା,୬।୮(ଡି.ଏନ୍.ଏ.)- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଚଳିତ ବର୍ଷର ପୁରସ୍କାର ଘୋଷଣା ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତବର୍ଷ ପାଇଁ ଗୋକର୍ଣ୍ଣିକା ପୁରସ୍କାର ଗାଳ୍ପିକ ତଥା ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପ୍ରବନ୍ଧ ସମ୍ମାନ ପ୍ରାଧାପକ ରବୀନ୍ଦ୍ର ବିହାରୀ, ଗଳ୍ପ ସମ୍ମାନ ଡ. କବିତା ବାରିକ, କବିତା ସମ୍ମାନ ପୂର୍ବତନ ରେଳବାଇ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ (୨୦୧୯ ବର୍ଷ ପାଇଁ) ଓ ଡାକ୍ତର ସର୍ବେଶ୍ୱର ଶତପଥୀ (୨୦୧୮ ବର୍ଷପାଇଁ), ଗୀତିକବିତା ସମ୍ମାନ ଅଧାପିକା ରୀନା ମହାପାତ୍ରଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଆସନ୍ତା ୧୧ ତାରିଖ ରବିବାର ଜାରକାସ୍ଥିତ ସିଭିକ୍ ସେଣ୍ଟରଠାରେ ୪୪ତମ ବାର୍ଷିକ ଉତ୍ସବ, ପୁସ୍ତକ ଉନ୍ମୋଚନ, ଗୋକର୍ଣ୍ଣିକା ପୁରସ୍କାର ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଗାଳ୍ପିକ ଅଚ୍ୟୁତାନନ୍ଦ ପତି, ଅତିଥି ଭାବେ ଗ୍ରନ୍ଥକାର ଅଧାପକ ବିଶ୍ୱରଞ୍ଜନ, ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ଯୋଗଦେବେ ବୋଲି ସଭାପତି ଓ ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ବୈଠକରେ ସୂଚନା ଦେଇଛନ୍ତି। ଉପଦେଷ୍ଟା ବଟକୃଷ୍ଣ ଓଝା, ବିଦ୍ୟାଧର ସାହୁ, ଡ. ପୁରୁଷୋତ୍ତମ ବିଶ୍ୱାଳ, ବିଜୟ କୁମାର ଶତପଥୀ, ସୁନାକର ସାହୁ, ଇନ୍ଦୁପ୍ରଭା ସାମଲ, ତୁହିନାଂଶୁ ରଥ, ବ୍ରଜକିଶୋର ଦାଶ, ମାନସ ରଞ୍ଜନ ଜେନା, ବ୍ରଜବନ୍ଧୁ ଶତପଥୀ, ଅବିନେଶ୍ୱର ଶତପଥୀ, ସଂଗ୍ରାମ କେଶରୀ ଜେନା, ସଞ୍ଜୟ ରାୟ, ପ୍ରତାପରୁଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଯାଜପୁର ରୋଡ,୬।୮(ନି.ପ୍ର.)- ୭୩ତମ ସ୍ୱାଧୀନତା ଦିବସ ପାଳନ ନେଇ ମଙ୍ଗଳବାର ବ୍ୟାସନଗର ପୌର ପରିଷଦ ପକ୍ଷରୁ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରପରିଷଦର ପ୍ରଶାସକ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧକ୍ଷତା କରିଥିଲେ। ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ପରେଡ ପରିଚାଳନା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଚାରପତି ମନୋନୟନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ରୋଡ ଥାନା ଅଧିକାରୀ ଅନିଲ କୁମାର ମହାନ୍ତି ଓ ବିଭାଗୀୟ ଅଧିକାରୀ, ବିଭିନ୍ନ ସରକାରୀ, ବେସରକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଅଧାପିକା ଓ ଅଧାପକଙ୍କ ସହ ଗଣମାଧ୍ୟମ ପ୍ରତିନିଧୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପରିଚୟପତ୍ର ପ୍ରଦାନ ଆଳରେ କୃଷକଙ୍କୁ ଶୋଷଣ

■ଜନସେବା କେନ୍ଦ୍ର ସାଜିଛି ମାଧ୍ୟମ
■ଗାଁଗଣ୍ଡାରେ ଦଲାଲ ଟଙ୍କା ଆଦାୟରେ ବ୍ୟସ୍ତ

ରସୁଲପୁର,୬।୮(ଡି.ଏନ୍.ଏ.)

କାଳିଆ ଯୋଜନାକୁ ନେଇ ଚାଷୀ ଭୁଆଁ ବୁଲୁଥିବାବେଳେ ଚାଷୀଙ୍କୁ ନେଇ ଜାଲିଆତି ବନ୍ଦ ହେବାର ନାଁ ଧରୁନି। ଗାଁର ବୋକରୀ ଯୁବକ, ଅଣଭୋଟର କାଳିଆ ଟଙ୍କାରେ ମଉଜ ମଜିଲିସ୍ କରୁଛନ୍ତି। ମାତ୍ର ପ୍ରକୃତ ଚାଷୀଙ୍କ ଜମାଖାତାକୁ ଯୋଜନା ଟଙ୍କା ଆସିପାରୁ ନାହିଁ। କେନ୍ଦ୍ରୀୟ ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା ମିଳିବା ବାହାନାରେ କୃଷକଙ୍କୁ ଏକ ପ୍ରକାର ଶୋଷଣ ଚାଲିଛି। ଆଉ ଜନସେବା କେନ୍ଦ୍ରଗୁଡ଼ିକ ଶୋଷଣର ମାଧ୍ୟମ ପାଲଟିଛି। କେନ୍ଦ୍ରପକ୍ଷରୁ ଦଲାଲମାନେ ଗାଗଣ୍ଡା ବୁଲି ଟଙ୍କା ଆଦାୟ କରୁଛନ୍ତି। ଏଭଳି ଘଟଣା ଯାଜପୁର ଜିଲାର ରସୁଲପୁର ବ୍ଲକ ଅଞ୍ଚଳରେ ବ୍ୟାପକ ଭାବରେ ଚାଲିଛି। ପ୍ରଧାନମନ୍ତ୍ରୀ କୃଷକ ଭତ୍ତା, ଚାଷ ପାଇଁ ଆର୍ଥିକ ସହାୟତା, ସାର, ଔଷଧ, କୃଷି ଯନ୍ତ୍ରାଂଶ ଆଦି କ୍ରୟ କରିବା ପାଇଁ ପଞ୍ଜିକରଣ ଆଳରେ ଚାଷୀଙ୍କଠାରୁ ଟଙ୍କା ଆଦାୟ କରାଯାଉଛି। ସରକାରୀସ୍ତରରେ ସେଭଳି କିଛି ନିର୍ଦ୍ଦେଶନାମା ନ ଥିବା ସତ୍ତ୍ୱେ ଜନସେବା କେନ୍ଦ୍ରଗୁଡିକ ଅଘୋଷିତ ନିୟମ ଲାଗୁ କରିଛନ୍ତି। ଚାଷୀମାନଙ୍କ ନାମକୁ ପଞ୍ଜିକରଣ ପାଇଁ ଜଣକ ପିଛା ଅନ୍ୟୁନ ୧୦୦ ରୁ ୨୦୦ ଟଙ୍କା ଆଦାୟ କରୁଛନ୍ତି। ଏହିଭଳି ଭାବରେ ଦୈନିକ ଜନସେବା କେନ୍ଦ୍ର ଜରିଆରେ ଚାଷୀର କଷ୍ଟ ଉପାର୍ଜିତ ଲକ୍ଷଲକ୍ଷ ଟଙ୍କା ଦଲାଲଙ୍କ ପକେଟକୁ ଯାଉଛି। ଏଦିଗରେ କୃଷି ବିଭାଗ ଜାଣି ବି ନିରବଦ୍ରଷ୍ଟା ସାଜିଛି। ଚାଷୀମାନେ ଏନେଇ କୃଷି ବିଭାଗ ସହ




ଯୋଗାଯୋଗ କରିବାରୁ ସେମାନଙ୍କ ପାଖରେ ସେଭଳି କିଛି ନିର୍ଦ୍ଦେଶ ନାହିଁ ବୋଲି କହି ଚୁପ୍ ବସିଯାଉଛନ୍ତି। ଯେଉଁ ସବୁ ଜନସେବା କେନ୍ଦ୍ରଗୁଡିକରେ ଏଭଳି ବେଆଇନ କାର୍ଯ୍ୟ ହେଉଛି ତାକୁ ନେଇ ବିଭାଗ ଚୁପ୍ ରହିବା ଘଟଣା ବିଭାଗର ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣୁଛି। ଉକ୍ତ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଜନସେବା କେନ୍ଦ୍ରଗୁଡିକର କୋଡ୍‌କୁ ପ୍ରତ୍ୟାହାର କରାଯିବା ସହ ଏହା ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ ଏଦିଗରେ ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ ତାଙ୍କ ନିକଟକୁ ଆସିଛି। ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନସେବା କେନ୍ଦ୍ରଗୁଡ଼ିକରେ ଚାଷୀ ପଞ୍ଜିକରଣ କାର୍ଯ୍ୟ କରାଯାଉଛି। ବଦଳରେ ଚାଷୀମାନଙ୍କୁ ଏକ ଫାମର୍ସ ଆଇଡି ପ୍ରଦାନ କରାଯାଉଛି। ଏହାଛଡ଼ା କୃଷି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ଚାଷୀ ପଞ୍ଜିକରଣ କାର୍ଯ୍ୟ କେବଳ ପାକ୍ସ ଓ କୃଷି ବିଭାଗରେ କରାଯାଉଛି। କୃଷକ ପରିଚୟପତ୍ର ମାଗଣାରେ ପ୍ରଦାନ କରାଯାଉଛି। ଏଥିପାଇଁ ଯେଉଁମାନେ ଟଙ୍କା ନେଉଥିବା ତାହା ବେଆଇନ ବୋଲି ସାହୁ କହିଛନ୍ତି।

### ପୌରପରିଷଦ କର୍ଯ୍ୟାଳୟ ସାମାନ୍ୟ ବର୍ଷରେ ଜମୁଛି ପାଣି

ଯାଜପୁର ରୋଡ,୬।୮(ନି.ପ୍ର.)

ପୌରପରିଷଦ କର୍ଯ୍ୟାଳୟ ସମ୍ମୁଖରେ ପୂର୍ତ୍ତ ବିଭାଗ ପକ୍ଷରୁ ଉନ୍ନତି ଯୋଜନାରେ ଏକ ଡ୍ରେନ୍ ନିର୍ମାଣ କରାଯାଉଛି। ଏହି ଡ୍ରେନ୍ କାମ ପାଇଁ ମୋଟି ଖୋଳା ଯାଇଥିବାବେଳେ କାଛ ଉଠାଯାଇ ନାହିଁ। ଫଳରେ ବର୍ଷା ଜଳ ନିଷ୍କାସିତ ନ ହୋଇ ଜମି ରହୁଛି। ଏଭଳି ସମସ୍ୟା ଅଧିକାଂଶ ସମୟରେ ଦେଖାଦେଉଥିଲେ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠକାଦାରଙ୍କ ମନମୁଖି କାର୍ଯ୍ୟଯୋଗୁ ଏପରି ହୋଇଥିବା ପୂର୍ବତନ କାଉନ୍‌ସିଲର ପ୍ରଫୁଲ ନାୟକ କହିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ସପନ ନନ୍ଦଙ୍କୁ ପଚାରିବାରୁ ପୂର୍ତ୍ତବିଭାଗ ଏସ୍‌ଡିଓ ଓ ପାଣିକୋଇଲି ପୂର୍ତ୍ତବିଭାଗ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

## ପ୍ରୋତ୍ସାହନ ଅଭାବରୁ ଦୁର୍ଦ୍ଦିନରେ କମାରଶାଳ କାରିଗର

ଛତିଆ,୬।୮(ଡି.ଏନ୍.ଏ.)

ସମୟର ପରିବର୍ତ୍ତନ ସହିତ ମଣିଷର ପାରମ୍ପରିକ ଚାଲି ଚଳଣି ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷରେ ପରିବର୍ତ୍ତନ ହେବାରେ ଲାଗିଛି। ଏହି କ୍ରମରେ ଘରେଘରେ ନିତ୍ୟ ବ୍ୟବହାର୍ଯ୍ୟ ଲୌହଜାତୀୟ ଦ୍ରବ୍ୟର ଚାହିଦା କମିବାରେ ଲାଗିଛି। ଦିନଥିଲା ଲୌହଜାତ ଦ୍ରବ୍ୟ କଟୁରୀ, ପନିକି, କୋରଣା, ଦା, ଛୁରୀ ଆଦି ବିଭିନ୍ନ ଲୌହଜାତ ଉପକରଣର ବେଶ୍ ଚାହିଦା ରହିଥିଲା। ସେହିଭଳି ଚାଷୀଭାଇ ମଧ୍ୟ ଚାଷ ପାଇଁ ଲଙ୍ଗଳ, କୋଦାଳ, କୋଡି, ଶାବଳ, ଗଇଁତି ଭଳି ଲୌହଜାତ ଉପକରଣ ଉପରେ ନିର୍ଭର କରୁଥିଲେ। ତେଣୁ ଗ୍ରାମାଞ୍ଚଳରେ ବହୁ କମାରଶାଳ ଗଢିଉଠିଥିଲା। ହେଲେ ଆଧୁନିକତାର ଛାଟପରେ ଏସବୁ ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଫଳରେ ଗ୍ରାମଞ୍ଚଳରେ କମାରଶାଳକରି ପରିବାର ଭରଣପୋଷଣ କରୁଥିବା ପରିବାର ଏବେ ବୃତିହରା ହୋଇପଡିଛନ୍ତି। ଉଦାହରଣ ସ୍ୱରୂପ ଯାଜପୁର ଜିଲା ଛତିଆ ପଞ୍ଚାୟତର ଅମରାବତୀ ପାଟଣାରେ ପନ୍ଦରରୁ ଉର୍ଦ୍ଧ୍ୱ ପରିବାର କମାରଶାଳ କରି ପରିବାର ଭରଣ ପୋଷଣ କରୁଥିଲେ। ବଜାରରେ ମିଳୁଥିବା ଉପକରଣ ଅଧିକ ସୁନ୍ଦର କମ୍ ମୂଲ୍ୟରେ ମିଳୁଥିବାରୁ ଲୋକମାନେ


କମାରଶାଳରେ କାରିଗରମାନେ କାମ କରୁଛନ୍ତି ।

କମାରଶାଳରେ ତିଆରି ସାମ୍ରଗୀଠାରୁ ମେସିନ୍ ତିଆରି ଜିନିଷକୁ ଅଧିକ ପସନ୍ଦ କରୁଛନ୍ତି। ତେଣୁ ଅମରାବତୀ ପାଟଣା ଗ୍ରାମରେ ଗଢି ଉଠିଥିବା କମାରଶାଳ କାରିଗର ଏବେ ରୋଜଗାର ନ ପାଇ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଯେଉଁ କେତୋଟି ଶାଳ ରହିଛି। ସେଠାରେ ବ୍ୟବସାୟ ହେଉ ନାହିଁ। ଦିନ ଜାକ ଶାଳ ଖୋଲା ରହୁଥିଲେ ମଧ୍ୟ ରୋଜଗାର ହେଉନି। ଅପରପକ୍ଷେ ଶାଳରେ ବ୍ୟବହୃତ କଞ୍ଚାମାଲ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ରୋଜଗାର ନ ହେବା ଚିନ୍ତାର କାରଣ ପାଲଟିଥିବା ବହୁ କମାର କାରିଗର କହିଛନ୍ତି। ସରକାର କଳାକାରଙ୍କଠାରୁ ଆରମ୍ଭ କରି ନିର୍ମାଣ ଶ୍ରମିକଙ୍କ ପାଇଁ ବହୁ ଯୋଜନା କରୁଛନ୍ତି। ହେଲେ ଏ ଦିଗରେ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ କମାରଶାଳ କରି ପରିବାର ଚଳାଉଥିବା କାରିଗର ଏବେ ବୃତିହରା ହୋଇପଡିଛନ୍ତି। ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ କୌଳିକ ବୃତ୍ତିର ପୁନରୁଦ୍ଧାର ପାଇଁ ସରକାରୀସ୍ତରରେ ପ୍ରୋତ୍ସାହନ ପାଇଁ ବହୁ କାରିଗର ଦାବି କରିଛନ୍ତି।

### କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

କୋରେଇ, ୬।୮(ସ୍ୱ.ପ୍ର.)

କୋରେଇ ଗୁରୁକୁଳ ଭବନଠାରେ କୋରେଇ ବ୍ଲକ କନିଷ୍ଠ ଶିକ୍ଷକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ପୂର୍ବତନ ସମ୍ପାଦକ ପ୍ରଭାକର ଜେନା, ବିଦ୍ୟାଧର ପାଢୀ, ଚନ୍ଦ୍ରମଣୀ ବେହେରାଙ୍କ ସଞ୍ଚାଳନାରେ ଆୟୋଜିତ ବୈଠକରେ ସଙ୍ଘର ସାଙ୍ଗଠନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଆଗାମୀ ଦିନ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ସଭାପତି ଭାବେ ସୁଧାଶଙ୍କର ବିଶ୍ୱାଳ, ଉପସଭାପତି ସ୍ନେହଲତା ମଲ୍ଲିକ, ସମ୍ପାଦକ କିଶୋର କୁମାର ସାହୁ, ସହସମ୍ପାଦକ ଭରତ ସାହୁ, କୋଷାଧ୍ୟକ୍ଷ ସରୋଜ ସାହୁ, ମହିଳା ସଂଯୋଜିକା ଭାବେ କିରନ ମହାନ୍ତିଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଛି। ସେହିପରି ମୁଖ୍ୟ ଉପଦେଷ୍ଟା ମଣ୍ଡଳୀରେ ପୂର୍ଣ୍ଣ ଚନ୍ଦ୍ର ଦାଶ, ଅରୁଣ ମହାଳିକ, ଦୁର୍ଯ୍ୟୋଧନ ପ୍ରଧାନ, ସଞ୍ଜୟ ସ୍ୱାଇଁ, ଆଞ୍ଚଳିକ ସମ୍ପାଦକ ସସ୍ମୀତା ପାଢୀ, ଶରତ କୁମାର ରାଉତ, ଶ୍ରୀକାନ୍ତ କର, ଅମରେଶ ଜେନା, ଅମିତ କୁମାର ବରାଳ, ଅଜୟ ଜେନା ପ୍ରମୁଖଙ୍କୁ ଚୟନ କରାଯାଇଥିବା ବେଳେ ପୂର୍ବତନ ସମ୍ପାଦକ ପ୍ରଭାକର ଜେନାଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସହ ଶପଥ ପାଠ କରାଯାଇ ସଙ୍ଗର କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା ।

■ ବର୍ଷା ସତ୍ତ୍ୱେ ମରାମତି ହେଲା ଜାତୀୟ ରାଜପଥ

## ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



କୋରେଇ,୬।୮(ସ୍ୱ.ପ୍ର.)

ପାଣିକୋଇଲି ବଜାରରେ ଟ୍ରାଫିକ ସମସ୍ୟା, ଗୋଲେଇ ଓ ଆଖପାଖ ରାସ୍ତାରେ ଖାଲଖମା ଯୋଗୁ ଦୁର୍ଘଟଣା ବଢୁଥିବା ନେଇ ଅଭିଯୋଗ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ରବିବାର ବର୍ଷା ସତ୍ତ୍ୱେ ରାସ୍ତା ମରାମତି କରାଯାଇଛି। ତେବେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାସ୍ତା ମରାମତି କରା ନ ଯାଇ ବର୍ଷାଦିନେ କାମ କରାଯାଇଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ଟୋଲ ପ୍ଲାଜା କରି ପ୍ରତ୍ୟହ ଲକ୍ଷଲକ୍ଷ ଟଙ୍କା ବିଭାଗ ନେଉଥିବା ବେଳେ ମରାମତି ପାଇଁ ବିଭାଗ କୁଣ୍ଠିତ କାହିଁ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅପରପକ୍ଷେ ତ୍ରୁଟିପୂର୍ଣ୍ଣ ଗୋଲେଇ ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ଗୋଲେଇକୁ ଭାଙ୍ଗି ଠିକ୍ ଭାବେ ନିର୍ମାଣ କରିବାକୁ "ସହଯୋଗ" ପକ୍ଷରୁ ଦାବି କରାଯାଇଛି। ପ୍ରକାଶ ଯେ, ପାଣିକୋଇଲି ଛକରେ ଦୁର୍ଘଟଣା ଘଟୁଥିବା ନେଇ ବାରମ୍ବାର ଗଣମାଧ୍ୟମ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବି କରାଯାଇଥିଲା। ହେଲେ ରାସ୍ତା ମରାମତି କରାଯାଇ ପାରି ନ ଥିଲା। ପାଣିକୋଇଲି ପୋଲିସର ହସ୍ତକ୍ଷେପ ଫଳରେ ଗୋଲେଇ ଖାଲ ପୋତାଯାଇଥିଲା । ପୂର୍ବରୁ ଏସପିଙ୍କୁ ପାଣିକୋଇଲିର ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଦାବି ଜଣାଇବା ସହ ଗତ ରବିବାର ଆମେ ବିପଦର ସାଥି ପକ୍ଷରୁ ବଜାର ସଫେଇ ସମୟରେ ପୁନର୍ବାର ଅବଗତ କରାଯାଇଥିଲା ।

## ଅଧ୍ୟକ୍ଷ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା

ରତ୍ନଗିରି,୬।୮(ଡି.ଏନ୍.ଏ.)

**ବରୀ ବ୍ଲକ**

ବରୀ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବରୀରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଅଧ୍ୟକ୍ଷ ପଦବୀ ହାସଲ କରିବା ପାଇଁ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଛକାପଞ୍ଝା ଦେଖାଦେଇଛି। ବରୀ ବ୍ଲକର ମୋଟ୍ ୨୯ଟି ପଞ୍ଚାୟତ ମଧ୍ୟରୁ ଅଙ୍ଗାଲୋ ପଞ୍ଚାୟତରୁ ସମିତି ସଭ୍ୟାଭାବେ ନିର୍ବାଚିତ ହୋଇ ସୁନନ୍ଦା ଦାସ ଅଧ୍ୟକ୍ଷ ପଦବୀ ହାସଲ କରିଥିଲେ। କିନ୍ତୁ ପରିବର୍ତ୍ତୀ ସମୟରେ ଶାସକ ଦଳରୁ ପ୍ରାର୍ଥୀ ହୋଇ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ଏହି ପଦବୀ ଖାଲି ପଡିଛି। ରାଜ୍ୟ ନିର୍ବାଚନ କମିଶନର ପତ୍ର ସଂଖ୍ୟା ୨୦୩୪/୩।୮।୧୯ରେ ଏହି ନିର୍ଦ୍ଦେଶ ନାମ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଜଣାପଡିଛି।

ପ୍ରକାଶ ଯେ, ଗତ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ବର୍ତ୍ତମାନର ବିଧାୟିକା ଭାଜପା ଦଳର ସମର୍ଥନରେ ୨୧ ଖଣ୍ଡ ଭୋଟ୍ ପାଇଥିବା ବେଳେ ଶାସକ ଦଳ ୭ ଖଣ୍ଡ ଓ କଂଗ୍ରେସ ସମର୍ଥିତ ଜଣେ ମାତ୍ର ସଭ୍ୟ ଭୋଟ୍ ଦାନରୁ ନିବୃତ ରହିଥିଲେ। ମାତ୍ର ୩ ମାସ ପୂର୍ବରୁ ଶାସକ ଦଳ ତରଫରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ସୁନନ୍ଦା ଏବେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଅଧ୍ୟକ୍ଷ ପଦବୀରେ ବିଜୟ କରିବାକୁ ରଣନୀତି ଆରମ୍ଭ କରିଛନ୍ତି। ଅପରପକ୍ଷେ ଚଳିତ ନିର୍ବାଚନରେ ପରାଜିତ ହୋଇଥିବା ଭାଜପା ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲ୍ଲିକ ମଧ୍ୟ ନିଜ ସମର୍ଥିତ ସମିତି ସମ୍ୟାସଭ୍ୟଙ୍କୁ ଅଧ୍ୟକ୍ଷ କରିବା ପାଇଁ ବରୀରେ ଡେରା ପକାଇ ଥିବା ଚର୍ଚ୍ଚା ହେଉଛି। ତେବେ କେତେଜଣ ଭାଜପା ସମିତି ସଭ୍ୟାସଭ୍ୟ ବିଜେଡିକୁ ସମର୍ଥନ କରି ପାରନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି। ଭାଜପା ନେତା ବିଶ୍ୱ ମଲ୍ଲିକ। କୌଣସି ଭାଜପା ସମିତି ସଭ୍ୟାସଭ୍ୟ ଶାସକ ଦଳକୁ ସମର୍ଥନ କରିବେ ନାହିଁ ବୋଲି ସେ କହିଛନ୍ତି।

### ୩୭୦ ଧାରା ଉଚ୍ଛେଦକୁ ଧର୍ମଶାଳା ଭାଜପା ପକ୍ଷରୁ ସ୍ୱାଗତ

ଧର୍ମଶାଳା,୬।୮(ଡି.ଏନ୍.ଏ.)

ଜମ୍ମୁ କଶ୍ମୀରରୁ ସମ୍ବିଧାନର ୩୭୦ ଓ ୩୫(ଏ) ଧାରାକୁ ଉଚ୍ଛେଦ କରାଯିବା ନେଇ ଧର୍ମଶାଳା ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। ଲଦାଖ ସହ ଜମ୍ମୁ କଶ୍ମୀରକୁ ମଧ୍ୟ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ କେନ୍ଦ୍ର ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସଂସଦରେ ସୋମବାର ଘୋଷଣା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ଧର୍ମଶାଳା ଭାଜପା ନେତା ରମେଶ ଚନ୍ଦ୍ର ପରିଡା, ୧୨ନଂ ମଣ୍ଡଳ ସଭାପତି ରମେଶ ବେହେରା, ଯୁବ ସଂଗଠକ ମହେନ୍ଦ୍ର ପଣ୍ଡା, ଚୈତନ୍ୟ ସାମଲ, ଆଶିଷ ବଳ ପ୍ରମୁଖ ଜାରକାଠାରେ ଏକ ପ୍ରେସ ବିବୃତିରେ ଏହାକୁ ସ୍ୱଗତ ଜଣାଇଛନ୍ତି।

## ବ୍ୟାଟେରି ଜବତ, ୩ କୋର୍ଟ ଚାଲାଣ

ଧର୍ମଶାଳା,୬।୮(ଡି.ଏନ୍.ଏ.)

ଧର୍ମଶାଳା ପୋଲିସ ଟ୍ରକ୍‌ରୁ ବ୍ୟାଟେରି ଚୋରି ଓ କ୍ରୟ କରିବା ଅଭିଯୋଗରେ ୩ ଜଣଙ୍କୁ ମଙ୍ଗଳାବର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ଆବେଦନ ଖାରଜ ହେବା ପରେ ଜେଲ ପଠାଯାଇଥିବା ଜଣାପଡିଛି । ଅଭିଯୁକ୍ତ ମାନେ ହେଲେ ଚଉସଷଠିପଡା ଗ୍ରାମର ରଙ୍ଗାଧର ମଲିକ ଓ ଓସରା ଗ୍ରାମର ଉତ୍ତମ ମଲିକ ଏବଂ ମାଣ୍ଡିଆ ଗ୍ରାମର ତପନ ମଲିକ।
ପ୍ରକାଶ ଯେ, ଗତ ରବିବାର ରାତିରେ ବିରିବାଟୀ ଗ୍ରାମର ଲିପୁ ମଲିକ ଚଳାଉଥିବା ଟ୍ରକ୍‌ରୁ ବ୍ୟାଟେରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୩୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ମାଣ୍ଡିଆ ଗ୍ରାମର ତପନ ଉକ୍ତ ଚୋରୀ ବ୍ୟଟେରୀ କିଣି ଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଗିରଫ କିରବା ସହ ବ୍ୟାଟେରୀ ଜବତ କରିଥିଲା। ତଦନ୍ତ ବେଳେ ରଙ୍ଗାଧର ଓ ଉତ୍ତମ ଏହି ଚୋରିରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇ ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ଆଇ ଜହର ଆବେଦିନ କହିଛନ୍ତି।

■ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ଘଟଣା

## ତଦନ୍ତ କଲେ ବ୍ଲକ ଶିକ୍ଷାଧିକାରୀ

ବରୀ, ୬।୮ (ସ୍ୱ.ପ୍ର.)

ବରୀ ବ୍ଲକ୍ ଅଧୀନ ବାଲିବିଲି ପଞ୍ଚାୟତର କ୍ଷେମେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚ ମାସ ହେବ ମଧ୍ୟାହ୍ନ ଭୋଜନ ବନ୍ଦ ରହିବା ନେଇ ଗୁରୁବାର ପରିଚାଳନା କମିଟି ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ମଙ୍ଗଳବାର ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ଏବିଓ ବାଙ୍କ ବିହାରୀ ପଣ୍ଡା, ସରପଞ୍ଚ ସନ୍ତୋଷ ସାମଲ, ପରିଚାଳନା କମିଟି ଅଧ୍ୟକ୍ଷ ଦିଲୀପ କୁମାର ନାୟକ, ପ୍ରଧାନ ଶିକ୍ଷକ ରାଜକିଶୋର ମଲ୍ଲିକଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ଭିତରେ ସମନ୍ୱୟର ଅଭାବ ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବା ପ୍ରାଥମିକ ତଦନ୍ତରୁ ବ୍ଲକ୍ ଶିକ୍ଷାଧିକାରୀ ଜାଣିବାକୁ ପାଇଥିବା କହିଛନ୍ତି। ତେବେ ବିଦ୍ୟାଳୟରେ ଦେଖାଦେଇଥିବା ସମସ୍ୟାର ସମାଧନା ହେବା ପରେ ମଧ୍ୟାହ୍ନ ଭୋଜନ ଯୋଗାଉଥିବା ହରପାର୍ବତୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସୁନିତା ରାଉତ ମଧ୍ୟାହ୍ନ ଭୋଜନ ଯୋଗାଇବେ ବୋଲି ସେ କହିଥିଲେ। ଅପରପକ୍ଷେ ମଧ୍ୟାହ୍ନ ଭୋଜନ ପାଇଁ ଗତ ଫେବୃୟାରୀରୁ ଆସିଥିବା ପାଖାପାଖି ୩ କୁଇଣ୍ଟାଲ୍ ଚାଉଳ ବିଦ୍ୟାଳୟର ଏକ କୋଠରିରେ ପଡ଼ି ରହିଛି। ବିଦ୍ୟାଳୟ ଜମାଖାତାରେ ରୋଷେଇ ଘର ପାଇଁ ୫୯ ହଜାର ଟଙ୍କା ଆସିଥିଲା ବେଳେ ଏହା କାର୍ଯ୍ୟକାରୀ ହେଉ ନାହିଁ। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅଦ୍ୟାବଧି ପ୍ରାପ୍ୟ ପ୍ରଦାନ କରାଯାଇ ପାରି ନାହିଁ। ବକେୟା ପ୍ରାପ୍ୟ ପ୍ରଦାନ କରିବା ସହିତ ବିଦ୍ୟାଳୟର ସମସ୍ତ ରେକର୍ଡ ପତ୍ର, ବ୍ୟାଙ୍କ୍ ଜମାଖାତାରୁ ଟଙ୍କା ଉଠାଣ, ବିଦ୍ୟାଳୟର ଜମିବାଡି ପଟ୍ଟା, ବିଦ୍ୟାଳୟକୁ ସରକାରୀ ଭାବେ ରାସ୍ତା ନ ଥିବା ଆଦି ଘଟଣା ଉପରେ ତଦନ୍ତ କରି ପରିଚାଳନା କମିଟିକୁ ନ୍ୟାୟ ପ୍ରଦାନ କଲେ ମଧ୍ୟାହ୍ନ ଭୋଜନ ଆରମ୍ଭ ହେବ ବୋଲି ବୈଠକରେ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

■ ବିପଦପୂର୍ଣ୍ଣ ଅବସ୍ଥାରେ ୩୩ କେ.ଭି.ଲାଇନ ମରାମତି

## ସୁରକ୍ଷା ସରଞ୍ଜାମ ବିନା କାର୍ଯ୍ୟ କରୁଛନ୍ତି ଠିକା ଶ୍ରମିକ

ଯାଜପୁର ରୋଡ,୬।୮(ନି.ପ୍ର)

ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଯୋଗାଇବା ପାଇଁ ନିୟମ ରହିଛି। କିନ୍ତୁ ନେସ୍କୋ ୟୁନିଟିରେ ଠିକା ଶ୍ରମିକଙ୍କୁ ବିନାସୁରକ୍ଷା ଉପକରଣରେ ବିପଦପୂର୍ଣ୍ଣ କାମରେ ଲଗାଉଛନ୍ତି। ଏପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଯାଜପୁରରୋଡ ବିଦ୍ୟୁତ ବିଭାଗ ଅଧିନରେ ପୌରାଞ୍ଚଳର ଚୋରଦାଠାରୁ ନହକା ପର୍ଯ୍ୟନ୍ତ ୩୩କେ.ଭି ହାଇଭୋଲଟେଜ୍ ଲାଇନ ମରାମତି କାର୍ଯ୍ୟରେ। ଅଧିକାଂଶ ଖୁଣ୍ଟ ନିମ୍ନମାନର ହୋଇଥିବାରୁ ସାମାନ୍ୟ ବର୍ଷା ପବନରେ ବଙ୍କା ହୋଇଯାଉଛି। ଏପରି କି ଅଧିକାଂଶ ଖୁଣ୍ଟରେ ଶଙ୍ଖ ଫାଟିଯିବା ସହ ତାର ଛିଣ୍ଡିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି।



ଫଳରେ ବିଦ୍ୟୁତ ସେବା ଘଣ୍ଟାଘଣ୍ଟା ଧରି ବ୍ୟାହତ ରହୁଛି। ନେସ୍କୋ ୟୁଟିଲିଟି ପକ୍ଷରୁ ଠିକାଦାର ମାଧ୍ୟମରେ ଠିକା ଶ୍ରମିକ ଦ୍ୱାରା କାର୍ଯ୍ୟ କରାଯାଉଛି। ସେମାନଙ୍କୁ କୌଣସି ସୁରକ୍ଷା ଉପକରଣ ନ ଯୋଗାଇ ୩୦ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚ ଖୁଣ୍ଟ ଉପରେ ଚଢାଇ ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରାଯାଉଛି। ହ୍ୟାଣ୍ଡ ଗ୍ଲୋଭ୍‌ସ, ସୁରକ୍ଷା ବେଲ୍ଟ, ଯୋତା ଓ ହେଲମେଟ ନ ଯୋଗାଇ କାର୍ଯ୍ୟରେ ନିୟୋଜିତ କରାଯାଉଛି। ରାତ୍ରିରେ କାର୍ଯ୍ୟ କରିବା ସମୟରେ ଟର୍ଚ୍ଚ ଲାଇଟ ମଧ୍ୟ ଯୋଗାଇ ଦିଆଯାଉ ନାହିଁ। ଶ୍ରମିକମାନେ ପରିବାର ପ୍ରତିପୋଷଣ କରିବା ପାଇଁ କମ୍ ଦରମାରେ କାର୍ଯ୍ୟ କରୁଛନ୍ତି। ସରକାର ଧାର୍ଯ୍ୟ କରିଥିବା ଦରମା ଅନୁସାରେ ସେମାନଙ୍କୁ ଠିକାଦାର ପାଉଣା ଦେଉନାହାନ୍ତି। ଏପରି କି କୌଣସି ଦୁର୍ଘଟଣାରେ ମୃତ୍ୟୁହେଲେ ଠିକାଦାର କ୍ଷତି ପୂରଣ ମଧ୍ୟ ଦେଉ ନାହାନ୍ତି। ଏହି ଶ୍ରମିକମାନେ ନେସ୍କୋ ୟୁଟିଲିଟିର କର୍ମଚାରୀ ହୋଇ ନ ଥିବାରୁ ସେମାନଙ୍କୁ କ୍ଷତିପୂରଣ ମିଳିପାରୁ ନାହିଁ। ଠିକାଦାରମାନେ ଶ୍ରମିକମାନଙ୍କ ଭବିଷ୍ୟନିଧି ପାଣ୍ଠିର ବ୍ୟବସ୍ଥା କରୁନାହାନ୍ତି। ଏଥିପ୍ରତି ଶ୍ରମ ବିଭାଗ ଦୃଷ୍ଟି ଦେବାସହ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସମାଜସେବୀ ପବିତ୍ର ମହାନ୍ତି ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡ୍ ବିଦ୍ୟୁତ୍ ଡିଭିଜନ ନିର୍ବାହୀ ଅଧିକାରୀ ତପନ କୁମାର ବେହେରାଙ୍କୁ ପଚାରିବାରୁ ଠିକାଦାରମାନେ ଶ୍ରମିକଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଯଦି ଶ୍ରମିକମାନଙ୍କୁ ବିନା ସୁରକ୍ଷା ସରଞ୍ଜାମରେ କାମ କରାଉଛନ୍ତି। ସେ ଦିଗରେ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।



ପିତା ଯଦି ଚରିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚି ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ। -ମାକ୍‌ଲିଓଡ୍



## ସଂକ୍ଷେପରେ

### ୧୨ ଗ୍ରାମ ବ୍ରାଉନସୁଗାର ଜବତ: ମହିଳା ଗିରଫ

ପୁରୀ ଅଫିସ, ୬।୮: କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଏବଂ ଦେବୀଘାଟ ଅଞ୍ଚଳ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ନାବାଳକ ଓ ମହିଳାମାନଙ୍କ ଜରିଆରେ ଏହି ବେପାର ଚାଲିଛି। ମଙ୍ଗଳବାର ନରେନ୍ଦ୍ରକୋଣରୁ ଜଣେ ମହିଳାଙ୍କଠାରୁ ୧୨ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଅବକାରୀ ବିଭାଗ। ବେଆଇନ ନିଶା କାରବାର ଅଭିଯୋଗରେ ସମ୍ପୃକ୍ତ ମହିଳା ସନ୍ତୋଷୀ ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା ଆଇଆଇସି ବିକାଶ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ନରେନ୍ଦ୍ରକୋଣଠାରେ ଜଣେ ମହିଳା ଏକ ବ୍ୟାଗରେ ବ୍ରାଉନ ସୁଗାର ଧରି ଗ୍ରାହକଙ୍କ ଅପେକ୍ଷାରେ ଠିଆ ହୋଇଥିବା ଖବର ପାଇଥିଲା ଅବକାରୀ ବିଭାଗ। ଏହାପରେ ଏକ ଟିମ୍ ସାଦା ପୋଷାକରେ ସେଠାରେ ପହଞ୍ଚିଥିଲା। ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ସନ୍ତୋଷୀଙ୍କ ଉପରେ ଟିମ୍‌ର ସନ୍ଦେହ ହୋଇଥିଲା। ୨ଜଣ ମହିଳା ପୋଲିସ ଯାଇ ତାଙ୍କୁ ପଚରାଉଚରା କରିବାରୁ ସବୁକଥା ଜଣାପଡ଼ିଥିଲା। ଏହାପରେ ସେମାନେ ତାଙ୍କ ବ୍ୟାଗ ଯାଞ୍ଚ କରି ବ୍ରାଉନସୁଗାର ଜବତ କରିଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଖଣ୍ଡପଡା,୬।୮(ସ୍ୱ.ପ୍ର.): କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ଆଗାମୀ ୭୩ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ବୈଠକ ରବିବାର ସନ୍ଧ୍ୟାରେ କଂସାରୀ ସମାଜ କଲ୍ୟାଣ ସଦନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକ ଓ ସ୍ୱାଧୀନତା ସଂଗ୍ରାମୀ ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟମାନଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ, ବୃକ୍ଷ ରୋପଣ ସହିତ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବିଶେଷତଃ ପର୍ଯ୍ୟଟନ ପୀଠ ନୀଳମାଧବ ଜୀଉଙ୍କ ସିଂହଦ୍ୱାର ଗେଟକୁ ଲାଗି ଦୁଇ ଗୋଟି ପାଇଖାନା ନିର୍ମାଣ କରାଯାଉଥିବାରୁ ଏହାକୁ ଉପସ୍ଥିତ ସଭ୍ୟମାନେ ନାପସନ୍ଦ କରିଥିଲେ । ତୁରନ୍ତ ଏହାର ପ୍ରତିକାର ତଥା ନିର୍ମାଣ କାର୍ଯ୍ୟକୁ ଭାଙ୍ଗି ଦେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେବାକୁ ସ୍ଥିର କରାଯାଇଥିଲା। ଏହି ସଭାରେ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ଉପଦେଷ୍ଟା ପ୍ରଭାକର ଶିରୋମଣି, ବରିଷ୍ଠ ସଭ୍ୟ ରାମଚନ୍ଦ୍ର କାଣ୍ଟି, ମେଜର ରାଜ କିଶୋର ସାହୁ, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳ ମହାରଣା, ହରିହର ଦାଶ, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରମୋଦ କୁମାର ଦଳେଇ ଧନ୍ୟବାଦ ଦେଇଥିଲେ।

### ୧୨ରେ ଅଟୋ ଚାଳକ ସଂଘର ଧାରଣା

ପୁରୀ ଅଫିସ, ୬।୮: ଶ୍ରୀକ୍ଷେତ୍ର ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ସ୍ୱର୍ଣ୍ଣାଭ ବେଳାଭୂମି ବୁଲିବା ପାଇଁ ଦୈନିକ ଲକ୍ଷାଧିକ ଲୋକ ଏଠାକୁ ଆସନ୍ତି। ପୁରୀ ସହରର ବହୁ ଅଟୋ ଚାଳକ ସେମାନଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇବା ସହ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଥାନ୍ତି। ଏଭଳି ଭାବେ ଶହ ଶହ ଅଟୋଚାଳକ କିଛି ଅର୍ଥ ଉପାର୍ଜନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଅନ୍ୟପଟେ ଗତ କିଛିଦିନ ହେଲା ଆଞ୍ଚଳିକ ପରିବହନ ବିଭାଗ ବିଭିନ୍ନ ଆଳ ଦେଖାଇ ଅଟୋ ଚାଳକମାନଙ୍କ ଉପରେ ଜୁଲମ କରୁଛି। କେତେକ କ୍ଷେତ୍ରରେ ଆବଶ୍ୟକ କାଗଜପତ୍ର ଥିବା ସତ୍ତ୍ୱେ ବେଆଇନ ଭାବେ ଜରିମାନା ଆଦାୟ କରାଯାଉଛି। ଏପରି କି ଯାତ୍ରୀ ଲାଗି କୌଣସି ସ୍ଥାନରେ ଏକମିନିଟ୍ ବି ଅଟୋ ଠିଆ କଲେ ଜରିମାନା ଆଦାୟ ହେଉଛି। ଏହାକୁ ପୁରୀ ଧାମ ଅଟୋଚାଳକ ମହାସଂଘ ତୀବ୍ର ବିରୋଧ କରିଛି। ସଂଘର ସଭାପତି ଶ୍ରୀକାନ୍ତ ପରିଜା ମଙ୍ଗଳବାର ଏକ ପ୍ରେସ ବିବୃତିରେ କହିଛନ୍ତି, ବାରମ୍ବାର ପେଟ୍ରୋଲ, ଡିଜେଲ, ଟ୍ୟାକ୍ସ, ଇନ୍‌ସ୍ୟୁରାନ୍ସ ଆଦି ବୃଦ୍ଧି ପାଉଛି। ଫଳରେ ଅଟୋ ଚାଳକମାନେ କ୍ଷତି ସହୁଛନ୍ତି। ସେମାନଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଅଟୋ ଚାଳକ ମହାସଂଘ ସହ ପରିବହନ ବିଭାଗ କୌଣସି ଆଲୋଚନା ନ କରି ରେଟ ଚାର୍ଟ ପ୍ରସ୍ତୁତ କରିଛି। ଅଧିକ ଭଡ଼ା ମାଗିଲେ ଲାଇସେନ୍ସ ରଦ୍ଦ ଧମକ ଦିଆଯାଉଛି। ଜିଲା ପ୍ରଶାସନ ଆଲୋଚନା ମାଧମରେ ଏସବୁର ସମାଧାନ ଲାଗି ତ୍ୱରିତ ପଦକ୍ଷେପ ନ ନେଲେ ଆଗାମୀ ୧୨ତାରିଖରେ ମହାସଂଘ ଅନୁବନ୍ଧିତ ୩ ହଜାରରୁ ଊର୍ଦ୍ଧ୍ୱ ଅଟୋଚାଳକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ।

## ଡାହୁକା ନଦୀରେ ନାହିଁ ଗାର୍ଡୱାଲ୍

# ୧୦୦ରୁ ଊର୍ଦ୍ଧ୍ୱ ଘର ଭାସିଯିବା ଆଶଙ୍କା

ନୂଆଗାଁ,୬।୮(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଢିପି ପଞ୍ଚାୟତସ୍ଥ ଏହି ଗ୍ରାମକୁ ଲାଗି ପ୍ରବାହିତ ହେଉଛି ଡାହୁକା ନଦୀ। ତେବେ ଏହି ନଦୀରେ ଗାର୍ଡୱାଲ ନ ଥିବାରୁ ବର୍ଷା ଯୋଗୁ ଅଧିକ ଜଳ ପ୍ରବାହିତ ହୋଇ ଧନଜୀବନ ନଷ୍ଟ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏଥିଯୋଗୁ ଗ୍ରାମରେ ବସବାସ କରୁଥିବା ୧୫୦ ପରିବାର ମଧ୍ୟରୁ ନଦୀକୂଳସ୍ଥିତ ୧୦୦ରୁ ଊର୍ଦ୍ଧ୍ୱ ଘର ଭାସିଯିବା ଆଶଙ୍କା ସୃଷ୍ଟି ହୋଇଛି। ବର୍ଷାଦିନେ ଅଧିକ ପାଣି ନଦୀରେ ଆସୁଥିବାରୁ କ୍ରମଶଃ ନଦୀପଠା ଓ ଲୋକମାନଙ୍କ ରେକର୍ଡଭୁକ୍ତ ଜାଗା, ଘରବାଡ଼ି ଖାଇବାକୁ ବସଲାଣି । ବର୍ଷା ହେଲେ ସମ୍ପ୍ରତି ନଦୀ ପାଣି ଲୋକଙ୍କ ଘରେ ପଶିଆସୁଛି। ଅଧିକ ବର୍ଷା ହେଉଥିବା ସମୟରେ ରାତିରେ ଲୋକେ ଶୋଇଥିବାବେଳେ ଘର ଭାଙ୍ଗିଯିବା ସହ ଧନଜୀବନ ଭସେଇ ନେବା ଆଶଙ୍କାରେ ଗୃହର ଜିନିଷପତ୍ର ଆଦି ଖାଲି କରି ଅନ୍ୟ ଦୁଆରେ ଆଶ୍ରୟ ନେଉଥିବା ଶ୍ରୀଧର ନାୟକ, ବସନ୍ତ ନାୟକ, ଅକ୍ରୁର ନାୟକ, କରୁଣାକର ପ୍ରଧାନ, ମଦନମୋହନ ପ୍ରଧାନ, ବନମାଳୀ ପ୍ରଧାନ ପ୍ରମୁଖ ଗ୍ରାମବାସୀ କହିଛନ୍ତି। ବାପଅଜା ଅମଳରୁ ଜାଗା କିଣି ଘର ନିର୍ମାଣ କରି ରହୁଥିବାବେଳେ ଏବେ ନଦୀ ପାଣିରେ ତାହା ଭାସିଯିବା ଚିନ୍ତାରେ ସ୍ଥାନୀୟ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଏ



ନଦୀକୂଳକୁ ଲାଗି ରହିଥିବା ଘର ।

### ପଦକ୍ଷେପ ନ ହେଲେ ଆନ୍ଦୋଳନ ଚେତାବନୀ

ସମସ୍ୟା ନେଇ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କଠାରୁ ରାଜନେତାଙ୍କୁ ଗୁହାରି କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାର୍ଡୱାଲ୍ ନିର୍ମାଣ ପାଇଁ ସରପଞ୍ଚ, ବିଧାୟକ, ସାଂସଦ, ବ୍ଲକ କାର୍ଯ୍ୟାଳୟସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର କାକୁତିମିନତି ହେଉଥିବା କହିଛନ୍ତି ସ୍ଥାନୀୟ ଲୋକେ । ଏହି ପରିସ୍ଥିତିରେ କେବଳ ପ୍ରତିଶ୍ରୁତି ହିଁ ମିଳିଛି। ଖୁବ୍‌ଶୀଘ୍ର ଯଦି ବାସଗୃହ ନିକଟରେ ଗାର୍ଡୱାଲ ନିର୍ମାଣ କରା ନ ଯାଏ ତେବେ ପାରାଢିପିବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ସରପଞ୍ଚ ସବିତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଡାହୁକା ନଦୀରେ ଗାର୍ଡୱାଲ ନିର୍ମାଣ କରିବା ପାଇଁ ଆକ୍ସନ ପ୍ଲାନ୍‌ରେ ଆବେଦନ ରହିଛି। ଅନୁମୋଦନ ପରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସରପଞ୍ଚ ମତ ଦେଇଥିଲେ। ସରପଞ୍ଚଙ୍କ ସହ ଆଲୋଚନା କରି କିପରି ଶୀଘ୍ର ନଦୀରେ ଗାର୍ଡୱାଲ ନିର୍ମାଣ କରାଯାଇ ପାରିବ ସେ ବିଷୟରେ ନିଷ୍ପତ୍ତି ନେବେ ବୋଲି ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ପ୍ରକାଶ କରିଛନ୍ତି ।

## ସାଇନ-ଏ-ଡାଏ ଉଠିବ

# ୮ରେ ଖୋଲିବ ଚାନ୍ଦପୁର ମୋହନ ମହିଳା ମାହାବିଦ୍ୟାଳୟ

ରଣପୁର,୬।୮(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକ ଚାନ୍ଦପୁର ମୋହନ ମହିଳା ମହାବିଦ୍ୟାଳୟରେ ଗତ ମାସ ୨୫ ତାରିଖରୁ ଲାଗି ରହିଥିବା ଅଶାନ୍ତି ଯୋଗୁ କଲେଜ କର୍ତ୍ତୃପକ୍ଷ ୨୬ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜକୁ ସାଇନ-ଏ-ଡାଏ ଘୋଷଣା କରିଥିଲେ । ତେବେ ସାଇନ-ଏ-ଡାଏ ଉଠାଯାଇ ୮ତାରିଖରେ କଲେଜ ଖୋଲିବ ବୋଲି ଅଧ୍ୟକ୍ଷାଙ୍କ ପକ୍ଷରୁ ଜଣାଯାଇଛି। ସାଇନ-ଏ-ଡାଏ ଫଳରେ କଲେଜ ୨୬ତାରିଖରୁ ବନ୍ଦ ହୋଇ ରହିଥିବାରୁ ଛାତ୍ରୀ ମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏ ନେଇ ମଙ୍ଗଳବାର କଲେଜ ଅଧକ୍ଷା ଝରଣା ସାହୁଙ୍କ ନେତୃତ୍ୱରେ ସମସ୍ତ ଅଭିଭାବକଙ୍କୁ ଡକାଯାଇ କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଷ୍ପତ୍ତି ଅନୁଯାୟୀ ସାଇନ-ଏ-ଡାଏ ଉଠାଯାଇ ଗୁରୁବାର ୮ ତାରିଖ କଲେଜ ଖୋଲାଯିବ। ପୂର୍ବପରି ଛାତ୍ରୀମାନେ କଲେଜକୁ ଆସିବେ ଓ ଶିକ୍ଷାଦାନ କରାଯିବ । ୭ ତାରିଖଠାରୁ ସାଇନ-ଏ-ଡାଏ ଘୋଷଣାକୁ ପ୍ରତ୍ୟାହାର କରାଗଲା ବୋଲି ଅଧକ୍ଷା ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ, କଲେଜର ୨ ଅଧାପକ +୨ କଳା ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ କରି ଗୋଟିଏ ଛାତ୍ରୀ ଗୋଷ୍ଠି ଗୁରୁବାର କଲେଜ ଗେଟରେ ତାଲା ପକାଇ ଧାରଣା ଦେଇ ଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଶୁକ୍ରବାର ଧାରଣା ଦେଇଥିଲେ । ଯାହାକୁ ନେଇ କଲେଜ ଅଶାନ୍ତ ହେବାରୁ କଲେଜ କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନ-ଏ-ଡାଏ ଘୋଷଣା କରିଥିଲେ ।

# ଏସ୍‌ଏଚ୍‌ଜି ମହିଳାଙ୍କୁ ମତ୍ସ୍ୟ ଚାଷ ତାଲିମ

ଗଣିଆ,୬।୮(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ମିଶନ ଶକ୍ତି ଓ ୱାଲର୍ଡ ଫିସ୍‌ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗଣିଆ ବ୍ଲକର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ସମ୍ପର୍କିତ ୨ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଗଣିଆ ବିଡିଓ ମାନସ ରଞ୍ଜନ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର ମତ୍ସ୍ୟ ପୋଖରୀ ଯୋଜନା ଆରମ୍ଭ କରିଛନ୍ତି । ବିଶେଷ କରି ଗ୍ରାମ ପଞ୍ଚାୟତଗୁଡିକରେ ଥିବା ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମହିଳା ସଦସ୍ୟାମାନେ ମାଛଚାଷ କରି ସ୍ୱାବଲମ୍ବୀ ହେବା ସହ ଆର୍ଥିକ ଅଗ୍ରଗତି ହୋଇପାରିବ। ଏଥିପାଇଁ ସେମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ଉନ୍ନତମାନର ଜ୍ଞାନକୌଶଳ ଯୋଗେ ତାଲିମ ପ୍ରଦାନ କରାଯାଉଛି । ଗତ ବର୍ଷ ଗଣିଆ ବ୍ଲକର ୪୭ ଏସଏଚଜି ଗ୍ରୁପକୁ ମତ୍ସ୍ୟଚାଷ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିବା ବେଳେ ଚଳିତ ବର୍ଷ ପ୍ରତି ପଞ୍ଚାୟତର ଗୋଟିଏ ଲେଖାଁଏ ଗ୍ରୁପକୁ ଏଥିରେ ସାମିଲ କରାଯିବ ବୋଲି ବିଭାଗ ତରଫରୁ ଲକ୍ଷ୍ୟ ରଖାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ ଜିଲା ମତ୍ସ୍ୟ ବିଭାଗ ଅତିରିକ୍ତ ଉପ ନିର୍ଦ୍ଦେଶକ ସୁବଳ ଚନ୍ଦ୍ର ମହାନ୍ତି, ସହକାରୀ ମତ୍ସ୍ୟ ଅଧିକାରୀ ପୁଲିନ ମହାନ୍ତି, ସବିତା ଦାସ,ଗଣିଆ ବ୍ଲକ ଏବିଡିଓ ସରୋଜ କୁମାର ନାୟକ, ସିଡିପିଓ ଲକ୍ଷ୍ମୀ ଦାସ, ମିଶନ ଶକ୍ତି ବ୍ଲକ ସଂଯୋଜକ ପ୍ରମୋଦ କୁମାର ବେହେରା ଓ ବ୍ଲକ ମତ୍ସ୍ୟ ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୧୨ଟି ଏସଏଚଜି ଗ୍ରୁପ୍ ର ୩୦ଜଣ ମହିଳା ସଦସ୍ୟା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ମଙ୍ଗଳବାର ଓ ବୁଧବାର ୨ଦିନ ଧରି ଚାଲୁରହିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।



ମତ୍ସ୍ୟଚାଷ ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଝୁଲଣ ପାଇଁ ମଠ, ମନ୍ଦିରରେ ଚାଲିଛି ସାଜସଜା

ପୁରୀ ଅଫିସ, ୬।୮

ଆସନ୍ତା ୧୦ତାରିଖିରୁ ପବିତ୍ର ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ଦଶମୀଠାରୁ ଆରମ୍ଭ ହେଉଥିବା ଏହି ଝୁଲଣ ଯାତ୍ରା ପ୍ରତିପଦ ଯାଏ ୭ଦିନ ଧରି ଚାଲିବ। କିନ୍ତୁ ଅନ୍ୟାନ୍ୟ ମଠ ମନ୍ଦିରରେ କେଉଁଠି ୭ଦିନ ତ ଆଉ କେଉଁଠାରେ ୫ଦିନ ଧରି ଏହା ଅନୁଷ୍ଠିତ ହେବ। ଶରତ ରାସର ପୂର୍ବାଭାସ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧାଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ଭଜନ, କୀର୍ତ୍ତନରେ ଉଚ୍ଛୁଳି ଉଠେ ମଠ, ମନ୍ଦିର। ଏଥିପାଇଁ ପ୍ରସ୍ତୁତି ପ୍ରାୟ ସରି ସରି ଆସୁଛି। କେଉଁଠି ଝୁଲଣ କୁଞ୍ଜକୁ ସଜାଯାଉଛି ତ ଆଉ କେଉଁଠାରେ ଦୋଳିକୁ ଆକର୍ଷଣୀୟ କରିବା ଲାଗି କାମ ଚାଲିଛି।

ଝୁଲଣ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ କୁହନ୍ତି, ମଠରେ ୫ଦିନ ଧରି ଝୁଲଣ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ଲକ୍ଷ୍ମୀନୃସିଂହ ଏବଂ ରାମ ଲକ୍ଷ୍ମଣ ସୀତା କୁଞ୍ଜରେ ଦୋଳି ଖେଳିବେ। ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ଝୁଲଣ କୁଞ୍ଜ ଭିତରେ ଜରି ଜମୁରା କାମ କରାଯିବ। ସୋଲରେ ପ୍ରସ୍ତୁତ ବିଭିନ୍ନ ପକ୍ଷୀ କୁଞ୍ଜ ପରିବେଶକୁ ମଧ୍ୟ ଆକର୍ଷଣୀୟ କରିବ। ପ୍ରତିଦିନ ନିତ୍ୟ ଆଳତି ପରେ ପ୍ରଭୁଙ୍କ ପାଇଁ ଝୁଲଣ ଆଳତି କରାଯିବ। ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ନେବଳ ଦାସ ମଠ ମହନ୍ତ ସୂଚନା ଦେଇଛନ୍ତି। ସେହିପରି ଜଗନ୍ନାଥ ବଲ୍ଲଭ ମଠରେ ମଧ ଝୁଲଣ ଯାତ୍ରା ବେଶ୍ ଜାକଜମକରେ ପାଳନ କରାଯିବ। ଏ ବର୍ଷ ମଧ ଏଥିଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। କୁଞ୍ଜ ପରିସରକୁ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ପ୍ରକାର ଝାଲର ଏବଂ ଜରି, ଜମୁରା ଓ ଶୋଲରେ ଫୁଲ ତିଆରି କରାଯାଉଛି। ଆକର୍ଷଣୀୟ ଲାଇଟ୍ ଲଗାଯିବ। ପୁରୀର ଅନ୍ୟତମ ପ୍ରସିଦ୍ଧ ମଠ ବଡ଼ ଓଡ଼ିଆ ମଠ, ରାଧାବଲ୍ଲଭ, ପାପୁଡ଼ିଆ ମଠ, ଉତ୍ତରପାର୍ଶ୍ୱ ମଠ, ଜିୟର ସ୍ୱାମୀ ମଠ, ରାଧାକାନ୍ତ ମଠ, ରାଧାବଲ୍ଲଭ ମଠ ସମେତ ଅନ୍ୟାନ୍ୟ ମଠ ଓ ମନ୍ଦିରରେ ଝୁଲଣ ଯାତ୍ରାକୁ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି ।



ଜଣେ ଶିଳ୍ପୀ ଝୁଲଣ ନିମନ୍ତେ ପ୍ରସ୍ତୁତି କାର୍ଯ୍ୟ କରୁଛନ୍ତି।

# ଅପରେଶନ ପରୀ-୩: ୩ ଶିଶୁ ଶ୍ରମିକ ଉଦ୍ଧାର

ଖଣ୍ଡପଡା,୬।୮(ସ୍ୱ.ପ୍ର)

ନୟାଗଡ ଜିଲାରେ ଆରମ୍ଭ ହୋଇଥିବା ଅପରେଶନ ପରୀ-୩ କାର୍ଯ୍ୟକ୍ରମରେ ମଙ୍ଗଳବାର କଣ୍ଟିଲୋ ଅଞ୍ଚଳର ୩ଜଣ ନାବାଳକଙ୍କୁ ବଜାର ମଧ୍ୟରୁ ଉଦ୍ଧାର କରାଯାଇଛି । ନୟାଗଡ ଜିଲା ପୋଲିସ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅପରେଶନ ପରୀ-୩ରେ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରାଯାଇ ଏବଂ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କ୍ରମରେ ଗଠନ କରାଯାଇଥିବା ଉଦ୍ଧାରକାରୀ ଦଳ ପକ୍ଷରୁ କେତେକ କର୍ମଚାରୀ ମଙ୍ଗଳବାର କଣ୍ଟିଲୋସ୍ଥିତ ଯାତ୍ରାପଦା ବଜାର ଦୋକାନରେ ବସିଥିବା ୩ ଜଣ ନାବାଳକକୁ ଉଠାଇନେଇ ଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ

## ମାନସିକ ଭିନ୍ନକ୍ଷମଙ୍କ ଚିହ୍ନଟ ପାଇଁ ୱେବସାଇଟ

ନିରାକାରପୁର,୬।୮(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ 'ସହଯୋଗ' ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅସହାୟ ଓ ପାଗଳମାନଙ୍କୁ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଛି । ଏହି ଅନୁଷ୍ଠାନ ଜଙ୍କିଆ ଓ ନିରାକାରପୁର ଅଞ୍ଚଳରେ ବୁଲୁଥିବା ଅସହାୟ ଓ ମାନସିକ ନିୟନ୍ତ୍ରଣ ହରାଇଥିବା ଲୋକଙ୍କୁ ପ୍ରତି ରବିବାର ଶୁଖିଲା ଖାଦ୍ୟ ଓ ପୋଷାକ ବିତରଣ କରିଥିଲା। ସହରସ୍ଥିତ ରାମେଶ୍ୱର ଛକଠାରେ ଏଭଳି ଦାତବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା । ହିମାଂଶୁ ଭୂଷଣ ଚମ୍ପତିରାୟ, ମାନସ ଚନ୍ଦ୍ର ପଟ୍ଟନାୟକ, ଘନଶ୍ୟାମ ବେହେରା, ଲଛମନ ନାୟକ ଓ ଅଭିରାମ ମିଶ୍ର ପ୍ରମୁଖ ଖାଦ୍ୟ ବଣ୍ଟନବେଳେ ସହଯୋଗ କରିଥିଲେ। ଅସହାୟ ଲୋକଙ୍କୁ ସରକାରୀ ପଞ୍ଜୀକୃତ ସଂସ୍ଥାଗୁଡ଼ିକ ଜରିଆରେ ଥଇଥାନ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିବା, ଅଞ୍ଚଳରେ ବୁଲୁଥିବା ମାନସିକ ଭିନ୍ନକ୍ଷମ ଓ ଅସହାୟଙ୍କ ଚିହ୍ନଟ ପାଇଁ ୱେବସାଇଟ୍ ଜରିଆରେ ଫଟୋ ଅପ୍‌ଲୋଡ଼ କରିବା, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଶିବିର, ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥାଏ। ଏଥିସହ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଜଣେ ଅସହାୟ ବଣ୍ଟନ ଖାଦ୍ୟ ନେଉଛନ୍ତି।

## ସରକାରୀ ଯୋଜନାରୁ ସୁଫଳ ପାଉ ନାହାନ୍ତି ଜନଜାତି ଲୋକେ

# ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିତାଉଛନ୍ତି ଜୀବନ

ଖଣ୍ଡପଡା,୬।୮(ସ୍ୱ.ପ୍ର.)

ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ୫ ନମ୍ବର ଜିଲା ପରିଷଦ ଯୋନ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ଲୋକେ ନାନା ସମସ୍ୟା ମଧ୍ୟରେ ରହିଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନଜାତିଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ମାତ୍ର ଏହି ସବୁ ସରକାରୀ ଯୋଜନାରୁ ସୁଫଳ ପାଇପାରୁ ନାହାନ୍ତି।ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ଇଲାକାରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ବାସିନ୍ଦା। ଏପରିକି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ଜଣାପଡିଛି। ଖଣ୍ଡପଡା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ କିଆଝର, ଗଡିଆସାହି, ସିଂଘାପଡା, କୋସକା,ରୟତଢୋଲମରା, ବଳଭଦ୍ରପ୍ରସାଦ, କୁମ୍ଭାରପଡା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶହଶହ ଜନଜାତି ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଝାଟିମାଟି ନୂଆଣିଆଁ ଚାଳଛପର ଘରେ ବର୍ଷତମାମ ଜନଜାତି ସମ୍ପ୍ରଦାୟର ଲୋକମାନେ ବାସ କରୁଥିଲେ ହେଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଏମାନେ ଅଦ୍ୟାବଧି ବାସଗୃହ ଖଣ୍ଡେ ପାଇପାରିନଥିବା ଜଣାପଡିଛି। ସେହିପରି ଅଧିକାଂଶ ପରିବାରବର୍ଗଙ୍କ ନିକଟରେ ରାଶନକାର୍ଡଖଣ୍ଡେ ନଥିବାରୁ ଜନସାଧାରଣ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଜଙ୍ଗଲରୁ ଲାଖ, ଝୁଣା, ମହୁ, ମହୁଲଫୁଲ, ଶାଳମଞ୍ଜି, କେନ୍ଦୁ, କେନ୍ଦୁପତ୍ର, ପାଣିଆଳୁ, ଜାଳେଣି କାଠ ଓ କାଠ କୋଇଲା ସଂଗ୍ରହ କରି ଜନଜାତି ସମ୍ପ୍ରଦାୟର ଲୋକମାନେ ଜୀବନ ଜୀବିକା ନିର୍ବାହ କରୁଥିବା ବେଳେ ଏମାନଙ୍କର ମୌଳିକ ସମସ୍ୟା ପ୍ରତି ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଲୋକ ପ୍ରତିନିଧିମାନେ ଦୃଷ୍ଟି ନଦେଇ ଆଖି ବୁଜି ଦେଉଛନ୍ତି। ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନା, ଲୋକପ୍ରିୟ କାଳିଆ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରି ଅନେକ ଯୋଜନାରୁ ଶହଶହ ଜନଜାତି ସମ୍ପ୍ରଦାୟର ଜନସାଧାରଣ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ପରିବାର ଗୁଡିକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଜୀବନଜୀବିକା ନିର୍ବାହ ପାଇଁ କଠିନ ପରିଶ୍ରମ କରି ଜଙ୍ଗଲରୁ ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ ହେଁ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳୁନଥିବା ସେମାନେ କୁହନ୍ତି। ଉଚିତ୍ ଦରରେ ଜଙ୍ଗଲଜାତ ଦ୍ରବ୍ୟର ବିକ୍ରିବଟା ନିମନ୍ତେ ସରକାରଙ୍କ ପକ୍ଷରୁ ଆନୁସଙ୍ଗିକ ବଜାର ବ୍ୟବସ୍ଥା କରାଗଲେ ଜନଜାତି ସମ୍ପ୍ରଦାୟର ଲୋକେ ବେଶ ଲାଭବାନ ହୋଇପାରିବେ ବୋଲି କୁହାଯାଉଛି। ଜନଜାତି ସମ୍ପ୍ରଦାୟର ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।



ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରାଯାଉଛି।



ଜନଜାତିଙ୍କ ବାସଗୃହ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଗୃହପାଳିତ ପ୍ରାଣୀ ଚିକିତ୍ସା ଶିବିର



**ନୟାଗଡ଼ ଅଫିସ,୬।୮:** ନୟାଗଡ଼ ବ୍ଲକ ଭାଟସାହି ଗ୍ରାମରେ ନୟାଗଡ଼ ସାମଗ୍ରିକ ଗ୍ରାମୀଣ ବିକାଶ ପରିଯୋଜନା ପ୍ରକଳ୍ପ, ଏଚଡ଼ିଏଫସି ବ୍ୟାଙ୍କ ଓ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହଭାଗିତାରେ ଗୃହପାଳିତ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବିତରଣ କରାଯାଉଛି। ଦୁଇ ଜଣ ପ୍ରାଣୀ ଚିକିତ୍ସକ ଓ ୩ ଜଣ ପ୍ରାଣୀଧନ ନିରୀକ୍ଷକ ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଭାଟସାହି ଗ୍ରାମ ପରିଚାଳନା କମିଟି ଓ ଗ୍ରାମ ବିକାଶର କର୍ମୀବୃନ୍ଦ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିରରେ ଗାଈ, ବଳଦ, ଛେଳି, ମେଣ୍ଢା ଭଳି ୨୮୭ଟି ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା।

### ଦେଶୀ ମଦ ଜବତ, ୩ ଗିରଫ

**ଦଶପଲ୍ଲା,୬।୮(ଡି.ଏନ.ଏ.):** ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦଶପଲ୍ଲା ଓ ଗଣିଆ ଥାନା ଅଞ୍ଚଳରେ ଚଢାଉ କରାଯାଇ ୩୪୦ ଲିଟର ପୋଚ ସହ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଦଶପଲ୍ଲା ଥାନା ଝିଣ୍ଟିକାବାରୀ ଗ୍ରାମର ରଞ୍ଜନ ନାୟକ, ବାଣିଗୋଛା ଥାନା ରୂପାଝରୀ ଗ୍ରାମର ଗୁରୁଦେବ ବେହେରା ଓ ଗଣିଆ ଥାନା କେନ୍ଦୁପଲ୍ଲୀ ଗ୍ରାମର ଶ୍ରୀଧର ବେହେରା। ଅବକାରୀ ଅଧିକାରୀ ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଭୋର ୪ଟା ସମୟରେ ଏହି ଚଢାଉ କରାଯାଇଥିଲା। ଚଢାଉ ବେଳେ ରଞ୍ଜନଙ୍କଠାରୁ ୮ ଲିଟର, ଗୁରୁଦେବଙ୍କଠାରୁ ୫ ଲିଟର ଓ ଶ୍ରୀଧରଙ୍କଠାରୁ ୭ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ଝିଣ୍ଟିକାବାରୀ, ବୁରୁସାହି, କଇଁଆସାହି ଓ ବୃତ୍ତଙ୍ଗ ନଦୀ ପାର୍ଶ୍ୱରୁ ୩୪୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଚଢାଉରେ ଅବକାରୀ ବିଭାଗ ଏସ୍ଆଇ ସୁବାସ ଚନ୍ଦ୍ର ସେଠୀ, ଲକ୍ଷ୍ମୀଧର ବେହେରା, ଶରତ ଚନ୍ଦ୍ର ପରିଡ଼ା ଓ ପ୍ରକାଶ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

### ୩୭୦, ୩୫(ଏ) ଉଚ୍ଛେଦ ବିଲ୍ ମଞ୍ଜୁରୀକୁ ସ୍ୱାଗତ

**ବୋଲଗଡ଼,୬।୮(ଡି.ଏନ.ଏ.):** ରାଜ୍ୟ ସଭା ପରେ ଲୋକସଭାରେ ୩୭୦, ୩୫(ଏ) ବିଲ୍ ମଞ୍ଜୁରୀକୁ ମଙ୍ଗଳବାର ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସ୍ଥାନୀୟ ମା'ରାମଚଣ୍ଡୀ ଅଟୋ ଆସୋସିଏଶନ ସଦସ୍ୟ ଏବଂ କର୍ମକର୍ତ୍ତାମାନେ ମିଠା ବଣ୍ଟନ କରିଥିଲେ। ବଂଶୀଧର ଚାନ୍ଦ, ଉଦ୍ଧବ ଚମ୍ପତି, ଦୁଃଖୀନନ୍ଦ ସାମନ୍ତରାୟ, ସନାତନ ସ୍ୱାଇଁ, ଅଜୟ କୁମାର ପରିଡ଼ା, ସୁମନ୍ତ ଚମ୍ପତି, ପପୁ ପରିଡା ପ୍ରମୁଖ ପରସ୍ପର ମଧ୍ୟରେ ମିଠା ବାଣ୍ଟିଥିଲେ। ଏଭଳି ଐତିହାସିକ ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରାଯାଇଛି।

## ମାଟ୍ରିକ୍ ପାସ୍‌ଠୁ କମିଲା ଯୁକ୍ତ ୨ ନାମଲେଖା

# ପାସ୍ କରିଥିଲେ ୯୮୭୭, ନାମ ଲେଖାଇଲେ ୯୦୮୪

**ନୟାଗଡ଼ ଅଫିସ,୬।୮**

ଜିଲାରେ ଯୁକ୍ତ ୨ ନାମଲେଖା ସରିଥିବାବେଳେ ସପ୍ତାହକ ପୂର୍ବରୁ ପାଠପଢ଼ା ଆରମ୍ଭ ହୋଇଯାଇଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଛାଡ଼ି ନୂତନ ଭାବେ କଲେଜକୁ ପ୍ରବେଶ କରିଛନ୍ତି। ବିଭିନ୍ନ କଲେଜରେ କ୍ଲାସ ଆରମ୍ଭ ହୋଇସାରିଥିବା ବେଳେ ଅନେକ କଲେଜରେ ସ୍ୱାଗତ ଉତ୍ସବ ପାଳନ କରାଯାଉଛି। ଚଳିତବର୍ଷ ଜିଲାରେ ୫୦ଟି କଲେଜ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ)ରେ ଥିବା ବିଭିନ୍ନ ବିଭାଗରେ ୨୨୫୦ଟି ସିଟ୍ ଖାଲିପଡ଼ିଛି। ଫଳରେ ପିଲାମାନେ କଲେଜ ଶିକ୍ଷା ପ୍ରତି ଆଗ୍ରହ ଦେଖାଉ ନ ଥିବା ଜଣାପଡ଼ିଛି। ଜିଲାରେ ୫୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧,୩୩୪ ସିଟ୍ ମଞ୍ଜୁରୀପ୍ରାପ୍ତ ଥିବାବେଳେ ସେଥିରୁ ୯୦୮୪ ସିଟ୍‌ରେ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅବଶିଷ୍ଟ ୨୨୫୦ ସିଟ୍ ଖାଲି ପଡ଼ିଛି। କଳାରେ ୬୯୯୮ ସିଟ୍ ମଞ୍ଜୁରପ୍ରାପ୍ତ ହୋଇଥିବା ବେଳେ ୯୧୪ ସିଟ୍ ଖାଲି ପଡ଼ିଛି। ସେହିଭଳି ବିଜ୍ଞାନରେ ୩୨୬୪ରୁ ୮୨୪, ବାଣିଜ୍ୟରେ ୩୩୬ରୁ ୧୫୯, ସଂସ୍କୃତରେ ୪୪୮ରୁ ୨୦୯ ଓ ଧନ୍ଦାମୂଳକ ଶିକ୍ଷାରେ ୨୮୮ରୁ ୧୪୪ଟି ସିଟ୍ ଖାଲି ପଡ଼ିଛି। ପିଲାମାନେ ପାଠ ଛାଡ଼ି ଘରେ ରହିଲେ ନା ଅନ୍ୟ କେଉଁ ବୃତ୍ତିଗତ ଶିକ୍ଷା ପ୍ରତି ଆଗ୍ରହ ଦେଖାଇ ସେଥିରେ ନାମ ଲେଖାଇଲେ ତାହାକୁ ନେଇ ଆଲୋଚନା ହେଉଛି। ଏତେ ସଂଖ୍ୟକ ସିଟ୍ ଖାଲି ପଡିବା ଘଟଣା ଶିକ୍ଷାବିତ୍‌ମାନଙ୍କୁ ଚିନ୍ତାରେ ପକାଇଛି। ପ୍ରକାଶ ଯେ, ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ୯୮୭୭ ଜଣ ପରୀକ୍ଷାର୍ଥୀ ପାସ୍ କରିଥିଲେ। ସେମାନଙ୍କ ମଧ୍ୟରୁ ୯୦୮୪ ଜଣ ଯୁକ୍ତ ଦୁଇର ବିଭିନ୍ନ ବିଭାଗରେ ନାମ ଲେଖାଇଥିବା ଜଣାପଡ଼ିଛି। ମାଟ୍ରିକ୍ ପାସ୍ କରିଥିବା ଅବଶିଷ୍ଟ ୭୯୩ ଛାତ୍ରୀଛାତ୍ର କୁଆଡ଼େ ଗଲେ ତାହାକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। କେତେଜଣ ଶିକ୍ଷାବିତ୍‌ଙ୍କ କହିବାନୁସାରେ ଛୋଟମୋଟ ଗାଁରେ ବିଦ୍ୟାଳୟ ରହିଛି। ହେଲେ କଲେଜ ନ ଥିବାରୁ ଘର ଲୋକମାନେ ସେମାନଙ୍କୁ ଦୂର ସ୍ଥାନକୁ ପଠାଉ ନାହାନ୍ତି। ଅନ୍ୟ କିଛି ଛାତ୍ରୀଛାତ୍ର ଆଇଟିଆଇରେ ନାମ ଲେଖାଇଥାଇ ପାରନ୍ତି ବୋଲି ସେମାନେ ମତ ଦେଇଥିଲେ।

**ବିଭିନ୍ନ କଲେଜରେ ଖାଲି ପଡ଼ିଲା ୨୨୫୦ ସିଟ୍**

**କେଉଁଠି କେତେ ସିଟ୍ ଖାଲିପଡ଼ିଛି**

| ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | କଳା | ବିଜ୍ଞାନ | ବାଣିଜ୍ୟ |
|---|---|---|---|
| ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମାବତୀ | ୧ | ୪୫ | ୪୭ |
| ବୃନ୍ଦାବନ ସୁବୁଦ୍ଧି କଲେଜ, ଦଶପଲ୍ଲା | ୫୭ | ୦ | ୦ |
| ମଣିନାଗ ବହୁମୁଖୀ କଲେଜ ଟାକେରା | ୮୫ | ୦ | ୦ |
| ନେତାଜୀ ସୁଭାଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଣିଗୋଛା | ୧୦୯ | ୦ | ୦ |
| ତମନ୍ନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଶପଲ୍ଲା | ୫୭ | ୦ | ୦ |
| ଡ. ରାମଚନ୍ଦ୍ର ସାମନ୍ତରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୬୪ | ୧୦୩ | ୦ |
| ନୀଳମାଧବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣ୍ଟିଲୋ | ୨୦ | ୧୬ | ୪୮ |
| ଲଡୁକେଶ୍ୱର ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁମ୍ଭାରପଡ଼ା | ୫୭ | ୦ | ୦ |
| ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଣ୍ଡପଡ଼ା | ୪୪ | ୦ | ୦ |
| ପଠାଣୀସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଣ୍ଡପଡ଼ା | ୩ | ୫୦ | ୦ |
| ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୯ | ୧ | ୦ |
| ବଉଳସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୧୪ | ୫୭ | ୦ |
| ନବଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଡିପି | ୧୨ | ୨୯ | ୦ |
| ମିଲେନିୟମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନୟାଗଡ଼ | ୦ | ୧୧୭ | ୦ |
| ପଠାଣୀସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୦ | ୮୦ | ୦ |
| ନୟାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୮ | ୦ | ୧୯ |
| ୟୁନିଟେକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୭ | ୩୯ | ୦ |
| ଗତିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳିସାହି | ୧୧ | ୧୩ | ୦ |
| ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶରଣକୁଳ | ୨୦ | ୮ | ୦ |
| ରଘୁନାଥ ସମବାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡ଼ଗାଁ | ୩୨ | ୩୬ | ୦ |
| ଆନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କୋମଣ୍ଡ | ୭୨ | ୪୦ | ୦ |
| ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୭ | ୨୫ | ୪୫ |
| ପ୍ରହଲ୍ଲାଦ ବିଷ୍ଣୁପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିମିରିଆ | ୫୭ | ୦ | ୦ |
| ସନାତନ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସୁରକାବାଡ଼ି | ୫୯ | ୦ | ୦ |
| ବ୍ଲୁ ହ୍ୱେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୦ | ୮୩ | ୦ |

## ଖବରଦାତାଙ୍କ ଆମରଣ ଅନଶନ




ଆମରଣ ଅନଶନରେ ବସିଛନ୍ତି ଖବରଦାତା।

**ଦଶପଲ୍ଲା,୬।୮(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଟାକେରା ଆଶ୍ରମ ସ୍କୁଲକୁ ଖବର ସଂଗ୍ରହ ପାଇଁ ଯାଇଥିବାବେଳେ ଖବରଦାତାମାନଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖବଦାତାମାନେ ଆନ୍ଦୋଳନ ଚଳାଇ ଆସୁଛନ୍ତି। ଖବରଦାତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଥମେ ଗଣ ଧାରଣା ପରେ ପ୍ରତୀକ ଅନଶନ ଓ ଶେଷରେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରାଯାଇଛି। ବିଭିନ୍ନ ସାମାଜିକ ଅନୁଷ୍ଠାନ ଏଥିରେ ସହଯୋଗ କରୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ମଙ୍ଗଳବାର ଏହି ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି । ଏ ସମ୍ପର୍କରେ ଜିଲା ପଦାଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିବା କୁହାଯାଇଛି। ଅନଶନରେ ଖବରଦାତା ପ୍ରକାଶ ମଲ୍ଲିକ, ଗଙ୍ଗାଧର ରଣା, ବ୍ରଜେନ୍ଦ୍ର ଧଳ ପ୍ରମୁଖ ବସିରହିଥିବା ବେଳେ କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘ ଉପସଭାପତି ବିନାୟକ ମିଶ୍ର, ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ଭବାନୀଶଙ୍କର ସିଂସାମନ୍ତ ଅନଶନସ୍ଥଳରେ ପହଞ୍ଚି ଆଗାମୀ ୨ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। କ୍ରିୟାନୁଷ୍ଠାନ କମିଟି ଆବାହକ ବେଣୁଧର ନାୟକ କହିଛନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ବ୍ୟାପକ କରାଯିବ ଏପରି କି ଜାତୀୟ ରାଜପଥ ବନ୍ଦ କରିଦିଆଯିବ।

## ୩ୟ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

**ନୟାଗଡ଼ ଅଫିସ,୬।୮**

ନୟାଗଡ଼ ସହରସ୍ଥିତ ନୂଆ ରାଜବାଟୀ କଲ୍ୟାଣମଣ୍ଡପଠାରେ ନୟାଗଡ଼ ଟାଏକୋଣ୍ଡୋ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୩ୟ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ମାର୍ଶଲ ଆର୍ଟ ଏକାଡ଼େମୀ, ଓଡ଼ଗାଁ, ଦଶପଲ୍ଲା, ରଣପୁର, ମିରାମ୍ବିକା, ବୁଦ୍ଧିଷ୍ଟ, ଦ ମଦର ଟାଏକୋଣ୍ଡୋ ଏକାଡ଼େମୀରୁ ଶତାଧିକ ବାଳିକା ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ପାଇଥିବା ଖେଳାଳି ଆଗାମୀ ସେପ୍ଟେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ରେଫରୀ ଭାବେ ସାଗର କୁମାର ବିଶୋଇ (ଭୁବନେଶ୍ୱର), ଅଜୟ କୁମାର ସାହୁ (ଖୋର୍ଦ୍ଧା), ରେଶ୍ମା ବିଶ୍ୱାଳ, ରିତିକ୍ ମହାପାତ୍ର, ଦିବ୍ୟ ରଞ୍ଜନ ବରାଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସଂଘର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ରାୟଗୁରୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ଅବସରରେ ମା' ଫାଉଣ୍ଡେସନ ପକ୍ଷରୁ ଭାଗ ନେଇଥିବା ପ୍ରତିଯୋଗିମାନଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଥିଲା।

### ପଙ୍କ୍ଚର ଗାଡ଼ିରୁ ଗଞ୍ଜେଇ ବୋହି ନେଲେ ଲୋକେ

**ଖଣ୍ଡପଡ଼ା,୬।୮(ସ୍ୱ.ପ୍ର.)**

କାରରେ ମଙ୍ଗଳବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ରାସ୍ତାରେ ଗାଡି ପଙ୍କଚର ହୋଇ ଅଟକି ଯାଇଥିଲା। ଏହାର ସୁଯୋଗରେ ସ୍ଥାନୀୟ ଅଞ୍ଚଳର ଲୋକେ ଲୁଟିନେଲେ ସମସ୍ତ ମହଜୁଦ ଗଞ୍ଜେଇ । ଘଟଣା ଘଟିଛି ଫତେଗଡ ଥାନା ପଥରଚକଡା ପଞ୍ଚାୟତ ଅଞ୍ଚଳରେ। ଭୋର ପ୍ରାୟ ସାଢେ ୪ଟାରେ ଦଶପଲ୍ଲା-କଳାପଥର ରାସ୍ତାରେ ଆସୁଥିବା ଏକ କାର ଫତେଗଡ ଥାନା ମାଧପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପମ୍ପଚର ହୋଇ ଯାଇଥିଲା । ଗ୍ରାମବାସୀଙ୍କ ସୂଚନା କ୍ରମେ ଉକ୍ତ କାର ଚାଳକ ଗାଡିକୁ ଛାଡି କେଉଁ ଆଡେ ଚାଲି ଯାଇଥିଲେ। ଗାଡି ଚାଳକ ନଥିବା ଓ ପାହାନ୍ତା ପ୍ରହରରେ ଲୋକମାନଙ୍କ ବିଶେଷ ଚଳପ୍ରଚଳ ନଥିବା ସୁଯୋଗରେ କେତେକ ଲୋକ କାର ଭିତରେ ଥିବା ସମସ୍ତ ଗଞ୍ଜେଇ ବସ୍ତାକୁ ବୋହି ନେଇଥିଲେ । ଗାଡି ମଧ୍ୟରେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚୋରାଚାଲାଣ ପାଇଁ ଯାଉଥିବା ସମ୍ପର୍କରେ ଫତେଗଡ ପୋଲିସ ପ୍ରଶାସନ କିମ୍ବା ଅବକାରୀ ବିଭାଗ ପାଖରେ କୌଣସି ସୂଚନା ନଥିବା ଜଣା ପଡିଛି। ପଥରଚକଡା ସରପଞ୍ଚ ତ୍ରିନାଥ ମୁଦୁଲିଙ୍କୁ ପଚାରିବାରେ ସେ ଏପରି ଘଟଣା ଘଟିଥିବା ସୂଚନା ଦେଇଥିବା ବେଳେ ସକାଳୁ ସକାଳୁ କାରର ଷ୍ଟେପିନ ବଦଳାଇ ସମ୍ପୃକ୍ତ ଡ୍ରାଇଭର ଗାଡିକୁ ନେଇ ଯାଇଥିବା ପ୍ରକାଶ କରିଥିଲେ ।

## ୭ମ ଆର୍ଥିକ ଜନଗଣନା ସର୍ବେକ୍ଷଣ ପାଇଁ ପ୍ରଶିକ୍ଷଣ ଶିବିର

**ଗଣିଆ,୬।୮(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ତରଫରୁ ଚଳିତ ବର୍ଷ ୭ମ ଆର୍ଥିକ ଜନଗଣନା ସର୍ବେକ୍ଷଣ ପାଇଁ ଗଣିଆସ୍ଥିତ ଆଡଭାନ୍ସ ଟିୟୁଟୋରିଆଲ ପରିସରରେ ମଙ୍ଗଳବାର ଗଣନାକାରୀଙ୍କ ନିମିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଗଣନା ଦ୍ୱାରା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଲୋକଙ୍କର ଆର୍ଥିକ ଚଳଣି ସମ୍ପର୍କରେ ପ୍ରକୃତ ତଥ୍ୟ ମିଳିପାରିବ। ଫଳରେ ସରକାର ବଜେଟ ପ୍ରସ୍ତୁତ କରିବାରେ ସହଜ ଓ ସହାୟକ ହୋଇପାରିବେ। ସରକାରଙ୍କ ପରିସଂଖ୍ୟାନ ବିଭାଗ, ଭୁବନେଶ୍ୱରର ଫିଲ୍ଡ ଅଫିସର ମନୋଜ ସାହୁ, ନୟାଗଡ ଜିଲା ଜନସେବା କେନ୍ଦ୍ରର ପରିଚାଳକ ସୁବାସ ଚନ୍ଦ୍ର ପରିଡା, ହିମାଂଶୁ ଶେଖର ସାମଲ ପ୍ରଶିକ୍ଷକ ଭାବେ ଯୋଗଦେଇ ଗଣନା କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଗଣନାକାରୀମାନେ କିପରି ଗଣନା କାର୍ଯ୍ୟ କରିବେ ଓ ଗଣନା ସମୟରେ ନିର୍ଭୁଲ ଭାବେ ସମସ୍ତ କାର୍ଯ୍ୟ କରିବା ପାଇଁ ଯତ୍ନବାନ ହେବାକୁ ପ୍ରଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମ ପୂର୍ବରୁ ପ୍ରତି ୫ ବର୍ଷରେ ଥରେ ହେଉଥିବା ବେଳେ ଚଳିତ ବର୍ଷଠାରୁ ଏନଡିଏ ସରକାର ପ୍ରତି ୩ବର୍ଷରେ ଥରେ କରାଯିବ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡିଛି । ନୟାଗଡ ଜିଲାରେ ଚଳିତ ବର୍ଷ ଏହି ଗଣନାକାର୍ଯ୍ୟ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ପ୍ରଶିକ୍ଷଣ ଶିବିରରେ ଗଣିଆ ବ୍ଲକର ୮ଟି ଜନସେବା କେନ୍ଦ୍ରର ପରିଚାଳକ ଗୋପାଳକୃଷ୍ଣ ଧଳ, ସୁରେଶ ଚନ୍ଦ୍ର ସାହୁ, ନୀଳମଣି ଖଟୁଆ, ପ୍ରକାଶ ଚନ୍ଦ୍ର ପରିଡା ସମେତ ୩୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକ ।

## ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

**ବୋଲଗଡ଼,୬।୮(ଡି.ଏନ.ଏ.)**

ସମ୍ପ୍ରତି ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ଅବସରରେ କୃଷକମାନଙ୍କୁ ଅଧିକ ସଂଖ୍ୟାରେ ଏଥିରେ ସାମିଲ କରିବା ପାଇଁ ମଙ୍ଗଳବାର ବୋଲଗଡ ବ୍ଲକ ଚୁଡା ଗ୍ରାମଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଅଭିଯାନ ଆୟୋଜିତ ହୋଇଛି । ଏଥିରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବହୁ ମହିଳା, ପୁରୁଷ ଓ କୃଷକମାନେ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ । ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ସମ୍ପାଦକ ଅଶୋକ କୁମାର ମହାନ୍ତି, ସଂଯୋଜକ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତୃବୃନ୍ଦ।

# ଗ୍ରାମୀଣ ଆବାସ ଯୋଜନା ବାଟବଣା

**ରଣପୁର,୬।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲାର ରଣପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ପରି ଗ୍ରାମୀଣ ଆବାସ ଯୋଜନା ବାଟବଣା ହୋଇପଡିଛି। ବିଭିନ୍ନ ପଞ୍ଚାୟତରେ ୨୦ରୁ ୩୦ ହଜାର ଟଙ୍କା ନ ଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳୁ ନ ଥିବା ଅଭିଯୋଗ ହେଉଛି । ଟଙ୍କା ଦେଲେ ଏସି ଲାଗିଥିବା କୋଠାଘର ସଦସ୍ୟଙ୍କୁ ମଧ୍ୟ କାର୍ଯ୍ୟାଦେଶ ମିଳୁଛି। ପୂର୍ବରୁ ମୋ କୁଡ଼ିଆ ଯୋଜନା, ଇନ୍ଦିରା ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ପୁଣି ଥରେ କାର୍ଯ୍ୟାଦେଶ ଦିଆ ହେଉଛି। ଏଣୁ ଗରିବ,ଖଟିଖିଆ ମେହନତି ମଣିଷଙ୍କ ପରି ଯୋଗ୍ୟହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି ଯୋଜନା । ଯାହାର ନଜିର ବ୍ରଜରାଜପୁର ଓ ବଜ୍ରକୋଟ ପଞ୍ଚାୟତରେ ଦେଖିବାକୁ ମିଳିଛି।

ବ୍ରଜରାଜପୁର ପଞ୍ଚାୟତ ବାସିନ୍ଦା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ ଚାଲିଥିବା ଅନିୟମତତା ସମ୍ପର୍କରେ ମୁହଁ ଖୋଲିଛନ୍ତି । ସେମାନେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରି ଅନିୟମିତତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି ବଜ୍ରକୋଟ ପଞ୍ଚାୟତର ଭେରୁପଡା ଗାଁରେ ୩୦ ବର୍ଷର ପୁରୁଣା ଘରକୁ ଦେଖାଇ ଦୁଇ ହିତାଧିକାରୀ ବିଲ୍ ପାସ କରି ନେଲେ। ଅଭିଯୋଗ ପରେ ତଦନ୍ତ ଚାଲିଲା । ହେଲେ ତଦନ୍ତର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ଘର ଆଗରେ ଭିକାରୀ।

ପ୍ରାପ୍ତ ସୂଚନା ଅନୁସାରେ, ରଣପୁର ବ୍ଲକର ୩୭ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଅଣଦେଖା ହୋଇ ରହୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ରେ କାର୍ଯ୍ୟାଦେଶ ପାଇବାକୁ ହେଲେ ୨୦ରୁ ୩୦ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡୁଛି। କିଛି କୁଜି ନେତା ଓ ଗାଁ ଟାଉଟର ଏହି ଟଙ୍କା ଆଦାୟ କରି ନେବା ପରେ କାର୍ଯ୍ୟାଦେଶ ଦିଆଯାଇଛି। କିଛି ସରକାରୀ କର୍ମଚାରୀ, ରାଜନେତା ଏହି ଲାଞ୍ଚ ଟଙ୍କା ନେଉଛନ୍ତି ବୋଲି ଅଭିଯୋଗ ହେଉଛି । ଲାଞ୍ଚ ନ ଦେଲେ ବିଭିନ୍ନ ପ୍ରକାରର ବାହାନା ଦେଖାଇ ଗରିବ ହିତାଧିକାରୀଙ୍କୁ ସମୟ ଗଡା ଚାଲିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ ଘର ନ ମିଳିବା ପରେ ବିଡିଓ, ଉପଜିଲାପାଳ, ଜିଲାପାଳଙ୍କ ନିକଟରେ ଯୋଗ୍ୟ ହିତାଧିକାରୀମାନେ ଯାଇ ଅଧିକାଂଶ ସମୟରେ ଅଭିଯୋଗ କରିଥାନ୍ତି। ସବୁଠି ପ୍ରତିଶ୍ରୁତି ମିଳେ । କିନ୍ତୁ ତାହା ପୂରଣ ହୋଇ ନ ଥାଏ। ଏହିପରି ବହୁ ଯୋଗ୍ୟ ହିତାଧିକାରୀ ପ୍ରତାରିତ ହୋଇଥିବାର ନଜିର ରହିଛି। ଏନେଇ ବ୍ରଜରାଜପୁର ପଞ୍ଚାୟତ ଲତାର ଗାଁର ଭିକାରୀ ମହାପାତ୍ର କୁହନ୍ତି ମୋ ପଞ୍ଚାୟତରେ ୨୦ ରୁ ୩୦ ହଜାର ଟଙ୍କା ଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳୁଛି । ମୁଁ ଜଣେ ଗରିବ ହୋଇଥିବାରୁ ଏତେ ଟଙ୍କା ମୋ ପାଖରେ ନ ଥିବାରୁ ସରକାରୀ ଯୋଜନା ମୋ ପାଇଁ ସ୍ୱପ୍ନ ହୋଇ ରହିଛି । ଘର ଟିଏ ପାଇବା ପାଇଁ ବିଡିଓଙ୍କୁ ବାରମ୍ବାର ଦାବି କରିଛି। ହେଲେ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ଭଙ୍ଗା ଚାଳ ଘର ହଟୁ ନାହିଁ । ବଜ୍ରକୋଟ ପଞ୍ଚାୟତ ଭେରୁପଡା ଗାଁର ଚଇନି ସାହୁ କୁହନ୍ତି ମୋ ଗାଁରେ ଦୁଇ ହିତାଧିକାରୀ ପୁରୁଣା ଆଜବେଷ୍ଟସ ଘରକୁ ଦେଖାଇ ସରକାରୀ ଅନୁଦାନ ଲୁଟି ନେଲେ । ଏହି ଅନିୟମିତତାରେ ରାଜନେତା, ବ୍ଲକ କର୍ମଚାରୀ, ପଞ୍ଚାୟତ କର୍ମଚାରୀ ସାମିଲ ଥିଲେ ମଧ୍ୟ ତଦନ୍ତ ଆଗକୁ ବଢୁନି । ମୋ ବାପା ଭଙ୍ଗା କୁଡିଆରେ ରହି ସାପ କାମୁଡାରେ ପ୍ରାଣ ହରାଇଲେ । ଦେଖାଯାଉ ମୋ ଜୀବନ କିପରି କଟୁଛି ବୋଲି ଚଇନି କହିଥିଲେ। ଏ ସମ୍ପର୍କରେ ବ୍ରଜରାଜପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ସ୍ୱାଇଁ କୁହନ୍ତି ମୋ ଘର ଏଠାରେ ହୋଇ ନ ଥିବାରୁ ମୁଁ କୌଣସି ହିତାଧିକାରୀଙ୍କୁ ଜାଣିନି । କାର୍ଯ୍ୟାଦେଶ ଦେବା ପାଇଁ ଘର ଅନୁଧ୍ୟାନ ସମୟରେ ଆମକୁ ଅନ୍ୟଘର ଦେଖାଇ ବେଳେବେଳେ କେତେକ ଫାଇଦା ମାରି ନେଉଛନ୍ତି । ଅଭିଯୋଗ ପରେ ଆମେ ସଂଶୋଧନ କରୁଛୁ । ବିଡିଓ ରଶ୍ମିରେଖା ଦାଶଙ୍କୁ ପଚାରିବାରୁ ସେ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇବା ପାଇଁ ଲାଞ୍ଚ ନିଆଯାଉଥିବା କଥାକୁ ଅସ୍ୱୀକାର କରିଥିଲେ। ଅନ୍ୟାନ୍ୟ ଅଭିଯୋଗକୁ ଏଡାଇ ଦେଇଥିଲେ।

- ୩୦ ହଜାର ଟଙ୍କା ନଦେଲେ ମିଳୁନି କାର୍ଯ୍ୟାଦେଶ
- ଯୋଜନାର ସୁଫଳ ନେଉଛନ୍ତି ଛାତ ଘରେ ଥିବା ପରିବାର
- ଯୋଗ୍ୟହିତାଧିକାରୀଙ୍କ ପାଖରେ ପହଞ୍ଚୁନି ଯୋଜନା